# ଧରିତ୍ରୀ
DHARITRI

51 Years

ଭୁବନେଶ୍ୱର, ରବିବାର, ଜୁନ୍ ୧/୨୦୨୫ (୧୮ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, June 1/2025 | Page 18 | ₹ 7.00

୫୧ଶ ଭାଗ ୧୮୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 186 | ମୂଲ୍ୟ ₹୭/-





KP GROUP
Quality Since 1965
Safal
PAN MASALA
କିଛି ଅତୁଲ୍ୟ ସ୍ୱାଦକୁ
ଶବ୍ଦରେ ବର୍ଣ୍ଣନା କରିହୁଏ ନାହିଁ
KP GROUP
Quality Since 1965
MADHUBAN
Safal
TM
PAN MASALA
NO TOBACCO, NO NICOTINE ADDED
0% TOBACCO • NICOTINE NOT ADDED • NOT FOR MINORS
ବୈଧାନିକ ଚେତାବନୀ: ପାନ ମସଲା ଚୋବାଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ଅଟେ ।

DHARITRI
51 Years
ଭୁବନେଶ୍ୱର, ରବିବାର, ଜୁନ୍ ୧/୨୦୨୫ | Bhubaneswar, Sunday, June 1/2025 | ପୃଷ୍ଠା-୧



ଥାଇଲାଣ୍ଡର ଓପାଲ ସୁଚାତା ଚୁଆଙ୍ଗଶ୍ରୀ ହେଲେ ବିଶ୍ୱ ସୁନ୍ଦରୀ
ଥାଇଲାଣ୍ଡର ଓପାଲ ସୁଚାତା ଚୁଆଙ୍ଗଶ୍ରୀ 'ବିଶ୍ୱ ସୁନ୍ଦରୀ ୨୦୨୫'ର ଟାଇଟଲ ହାସଲ କରିଛନ୍ତି। ୦୩

୧୬ ଶ୍ରାବଣୀଙ୍କୁ ରୌପ୍ୟ ପଦକ
ଭାରତୀୟ ମହିଳା ୪x୧୦୦ ମିଟର ରିଲେ ଦଳର ସଦସ୍ୟାଭାବେ ଏସିଆନ ଆଥଲେଟିକ୍ସ ଚାମ୍ପିୟନଶିପ୍‌ରେ ରୌପ୍ୟ ପଦକ ହାସଲ କରିଛନ୍ତି ଓଡ଼ିଶାର ଶ୍ରାବଣୀ ନନ୍ଦ ।



# ଫରେଷ୍ଟରଙ୍କୁ ହତ୍ୟା, ଜାଳିଦେଲେ



ନୟାଗଡ଼ ବାରମାସିଦଣ୍ଡାସ୍ଥିତ ଫରେଷ୍ଟରଙ୍କ ଘର।

## ସ୍ତ୍ରୀ, ପୁଅ ଉପରେ ପୋଲିସର ସନ୍ଦେହ



ଶିଶିର ସାହୁ

**ନୟାଗଡ଼, ୩୧।୫ (ଲୋକନାଥ ମିଶ୍ର)**

ନୟାଗଡ଼ ବନଖଣ୍ଡର ପଞ୍ଚରିଡ଼ା ଫରେଷ୍ଟର ଶିଶିର ସାହୁ (୫୫)ଙ୍କୁ ଶୁକ୍ରବାର ରାତିରେ ହତ୍ୟା କରାଯାଇ ଆତ୍ମହତ୍ୟାର ରୂପ ଦେବାକୁ ଚେଷ୍ଟା କରାଯାଇଛି। ଘଟଣା ଘଟିଛି ନୟାଗଡ଼ ସହରର ବାରମାସି ଦଣ୍ଡାସ୍ଥିତ ଶିଶିରଙ୍କ ଘରେ। ତେବେ ଘର ଚଟାଣରେ ରକ୍ତଛିଟା ପଡ଼ିବା, ପୋର୍ଟିକୋରେ ବନ୍ଧା ଯାଇଥିବା କୁକୁର ଫିଟିଯିବା, ଗୋଟିଏ ଘରେ ୩ ଜଣ ଥିବାବେଳେ କେବଳ ଜଣେ ନିଆଁରେ ପୋଡ଼ି ହୋଇ ମୃତ୍ୟୁ ହେବା ଭଳି କିଛି ପାରିପାର୍ଶ୍ୱିକ ସ୍ଥିତିରୁ ଶିଶିରଙ୍କୁ ହତ୍ୟା କରାଯାଇଥିବା ନୟାଗଡ଼ ଟାଉନ ଥାନା ☞ପୃଷ୍ଠା-୨

**ସୂଚନା:** ଅନିବାର୍ଯ୍ୟ କାରଣବଶତଃ ଏ ସପ୍ତାହର 'ଆଗାମୀ ଆଶା' ପୃଷ୍ଠା ପ୍ରକାଶ ପାଇପାରୁନାହିଁ।

ଏସିଆନ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍
ଅନିମେଶ କୁଜୁରଙ୍କୁ ବ୍ରୋଞ୍ଜ
(ରିପୋର୍ଟ: ଖେଳ ପୃଷ୍ଠା)

# ଖସିଥିଲା ଭାରତର ଯୁଦ୍ଧବିମାନ

## ■ ସ୍ୱୀକାର କଲେ ସିଡିଏସ୍
## ■ ସଂଖ୍ୟା ପଚାରିଲା କଂଗ୍ରେସ

ପହଲଗାମ୍ ଆକ୍ରମଣ ପରେ ଭାରତୀୟ ସଶସ୍ତ୍ର ବଳ ପକ୍ଷରୁ କରାଯାଇଥିବା 'ଅପରେଶନ ସିନ୍ଦୂର'କୁ କେନ୍ଦ୍ର ସରକାର ନିଜର ଏକ ବଡ଼ ସଫଳତା ବୋଲି ଦାବି କରୁଥିବାବେଳେ ପାକିସ୍ତାନୀ ସେନା ଭାରତର ୬ଟି ରାଫାଲ ଫାଇଟର ଜେଟ୍‌କୁ ଖସାଇଦେଇଥିବା କହିଥିଲା। ଅନ୍ୟପକ୍ଷେ ସରକାରଙ୍କ ପକ୍ଷରୁ ଏହା ଉପରେ କିଛି ସୂଚନା ଦିଆଯାଇ ନ ଥିଲା। ତେବେ ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ (ସିଡିଏସ୍) ଜେନେରାଲ ଅନିଲ ଚୌହାନ ଶନିବାର ଏନେଇ ପ୍ରଥମ ଥର ମୁହଁ ଖୋଲିଛନ୍ତି। ସିଙ୍ଗାପୁରରେ ଆୟୋଜିତ ଶାଙ୍ଗ୍ରି-ଲା ଡାଏଲଗ୍‌ରେ ଯୋଗଦେଇ ଚୌହାନ ବ୍ଲୁମ୍‌ବର୍ଗ ଟିଭିକୁ ସାକ୍ଷାତକାର ଦେବା ଅବସରରେ କହିଛନ୍ତି, ଭାରତ-ପାକିସ୍ତାନ ମଧ୍ୟରେ ୪ ଦିନ ଧରି ଲାଗିଥିବା ସଂଘର୍ଷବେଳେ ଭାରତୀୟ ଯୁଦ୍ଧବିମାନ ଖସିଥିଲା। ଫାଇଟର ଜେଟ୍ ଖସିବା ଗୁରୁତ୍ୱପୂର୍ଣ୍ଣ ନୁହେଁ, ବରଂ କାହିଁକି ଖସିଥିଲା ତାହା ତାତ୍ପର୍ଯ୍ୟପୂର୍ଣ୍ଣ। ୬ ଯୁଦ୍ଧବିମାନ ଖସାଇଥିବା ନେଇ ପାକିସ୍ତାନର ଦାବିକୁ ଚୌହାନ 'ସମ୍ପୂର୍ଣ୍ଣ ମିଥ୍ୟା' ବୋଲି ଖଣ୍ଡନ କରିଥିଲେ ହେଁ ଭାରତ ହରାଇଥିବା ଯୁଦ୍ଧବିମାନ ସଂଖ୍ୟା ସ୍ପଷ୍ଟ କରିନାହାନ୍ତି। ଏହା ପୂର୍ବରୁ ବାୟୁସେନା ମୁଖ୍ୟ ଅମରପ୍ରୀତ୍ ସିଂ ଗୁରୁବାର ଭାରତୀୟ ଶିଳ୍ପ ମହାସଂଘ (ସିଆଇଆଇ)ର ବାର୍ଷିକ ବ୍ୟବସାୟିକ ସମ୍ମିଳନୀରେ କହିଥିଲେ, ପ୍ରତିରକ୍ଷା ସାମଗ୍ରୀ ସଂକ୍ରାନ୍ତରେ ଚୁକ୍ତି ସ୍ୱାକ୍ଷର ହେଉଛି; କିନ୍ତୁ ବାସ୍ତବରେ ସେଗୁଡ଼ିକ ଠିକ୍ ସମୟରେ ପହଞ୍ଚିପାରୁନାହିଁ। ବାୟୁସେନା ମୁଖ୍ୟ ଅସନ୍ତୋଷ ବ୍ୟକ୍ତ କରିବାର ୨ ଦିନ ପରେ ସିଡିଏସ୍ ଚୌହାନ ଅନ୍ତର୍ଜାତୀୟ ମଞ୍ଚରେ ଏଭଳି କହିବା ବିରୋଧୀଙ୍କୁ ପ୍ରଶ୍ନ ଉଠାଇବା ପାଇଁ ସୁଯୋଗ ଦେଇଛି। ସରକାର ଦେଶବାସୀଙ୍କୁ ସତ କୁହନ୍ତୁ ବୋଲି କଂଗ୍ରେସ ଦାବି କରିଛି।



ସିଡିଏସ୍ ଜେନେରାଲ ଅନିଲ ଚୌହାନ

**ସିଙ୍ଗାପୁର/ନୂଆଦିଲ୍ଲୀ, ୩୧।୫(ପି.ଟି.)**

ଅପରେଶନ ସିନ୍ଦୂରରେ ଭାରତ ଅନିର୍ଦ୍ଦିଷ୍ଟ ସଂଖ୍ୟକ ଯୁଦ୍ଧବିମାନ ହରାଇଥିବା ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ (ସିଡିଏସ୍) ଜେନେରାଲ ଅନିଲ ଚୌହାନ ଶନିବାର ସ୍ୱୀକାର କରିଛନ୍ତି। ତେବେ ଭାରତର ୬ଟି ଯୁଦ୍ଧବିମାନକୁ ଖସାଇଥିବା ନେଇ ପାକିସ୍ତାନର ଦାବି ସମ୍ପୂର୍ଣ୍ଣ ଭୁଲ୍ ବୋଲି ସେ କହିଛନ୍ତି। ବ୍ଲୁମ୍‌ବର୍ଗ ଟିଭିକୁ ସାକ୍ଷାତ୍କାର ଦେଇ ଚୌହାନ କହିଛନ୍ତି, କେତେ ବିମାନ ହରାଇଲୁ ଗୁରୁତ୍ୱପୂର୍ଣ୍ଣ ନୁହେଁ, ବରଂ କାହିଁକି ଆମେ ଯୁଦ୍ଧବିମାନ ହରାଇଲୁ, ତାହା ଜାଣିବା ଗୁରୁତ୍ୱପୂର୍ଣ୍ଣ। ଫଳରେ ଭାରତୀୟ ସେନା ଏହାର ରଣକୌଶଳକୁ ଉନ୍ନତ କରିପାରିବା ସହ ପୁନର୍ବାର ଉପଯୁକ୍ତ ଜବାବ ଦେଇପାରିବ। ତେବେ ଭଲ କଥା ହେଲା, ଆମେ କରିଥିବା କୌଶଳଗତ ଭୁଲ୍‌କୁ ବୁଝିବାରେ ସକ୍ଷମ ହୋଇଥିଲୁ ଏବଂ ଏଥିରେ ସଂଶୋଧନ କରି ୨ ଦିନ ପରେ ପୁନର୍ବାର ପ୍ରୟୋଗ କରିଥିଲୁ। ଦୀର୍ଘ ଦୂରତାକୁ ଟାର୍ଗେଟକରି ଆମେ ପୁଣିଥରେ ଆମ ଜେଟ୍‌ଗୁଡ଼ିକୁ ଉଡ଼ାଇଥିଲୁ ବୋଲି ସିଡିଏସ୍ କହିଛନ୍ତି। ସୂଚନାଯୋଗ୍ୟ, କ୍ଷୟକ୍ଷତି ଯୁଦ୍ଧର ଅଂଶବିଶେଷ ବୋଲି ପୂର୍ବରୁ ବାୟୁସେନାର ଡାରେକ୍ଟର ଜେନେରାଲ ଅଫ୍ ଏୟାର ଅପରେଶନ ଏୟାର ମାର୍ଶାଲ ଏ.କେ. ଭାରତୀ ସ୍ୱୀକାର କରିବା ସହ ସବୁ ବାୟୁସେନା ପାଇଲଟ ସୁରକ୍ଷିତ ଫେରିଥିବା କହିଥିଲେ।

ଏପ୍ରିଲ ୨୨ରେ ପହଲଗାମ୍‌ରେ ଆତଙ୍କବାଦୀମାନେ ୨୬ ପର୍ଯ୍ୟଟକଙ୍କୁ ହତ୍ୟା କରିବା ପରେ ମେ' ୬-୭ ରାତିରେ ଭାରତୀୟ ସେନା ଅପରେଶନ ସିନ୍ଦୂର ଜରିଆରେ ପାକିସ୍ତାନ ଓ ପାକ୍ ଅଧିକୃତ କଶ୍ମୀର(ପିଓକେ)ରେ ଥିବା ଆତଙ୍କବାଦୀଙ୍କୁ ଭିତ୍ତିଭୂମି ଉପରେ ଆକ୍ରମଣ କରିଥିଲା। ☞ପୃଷ୍ଠା-୨

ଆଜିର ସମ୍ପାଦକୀୟ | ଗାଜାରେ ଗଣହତ୍ୟା




**ଓଡ଼ିଶା ସରକାର**
**ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ**
**ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ**
**ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା**

No. T-: ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ସୋମବାର, ଇଂରାଜୀ ତା **02.06.2025**ରିଖ ଦିନ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ବନ୍ଦ ରହିବ। ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ।

ଅତିରିକ୍ତ ମୁଖ୍ୟ ଶାସନ ସଚିବ
ସାଧାରଣ ପ୍ରଶାସନ ଓ
OIPR-09014/11/0134/2526 ସାଧାରଣ ଅଭିଯୋଗ ବିଭାଗ

DSPL-89

ଓମଫେଡ୍



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

**ବିଶ୍ୱ ଦୁଗ୍ଧ ଦିବସ-୨୦୨୫**

ମୁଖ୍ୟ ଅତିଥି
**ଶ୍ରୀ ମୋହନ ଚରଣ ମାଝୀ**
ମୁଖ୍ୟମନ୍ତ୍ରୀ

ଗରିମାମୟ ଉପସ୍ଥିତି
**ଶ୍ରୀମତୀ ପ୍ରଭାତୀ ପରିଡ଼ା**
ଉପ-ମୁଖ୍ୟମନ୍ତ୍ରୀ

**ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନ**
ମନ୍ତ୍ରୀ, ଆଇନ, ପୂର୍ତ୍ତ ଏବଂ ଅବକାରୀ

**ଶ୍ରୀ ଗୋକୁଳାନନ୍ଦ ମଲ୍ଲିକ**
ମନ୍ତ୍ରୀ, ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ଏବଂ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ

- ୨୦୨୪-୨୫ ରେ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନାରେ ୩ ଲକ୍ଷ ଗୋପାଳକଙ୍କୁ ୭୧ କୋଟି ଟଙ୍କାର ଆର୍ଥିକ ସହାୟତା ପ୍ରଦାନ
- ଓମଫେଡ୍ ଦୁଗ୍ଧଚାଷୀଙ୍କୁ ପ୍ରୋତ୍ସାହନ ରାଶି ପ୍ରଦାନ
- ରାଜ୍ୟର ୭୭ ଟି ଗୋଶାଳାକୁ ୧୦.୫ କୋଟି ଟଙ୍କାର ସହାୟତା ବଣ୍ଟନ

୧ ଜୁନ ୨୦୨୫ | କନ୍‌ଭେନ୍‌ସନ୍ ସେଣ୍ଟର, ଲୋକସେବା ଭବନ

**ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ବିଭାଗ, ଓଡ଼ିଶା ସରକାର**

OIPR-06042/13/0008/2526

# ଥାଇଲାଣ୍ଡ ସୁନ୍ଦରୀ ଓପାଲ ମିସ୍ ୱାର୍ଲ୍ଡ

**ହାଇଦ୍ରାବାଦ, ୩୧।୫**

ଥାଇଲାଣ୍ଡର ଓପାଲ ସୁଚାତା ଚୁଆଙ୍ଗଶ୍ରୀ 'ବିଶ୍ୱ ସୁନ୍ଦରୀ ୨୦୨୫'ର ଟାଇଟଲ ହାସଲ କରିଛନ୍ତି। ଗତ ବର୍ଷ ବିଶ୍ୱ ସୁନ୍ଦରୀ ହୋଇଥିବା ଚେକ୍ ରିପବ୍ଲିକ୍‌ର କ୍ରିଷ୍ଟିନା ପିସ୍‌ଜ୍‌କୋଭା ଓପାଲଙ୍କୁ ମିସ୍ ୱାର୍ଲ୍ଡ ମୁକୁଟ ପିନ୍ଧାଇଛନ୍ତି। ଶନିବାର ହାଇଦ୍ରାବାଦସ୍ଥିତ ହାଇଟେକ୍ସ ପ୍ରଦର୍ଶନୀ କେନ୍ଦ୍ରରେ ଅନୁଷ୍ଠିତ ହୋଇଥିବା ଗ୍ରାଣ୍ଡ ଫିନାଲେ ସମାରୋହରେ ଇଥୋପିଆର ହାସେଟ୍ ଡେରେଜେ ଆଡ୍‌ମସୁ ପ୍ରଥମ ରନର୍-ଅପ୍ ହୋଇଥିବାବେଳେ ପୋଲାଣ୍ଡର ପ୍ରତିଯୋଗୀ ମାଜା କ୍ଲାଜ୍‌ଦା ଦ୍ୱିତୀୟ ରନର ଅପ୍ ହୋଇଛନ୍ତି। ଗତ ଏପ୍ରିଲ ୨୨ରେ ଓପାଲ 'ମିସ୍ ୱାର୍ଲ୍ଡ ଥାଇଲାଣ୍ଡ' ଟାଇଟଲ ହାସଲ କରିଥିଲେ। ସେ ଥାଇଲାଣ୍ଡର ପ୍ରଥମ ମହିଳା ଭାବେ ବିଶ୍ୱ ସୁନ୍ଦରୀ ଟାଇଟଲ ହାସଲ କରିଛନ୍ତି। ଥାଇଲାଣ୍ଡର ଉପକୂଳବର୍ତ୍ତୀ ଫୁକେଟ ସହରର ନିବାସୀ ୨୨ ବର୍ଷୀୟା ଓପାଲ ସମ୍ପ୍ରତି ଇଣ୍ଟରନ୍ୟାଶନାଲ ରିଲେଶନ୍ସର ଛାତ୍ରୀ ଭାବେ ନିଜ ଉଚ୍ଚ ଶିକ୍ଷା ଜାରି ରଖିଛନ୍ତି। ଭବିଷ୍ୟତରେ ଜଣେ ରାଷ୍ଟ୍ରଦୂତ ଭାବେ କାର୍ଯ୍ୟ କରିବାକୁ ସେ ଇଚ୍ଛୁକ ବୋଲି ଏହି ଅବସରରେ ଓପାଲ କହିଛନ୍ତି।

ତେବେ ଏହି ଗ୍ରାଣ୍ଡ ଫିନାଲେ ସମାରୋହରେ ଭାରତର ପ୍ରତିନିଧିତ୍ୱ କରିଥିବା ନନ୍ଦିନୀ ଗୁପ୍ତା (୨୧) ଶୀର୍ଷ ୮ ପ୍ରତିଯୋଗୀଙ୍କ ମଧ୍ୟରେ ରହିବାରେ ବିଫଳ ହୋଇଛନ୍ତି। ଏହି ପ୍ରତିଯୋଗିତାରେ ସେ ଶୀର୍ଷ ୨୦ ପ୍ରତିଯୋଗୀ ଭାବେ ନିଜ ଅଭିଯାନ ଶେଷ କରିଛନ୍ତି। ୭୨ତମ ବିଶ୍ୱ ସୁନ୍ଦରୀ ପ୍ରତିଯୋଗିତାରେ ବିଶ୍ୱର ବିଭିନ୍ନ ପ୍ରାନ୍ତରୁ ୧୦୮ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ମିସ୍ ୱାର୍ଲ୍ଡ ଅର୍ଗାନାଇଜେଶନର ଚେୟାରମ୍ୟାନ ଏବଂ ସିଇଓ ଜୁଲିଆ ମୋର୍ଲେ ଓପାଲଙ୍କୁ ୭୨ତମ ବିଶ୍ୱ ସୁନ୍ଦରୀ ପ୍ରତିଯୋଗିତାର ବିଜେତା ଭାବେ ଘୋଷଣା କରିଥିଲେ। ଗ୍ରାଣ୍ଡ ଫିନାଲେରେ ଜୁଲିଆ ବିଚାରକ ମଣ୍ଡଳୀର ନେତୃତ୍ୱ ନେଉଥିଲେ। ଏହି ଅବସରରେ ବଲିଉଡ୍ ଅଭିନେତା ସୋନୁ ସୁଦ୍‌ଙ୍କୁ ସମ୍ମାନଜନକ 'ମିସ୍ ୱାର୍ଲ୍ଡ ହ୍ୟୁମାନାଟାରିଆନ୍ ଆୱାର୍ଡ' ପୁରସ୍କାର ପ୍ରଦାନ କରାଯାଇଥିଲା। ଗ୍ରାଣ୍ଡ ଫିନାଲେ ସମାରୋହରେ ବଲିଉଡ୍ ଅଭିନେତ୍ରୀ ଜ୍ୟାକ୍‌ଲିନ ଫର୍ନାଣ୍ଡିଜ୍ ଏବଂ ଅଭିନେତା ଇଶାନ ଖଟ୍ଟର ନିଜ ପର୍ଫମାନ୍ସ ମାଧ୍ୟମରେ ବିଭିନ୍ନ ଦେଶର ପ୍ରତିଯୋଗୀ, ବିଚାରକ ମଣ୍ଡଳୀ ଏବଂ ଉପସ୍ଥିତ ଅତିଥିଙ୍କ ମନୋରଞ୍ଜନ କରାଇଥିଲେ।


ଓପାଲ ସୁଚାତା ଚୁଆଙ୍ଗଶ୍ରୀ

# ଚଳିତ ବର୍ଷ ରାଜ୍ୟର ପ୍ରଥମ କୋଭିଡ୍ ମୃତ୍ୟୁ

**ଭୁବନେଶ୍ୱର,୩୧।୫(ବନ୍ଦନା ସେଠୀ)**

ଦେଶ ଓ ରାଜ୍ୟରେ ଏବେ କରୋନା ସଂକ୍ରମଣ ବ୍ୟାପିବାରେ ଲାଗିଛି। ଆକ୍ରାନ୍ତଙ୍କ ସଂଖ୍ୟା ବଢୁଥିବାବେଳେ ଇତିମଧ୍ୟରେ ଓଡ଼ିଶାରୁ ୭ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ଶନିବାର ଜଣଙ୍କର ମୃତ୍ୟୁ ଘଟିଥିବା ସୂଚନା ମିଳିଛି। ଏହା ରାଜ୍ୟରେ ଚଳିତ ବର୍ଷର ପ୍ରଥମ କୋଭିଡ୍ ମୃତ୍ୟୁ ବୋଲି କୁହାଯାଉଛି। ତେବେ ଏନେଇ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇ ନ ଥିଲେ ମଧ୍ୟ ମୃତକ ଜଣକ ଗତ କିଛିଦିନ ହେବ କୋଭିଡ୍‌ରେ ଆକ୍ରାନ୍ତ ହୋଇ ଘରେ ଚିକିତ୍ସାଧୀନ ଥିଲେ। ତାଙ୍କ ଘର ଭୁବନେଶ୍ୱରରେ। ସେ ଜଣେ ବୟସ୍କ ବ୍ୟକ୍ତି ହୋଇଥିବାବେଳେ ବହୁବିଧ ରୋଗରେ ଆକ୍ରାନ୍ତ ଥିଲେ।

ସୂଚନାଯୋଗ୍ୟ, ଭୁବନେଶ୍ୱରରୁ ମେ' ୨୧ ବୁଧବାର ରାତିରେ ରାଜ୍ୟର ପ୍ରଥମ କୋଭିଡ୍ ଆକ୍ରାନ୍ତ ଚିହ୍ନଟ ହୋଇଥିଲେ। ଏହାପରେ ତାଙ୍କୁ ସଙ୍ଗରୋଧରେ ରଖାଯିବା ସହ ତାଙ୍କ ନମୁନା ସଂଗ୍ରହ କରାଯାଇ ଜିନମ ସ୍ୱିକ୍ୱେନ୍ସିଂ ପାଇଁ ପଠାଯାଇଥିଲା। ରିପୋର୍ଟରୁ ଆକ୍ରାନ୍ତଙ୍କ ପାଖରେ ଓମିକ୍ରନ୍‌ର ସବ୍‌ଭାରିଆଣ୍ଟ ଜେଏନ୍-୧ ଭାଇରସ୍ ଚିହ୍ନଟ ହୋଇଥିଲା। ଏହା ସାଧାରଣ ଭାରିଆଣ୍ଟ ଏବଂ ଏହାକୁ ନେଇ ଭୟଭୀତ ନ ହେବାକୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଥିଲା। ପରବର୍ତ୍ତୀ ସମୟରେ କଟକରୁ ୨ ଓ ଭୁବନେଶ୍ୱରରୁ ଆଉ ୪ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ତେବେ କୋଭିଡ୍ ସଂକ୍ରମିତଙ୍କ ମୃତ୍ୟୁ ଘଟଣା ଜଣାପଡ଼ିବା ପରେ ଲୋକଙ୍କ ମନରେ ପୁଣି ଛନକା ପଶିଛି।

# ୨ରେ ମୁଖ୍ୟମନ୍ତ୍ରୀଙ୍କ ଭଦ୍ରକ ଗସ୍ତ

**ଭଦ୍ରକ,୩୧।୫(ସନାତନ ରାଉତ)**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆସନ୍ତା ୨ ତାରିଖରେ ଭଦ୍ରକ ଜିଲା ଗସ୍ତରେ ଆସିବେ। ବହୁ ପ୍ରତୀକ୍ଷିତ ନୂତନ ଜିଲା ମୁଖ୍ୟ ଚିକିତ୍ସାଳୟ ସହ ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟନ କରିବା ସହ କେତେକ ପ୍ରକଳ୍ପର ଶିଳାନ୍ୟାସ କାର୍ଯ୍ୟକ୍ରମ ରହିଛି। ଶୁକ୍ରବାର ଅପରାହ୍ନରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଏମ୍‌ପି ଅଭିମନ୍ୟୁ ସେଠୀ, ବିଧାୟକ ସୀତାଂଶୁ ଶେଖର ମହାପାତ୍ର ଓ ଜିଲାପାଳ ଦିଲୀପ ରାଉତରାଏ ମୁଖ୍ୟମନ୍ତ୍ରୀଙ୍କ ସଭା ହେବାକୁ ଥିବା ଭଦ୍ରକ ବ୍ଲକ ରମ୍ଭିଲା ପଞ୍ଚାୟତର ଖଡ଼ିପଦା ପଡ଼ିଆରେ ପହଞ୍ଚି କ୍ଷେତ୍ର ପରିଦର୍ଶନ କରିଛନ୍ତି। ଏସ୍‌ପି ମଡ଼କର ସନ୍ଦୀପ ସମ୍ପଦଙ୍କ ସମେତ ପ୍ରଶାସନିକ ଅଧିକାରୀ ଓ ଭାଜପା ଜିଲା ସଭାପତି ଭଗବାନ ପଣ୍ଡା ଉପସ୍ଥିତ ଥିଲେ। ରାତିରେ ଜିଲାପାଳଙ୍କ କାର୍ଯ୍ୟାଳୟ ସଦ୍‌ଭାବନା ସଭାଗୃହରେ ଏନେଇ ଅନୁଷ୍ଠିତ ବୈଠକ ହୋଇଥିଲା।

# ନିଶା ନୁହେଁ, ଜୀବନକୁ ଗ୍ରହଣ କର: ମୁଖ୍ୟମନ୍ତ୍ରୀ

**ବିଶ୍ୱ ତମାଖୁ ନିଷେଧ ଦିବସ**

**ଭୁବନେଶ୍ୱର,୩୧।୫ (ରବିନାରାୟଣ ଜେନା)**



ଭାରତରେ ପ୍ରାୟ ବର୍ଷକୁ ୧୪ ଲକ୍ଷ ଲୋକ ତମାଖୁ ସେବନ ଯୋଗୁ ଜୀବନ ହରାଉଛନ୍ତି। ପ୍ରତି ବର୍ଷ ଭାରତରେ ବିଭିନ୍ନ କାରଣରୁ ଯେତିକି ମୃତ୍ୟୁ ହେଉଛି, ତା'ର ପ୍ରାୟ ୧୦% କେବଳ ତମାଖୁଜନିତ। ଜନସାଧାରଣ, ବିଶେଷକରି ଯୁବ ସମାଜ କିପରି ଏଥିରୁ ମୁକ୍ତି ପାଇବେ ସେଥିପ୍ରତି ଗମ୍ଭୀରତାର ସହ ବିଚାର କରିବାର ସମୟ ଆସିଛି। ନିଶା ନୁହେଁ, ଜୀବନକୁ ଆପଣେଇବା ପାଇଁ ସମସ୍ତଙ୍କୁ ସଂକଳ୍ପ ନେବାକୁ ପଡ଼ିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

ଲୋକସେବା ଭବନ କନ୍‌ଭେନ୍‌ଶନ ହଲ୍‌ଠାରେ ଶନିବାର ବିଶ୍ୱ ତମାଖୁ ନିଷେଧ ଦିବସ ପାଳନ ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ, ତମାଖୁଜନିତ ମୃତ୍ୟୁକୁ ରୋକିବା ପାଇଁ କେବଳ ଗୋଟିଏ ଉପାୟ ହେଉଛି ସଚେତନତା। ଲୋକମାନେ ଏହାର ଭୟାବହତା ଜାଣିବା ସତ୍ତ୍ୱେ ଏଥିରୁ ଦୂରେଇ ପାରୁନାହାନ୍ତି। ଯଦି ଗୋଟିଏ ବ୍ୟକ୍ତିକୁ ସଚେତନ କରାଇପାରୁଛେ, ତେବେ ଆମେ ତା'ର ଜୀବନ ବଞ୍ଚାଇ ପାରୁଛେ। ତମାଖୁ ସେବନର ଅପକାରିତା ଏବଂ ସ୍ୱାସ୍ଥ୍ୟଗତ ଭୟାବହତା ଉପରେ ସଚେତନତା ସୃଷ୍ଟି ପାଇଁ ସରକାରଙ୍କ ପକ୍ଷରୁ ଆରମ୍ଭ ହୋଇଥିବା ସଚେତନତା ଅଭିଯାନକୁ ଘରେ ଘରେ ପହଞ୍ଚାଇବା ପାଇଁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଥିଲେ। ସେ କହିଥିଲେ, ତମାଖୁ, ସିଗାରେଟ୍ ଓ ନିଶାଦ୍ରବ୍ୟର ବିଜ୍ଞାପନ ମଧ୍ୟ ଯୁବ ସମାଜ ଉପରେ ପ୍ରଭାବ ପକାଉଛି। ଏସ୍‌ଟିଏଫ୍‌କୁ କ୍ଷମତାପନ୍ନ କରାଯାଇଛି। ତମାଖୁ ସହିତ ସବୁ ପ୍ରକାର ନିଶା ଦ୍ରବ୍ୟ ଉପରେ ଅଙ୍କୁଶ ଲଗାଇବା ପାଇଁ ଖୁବ୍‌ଶୀଘ୍ର ନୂତନ ଅବକାରୀ ନୀତି ପ୍ରଣୟନ କରାଯିବ ବୋଲି ସେ କହିଥିଲେ।

କାର୍ଯ୍ୟକ୍ରମରେ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଥିଲେ, ନିଶା ବ୍ୟବହାରର ଫଳ ହେଉଛି ମୃତ୍ୟୁ। ତେଣୁ ଏଥିପ୍ରତି ସଚେତନତା ବୃଦ୍ଧି କରିବା ଆମ ସମସ୍ତଙ୍କର ନୈତିକ ଦାୟିତ୍ୱ। ଅବକାରୀ ଆଇନରେ ଦୋଷୀ ପ୍ରତି ଦଣ୍ଡବିଧାନ ଆହୁରି କଡ଼ାକଡ଼ି ହେବ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ଏକାମ୍ର-ଭୁବନେଶ୍ୱର ବିଧାୟକ ବାବୁ ସିଂ, ଅବକାରୀ ବିଭାଗ କମିଶନର ଗୁହା ପୁନମ୍ ତାପସ କୁମାର ପ୍ରମୁଖ ଉପସ୍ଥିତ ଥିଲେ।

# ବ୍ୟାଘ୍ର ସଂରକ୍ଷକ ବାଲ୍ମୀକ୍ ଥାପରଙ୍କ ପରଲୋକ

**ନୂଆଦିଲ୍ଲୀ,୩୧।୫(ପି.ଟି.)**



ଟାଇଗର ମ୍ୟାନ୍ ଭାବେ ପରିଚିତ ଭାରତର ପ୍ରସିଦ୍ଧ ବନ୍ୟପ୍ରାଣୀ ସଂରକ୍ଷକ ତଥା ଲେଖକ ବାଲ୍ମୀକ୍ ଥାପରଙ୍କ ଶନିବାର ୭୩ ବର୍ଷ ବୟସରେ ନିଜ ନୂଆଦିଲ୍ଲୀସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ସେ ଲମ୍ବା ସମୟ ଧରି କର୍କଟ ରୋଗରେ ପୀଡ଼ିତ ଥିଲେ। ଦିଲ୍ଲୀର ଲୋଧି ଇଲେକ୍ଟ୍ରିକ୍ ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି। ଦୀର୍ଘ ୫ ଦଶନ୍ଧି ଧରି ସେ ବନ୍ୟପ୍ରାଣୀ ସଂରକ୍ଷଣ କ୍ଷେତ୍ରରେ କାର୍ଯ୍ୟ କରିଥିଲେ। ତାଙ୍କର ବିଶେଷ ଫୋକସ୍ ବ୍ୟାଘ୍ର ସଂରକ୍ଷଣ ଉପରେ ରହିଥିଲା। ନିଜ ଲମ୍ବା କ୍ୟାରିୟରରେ ସେ କଠୋର ଶିକାର ବିରୋଧୀ ନିୟମ ଏବଂ ବ୍ୟାଘ୍ର ବାସସ୍ଥାନର ସୁରକ୍ଷା ପାଇଁ ଲଢ଼େଇ କରିଥିଲେ। ବାଲ୍ମୀକ୍ ତାଙ୍କ ପୂରା ଜୀବନକୁ ବନ୍ୟପ୍ରାଣୀ ତଥା ବ୍ୟାଘ୍ର ଅଧ୍ୟୟନ ଏବଂ ସଂରକ୍ଷଣରେ ଉତ୍ସର୍ଗ କରିଥିଲେ।

ତାଙ୍କ ମୃତ୍ୟୁରେ ବହୁ ବିଶିଷ୍ଟ ବ୍ୟକ୍ତି ଶୋକ ପ୍ରକଟ କରିଛନ୍ତି। କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ କହିଛନ୍ତି, ବ୍ୟାଘ୍ର ସଂରକ୍ଷଣରେ ବାଲ୍ମୀକ୍‌ଙ୍କ ଅବଦାନ ଅତୁଳନୀୟ। ଭାରତର ପ୍ରସିଦ୍ଧ ବନ୍ୟପ୍ରାଣୀ ବିଶେଷଜ୍ଞଙ୍କ ମଧ୍ୟରୁ ସେ ଅନ୍ୟତମ ଥିଲେ।

(ସମ୍ପୂର୍ଣ୍ଣ ରିପୋର୍ଟ: ପୃଷ୍ଠା-୮)




# ବିସ୍ଫୋରକ ଲୁଟ୍ ଘଟଣା: ଗୋଦାମ ଯାଞ୍ଚକଲା ଏସ୍ଆଇଟି

**ବଡ଼ଗାଁ,୩୧।୫(ଅଶୋକ ଷଡ଼ଙ୍ଗୀ)**

ସୁନ୍ଦରଗଡ଼ କେ. ବଲାଙ୍ଗ ଥାନା ଅନ୍ତର୍ଗତ ବାଙ୍କୋ ପଥରକ୍ୱାରିରୁ ୪ଟନ୍ ବିସ୍ଫୋରକ ଲୁଟ ଘଟଣାରେ ଶନିବାର ଏସଆଇଟି ବଡ଼ଗାଁ ଥାନା ଅନ୍ତର୍ଗତ ଇତମା ଗାଁ ନିକଟ ଜଙ୍ଗଲରେ ଥିବା ବିସ୍ଫୋରକ ଗୋଦାମରେ ପହଞ୍ଚି ତନାଘନା ଚଳାଇଛି। ତହସିଲଦାର ଝରଣା ପ୍ରଧାନ, ବଡ଼ଗାଁ ଥାନା ଆଇଆଇସି ବାଲୁଙ୍କେଶ୍ୱର ନାଏକ, ଏଏସ୍ଆଇ ଅରୂପାନନ୍ଦ ଦାସ, ବଣାଇଁ ଏସ୍‌ଡିପିଓ ଏବଂ ଖଣି ଅଧିକାରୀମାନେ ପୂର୍ବରୁ ସିଲ୍ ହୋଇଥିବା ଗୋଦାମ ଭିତରେ ପଶି ଯାଞ୍ଚ କରିବା ପରେ ପୁଣି ଗୋଦାମକୁ ସିଲ କରିଦେଇଛନ୍ତି। ଗତ ୩ ଦିନ ପୂର୍ବେ ବଡ଼ଗାଁ ଥାନା ଆଇଆଇସି ବାଲୁଙ୍କେଶ୍ୱର ନାଏକ ତଦନ୍ତ କରି ଗୋଦାମକୁ ସିଲ୍ କରିଥିଲେ। ଲୁଟ୍ ଘଟଣାର ତଦନ୍ତ ପାଇଁ ଶୁକ୍ରବାର ଏସ୍ଆଇଟି ଟିମ୍ ଗଠନ ହୋଇଥିଲା।

ସୂଚନା ଅନୁଯାୟୀ, ଗତ ୨୭ ତାରିଖରେ ଇତମା ଗାଁ ନିକଟ ଜଙ୍ଗଲରେ ଥିବା ବିସ୍ଫୋରକ ଗୋଦାମରୁ ଟ୍ରକ ଯୋଗେ ୨ଶହ ପେଟି ବିସ୍ଫୋରକ ସାମଗ୍ରୀ କେ.ବଲାଙ୍ଗ ଥାନା ଅନ୍ତର୍ଗତ ଝାଡଖଣ୍ଡ -ଓଡ଼ିଶା ସୀମା ନିକଟବର୍ତ୍ତୀ ବାଙ୍କୋ ପଥର ଖାଦାନକୁ ଆସୁଥିଲା। ବାଙ୍କୋ କୁଆରି ନିକଟରେ ପ୍ରାୟ ୩୦ରୁ ଊର୍ଦ୍ଧ୍ୱ ଅଜ୍ଞାତ ବନ୍ଧୁକଧାରୀ ବିସ୍ଫୋରକ ବୋଝେଇ ଗାଡିକୁ ଜଙ୍ଗଲ ଭିତରକୁ ନେବାକୁ କହିଥିଲେ। କିଛିବାଟ ଗଲାପରେ ଚାଳକଙ୍କୁ ଗାଡ଼ି ରଖିବାକୁ କହିଥିଲେ। ପରେ ଅନ୍ୟ ଏକ ଗାଡ଼ିରେ ସେମାନେ ବିସ୍ଫୋରକ ନେଇଯାଇଥିଲେ। ପୋଲିସ ଉକ୍ତ ଟ୍ରକ୍‌କୁ ଠାବ କରିଥିଲା। କିନ୍ତୁ ସେଥିରେ ଥିବା ବିସ୍ଫୋରକକୁ ମାଓବାଦୀମାନେ ନେଇଯାଇଥିଲେ। ଏହାର ୨ ଦିନ ପରେ ଓଡ଼ିଶା- ଝାଡଖଣ୍ଡ ସୀମାକୁ ସିଲ୍ କରାଯିବା ସହ କୋମ୍ବିଂ ଅପରେଶନକୁ ଜୋରଦାର କରାଯାଇଛି। ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍ଆଇଏ) ଘଟଣାସ୍ଥଳକୁ ଯାଇ ତଦନ୍ତ କରିଥିଲେ।




**FREE HOTEL MANAGEMENT COURSES AT SIHM, BALANGIR (ODISHA)**
**(ONLY FOR SUNDARGARH DISTRICT)**

Eligible students belonging to all sections (SC/ST/OBC/Gen) from the mining affected Blocks (Bonaigarh, Gurundia, Hemgir, Koida, Kuarmunda, Kutra, Lahunipada, Nuagaon, Lephripada Lathikata, Rajgangpur, Rajgangpur MPL, Biramitrapur MPL, Rourkela Municipal Corp. of SUNDARGARH District can enroll themselves at SIHM, Balangir free of cost for Degree, Diploma and Craft Courses for the Academic Year 2024-25. The entire expenses of Course & Hostel Fees will be sponsored by District Mineral Foundation (DMF), Sundargarh.

| COURSES | DURATION | QUALIFICATION | AGE LIMIT |
|---|---|---|---|
| 1. B.Sc In Hospitality & Hotel Administration | 03 Years | 10+2 pass or equivalent with English one of the subject at the 12th level | No Age Limit |
| 2. Diploma in Front Office Operation, Food Production, Housekeeping Operation, Food & Beverage Service and Bakery & Confectionery | $1\frac{1}{2}$ Year | 10+2 pass or equivalent | |
| 3. Craftsmanship Certificate Course in Food Production | 06 Months | 10th pass | |
| 4. Craftsmanship Certificate Course in Food & Beverage Service | $1\frac{1}{2}$ Year | 10th pass | |

VISIT STATE IHM, BALANGIR FOR FURTHER DETAILS
STATE INSTITUTE OF HOTEL MANAGEMENT, DIGITAL DOOR NO. ODBLGBIJ01A002, BIJAKHAMAN, BALANGIR (ODISHA)
(ESTABLISHED BY MINISTRY OF TOURISM, GOVT. OF INDIA & DEPT. OF TOURISM, GOVT. OF ODISHA)
Visit our website - www.sihmbalangir.org, e-mail: admissions@sihmbalangir.org
Contact No. 8447903803, 9437140772, 8018581031
NCHMCT



ଯେଉଁମାନେ ଗରିବ, ଅଜ୍ଞାନ, ନୀଚକୁଳରେ ଜାତ ଓ କଦର୍ଯ୍ୟ ପରିବେଶରେ ପ୍ରତିପାଳିତ ସେମାନଙ୍କୁ ଆମେ ଇତର ସାଧାରଣ ମଣିଷ ବୋଲି କହିବା ନାହିଁ ବରଂ ଅନ୍ୟପକ୍ଷରେ, ଆମେ ସେଇମାନଙ୍କୁ ହିଁ ଇତର ସାଧାରଣ ମଣିଷ କହିବା- ଯେଉଁମାନେ ଛୋଟ ଛୋଟ କଥାଗୁଡ଼ିକୁ ନେଇ ବଞ୍ଚିଥାନ୍ତି ଓ ଏକ ସାଧାରଣ ଜୀବନକୁ ନେଇ ସନ୍ତୁଷ୍ଟ ଥାନ୍ତି। -ଶ୍ରୀଅରବିନ୍ଦ

ଶୀତଳ ଷଷ୍ଠୀ, ଶ୍ରୀମନ୍ଦିରରେ ଜଳକ୍ରୀଡ଼ା



# ଗାଜାରେ ଗଣହତ୍ୟା



ଆକାର ପଟେଲ

ରାଜ୍ୟ ସଭାରେ ୯ ଫେବୃଆରୀ ୨୦୨୨ରେ ସରକାରଙ୍କୁ ଦୁଇଟି ପ୍ରଶ୍ନ କରାଯାଇଥିଲା। ପ୍ରଥମଟି ହେଉଛି ୧୯୪୮ରେ ଜାତିସଂଘ ସାଧାରଣ ସଭା ଦ୍ୱାରା ପାରିତ ଜେନୋସାଇଡ୍ କନ୍‌ଭେନ୍‌ସନ ବା ନରସଂହାର ଚୁକ୍ତିକୁ ଭାରତ ପ୍ରକୃତରେ ସମର୍ଥନ କରେ ନା ନାହିଁ ସ୍ୱରାଷ୍ଟ୍ର ମନ୍ତ୍ରୀ କହିବେ କି? ଦ୍ୱିତୀୟ ପ୍ରଶ୍ନ ଥିଲା, ଯଦି ଏହା ହୋଇଥାଏ, ତେବେ ସରକାର ନରସଂହାର ବା ଗଣହତ୍ୟାକୁ ନେଇ କିଛି ନୂଆ ଆଇନ ପ୍ରଣୟନ କରିଛନ୍ତି କି? ସରକାର ଉତ୍ତର ଦେଇଥିଲେ, ଭାରତ ୨୯ ନଭେମ୍ବର ୧୯୪୯ରେ କନ୍‌ଭେନ୍‌ସନ ଅନ୍ ଦି ପ୍ରିଭେନ୍‌ସନ ଆଣ୍ଡ ପନିଶ୍‌ମେଣ୍ଟ ଅଫ୍ ଦି କ୍ରାଇମ୍ ଅଫ୍ ଜେନୋସାଇଡ୍, ୧୯୪୮ (ସଂକ୍ଷେପରେ ଗଣହତ୍ୟା ଚୁକ୍ତି)ରେ ସ୍ୱାକ୍ଷର କରିଥିଲା। ୨୭ ଅଗଷ୍ଟ ୧୯୫୯ରେ ଏହି ଚୁକ୍ତିକୁ ସମର୍ଥନ କରିଥିଲା ଓ ଗଣହତ୍ୟାକୁ ଅନ୍ତର୍ଜାତୀୟ ଅପରାଧ ଭାବେ ଗ୍ରହଣ କରିଥିଲା। ଅନ୍ତର୍ଜାତୀୟ ଆଇନରେ ଗଣହତ୍ୟା ଏକ ଅପରାଧ। ନରସଂହାର ଚୁକ୍ତି ଅନୁସାରେ ଗଣହତ୍ୟାକୁ ନିଷିଦ୍ଧ କରାଯିବା ସହ ଏହାକୁ ଅପରାଧୀକରଣ କରାଯାଇଛି, ଯାହାକୁ ୧୯୫୦ରେ ଇସ୍ରାଏଲ ଏବଂ ଅନ୍ତଃରାଷ୍ଟ୍ରୀୟ ଅପରାଧ ନ୍ୟାୟାଳୟ ସମର୍ଥନ କରିଥିଲା। ପାଞ୍ଚଟି ନିର୍ଦ୍ଦିଷ୍ଟ କାର୍ଯ୍ୟକୁ ନରସଂହାର କୁହାଯାଏ। କୌଣସି ଗୋଷ୍ଠୀ ବା ସମୁଦାୟର ସଦସ୍ୟଙ୍କୁ ହତ୍ୟା କରିବା, ଗୋଷ୍ଠୀର ସଦସ୍ୟଙ୍କୁ ଗମ୍ଭୀର ଭାବେ ଶାରୀରିକ ଓ ମାନସିକ ସ୍ତରରେ କ୍ଷତି ପହଞ୍ଚାଇବା, ସାମଗ୍ରିକ କିମ୍ବା ଆଂଶିକ ଭାବେ ଶାରୀରିକ କ୍ଷତି କରୁଥିବା ଜୀବନର ପରିସ୍ଥିତି ଗୋଷ୍ଠୀ ଉପରେ ଜାଣିଶୁଣି ଲଦିଦେବା, ଗୋଷ୍ଠୀ ମଧ୍ୟରେ ଜନ୍ମକୁ ରୋକିବା ଉଦ୍ଦେଶ୍ୟରେ ଆଇନଗତ ପଦକ୍ଷେପ ନେବା ଏବଂ ଗୋଟିଏ ଗୋଷ୍ଠୀର ପିଲାମାନଙ୍କୁ ବଳପୂର୍ବକ ଅନ୍ୟ ଏକ ଗୋଷ୍ଠୀକୁ ପରିବର୍ତ୍ତନ କରିବା। ଏହିସବୁ କାର୍ଯ୍ୟ ସାମଗ୍ରିକ କିମ୍ବା ଆଂଶିକ ଭାବେ ଏକ ଜାତୀୟ, ଜାତିଗତ, ବର୍ଣ୍ଣଗତ ବା ଧର୍ମୀୟ ଗୋଷ୍ଠୀର କ୍ଷତି ଉଦ୍ଦେଶ୍ୟରେ କରାଗଲେ ତାହା ନରସଂହାର ଅପରାଧ ଶ୍ରେଣୀଭୁକ୍ତ ହୁଏ।

ଇସ୍ରାଏଲରେ ନାଗରିକ ଭାବେ ରହୁଥିବା ପାଲେଷ୍ଟିନୀୟ କିମ୍ବା ପାଲେଷ୍ଟାଇନ ଅଧିକୃତ ଅଞ୍ଚଳରେ ଇସ୍ରାଏଲ ମିଲିଟାରି ନିୟନ୍ତ୍ରଣରେ ରହୁଥିବା ପାଲେଷ୍ଟାଇନ୍‌ର ନାଗରିକ ଅବା ଶରଣାର୍ଥୀଙ୍କୁ ପାଲେଷ୍ଟିନୀୟ ଭାବେ ଗଣାଯାଏ। ସେମାନଙ୍କ ମଧ୍ୟରେ ଗଭୀର ରାଜନୈତିକ, ଜାତିଗତ, ସାମାଜିକ ଭାଗୀଦାରି ଓ ସାଂସ୍କୃତିକ ସମ୍ପର୍କ ରହିଛି। ପାଲେଷ୍ଟିନୀୟ ବିଭିନ୍ନ ଧର୍ମର ହୋଇଥିଲେ ମଧ୍ୟ ସେମାନଙ୍କ ଭାଷା, ବେଶପୋଷାକ ଓ ସାଂସ୍କୃତିକ ପରମ୍ପରା ସମାନ। ସେଥିପାଇଁ ସେମାନଙ୍କୁ ନେଇ ଗଠିତ ଏକ ନିର୍ଦ୍ଦିଷ୍ଟ ଜାତୀୟ, ଜାତିଗତ ତଥା ବର୍ଣ୍ଣଗତ ଗୋଷ୍ଠୀ ନରସଂହାର ଚୁକ୍ତି ଦ୍ୱାରା ସୁରକ୍ଷିତ। କିନ୍ତୁ ଅକ୍ଟୋବର ୨୦୨୩ରୁ ଗାଜାରେ ଦୀର୍ଘଦିନ ହେଲା ଇସ୍ରାଏଲ ସାମରିକ କାର୍ଯ୍ୟାନୁଷ୍ଠାନ ଜାରି ରଖିଛି। ଏହାଦ୍ୱାରା ବ୍ୟାପକ କ୍ଷତିହେବା ସହ ଗାଜାର ସହରଗୁଡ଼ିକ ଓ ଆଖପାଖ ଅଞ୍ଚଳରେ ଜୀବନ ରକ୍ଷକ ଭିତ୍ତିଭୂମି, ଚାଷଜମି, ସାଂସ୍କୃତିକ ଓ ଧର୍ମୀୟ ସ୍ଥଳୀ ଧୂଳିସାତ ହୋଇଯାଇଛି। ଆକ୍ରମଣରେ ଶିଶୁଙ୍କ ସମେତ ଅନେକ ହଜାର ପାଲେଷ୍ଟିନୀୟଙ୍କ ମୃତ୍ୟୁ ହୋଇଛି। ଏପରିକି ଅନେକ ପରିବାର ପୂରା ନିଶ୍ଚିହ୍ନ ହୋଇଯାଇଛନ୍ତି। ଗାଜାର ୨୨ ଲକ୍ଷ ବାସିନ୍ଦାଙ୍କ ମଧ୍ୟରୁ ୯୦ ପ୍ରତିଶତରୁ ଊର୍ଦ୍ଧ୍ୱ ନାଗରିକଙ୍କୁ ଇସ୍ରାଏଲ ବିସ୍ଥାପିତ କରିଛି। ସେମାନଙ୍କ ମଧ୍ୟରୁ ଅନେକଙ୍କୁ ମୌଳିକ ଭିତ୍ତିଭୂମି ଅଭାବ ଥିବା ଅଳ୍ପ ଜାଗାରେ ରହିବାକୁ ବାଧ କରାଯାଇଛି, ଯାହା ସେମାନଙ୍କୁ ଧୀରେ ଧୀରେ ମୃତ୍ୟୁମୁଖକୁ ଠେଲିଦିଆଯାଇଛି। ଇସ୍ରାଏଲ ମାନବୀୟ ସହାୟତା ଓ ଜୀବନରକ୍ଷକ ସାମଗ୍ରୀଗୁଡ଼ିକର ଆମଦାନୀ ଓ ଯୋଗାଣରେ ଜାଣିଶୁଣି ବାଧା ସୃଷ୍ଟିକରୁଛି। ବିଦ୍ୟୁତ୍ ବନ୍ଦ ଯୋଗୁ ଜଳ ଯୋଗାଣ, ପରିମଳ ଓ ସ୍ୱାସ୍ଥ୍ୟସେବା ଭୁଶୁଡ଼ିପଡ଼ିଛି। ଗାଜାରୁ ଅନେକ ହଜାର ପାଲେଷ୍ଟିନୀୟଙ୍କୁ ନେଇ ଯୋଗାଯୋଗ ନ ଥିବା ସ୍ଥାନରେ ଅଟକ ରଖାଯାଇଛି, ଯେଉଁଠି ନିର୍ଯାତନା ଏବଂ କ୍ରୂର, ଅମାନବୀୟ ଓ ନିକୃଷ୍ଟ ଚିକିତ୍ସା ଯୋଗୁ ଅନେକଙ୍କର ମୃତ୍ୟୁ ଘଟୁଛି।

ପାଲେଷ୍ଟିନୀୟଙ୍କ ପ୍ରତି ଇସ୍ରାଏଲ ଯାହା କରୁଛି ତାହା ନରସଂହାର। ଏହା ଆମେନ୍‌ଷ୍ଟି ଇଣ୍ଟରନ୍ୟାଶନାଲ ସମେତ ଅନେକ ସଂସ୍ଥାର ସିଦ୍ଧାନ୍ତ। ଗୋଟିଏ ଜନଗୋଷ୍ଠୀର ଅଂଶକୁ ନଷ୍ଟ କରିଦେବା ଲକ୍ଷ୍ୟ ନରସଂହାର ଅପରାଧ ପାଇଁ ଥିବା ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟକୁ ସାବ୍ୟସ୍ତ କରିବା ଲାଗି ଯଥେଷ୍ଟ। ତେବେ ଗୋଟିଏ ଗୋଷ୍ଠୀର ଅଂଶ କାହାକୁ କୁହାଯାଏ ତାହା ନିର୍ଦ୍ଧାରଣ କରିବା ଲାଗି ଅନ୍ତର୍ଜାତୀୟ ନ୍ୟାୟବ୍ୟବସ୍ଥା ପର୍ଯ୍ୟାପ୍ତ ମାନକ ସୂଚିତ କରିଛି। ଏହି ମାନକ ଅନୁଯାୟୀ ଅପରାଧୀ ଅନ୍ତତଃପକ୍ଷେ ଏକ ଗୋଷ୍ଠୀର ବଡ଼ ଅଂଶକୁ କ୍ଷତି କରିବାକୁ ଚାହୁଁଥିବ, ଯାହାର ସମ୍ପୂର୍ଣ୍ଣ ଗୋଷ୍ଠୀ ଉପରେ ପ୍ରଭାବ ଥିବ। ଇସ୍ରାଏଲ ଯୁଦ୍ଧକୁ ଦେଖିଲେ, ଆମେନ୍‌ଷ୍ଟି ଇଣ୍ଟରନ୍ୟାଶନାଲ ବିଚାରରେ ସମ୍ପୂର୍ଣ୍ଣ ପାଲେଷ୍ଟିନୀୟ ଗୋଷ୍ଠୀର ଏକ ବଡ଼ ଅଂଶ ଗାଜାରେ ରହୁଛନ୍ତି, ଯାହାଙ୍କୁ ଇସ୍ରାଏଲ ଧ୍ୱଂସ କରିବାରେ ଲାଗିଛି। ୨୦୨୩ରେ ପାଲେଷ୍ଟାଇନ ଅଧିକୃତ ଅଞ୍ଚଳରେ ରହୁଥିବା ପାଖାପାଖି ୫୫ ଲକ୍ଷ ପାଲେଷ୍ଟିନୀୟଙ୍କ ମଧ୍ୟରୁ ପ୍ରାୟତଃ ୪୪ ପ୍ରତିଶତ ଗାଜାରେ ରହୁଥିଲେ। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଅନ୍ତର୍ଜାତୀୟ ନ୍ୟାୟ ବ୍ୟବସ୍ଥା ପ୍ରକୃତ ବିନାଶ ପରିପ୍ରେକ୍ଷୀରେ 'ସମ୍ପୂର୍ଣ୍ଣ କିମ୍ବା ଆଂଶିକ' ଶବ୍ଦକୁ ସୂଚିତ କରେ। ସାମରିକ ସଫଳତା ହାସଲ କରିବା ଓ ଏଭଳି ଭାବେ ଗୋଟିଏ ଗୋଷ୍ଠୀକୁ ନଷ୍ଟ କରିବା ପାଇଁ ଗୋଟିଏ ଦେଶ ଦ୍ୱୈତ ଲକ୍ଷ୍ୟ ଗ୍ରହଣ କରିପାରେ। ସାମରିକ ସଫଳତା ପାଇବା ପାଇଁ ନରସଂହାର ମଧ୍ୟ ଏକ ମାଧ୍ୟମ ହୋଇପାରେ। ଅନ୍ୟ ଅର୍ଥରେ କହିବାକୁ ଗଲେ, ଏକ ନିର୍ଦ୍ଦିଷ୍ଟ ସାମରିକ ସଫଳତା ହାସଲ କରିବା ପାଇଁ ଯେତେବେଳେ ଏକ ସୁରକ୍ଷିତ ଗୋଷ୍ଠୀର ଧ୍ୱଂସ ଆରମ୍ଭ କରାଯାଏ ସେତେବେଳେ ତାହାକୁ ଗଣହତ୍ୟା ସିଦ୍ଧାନ୍ତ ଭାବେ ଗ୍ରହଣ କରାଯାଇପାରେ। ଗାଜାରେ ପାଲେଷ୍ଟିନୀୟଙ୍କ ପ୍ରତି ଯାହା ଘଟୁଛି ତାହା ହିଁ ଗଣହତ୍ୟା। ଭାରତ ଏହାକୁ ଏକ ଅନ୍ତର୍ଜାତୀୟ ଅପରାଧ ଭାବେ ସ୍ୱୀକାର କରେ ଏବଂ ନରସଂହାରକୁ ରୋକିବା ଏବଂ ଏଥିପାଇଁ ଦୋଷୀକୁ ଦଣ୍ଡିତ କରିବା ସକାଶେ ଭାରତ ମଧ୍ୟ ଚୁକ୍ତିରେ ସ୍ୱାକ୍ଷର କରିଛି। ପ୍ରତିଦିନ ଆମ ଆଖି ଆଗରେ ଘଟିଚାଲିଥିବା ଏହି ଅପରାଧ ବିରୋଧରେ ଭାରତ ମୁହଁ ଖୋଲିବା ସହ ପଦକ୍ଷେପ ନେବା ଦରକାର।

Email:aakar.patel@gmail.com

# ନିଶା କବଳିତ ଓଡ଼ିଶା



ଡ. ପ୍ରଫୁଲ୍ଲ କୁମାର ସାହୁ

ନିଶାମୁକ୍ତ ଭାରତ ଗଠନ କଥା କହି କହି ଚାଲିଗଲେ ଗାନ୍ଧିଜୀ। ସ୍ୱାଧୀନତାର ଅବ୍ୟବହିତ ପୂର୍ବରୁ ଜଣେ ବିଦେଶୀ ସାମ୍ବାଦିକଙ୍କ ପ୍ରଶ୍ନର ଉତ୍ତର ଦେଇ ସେ କହିଥିଲେ - ସ୍ୱାଧୀନତାପ୍ରାପ୍ତିର ୨୪ ଘଣ୍ଟା ମଧ୍ୟରେ ନିଶାମୁକ୍ତ ଭାରତ ଗଠନ ପାଇଁ ଆଇନ ପ୍ରଣୟନ ହେବା ଉଚିତ। ତା' ନ ହେଲେ ନିଶାର ବହୁଳ ପ୍ରସାର ଓ ବ୍ୟବହାର ଦ୍ୱାରା ବିପର୍ଯ୍ୟସ୍ତ ହୋଇପଡିବ ଦେଶର ସଂସ୍କୃତି, ପରମ୍ପରା ଓ ମୌଳିକ ବ୍ୟବସ୍ଥା। ମାତ୍ର ସ୍ୱାଧୀନତା ପରେ ସରକାର ନିଶାମୁକ୍ତ ଭାରତ ଗଠନ ଚାହିଁଲେ ନି କି ସମ୍ବିଧାନରେ ରଖାଗଲାନି ନିଶା ନିବାରଣ ପାଇଁ ସ୍ପଷ୍ଟ ନିର୍ଦ୍ଦେଶ। କେବଳ ଗାନ୍ଧିଜୀଙ୍କୁ ଖତେଇ ହେଲା ଭଳି ନିଶା ନିବାରଣ ପ୍ରସଙ୍ଗକୁ ରାଜ୍ୟ ନିର୍ଦ୍ଦେଶାବଳୀ ୪୭ ଧାରାରେ ସ୍ଥାନିତ କରାଗଲା, ପରୋକ୍ଷରେ ମଦ୍ୟପାନକୁ ପ୍ରୋତ୍ସାହିତ କରିବା ପାଇଁ।

ଓଡ଼ିଶାର ଦାରିଦ୍ର୍ୟ ଓ ଦୁର୍ଗତିର ମୁଖ୍ୟ କାରଣ ହେଉଛି ନିଶା ଓ ଆଳସ୍ୟ। ଆଠ ଦଶନ୍ଧି ପୂର୍ବରୁ (୧୯୩୮ ମସିହା ମାର୍ଚ୍ଚ ୨୫) ଗାନ୍ଧିଜୀ ଏକଥା କହିଥିଲେ ସମ୍ବଲପୁରର ବେରବୋଇ ସଭାରେ। ସେତେବେଳେ ଖୁବ୍ କମ୍ ଲୋକ ମଦ୍ୟପାନ କରୁଥିଲେ, ଯେଉଁମାନଙ୍କ ଭିତରେ ଥିଲେ ସହରର କିଛି ଧନୀ ବ୍ୟବସାୟୀ, ଅପରାଧୀ ଓ ସରକାରୀ ବାବୁମାନେ। ଦେଶୀ ମଦ ରନ୍ଧାଯାଉଥିବା ଅଳ୍ପ କିଛି ଆଦିବାସୀ ଗାଁକୁ ଛାଡ଼ିଦେଲେ ପ୍ରାୟତଃ ଗ୍ରାମାଞ୍ଚଳରେ ନ ଥିଲା ମଦର ପ୍ରବେଶ। କେବଳ ପାନ,ବିଡ଼ି,ଗୁଡାଖୁ ଓ ଧୂଆଁପତ୍ର ଆଦି ଛୋଟ ଛୋଟ ନିଶା ସହିତ ଗାଁ ଲୋକ ଅଭ୍ୟସ୍ତ ଥିଲେ, ଯାହାକୁ ଲକ୍ଷ୍ୟ କରି କୁହାଯାଉଥିଲା 'ପାନ ବିଡ଼ି ନୁହେଁ ଛୋଟିଆ ନିଶା, ଜଣାପଡେ ନାହିଁ ଟାଣେ ପଇସା'।

ଓଡ଼ିଶାରେ ୧୯୫୬ରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କ ଉଦ୍ୟମରେ ବିଧାନସଭାରେ ପାରିତ ହୋଇଥିଲା ନିଶା ନିବାରଣ ଆଇନ। ଦୁର୍ଭାଗ୍ୟର ବିଷୟ ସେ ଇସ୍ତଫା ଦେଇ କ୍ଷମତାରୁ ଗଲା ପରେ ତାହା କାର୍ଯ୍ୟକାରୀ ହୋଇପାରିଲାନି ଠିକଣା ଢଙ୍ଗରେ। ବରଂ ରାଜସ୍ୱ ଆୟ ବଢେଇବା ଲକ୍ଷ୍ୟରେ ଅବକାରୀ ନୀତିକୁ ଆହୁରି କୋହଳ କରିଦିଆଗଲା, ଯାହାଫଳରେ ପୂର୍ବ ନିୟମକୁ ଭାଙ୍ଗି ପ୍ରତି ଜିଲାରେ ଗୋଟିଏ ପରିବର୍ତ୍ତେ ଖୋଲିଲା ଏକାଧିକ ମଦ ଦୋକାନ। ଏହା ସତ୍ତ୍ୱେ ଲୋକଙ୍କ ରକ୍ଷଣଶୀଳ ମନୋଭାବ ଯୋଗୁ ଗାଁ ଗଣ୍ଡାରେ ମଦର ପ୍ରସାର ହୋଇପାରି ନ ଥିଲା। ପ୍ରାୟତଃ ସତୁରି ଦଶକ ପର୍ଯ୍ୟନ୍ତ ମଦ ତ ହାତ ପାହାନ୍ତାରେ ମିଳୁ ନ ଥିଲା। ତଥାପି ସହର ପାଖିଆ ଗାଆଁର କେହି କେହି ସହରକୁ ଯାଇ ଲୁଚାଛପାରେ ଯେ ମଦ ପିଉ ନ ଥିଲେ ତାହା ନୁହେଁ, କିନ୍ତୁ କୌଣସି ସୂତ୍ରରୁ କଥା ପ୍ରଘଟ ହେଲେ ଗାଁରେ ବସୁଥିଲା ପଞ୍ଚାୟତ। ମଦ ପିଉଥିବା ଲୋକର ପରିବାରକୁ ଅଟକ ହେଉଥିଲା ନିଆଁପାଣି। ଗାଁର ଏଭଳି ଏକତା ଓ ସାଂସ୍କୃତିକ ପରମ୍ପରା ଯୋଗୁ ପ୍ରାୟତଃ କେହି ସାହସ କରୁ ନ ଥିଲେ ସହରକୁ ଯାଇ ମଦ ପିଇବା ପାଇଁ।

ଏକବିଂଶ ଶତାବ୍ଦୀ ଆସିବା ପୂର୍ବରୁ ସମ୍ପୂର୍ଣ୍ଣ ବଦଳିଗଲା ଦୃଶ୍ୟପଟ। ସରକାର(କେନ୍ଦ୍ର ସରକାରଙ୍କ ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣ)ଙ୍କ ତଥ୍ୟ ଅନୁଯାୟୀ ଓଡ଼ିଶାରେ ୩୮.୪ ପ୍ରତିଶତ ଲୋକ ମଦ ପିଅନ୍ତି, ଯାହା ଜାତୀୟ ହାରଠାରୁ ଅଧିକ। ସହରାଞ୍ଚଳରେ ୨୨.୭ ପ୍ରତିଶତ ଲୋକ ମଦ ପିଉଥିବା ବେଳେ ଗ୍ରାମାଞ୍ଚଳରେ ତାହା ୩୦.୨ ଶତାଂଶ। ବିଶେଷକରି ଓଡ଼ିଶା ଭଳି ଏକ ସଂସ୍କୃତି ସମ୍ପନ୍ନ ରାଜ୍ୟରେ କ୍ରମାଗତ ବୃଦ୍ଧି ପାଉଛି ମଦ ପିଉଥିବା ମହିଳାଙ୍କ ସଂଖ୍ୟା। ୨୦୧୫-୧୬ରେ ଗ୍ରାମାଞ୍ଚଳରେ ୨.୬ ଶତାଂଶ ମହିଳା ମଦ୍ୟପାନ କରୁଥିବା ବେଳେ ୨୦୨୧ ବେଳକୁ ତାହା ପହଞ୍ଚିଲା ପାଖାପାଖି ୫ ପ୍ରତିଶତରେ। ଅର୍ଥାତ୍ ପାଞ୍ଚ ବର୍ଷ ମଧ୍ୟରେ ଦୁଇଗୁଣ ବୃଦ୍ଧି ପାଇଲା ମଦ୍ୟପାନ କରୁଥିବା ମହିଳାଙ୍କ ସଂଖ୍ୟା। କାରଣ ଏବେ ପ୍ରାୟତଃ ଅଧିକାଂଶ ଗାଁରେ ମଦ ଦୋକାନ ଖୋଲିଛି ଏବଂ ମଦ୍ୟପାନକୁ ନେଇ ବଦଳି ଯାଇଛି ଲୋକଙ୍କ ମାନସିକତା। ଆଗ ଭଳି ମଦୁଆଙ୍କ ପ୍ରତି ଆଉ ଘୃଣାଭାବ ନାହିଁ, ବରଂ ବାହାଘର, ବ୍ରତଘର ଓ ନିର୍ବନ୍ଧଠାରୁ ଆରମ୍ଭ କରି ରାଜନୈତିକ ସଭାଯାଏ, ସବୁଠି ପିଉଥିବା ଲୋକଙ୍କୁ ମିଳୁଛି ସ୍ୱତନ୍ତ୍ର ମାନ ମର୍ଯ୍ୟାଦା। ଏକଦା କେହି ଯୁବକ ମଦ ପିଉଛି ବୋଲି ଜଣା ପଡିଲେ ତାକୁ କନିଆଁ ମିଳୁ ନ ଥିଲା ବାହା ହେବାପାଇଁ। ଏବେ କିନ୍ତୁ ମଦ ପିଉ ନ ଥିବା ବରଟେ ଖୋଜି ପାଇବା କାଠିକର ପାଠ। ମଦ ପିଇବାକୁ ନ ଦେଲେ ଆଜିକାଲି ଲୋକେ ବରଯାତ୍ରୀ ଯିବାକୁ ରାଜି ହେଉନାହାନ୍ତି। ଉତ୍ସବ ଆଉ ଉତ୍ସବ ହୋଇ ନାହିଁ, ବରଂ ତାକୁ ଉପଦ୍ରବରେ ପରିଣତ କରିଦେଲାଣି ମଦର ପ୍ରାବଲ୍ୟ। ବାହାଘର ହେଉ କି ଭସାଣି ଶୋଭାଯାତ୍ରା, ଏପରିକି ଶବ ସତ୍କାର ବେଳେ ମଶାଣିରେ ଖୋଜାପଡୁଛି ମଦ। ମଜୁରି ସାଙ୍ଗକୁ ମଦ ନ ଦେଲେ କ୍ଷେତବାରିରେ କାମ କରିବା ପାଇଁ ରାଜି ହେଉନାହାନ୍ତି କୃଷି ଶ୍ରମିକ।




ଗାଁ ମାଟିରେ ଏବେ ଫାଟି ପଡୁଛି ମଦର ଦୁର୍ଗନ୍ଧ।

ମନରେ ପ୍ରଶ୍ନ ଉଠିବା ସ୍ୱାଭାବିକ ଯେ ମଦ ପିଇବାକୁ ଏତେ ବ୍ୟାକୁଳ ହେଉଥିବା ଲୋକଟି ମଦରୁ ପାଏ କ'ଣ ? କିଛି ସମୟ ପାଇଁ ମଦ ହୁଏତ ଟିକେ ଉତ୍ତେଜନା ଦେଇପାରେ, କିନ୍ତୁ ପ୍ରତିବଦଳରେ ସେ ଛଡେଇ ନିଏ ସୁନ୍ଦର ସ୍ୱାସ୍ଥ୍ୟ, ସମ୍ପତ୍ତି ଓ ସାମାଜିକ ସମ୍ପର୍କ। ମଦ ପିଇ ଗାଡ଼ି ଚଳେଇବା ବେଳେ ଚାଳକ ହୁଏତ ଅନୁଭବ କରୁଥାଇପାରେ ଅତୀନ୍ଦ୍ରିୟ ଜଗତରେ ଘୂରି ବୁଲିବାର ସୁଖ। ମାତ୍ର କଳ୍ପିତ ବ୍ୟୋମଯାନ ଚଢିବାର ନିଶା ନିଶ୍ଚୟ ଛାଡିଯାଏ, ଯେତେବେଳେ ତା'ର ଦୁର୍ଘଟଣାଗ୍ରସ୍ତ ଶରୀର ଡାକ୍ତରଖାନାକୁ ବୁହାହୁଏ। ମଦ ପିଉଥିବା ଲୋକ ଯେମିତି ଏକଥା ବୁଝି ବି ବୁଝେନି, ସେମିତି ରାଜସ୍ୱ ଆୟ ବଢେଇବା ନିଶାରେ ଥିବା ସରକାର ଜାଣିଶୁଣି ମାପିବାକୁ ଚାହାନ୍ତିନି ମଦଜନିତ କ୍ଷତର ଗଭୀରତା। ବିଶେଷଜ୍ଞଙ୍କ ମତରେ ମଦରୁ ମିଳୁଥିବା ରାଜସ୍ୱ ଆୟଠାରୁ କୁଆଡେ ବେଶି ଖର୍ଚ୍ଚ ହୁଏ ମଦ୍ୟପାନଜନିତ ରାସ୍ତା ଦୁର୍ଘଟଣା, ବ୍ୟାଧିର ଚିକିତ୍ସା ଓ ଅବକାରୀ ବିଭାଗ କର୍ମଚାରୀଙ୍କ ଦରମାରେ। ରାଜ୍ୟ ମଦମୁକ୍ତ ହେଲେ ଟଙ୍କାରେ ଗଣନା କରାଯାଉଥିବା ରାଜସ୍ୱ ଆୟ ହ୍ରାସ ପାଇବା ସ୍ୱାଭାବିକ। କିନ୍ତୁ ବିନା ମଦଲବ୍ଧ ରାଜସ୍ୱରେ ରାଜ୍ୟ ଚାଲିପାରିବ, ତା'ର ସଦ୍ୟତମ ଦୃଷ୍ଟାନ୍ତ ହେଉଛି ବିହାର। ଅନ୍ୟପକ୍ଷରେ ତୃଣମୂଳ ସ୍ତରରେ ଯେଉଁ ଅର୍ଥନୈତିକ, ସାମାଜିକ ଓ ନୈତିକ ସମୃଦ୍ଧି ଘଟିବ, ତାହା ହିଁ ହେବ ମାନବସମ୍ବଳର ସହନୀୟ ବିକାଶ। ମନେରଖିବା ଦରକାର ମଦୁଆଙ୍କ ଆଚରଣ ତାଙ୍କ ପିଲାଙ୍କ ଉପରେ ଯେଉଁ କୁପ୍ରଭାବ ପକାଏ, ତାକୁ ମାପି ହୁଏନି ମୁଦ୍ରା ମୂଲ୍ୟରେ।

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ରିପୋର୍ଟ ଅନୁସାରେ ଯଦି ମଦ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଏ ତେବେ ଅଧିକାଂଶ ଜେଲଖାନା ବନ୍ଦ ହୋଇଯିବ ଏବଂ ଖାଲିପଡିବ ଡାକ୍ତରଖାନା ଶଯ୍ୟା। ଏହା ଜାଣି ସୁଦ୍ଧା ସରକାରଙ୍କୁ ଘାରିଛି ମଦରୁ ରାଜସ୍ୱ ଆୟ ବୃଦ୍ଧି କରିବାର ନିଶା। ସ୍ୱାଧୀନତା ପରଠାରୁ ସରକାରଙ୍କର ସେହି ଗୋଟିଏ ବାହାନା- ନିଶା ନିବାରଣ ଆଇନ କାର୍ଯ୍ୟକାରୀ ହେଲେ ଚୋରା ମଦ କାରବାର ବଢିବ ଏବଂ ନକଲି ମଦ ସୃଷ୍ଟି କରିବ ମୃତ୍ୟୁର ବିଭୀଷିକା। ସତେ ଯେମିତି ଲୋକଙ୍କ ପାଖରେ ବିଶୁଦ୍ଧ ମଦ ପହଞ୍ଚେଇବା ସରକାରଙ୍କ ସାମ୍ବିଧାନିକ ଦାୟିତ୍ୱ। ଗୋଟିଏ ସମୟରେ ସରକାରଙ୍କ ଅବକାରୀ ନୀତି ପ୍ରତିବାଦରେ କଥାସମ୍ରାଟ ଫକୀରମୋହନ ଲେଖିଥିଲେ 'ପେଟେଣ୍ଟ ମେଡିସିନ' ଗଳ୍ପ। ଯେଉଁ ପୁରୁଷ ପୁଙ୍ଗବମାନେ ମଦପିଇ ଘରକୁ ଫେରନ୍ତି ଏବଂ ନିଜକୁ ଇନ୍ଦ୍ର ଠାରୁ ବଡ଼ ମନେକରି ସ୍ତ୍ରୀ ଉପରେ ମର୍ଦ୍ଦପଣିଆ ଦେଖାନ୍ତି, ସେମାନଙ୍କୁ ସାବାଡ କରିବା ପାଇଁ ଶକ୍ତି ସ୍ୱରୂପା ନାରୀ ହାତରେ ସେ ଧରେଇ ଦେଇଥିଲେ ଝାଡୁ। ଏବେର ଲେଖକମାନେ ସେମିତି କିଛି ନୂଆ ନିଦାନ ଆବିଷ୍କାର କରିବା ଉଚିତ, ଯାହା ସରକାରଙ୍କୁ ଆଇନା ଦେଖାଇବା ସହିତ ଖୋଲିଦେବ ବ୍ୟକ୍ତିର ନୈତିକ ଉତ୍ଥାନ ଓ ଆତ୍ମ ଶୁଦ୍ଧୀକରଣର ମାର୍ଗ।

ଅବସରପ୍ରାପ୍ତ ଅଧ୍ୟକ୍ଷ
ବିଜୁ ପଟ୍ଟନାୟକ ନଗର, ଭଦ୍ରକ
ମୋ:୬୩୭୧୬୪୨୪୬୪

# ସ୍ୱପ୍ନ ଓ ଆଶା



ରାଧାଶ୍ୟାମ ରାଉଳ

ଆଜ୍ଞା, ସ୍ୱପ୍ନଭାଙ୍ଗିଯିବା ଓ ଆଶାର ଅପମୃତ୍ୟୁ ହେବା କେଉଁ ନୂଆ କଥା କି? କାରଣ ପ୍ରତି ମୁହୂର୍ତ୍ତରେ କାହାର ନା କାହାର ସ୍ୱପ୍ନଭାଙ୍ଗିଯାଉଛି, ଆଶାର ଅପମୃତ୍ୟୁ ବିହେଉଛି!

ସ୍ୱପ୍ନସବୁ କେଉଁ ଆବହମାନ କାଳରୁ ଏ ମନ ଅଗଣାରେ ବୁଢ଼ିଆଣୀ ଜାଲ ବିଛେଇଛନ୍ତି ଯେ, ତା'ର କିଛି ହିସାବ ନାହିଁ। ଜଟିଳ ଗଣିତକୁ ମାନସାଙ୍କରେ ପରିଣତ କରେଇ ଜଣା ବାଟକୁ ଅଜଣା କରେଇବା ଏବଂ ଅଜଣା ବାଟକୁ ଜଣା କରେଇବାରେ ଏମାନଙ୍କର ତିଳେହେଲେ ଦ୍ୱିଧା ନାହିଁ! ତଥାପି ସ୍ୱପ୍ନକୁ ସଭିଏଁ ଆଦର କରନ୍ତି। ଭିକାରିଟେ ସ୍ୱପ୍ନ ଦେଖେ, ମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ପ୍ରଧାନମନ୍ତ୍ରୀ, ରାଜ୍ୟପାଳ, ରାଷ୍ଟ୍ରପତି ମଧ୍ୟ ସ୍ୱପ୍ନ ଦେଖନ୍ତି। ମୃତ୍ୟୁ ସହ ସଂଗ୍ରାମ କରୁଥିବା ରୋଗୀ ମଧ୍ୟ ସ୍ୱପ୍ନ ଦେଖନ୍ତି! ଆଶା ତ ଅସୀମ। ଆଶା ହି ଜୀବନ ଜିଜ୍ଞାସା, ଆବେଗର ପରିଭାଷା! ତେଣୁ ଯଥାର୍ଥରେ କୁହାଯାଇଛି; ଆଶା ବୈତରିଣୀ, ଆଶା ପାରିଜାତ!

ସ୍ନାତକ ପଢୁଥିବା ବେଳର କଥା। ସହପାଠିନୀ ସୁଶ୍ରୀଙ୍କୁ ନବବର୍ଷର ଅଭିନନ୍ଦନ ପତ୍ରରେ ମୁଁ ଲେଖିଥିଲି, ''ଆଶା ପାରିଜାତ, ଆଶାରେ ମୋହିତ, ଆଶାରେ ରହିଲି ଚାହିଁ, (ମୋ) କାଗଜ କଲମ, ହାତ ପରିଶ୍ରମ, (ମୋତେ) ନିରାଶ କରିବ ନାହିଁ!'' ମୋର ଏତାଦୃଶ ଅଭିନନ୍ଦନ ବାର୍ତ୍ତା ପଠନାନ୍ତେ ସୁଶ୍ରୀ କ୍ରୋଧ, ଅଭିମାନ ଓ ବିରକ୍ତିରେ ଉଚ୍ଚାରି ବସିଥିଲା ସେଇକ୍ଷଣି, ''ହେଃ, ହ୍ୱାଟ ଡୁ ୟୁ ମିନ୍? ଡୋଣ୍ଟ ଟ୍ରାଏ ଟୁ ଇମ୍ପ୍ରେସ ମି। ବିହେଭ୍ ଇଓର୍ ସେଲ୍ଫ , ମାଇଣ୍ଡ ଇଓର୍ ଓନ ବିଜିନେସ୍। ଓକେ!'' ବିଦ୍ୟାରାଣ, ସେଇଠୁ ଆଜିଯାଏଁ ମୁଁ ପ୍ରେମରେ ଗୋଟାପଣେ ଅସହାୟ, ନିରୁପାୟ। ବେଶ୍ ଭଲଭାବରେ ବୁଝିଗଲି, ମୋ ପାଇଁ ପ୍ରେମ ଏକ ଅସମାହିତ ସ୍ୱପ୍ନ ଓ ଅପହଞ୍ଚ ଆଶା! ଆଜ୍ଞା, ମୁଁ ସିନା ଦୂରେଇଗଲି ମୋ ପ୍ରେମରୁ, ହେଲେ ମୋ ଜୀବଦ୍ଦଶାରେ ଆଜିଯାଏଁ କ'ଣ ମୁଁ ନିଜକୁ ଦୂରେଇ ରଖିପାରୁଛି ମୋ ସ୍ୱପ୍ନ ଓ ଆଶା ପାଖରୁ? କାରଣ ସ୍ୱପ୍ନ ଓ ଆଶା ମୋ ସହିତ ଆଜିଯାଏ ରହିଆସିଛନ୍ତି, ଏବେ ଅଛନ୍ତି, ଆଗକୁ ରହିଥିବେ ମଧ୍ୟ ଅନ୍ତତଃ ଯେତେଦିନଯାଏଁ ଥିବ ମୋ ଜୀବନ!

ଅନ୍ୟ ଏକ ଚୁଲ୍‌ବୁଲି ସହପାଠିନୀ ସ୍ୱପ୍ନା କୌତୂହଳୀ ହୋଇ ଏକଦା ମୋତେ ଯାତ୍ରାଦଳିଆ ଶୈଳୀରେ ପ୍ରଶ୍ନ କଲେ, ''ଆରେ ସାଙ୍ଗ, ଜୀବନରେ ତୁମେ କେବେ ସ୍ୱପ୍ନ ଦେଖିଛ, ଆଶା ସହ ମଇତ୍ର ବାନ୍ଧିଛ ?'' ହସିଦେଇ ମୁଁ କହିଥିଲି, ''ମୁଁ ଏବେ ଷୋଳଅଣା ସ୍ୱାଧୀନଚେତା! ମୋ ସ୍ୱପ୍ନକୁ ମୁଁ ଠିକ୍ ଭାବେ ଦେଖିଛି, ଦେଖୁଛି, ମୋ ଆଶାକୁ ମୁଁ ଚିହ୍ନିଛି, ଜାଣିଛି, ଚିହ୍ନୁଛି, ଜାଣୁଛି ମଧ୍ୟ। କାରଣ ମୁଁ ଭଲଭାବରେ ଜାଣେ, ମୋର ଶକ୍ତି, ସାମର୍ଥ୍ୟ କେତେ? ପୁଣି ମୋର ଦୋଷ, ଦୁର୍ବଳତା କ'ଣ? ତେଣୁ ମୁଁ ସେଇ ସ୍ୱପ୍ନ ଦେଖେ, ସେଇ ଆଶାପୋଷଣ କରେ, ଯାହା ଥାଏ ମୋ ଆୟତ୍ତରେ, ଯାହା ସମ୍ଭବ ମୋ ପକ୍ଷରେ।

ହାଇସ୍କୁଲ ବେଳର କଥା। ମୋ ଉପର କ୍ଲାସରେ ପଢୁଥିବା ସନ୍ତୋଷ ଭାଇ, ସ୍କୁଲର ବାର୍ଷିକୋତ୍ସବ ମଞ୍ଚରେ କହିଥିଲେ, ''ମୋ ଜୀବନରେ ସ୍ୱପ୍ନ, ଭଲ ମଣିଷ ହେବି। ମୋ ଆଶା, ସଫଳତାର ଶୀର୍ଷରେ ପହଞ୍ଚିବି।'' ଆମେସବୁ ତାଙ୍କ ଉଦ୍‌ବୋଧନରେ ଉଦ୍‌ବୁଦ୍ଧ ହୋଇ ଜୀବନରେ ଭଲ ମଣିଷ ହେବାକୁ ଏବଂ ସଫଳତାର ଶୀର୍ଷରେ ପହଞ୍ଚିବାକୁ ଆପାତତଃ ପଣ କରିଥିଲୁ।



ସମୟକ୍ରମେ ଅବଶ୍ୟ ଆମେ କିଏ କେଉଁ କ୍ଷେତ୍ରରେ ରହିଲୁ, ତା'ର କିଛି ଖବର କି ଠିକଣା ନଥିଲା। ଏବେ କିନ୍ତୁ ଗଣମାଧ୍ୟମ ସୂତ୍ରରୁ ଜାଣିବାକୁ ମିଳିଲା ; ସେଦିନର ସନ୍ତୋଷ ଭାଇ ଏବେ ଜଣେ ଯନ୍ତ୍ରୀ ଏବଂ ସେ ଦୁର୍ନୀତି ଅଭିଯୋଗରେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି।

ବିଶିଷ୍ଟ ବାଗ୍ମୀ ଓ ପ୍ରବଚକ ବାନାମ୍ବର ବାନପ୍ରସ୍ଥିଙ୍କ ମତରେ, ''ଜୀବନରେ ସ୍ୱପ୍ନ ଦେଖିବା, ଆଶାପୋଷଣ କରିବାର ଅର୍ଥ କିଛି ନାହିଁ। ଆପଣ ସ୍ୱପ୍ନ ଦେଖୁଥିବେ ; ହେଲେ ତାହା ତୁଚ୍ଛ, ଅକାରଣ! ସେଇପରି ଆଶାପୋଷଣ କରୁଥିବେ ; ମୁଁ ଆଇଏଏସ୍ ହେବି! ହେଲେ ଅବସ୍ଥାଚକ୍ରରେ ଆପଣ କେଉଁଠି ଯେ ଥଇଥାନ ହେବେ, ତା'ର କିଛି ଠିକ୍ ଠିକଣା ନଥିବ!

ଚା'ଖଟିରେ କହୁଥିଲେ, ପ୍ରିୟ ସାହିତ୍ୟିକ ବନ୍ଧୁ ସୌଭାଗ୍ୟ ବାବୁ, ''ଆଜ୍ଞା, ଏକମାତ୍ର ପୁଅ ପାଇଁ ଜୀବନରେ ମୁଁ କେତେ ପରିଶ୍ରମ, କେତେ ସଂଘର୍ଷ ନ କରିଛି! ଭଲ ସ୍କୁଲ ଓ କଲେଜରେ ପାଠ ପଢ଼େଇ ତାକୁ ଉଚ୍ଚଶିକ୍ଷିତ କରେଇଲି। ସ୍ୱପ୍ନ ଦେଖିଥିଲି; ମୁଁ ଯେଉଁ ସଫଳତା ଜୀବନରେ ହାସଲ କରିପାରିନାହିଁ, ସେ ସଫଳତା ନିଶ୍ଚେ ମୋ ପୁଅ ହାସଲ କରିବ! ଅଥଚ ବିଧିର ବିଧାନ ଭିନ୍ନ! ସମୟଚକ୍ରରେ ପୁଅ ଏବେ ବେକାର ହୋଇ ଘରେ ବସିରହୁଛି। ତାକୁ କିଛି କହିଲେ କି ବୁଝେଇଲେ, ସେ ତାକୁ ଅନ୍ୟ ଅର୍ଥରେ ବୁଝୁଛି। କୌଣସି କାମଧନ୍ଦା କିମ୍ବା ରୋଜଗାର ପନ୍ଥା ନ ଥାଇ ମୋ ସହ ସେ ଅଯଥା ଯୁକ୍ତିତର୍କ କରୁଛି, ରାଗ ଗରଗର ଓ ତମତମ ହୋଇ ମୋ ସହ ମନ୍ଦ ଆଚରଣ, ଖରାପ ବ୍ୟବହାର କରୁଛି। ମୋ ରୋଜଗାରରେ ପରିବାର ଚଳୁଥିଲେ ବି ମୁଁ ଏବେ ନାଚାର, ନିରୁପାୟ, ଅସହାୟ ମୋ ପରିବାରରେ। ଗାଁ ଛାଡ଼ି ସହରରେ ଘର ତିଆରି କରି ପରିବାର ସହ ରହିଲି। କିନ୍ତୁ ଶାନ୍ତି ନାହିଁ ମୋ ଜୀବନରେ। ସବୁବେଳେ ଘରେ ଲାଗିରହୁଛି ଅଶାନ୍ତି, ଅରାଜକତା, ବିଶୃଙ୍ଖଳା, ସ୍ୱେଚ୍ଛାଚାରିତା! ସ୍ୱପ୍ନ ମୋର ଭାଙ୍ଗି ଧୂଳିସାତ୍ ହେବାକୁ ଯାଉଛି, ହୋ ବନ୍ଧୁ।''

ସୌଭାଗ୍ୟ ବାବୁଙ୍କ ମୁହଁରୁ ତାଙ୍କର ଏଭଳି ଅବସୋସ, ଅନ୍ତର୍ଦହନର କଥା ଶୁଣି ମୁଁ ଏବେକାର ସମାଜ ଓ ପରିବାରର ଚଳନ୍ତି ଚିତ୍ରକୁ ଦେଖି ସ୍ୱତଃ ଉଚ୍ଚାରି ବସିଲି, ''କେଉଁ ସ୍ୱପ୍ନ, କେଉଁ ଆଶା, କେଉଁ ବୁଝାମଣାକୁ ନେଇ ଜୀବନ ଜିଇବେ କହିଲେ? ଅନ୍ୟମାନେ ଆପଣଙ୍କ ସ୍ୱପ୍ନ ଓ ଆଶା ସମ୍ପର୍କରେ ଯଦି ଜାଣିଯିବେ, ତେବେ ଆପଣ ପ୍ରତିମୁହୂର୍ତ୍ତରେ ଅନ୍ୟମାନଙ୍କର ବ୍ଲାକମେଲିଂର ଶିକାର ଜରୁର ହେବେ। କ'ଣ ବୁଝିପାରୁନାହାନ୍ତି, ସମ୍ପର୍କ ଏବେ କେମିତି ସଙ୍କଟ ଘେରରେ! ସାଇବର୍ ଲୁଟେରା ପରି ସର୍ବତ୍ର ମାତିଛନ୍ତି, ସମ୍ପର୍କ ଲୁଟେରାମାନେ! ଭଲଭାବରେ ଭାବିଦେଖିଲେ ଆଜ୍ଞା, ଆମ ନିୟନ୍ତ୍ରଣରେ କ'ଣ କିଛି ଅଛି କି? ସବୁକିଛି ଆମର ପ୍ରାରବ୍ଧ କର୍ମର ଫଳ, ବିଧିନିର୍ଦ୍ଦେଶ! କାଳର ବଶ ଏବଂ ସମୟର ଦାସ ହେବାକୁ ଆମେ ସଭିଏଁ ଯେମିତି ବସ୍ତୁତଃ ବାଧ!

ଯଥାର୍ଥରେ ଭଗବାନ୍ ବୁଦ୍ଧ କହିଥିଲେ, 'କାମନାର ବିନାଶରେ ଦୁଃଖର ବିନାଶ!' କୌଣସି ଈପ୍ସିତ ବସ୍ତୁ ପାଇବା ପାଇଁ ବା କୌଣସି ନା କୌଣସି କ୍ଷେତ୍ରରେ ସଫଳ ହେବା ପାଇଁ ସ୍ୱପ୍ନାବିଷ୍ଟ ହେବା ଏବଂ ମନରେ ଆଶାପୋଷଣ କରିବା ନିଶ୍ଚିତଭାବେ କାମନାର ପର୍ଯ୍ୟାୟଭୁକ୍ତ ବା ପରିସରଭୁକ୍ତ। ତେବେ ପରବର୍ତ୍ତୀ କାଳରେ ଯଦି ଈପ୍ସିତ ବସ୍ତୁ ପ୍ରାପ୍ତି ହେଉନାହିଁ ବା କୌଣସି ନା କୌଣସି କ୍ଷେତ୍ରରେ ଅସଫଳ ଓ ଭଗ୍ନମନୋରଥ ହେବାକୁ ପଡୁଛି, ତେବେ ତାହା ଆମ ମନରେ ଯଥେଷ୍ଟ ଆଘାତ ଦେବ, ହୃଦୟରେ ଗଭୀର ଆଲୋଡ଼ନ ସୃଷ୍ଟି କରିବ ନିଶ୍ଚୟ।

ମୋ:୯୪୩୭୦୯୦୯୮୫

## ଏଇ ଭାରତରେ

ପୁଅର ଦୁର୍ଘଟଣା ପରେ ଜୈବିକ କୃଷି ଆରମ୍ଭ କରି ଏବେ ବଗିଚାରେ ୧୦୦ରୁ ଊର୍ଦ୍ଧ୍ୱ ଫସଲ କରୁଛନ୍ତି କେରଳର କେ.ଏସ୍. ଶ୍ରୀଜେ। ବଗିଚାରେ ଦେଶୀ ପନିପରିବା ସହ ୨୦୦ରୁ ଊର୍ଦ୍ଧ୍ୱ ବିଦେଶୀ ଗଛ ରହିଛି। ୨୦୧୪ରେ ଶ୍ରୀଜେଙ୍କ ପୁଅର ଦୁର୍ଘଟଣା କୋଏମ୍ବାଟୁରରେ ହୋଇଥିଲା ଓ ସେତେବେଳେ ସେ ମେକାନିକାଲ ଇଞ୍ଜିନିୟରିଂ ଛାତ୍ର ଥିଲେ। ପୁଅର ଚିକିତ୍ସା ପାଇଁ ତାମିଲନାଡୁ ଯାଇଥିଲେ ଓ ସେଠାରେ ସେ ଦେଢ଼ବର୍ଷ ରହିଗଲେ। ଏହି ସମୟରେ ସେ ଏକୁଟିଆ ରହିବା ଯୋଗୁ ତାଙ୍କ ଘର ଚାରିପାଖରେ ପନିପରିବା ଚାଷ ଆରମ୍ଭ କରିଥିଲେ। ପରେ ସେଠାରୁ କେରଳ ଫେରି ସେ ତାମିଲନାଡୁରେ ଆରମ୍ଭ କରିଥିବା ଚାଷକୁ ଆଗେଇ ନେବା ସହ ଜୈବିକ ଚାଷ ସମ୍ପର୍କରେ ପ୍ରଶିକ୍ଷଣ ନେଇଥିଲେ। ପରେ ପାଖାପାଖି ୬ଗୁଣ୍ଠ ଜମିରେ ବଗିଚା କରି ୨୫ ପ୍ରକାର ପରିବା ଓ ୮ ପ୍ରକାର ଫଳ ଉତ୍ପାଦନ କରୁଛନ୍ତି। ଏହା ମଧ୍ୟରେ କିଛି ବିଦେଶୀ ଫଳ ମଧ୍ୟ ରହିଛି। ସେ ଜୈବିକ ଖତ ପ୍ରୟୋଗ କରିବା ସହ ପରାଗରେଣୁ ପାଇଁ ବଗିଚାରେ ମହୁଚାଷ ମଧ୍ୟ କରୁଛନ୍ତି। ପରିବାରର ଆବଶ୍ୟକତା ପୂରଣ କରିବା ପରେ ସେ ପରିବା ଓ ମହୁ ବିକ୍ରି କରି ବର୍ଷକୁ ପାଖାପାଖି ୬୦ ହଜାର ଟଙ୍କା ରୋଜଗାର କରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୧ ଜୁନ୍ ୧୯୭୬

- ଲେବାନନ୍‌ର ରାଜଧାନୀ ବେରୁଟ୍‌ର ରାସ୍ତାଘାଟରେ ଭୀଷଣ ସଂଘର୍ଷ ଘଟି ୧୦୦ ବ୍ୟକ୍ତି ନିହତ।
- ଜାତିସଂଘର ୪ର୍ଥ ବାଣିଜ୍ୟ ଓ ଉନ୍ନୟନ ସମ୍ମିଳନୀ ଉଦ୍‌ଯାପନର ଅବ୍ୟବହିତ ପୂର୍ବରୁ ବିଭିନ୍ନ ବ୍ୟବହାର୍ଯ୍ୟ ସାମଗ୍ରୀର ମହଜୁଦୀକରଣ ପାଇଁ ଏକ ଆନ୍ତର୍ଜାତିକ ମହଜୁଦ ଭଣ୍ଡାର ଗଠନ ପ୍ରସ୍ତାବ ଗୃହୀତ।

## ଚିରନ୍ତନୀ

ଯେ ରାଜନ ଗଢ଼ିଲା ଏ ପାଷାଣର ଗିରି,
ଯେ ବିରାଟ କଳ୍ପନାରୁ ଉଦ୍ଭୁତ ଏ ଶିରୀ,
ବିଶ୍ୱ ପାଇଁ କରିଲା ଦାଦନ
ଅନ୍ତରର ବିପୁଳ ବେଦନ,
ହେବାକୁ ନିବଂଶ
ଲୋଡ଼ିଲା ଅଯଶ
ବଂଶ ଗର୍ବ
କରି ଖର୍ବ!

(ପୁରୀ-ମନ୍ଦିର)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku
Puzzles by Srikant Ghosh

ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| | | | 8 | | 7 | | | |
| | | 3 | 9 | 6 | | 5 | | |
| | | 9 | | 3 | | 1 | | |
| | 7 | | | | | | 4 | |
| | | 5 | | | | | 8 | |
| | | | 2 | 8 | | | | 1 |
| | | | 6 | | 3 | 9 | | |
| 1 | | 2 | | 7 | | | 5 | |
| | | | | | | 6 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 2 | 7 | 4 | 6 | 8 | 1 | 5 | 3 |
| 4 | 8 | 3 | 7 | 5 | 1 | 2 | 6 | 9 |
| 1 | 6 | 5 | 9 | 3 | 2 | 8 | 7 | 4 |
| 5 | 7 | 4 | 6 | 1 | 9 | 3 | 8 | 2 |
| 3 | 9 | 8 | 2 | 7 | 5 | 4 | 1 | 6 |
| 2 | 1 | 6 | 3 | 8 | 4 | 7 | 9 | 5 |
| 8 | 4 | 1 | 5 | 2 | 6 | 9 | 3 | 7 |
| 6 | 3 | 9 | 8 | 4 | 7 | 5 | 2 | 1 |
| 7 | 5 | 2 | 1 | 9 | 3 | 6 | 4 | 8 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ପିଅନ ପଦବୀ ପୂରଣ ହେଉ

ମହାଶୟ,

କର୍ନାଟକରେ ୫୪ ହଜାର ପିଅନ ପଦବୀ ପୂରଣ ପାଇଁ ଅଳ୍ପ କିଛିଦିନ ତଳେ ଖବରକାଗଜରେ ବିଜ୍ଞାପନ ପ୍ରକାଶ ପାଇଥିଲା। ଏଥିପାଇଁ ସାଢ଼େ ୨୫ ଲକ୍ଷ ଆଶାୟୀ ଆବେଦନ କରିଥିଲେ। ଏହି ପରିପ୍ରେକ୍ଷୀରେ ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଓଡ଼ିଶାରେ ଗତ ୩ ଦଶନ୍ଧି ଧରି ପିଅନ ପଦବୀ ପୂରଣ ହେଉ ନାହିଁ କିମ୍ବା ନୂତନ ପଦବୀ ସୃଷ୍ଟି ହେଉନାହିଁ। ଯଦି ଅନ୍ୟ ରାଜ୍ୟରେ ପିଅନ ପଦବୀ ପୂରଣ ହୋଇପାରୁଛି, ତେବେ ଓଡ଼ିଶାରେ କାହିଁକି ହେବ ନାହିଁ। ଏବେ ସୁଦ୍ଧା ରାଜ୍ୟର ସରକାରୀ, ଅର୍ଦ୍ଧ ସରକାରୀ କାର୍ଯ୍ୟାଳୟ ଓ ଶିକ୍ଷାନୁଷ୍ଠାନରେ ହଜାର ହଜାର ପିଅନ ପଦବୀ ଖାଲିପଡିଛି। ଅବସର ହେତୁ ପ୍ରତି ମାସରେ ଏହି ସଂଖ୍ୟା ବଢ଼ି ବଢ଼ି ଚାଲିଛି। ଫଳରେ ସରକାରୀ କାର୍ଯ୍ୟରେ ବାଧାସୃଷ୍ଟି ହେବା ସହ ବେକାରି ବୃଦ୍ଧି ପାଉଛି। ରାଜ୍ୟ ସରକାର ଖାଲି ପଡିଥିବା ପିଅନ ପଦବୀ ପୂରଣ କଲେ ଏହି ଅସୁବିଧା ଦୂର ହେବ। ସରକାର ଏହାର ତୁରନ୍ତ ବିଚାର କରିବାକୁ ଅନୁରୋଧ।

**-ଅକ୍ଷୟ କୁମାର ମହାନ୍ତି , ହାଜିପୁର, ବିରିଡ଼ି, ଜଗତ୍‌ସିଂହପୁର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ମୁଖ୍ୟଦପ୍ତର ସେକ୍ସନ ଅଫିସର ଓ ଅମଲା ସଂଘର ନୂତନ ପଦାଧିକାରୀ**

ଭୁବନେଶ୍ୱର,୩୧।୫ (ରବିନାରାୟଣ ଜେନା): ଓଡ଼ିଶା ସରକାରଙ୍କ ଗୃହ ବିଭାଗ ପକ୍ଷରୁ ରାଜ୍ୟ ମୁଖ୍ୟଦପ୍ତର ସେକ୍ସନ ଅଫିସର ଓ ଅମଲା ସଂଘର ନୂତନ ପଦାଧିକାରୀଙ୍କ ନାମ ଘୋଷଣା ହୋଇଛି। ଗୃହ ବିଭାଗର ପତ୍ର ଅନୁଯାୟୀ, ସଂଘର ସଭାପତି ଭାବେ ସୁଧାଂଶୁ କୁମାର ପାତ୍ର (ସେକ୍ସନ ଅଫିସର, କମ୍ବାଇନ୍ ସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟ ଭାବେ ନିର୍ବାଚିତ ହୋଇଛନ୍ତି । ଉପସଭାପତି-୨ ଭାବେ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ (କମ୍ବାଇଣ୍ଡ ଶିକ୍ଷା ନିର୍ଦ୍ଦେଶାଳୟ ଭାବେ ଏବଂ ପ୍ରତାପ ଚନ୍ଦ୍ର ବିଶ୍ୱାଳ ଉପସଭାପତି-୧ ଭାବେ (ଆର୍‌ଡିସି, ସେଣ୍ଟ୍ରାଲ ଡିଭିଜନ, କଟକ) ନିର୍ବାଚିତ ହୋଇଛନ୍ତି।




# କୂଳ ଲଙ୍ଘିଲା ସମୁଦ୍ର, ଶିଆଳିରେ ଲୁଣାପାଣି

**ଏରସମା,୩୧।୫ (ଦୀପ୍ତି ଖଣ୍ଡୁଆଳ)**

ଜଗତ୍‌ସିଂହପୁର ଜିଲାର ଅନ୍ୟତମ ପର୍ଯ୍ୟଟନ କ୍ଷେତ୍ର ଏରସମା ବ୍ଲକ ଅନ୍ତର୍ଗତ ପଦ୍ମପୁର ପଞ୍ଚାୟତସ୍ଥିତ ଶିଆଳି ବେଳାଭୂମି ନିକଟରେ ଶୁକ୍ରବାର ବିଳମ୍ବିତ ରାତିରେ ସମୁଦ୍ର କୂଳ ଲଂଘି ବେଳାଭୂମି ଓ ଜନବସତି ପର୍ଯ୍ୟନ୍ତ ମାଡ଼ିଯାଇଛି। ବେଳାଭୂମି ମହୋତ୍ସବ ମଞ୍ଚ ନିକଟରୁ ଗାଡି ପାର୍କିଂ ସ୍ଥଳ ପର୍ଯ୍ୟନ୍ତ ସମୁଦ୍ର ଜୁଆର ପାଣି ଚାଲିଆସିଛି। ଶନିବାର ଜୁଆର କମିବା ପରିବର୍ତ୍ତେ ପୂର୍ବାହ୍ନରେ ପାର୍କିଂ ସ୍ଥଳ ଅତିକ୍ରମ କରି ଅସ୍ଥାୟୀ ହୋଟେଲ ଓ ବିପଣି ଗୃହ ପର୍ଯ୍ୟନ୍ତ ମାଡିଯାଇଛି। ଓଟିଡିସି ଗୃହ ପାଚେରି ମଧ୍ୟ ଜୁଆର ପାଣି ମାଡ଼ରେ ପ୍ରଭାବିତ ହୋଇଛି। ଏହାଦେଖି ବେଳାଭୂମି ସଂଲଗ୍ନ ପଦ୍ମପୁର ପଞ୍ଚାୟତର ଶିଆଳି, କଳାବେଦି, ରାମତରା, ଶଙ୍ଖା, ନୋଳିଆସାହି ଆଦି ଅଞ୍ଚଳର ଗ୍ରାମବାସୀ ଆତଙ୍କିତ ହୋଇପଡ଼ିଛନ୍ତି। ଗଡ଼ବିଶୁନିପୁର, ଗଡ଼ହରିଶପୁର, ଆମ୍ବିକି ଆଦି ସମୁଦ୍ର ସଂଲଗ୍ନ ପଞ୍ଚାୟତବାସୀ ମଧ୍ୟ ସମୁଦ୍ରର ଆକସ୍ମିକ ଉଗ୍ରରୂପ ଦେଖି ଭୟଭୀତ ହୋଇପଡ଼ିଛନ୍ତି। ଲଘୁଚାପ ପ୍ରଭାବରେ ୨୨ ତାରିଖରୁ ୭ ଦିନ ହେବ ଲଗାଣ ବର୍ଷା ହେଉଛି।


ସମୁଦ୍ର ଜୁଆରପାଣି ବେଳାଭୂମି ମହୋତ୍ସବ ମଞ୍ଚ ନିକଟରୁ ଗାଡି ପାର୍କିଂ ସ୍ଥଳ ପର୍ଯ୍ୟନ୍ତ ମାଡ଼ିଯାଇଛି।

ଏହା ପ୍ରଭାବରେ ସମୁଦ୍ର ଅଶାନ୍ତ ହୋଇପଡ଼ିଥିବା କୁହାଯାଉଛି।

ଶିଆଳିଠାରେ ସମୁଦ୍ର ଅଗଭୀର ଥିବାରୁ ଓ ଏହାର ଆକର୍ଷଣୀୟ ପ୍ରାକୃତିକ ପରିବେଶକୁ ଦୃଷ୍ଟିରେ ରଖି ୨୦୧୪ରେ ରାଜ୍ୟ ସରକାର ଏହି କ୍ଷେତ୍ରକୁ ପର୍ଯ୍ୟଟନ ମାନଚିତ୍ରରେ ସ୍ଥାନ ଦେଇଥିଲେ। ପ୍ରାୟ ବର୍ଷସାରା ବହୁ ଦୂରଦୂରାନ୍ତରୁ ପର୍ଯ୍ୟଟକମାନେ ଏଠାକୁ ଛୁଟି କଟାଇବାକୁ ଆସୁଥିବାରୁ ଓଟିଡିସି ପକ୍ଷରୁ ଶିଆଳିଠାରେ ପର୍ଯ୍ୟଟକମାନଙ୍କ ପାଇଁ ସଭାଗୃହ ନିର୍ମାଣ କରାଯାଇଛି। ମାତ୍ର ପରିତାପର ବିଷୟ, ସମୁଦ୍ରର ଲୁଣା ଜୁଆର କବଳରୁ ଉପକୂଳ ସୁରକ୍ଷା ପାଇଁ କୌଣସି ଆଖିଦୃଶିଆ ପ୍ରତିକାର ବ୍ୟବସ୍ଥା କରାଯାଇନାହିଁ। ପ୍ରଶାସନ ପକ୍ଷରୁ ଜୁଆର ପ୍ରତିରୋଧକ ଭାବେ କେବଳ ଅସ୍ଥାୟୀ ଝାଉଁ ଖୁଣ୍ଟ ପୋତି ତାରଜାଲି ଦ୍ୱାରା ପଥର ଛାଉଣି କରାଯାଇଥିଲା। ମାତ୍ର ତାହା ସମୁଦ୍ର ଗର୍ଭରେ ଲୀନ ହୋଇଗଲାଣି। ଏଥିସହିତ ଜୁଆର ମାଡ଼ରେ ଅସୁରକ୍ଷିତ ହୋଇପଡ଼ିଥିବା ଭିୟୁ ଟାୱାରକୁ ମଧ୍ୟ ପ୍ରଶାସନ ପକ୍ଷରୁ ଗତ ୨୦୨୪ରେ ଭାଙ୍ଗି ଦିଆଯାଇଛି। ଇତିମଧ୍ୟରେ ବେଳାଭୂମି ମହୋତ୍ସବ ପିଣ୍ଡି ସମୁଦ୍ର ଗର୍ଭରେ ଲୀନ ହୋଇଗଲାଣି। ଏଭଳିସ୍ଥିତିରେ ଉପକୂଳ ସୁରକ୍ଷା ପାଇଁ ବିଭିନ୍ନ ମହଲରୁ ଦାବି ହୋଇଆସୁଥିଲେ ମଧ୍ୟ କୌଣସି ସୁଫଳ ମିଳୁ ନ ଥିବା ଅଭିଯୋଗ ହେଉଛି। ସାଗରମାଳା ପ୍ରକଳ୍ପ ମାଧ୍ୟମରେ ହେବାକୁ ଥିବା ପଥର ବନ୍ଧ କାଗଜପତ୍ରରେ ସୀମିତ ରହିଯାଇଛି ବୋଲି ପଦ୍ମପୁର ପଞ୍ଚାୟତର ପ୍ରଣତି ଗିରି କହିଛନ୍ତି। ଏରସମା ବିଡିଓ ଦାଶରଥି ଜେନା କହିଛନ୍ତି, ଜିଲାପାଳଙ୍କ ସହ ଆଲୋଚନା ହୋଇଛି, ଶୀଘ୍ର ପଦକ୍ଷେପ ନିଆଯିବ।

# ସିକିମ୍ ଦୁର୍ଘଟଣା: ନିଖୋଜ ୪ ଓଡ଼ିଆଙ୍କ ପତ୍ତା ମିଳୁନି

**ଯାଜପୁର,୩୧।୫(ହର୍ଷବର୍ଦ୍ଧନ ବେହେରା)**

- ଉଦ୍ଧାର କାର୍ଯ୍ୟରେ ବାଧକ ସାଜିଥିଲା ବର୍ଷା
- ମୁଖ୍ୟମନ୍ତ୍ରୀଙ୍କ ସହ ବିଧାୟକ ଆକାଶଙ୍କ ଆଲୋଚନା

ଉତ୍ତର ସିକିମ୍‌ର ତିସ୍ତା ନଦୀକୁ ଗୁରୁବାର ରାତିରେ ଏକ ଟୁରିଷ୍ଟ ଗାଡ଼ି 'ମହିନ୍ଦ୍ରା ମାକ୍ସ' ଖସିପଡ଼ିବା ଯୋଗୁ ନିଖୋଜ ଥିବା ରାଜ୍ୟ ଭାଜପା ମହିଳା ମୋର୍ଚ୍ଚା ସାଧାରଣ ସମ୍ପାଦିକା ଇତିଶ୍ରୀ ଜେନାଙ୍କ ସମେତ ତାଙ୍କ ପରିବାରର ୪ଜଣଙ୍କ ପତ୍ତା ଶନିବାର ସନ୍ଧ୍ୟା ସୁଦ୍ଧା ମିଳିପାରିନାହିଁ। ଦୁର୍ଘଟଣାଗ୍ରସ୍ତ ଟୁରିଷ୍ଟ ଗାଡ଼ି କିଛି ସମୟ ପାଇଁ ନଦୀଗର୍ଭରେ ଦେଖାଯାଇଥିଲେ ହେଁ ତାକୁ ବାହାର କରିବା ସମ୍ଭବ ହୋଇପାରିନାହିଁ। ପ୍ରବଳ ବର୍ଷା ଓ ନଦୀରେ ପାଣିସ୍ରୋତ ବୃଦ୍ଧି ଯୋଗୁ ଉଦ୍ଧାର କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା। ସ୍ଥାନୀୟ ଏବଂ ଓଡ଼ିଶାରୁ ଯାଇଥିବା ସ୍ୱତନ୍ତ୍ର ଉଦ୍ଧାରକାରୀ ଦଳ ଶିଲିଗୁଡ଼ିରେ ଅପେକ୍ଷାରେ ରହିଥିଲେ। ଶିଲିଗୁଡ଼ି ନିକଟରେ ଭୂସ୍ଖଳନ ହୋଇଥିବାରୁ ଘଟଣାସ୍ଥଳକୁ ଯାତାୟାତରେ ବାଧା ସୃଷ୍ଟି ହୋଇଥିଲା। ବର୍ଷା କମିବା ଏବଂ ଘଟଣାସ୍ଥଳକୁ ଯିବା ରାସ୍ତା ସ୍ୱାଭାବିକ ହେବା ପରେ ଶନିବାର ସନ୍ଧ୍ୟାରୁ ଉଦ୍ଧାର କାର୍ଯ୍ୟ ଆରମ୍ଭ ହୋଇଛି।

ମିଳିଥିବା ସୂଚନା ଅନୁସାରେ ଇତିଶ୍ରୀ ଜେନା ତାଙ୍କ ୧୧ ଜଣ ପରିବାର ସଦସ୍ୟଙ୍କ ସହ ଏଠାରୁ ଗତ ରବିବାର ରାତି ୧୨ଟାରେ ଟ୍ରେନ ଯୋଗେ ସିକିମ୍ ଅଭିମୁଖେ ଯାତ୍ରା କରିଥିଲେ। ସେମାନେ ପ୍ରଥମେ ଶିଲିଗୁଡି ଷ୍ଟେଶନରୁ ଓହ୍ଲାଇ ଆଖପାଖ ଅଞ୍ଚଳ ବୁଲାବୁଲି କରି ଗ୍ୟାଙ୍ଗଟକ ଯାଇଥିଲେ। ସେଠାରୁ ପ୍ରାୟ ୧୦୦୦ଫୁଟ ଉଚ୍ଚରେ ଥିବା ଚୁଙ୍ଗଥାଙ୍ଗକୁ ଟୁରିଷ୍ଟ ଗାଡ଼ିରେ ବୁଲିବାକୁ ଯାଇଥିଲେ। ଫେରୁଥିବା ସମୟରେ ଇତିଶ୍ରୀ ଓ ତାଙ୍କ ପରିବାରର ଅନ୍ୟ ୫ ଜଣ ସଦସ୍ୟଙ୍କୁ ମିଶାଇ ମୋଟ ୧୧ଜଣ ବସିଥିବା ଟୁରିଷ୍ଟ ଗାଡ଼ି ଦୁର୍ଘଟଣାଗ୍ରସ୍ତ ହୋଇ ପ୍ରାୟ ୧୦୦୦ ଫୁଟ ତଳେ ଥିବା ତିସ୍ତା ନଦୀରେ ପଡ଼ିଥିଲା। ସେମାନଙ୍କ ମଧ୍ୟରୁ ଇତିଶ୍ରୀଙ୍କ ସାନପୁଅ ସାଇରାଜ ଜେନା ଏବଂ ଭାଇଙ୍କ ପୁଅ ଅଂଶୁମାନ ନାଏକଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇଛି। ଜଣଙ୍କର ମୃତ୍ୟୁ ଘଟିଛି। ଇତିଶ୍ରୀ ଓ ତାଙ୍କ ବଡ ପୁଅ ସାହିଲ ଜେନା(୨୦ ବର୍ଷ), ଭାଇ ଅଜିତ ନାଏକ ଓ ଭାଉଜ ସୁନିତା ନାଏକ ନିଖୋଜ ରହିଛନ୍ତି। ଅନ୍ୟ ୪ଜଣ ନିଖୋଜ ପଶ୍ଚିମବଙ୍ଗ, ଉତ୍ତରପ୍ରଦେଶ ଏବଂ ତ୍ରିପୁରା ବାସିନ୍ଦା ବୋଲି ଜଣାପଡ଼ିଛି। ଉଦ୍ଧାର ହୋଇଥିବା ସାଇରାଜ ଏବଂ ଅଂଶୁମାନଙ୍କୁ ଗ୍ୟାଙ୍ଗଟକର ଏକ ଡାକ୍ତରଖାନାରେ ଚିକିତ୍ସା କରାଯାଉଛି। ଅଂଶୁମାନଙ୍କ ଅବସ୍ଥା ଗୁରୁତର ରହିଛି। ଅନ୍ୟପକ୍ଷେ କୋରେଇ ବିଧାୟକ ଆକାଶ ଦାସନାୟକ ଶନିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସାକ୍ଷାତ କରି ଉଦ୍ଧାର ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ଏବଂ ଗ୍ୟାଙ୍ଗଟକ ଡାକ୍ତରଖାନାରେ ଚିକିତ୍ସାଧୀନ ସାଇରାଜ ଜେନା ଏବଂ ଅଂଶୁମାନ ନାଏକଙ୍କୁ ଉନ୍ନତମାନର ଚିକିତ୍ସା ଯୋଗାଇ ଦେବାକୁ ଅନୁରୋଧ କରିଛନ୍ତି। ଏହାବାଦ୍ ଉଭୟଙ୍କୁ ଏୟାର ଲିଫ୍ଟ କରିବାକୁ ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ ମାଝୀ ପୁଣି ଥରେ ସିକିମ୍ ମୁଖ୍ୟମନ୍ତ୍ରୀ ପ୍ରେମ ସିଂ ତମାଙ୍ଗଙ୍କ ସହ ଆଲୋଚନା କରି ସ୍ଥିତି ସମ୍ପର୍କରେ ବୁଝି ଯଥାସାଧ୍ୟ ସହଯୋଗ କରିବାକୁ ଅନୁରୋଧ କରିଛନ୍ତି। ସମସ୍ତ ପ୍ରକାର ସୁବିଧା ସୁଯୋଗ ଯୋଗାଇଦେବା ନେଇ ମୁଖ୍ୟମନ୍ତ୍ରୀ ମାଝୀ ପ୍ରତିଶ୍ରୁତି ଦେଇଛନ୍ତି।

# ବରପୁତ୍ରଙ୍କ ନାମରେ ନାମିତ ହେବ 'ମାଷ୍ଟରକ୍ୟାଣ୍ଟିନ'

**ଭୁବନେଶ୍ୱର, ୩୧।୫ (ବନ୍ଦନା ସେଠୀ)**

ଭୁବନେଶ୍ୱର'ମାଷ୍ଟର କ୍ୟାଣ୍ଟିନ'ର ନାଁ ପରିବର୍ତ୍ତନ ହେବ। ଓଡ଼ିଆ ପରିଚୟ, ଓଡ଼ିଆ ଅସ୍ମିତାକୁ ଗୁରୁତ୍ୱ ଦେଇ ଏହି ସ୍ଥାନର ନାମ ବଦଳାଇବା ନେଇ ବିଚାର ଚାଲିଥିବା ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର ଶନିବାର ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି, ଓଡ଼ିଶାର ବରପୁତ୍ରଙ୍କ ନାମରେ ଏହାର ପୁନଃନାମକରଣ କରାଯିବ। ତେବେ ଏନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିଷ୍ପତ୍ତି ନେବେ। ଏଥିସହିତ ଇଂରେଜ ଅମଳରୁ ଥିବା ଇଂଲିଶ ନାମଗୁଡିକୁ ବଦଳାଇ ଓଡ଼ିଆ ରଖାଯିବ। ମାଷ୍ଟରକ୍ୟାଣ୍ଟିନ୍ ଛକର ନାମ ପରିବର୍ତ୍ତନ ପାଇଁ ଗତ ୨୮ରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ରେଭିନ୍ୟୁ, ଜିଏ ବିଭାଗକୁ ଚିଠି ଦିଆଯାଇଛି। ମାଷ୍ଟରକ୍ୟାଣ୍ଟିନ୍‌ର ନାମ ପରିବର୍ତ୍ତନ କରିବାକୁ ବରିଷ୍ଠ ଆଇନଜୀବୀ ରାଧାକାନ୍ତ ତ୍ରିପାଠୀ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗକୁ ଅବଗତ କରିବା ସହ ପ୍ରସ୍ତାବ ଦେଇଥିଲେ। ବିଭାଗ ପକ୍ଷରୁ ଏହାକୁ ଗ୍ରହଣ କରି ନାମ ପରିବର୍ତ୍ତନ ନେଇ ଅନ୍ୟ ବିଭାଗକୁ ଚିଠି ଦିଆଯାଇଛି। ରାଜଧାନୀର ବ୍ୟସ୍ତବହୁଳ ସ୍ଥାନଗୁଡ଼ିକ ମଧ୍ୟରୁ ଅନ୍ୟତମ ମାଷ୍ଟରକ୍ୟାଣ୍ଟିନ ମୁଖ୍ୟ ରେଳଷ୍ଟେଶନ ସମ୍ମୁଖରେ ରହିଛି। ରାଜ୍ୟର ବିଭିନ୍ନ ସ୍ଥାନର ଲୋକେ ମାଷ୍ଟରକ୍ୟାଣ୍ଟିନ୍ ନାମ ସହିତ ପରିଚିତ। ଏହାର ନାମ ପରିବର୍ତ୍ତନ କରାଯାଇ କ'ଣ ରଖାଯିବ ତାହାକୁ ନେଇ ଉତ୍କଣ୍ଠା ପ୍ରକାଶ ପାଇଛି।

# ଶିଳ୍ପ ପାଇଁ ଜଳକର ୧୦% ବୃଦ୍ଧି

**ଭୁବନେଶ୍ୱର,୩୧।୫ (ରବିନାରାୟଣ ଜେନା)**

ଶିଳ୍ପ ଓ ବ୍ୟବସାୟ କ୍ଷେତ୍ର ଲାଗି ଚଳିତ ଆର୍ଥିକବର୍ଷ ପାଇଁ ଜଳକର ୧୦ପ୍ରତିଶତ ବୃଦ୍ଧି କରାଯାଇଛି। ଏହି ଦରକୁ ପିଛିଲା ଭାବେ ଏପ୍ରିଲ ପହିଲାରୁ ଲାଗୁ କରିବାକୁ ଜଳସମ୍ପଦ ବିଭାଗ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଏସଂକ୍ରାନ୍ତରେ ଜଳସମ୍ପଦ ବିଭାଗ ଅତିରିକ୍ତ ସଚିବ ଆରତୀ ରାଉତ ବିଭାଗୀୟ ସର୍ବୋଚ୍ଚ ଯନ୍ତ୍ରୀ(ପ୍ରକଳ୍ପ ଏବଂ ଉନ୍ନୟନ)ଙ୍କୁ ପତ୍ର ଲେଖି ଅବଗତ କରାଇଛନ୍ତି । ସେ ଦର୍ଶାଇଛନ୍ତି, ଓଡ଼ିଶା ଜଳସେଚନ ନିୟମ-୧୯୬୧ ଓ ସଂଶୋଧନ ନିୟମ-୨୦୧୬ ଅନୁଯାୟୀ, ୨୦୨୫-୨୬ ଆର୍ଥିକବର୍ଷ ଲାଗି ୧୦ପ୍ରତିଶତ ଜଳକର ବୃଦ୍ଧି କରାଯାଇଛି। ଏହାକୁ ପିଛିଲା ଭାବେ ଏପ୍ରିଲ ପହିଲାରୁ ୨୦୨୬ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ଲାଗୁ କରାଯିବ। ଏସଂକ୍ରାନ୍ତରେ ଅଧସ୍ତନ ଅଧିକାରୀଙ୍କୁ ଅବଗତ କରାଇବାକୁ ସେ ପତ୍ରରେ ଦର୍ଶାଇଛନ୍ତି।

ତଥ୍ୟ ଅନୁଯାୟୀ, ବିଭିନ୍ନ ଶିଳ୍ପସଂସ୍ଥାକୁ ରାଜ୍ୟ ସରକାରଙ୍କ ପକ୍ଷରୁ ଜଳ ଆବଣ୍ଟନ କରାଯାଇଛି। ଏହାବାଦ୍ ସେମାନେ ଭୂତଳ ଜଳ ବ୍ୟବହାର କରୁଛନ୍ତି। ସଂଶୋଧନ ନିୟମ ଅନୁଯାୟୀ, ସଂପୃକ୍ତ ଶିଳ୍ପ ସଂସ୍ଥା କେତେ ଜଳ ବ୍ୟବହାର କରିବେ ସେଥିପାଇଁ ପ୍ରଥମେ ସରକାରଙ୍କଠାରୁ ଲାଇସେନ୍ସ ନେବାକୁ ପଡ଼ିବ। ଇଟା ଓ ଟାଇଲ ବ୍ୟବସାୟ ପାଇଁ ୧୦୦୦ଲିଟର ପିଛା ୨୦୧୦ରେ ୩୦ଟଙ୍କା ରହିଥିବାବେଳେ ୧୦ ପ୍ରତିଶତ ହିସାବରେ ୩ଟଙ୍କା ବଢ଼ିଛି। ପୂର୍ବରୁ ଏହି ଶିଳ୍ପ ପାଇଁ ୫୪ଟଙ୍କା ରହିଥିବାବେଳେ ଏବେ ଏହି ପରିମାଣ ୫୭ଟଙ୍କାକୁ ବୃଦ୍ଧି କରାଯାଇଛି। ସେହିପରି ବିଭିନ୍ନ ପ୍ରକାର ବ୍ୟବସାୟ ଏବଂ ଶିଳ୍ପ ଲାଗି ମୂଳ ରାଶିର ୧୦ପ୍ରତିଶତ ବୃଦ୍ଧି କରାଯାଇଥିବା ନେଇ ବିଭାଗ ପକ୍ଷରୁ ସର୍ବୋଚ୍ଚ ଯନ୍ତ୍ରୀଙ୍କୁ ଅବଗତ କରାଯାଇଛି।

## ସୁକିନ୍ଦା ଖଣି ଚୋରି: ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଲେ ପ୍ରୀତିରଞ୍ଜନ

**ଭୁବନେଶ୍ୱର,୩୧।୫ (ରବିନାରାୟଣ ଜେନା)**

ଯାଜପୁର ଜିଲା ସୁକିନ୍ଦା କ୍ରୋମାଇଟ୍ ଭ୍ୟାଲିରେ ଦିନରାତି ଖଣିଚୋରି ହେଉଛି। ପୋଲିସ, ରାଜସ୍ୱ ବିଭାଗ ଓ ଜଙ୍ଗଲ ବିଭାଗ ଅଧିକାରୀମାନେ କେହି ଏଥିପ୍ରତି ଗୁରୁତ୍ୱ ଦେଉ ନ ଥିବାବେଳେ ଜିଲା ପ୍ରଶାସନ ଚୁପ୍ ବସିଛି। ଏଥିରେ ତୁରନ୍ତ ହସ୍ତକ୍ଷେପ କରିବା ଲାଗି ପୂର୍ବତନ ମନ୍ତ୍ରୀ ତଥା ବିଜେଡି ନେତା ପ୍ରୀତିରଞ୍ଜନ ଘଡ଼ାଇ ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି। ପ୍ରୀତିରଞ୍ଜନ ଏନେଇ ଶୁକ୍ରବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ପତ୍ର ଲେଖି ଦର୍ଶାଇଛନ୍ତି ଯେ, ଏହି ଅଞ୍ଚଳରେ ଅବୈଧ ଖଣି ଚୋରି ହେଉଛି। ପ୍ରଶାସନର ନିଷ୍କ୍ରିୟତା ଯୋଗୁ ଏହା ଦିନକୁ ଦିନ ବଢ଼ି ଚାଲିଛି। ସୁକିନ୍ଦା କ୍ରୋମାଇଟ୍ ବ୍ଲକ୍-୧ ଅଞ୍ଚଳରେ ଗତ କିଛି ମାସ ଧରି ୨୦ ଜଣ ବ୍ୟକ୍ତି କ୍ରୋମାଇଟ୍ ଖଣି ଚୋରି କରି ଚାଲିଛନ୍ତି।

# 'ଅହଲ୍ୟାବାଈ ଥିଲେ ସମାଜ ସଂସ୍କାରକ'




## ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବରେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୩୧।୫ (ରବିନାରାୟଣ ଜେନା)**

ଲୋକମାତା ଅହଲ୍ୟାବାଈ ହୋଲ୍‌କାର କେବଳ ଜଣେ ଶାସକ ନ ଥିଲେ, ସେ ଥିଲେ ଜଣେ ସମାଜ ସଂସ୍କାରକ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

ଶନିବାର ଜୟଦେବ ଭବନଠାରେ ଆୟୋଜିତ ପୁଣ୍ୟଶ୍ଳୋକା ମହାରାଣୀ ଅହଲ୍ୟାବାଈ ହୋଲ୍‌କାରଙ୍କ ୩୦୦ତମ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଥିଲେ, ଅହଲ୍ୟାବାଈ ହୋଲ୍‌କାର ଜଣେ ଏପରି ନାରୀ ଥିଲେ, ଯିଏ ନିଜର ନ୍ୟାୟନିଷ୍ଠା, ସାହସ ଓ ପ୍ରଜା ପ୍ରତି ଅନୁପମ ସମର୍ପଣ ଦ୍ୱାରା ଭାରତୀୟ ଇତିହାସରେ ଅମର ହୋଇ ରହିଛନ୍ତି। ତାଙ୍କ ଜୀବନ ଆମ ପାଇଁ ଏକ ପ୍ରେରଣାର ଉତ୍ସ, ଯାହା ଆଜିର ଓଡ଼ିଶାରେ ମଧ୍ୟ ଆମକୁ ସୁଶାସନ ଓ ସମାଜ କଲ୍ୟାଣର ପଥ ଦେଖାଇଥାଏ। ଅହଲ୍ୟାବାଈଙ୍କ ପରି ଆମେ ମଧ୍ୟ ଆମର ସମାଜରେ ନ୍ୟାୟ, ଶିକ୍ଷା ଓ ସମାନତାକୁ ପ୍ରୋତ୍ସାହନ ଦେବା ଆବଶ୍ୟକ। ଆମ ସରକାର ମଧ୍ୟ ମା'ମାନଙ୍କ ସଶକ୍ତୀକରଣ ପାଇଁ ସୁଭଦ୍ରା ଯୋଜନା ଭଳି ଏକ ଯୁଗାନ୍ତକାରୀ ଯୋଜନାର ରୂପାୟନ କରିଛନ୍ତ; ଯାହା ମହିଳାମାନଙ୍କୁ ଆର୍ଥିକ, ସାମାଜିକ ଓ ଆତ୍ମନିର୍ଭରଶୀଳ ହୋଇ ପ୍ରଗତି ପଥରେ ଆଗେଇବା ପାଇଁ ସହଯୋଗ କରୁଛି। ବାଚସ୍ପତି ସୁରମା ପାଢ଼ୀ ଅହଲ୍ୟାବାଈ ହୋଲ୍‌କାରଙ୍କ ଜୀବନ ସମସ୍ତଙ୍କ ପାଇଁ ଏକ ପ୍ରେରଣାର ଉତ୍ସ ବୋଲି କହିଥିଲେ। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଥିଲେ, ଅହଲ୍ୟାବାଈଙ୍କ ଆଦର୍ଶକୁ ଅନୁସରଣ କରି ଆମେ ଓଡ଼ିଶାରେ ସୁଶାସନ, ଶିକ୍ଷା ଓ ମହିଳା ସଶକ୍ତୀକରଣରେ ନୂତନ ଦିଗନ୍ତ ସୃଷ୍ଟି କରିପାରିବା। ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଓ ଅନ୍ୟ ଅତିଥିମାନେ ଅହଲ୍ୟାବାଈଙ୍କ ଜୀବନୀ ଉପରେ ଆଧାରିତ ଏକ ଓଡ଼ିଆ ପୁସ୍ତକ 'କର୍ମଯୋଗିନୀ ପୁଣ୍ୟଶ୍ଳୋକା ଅହଲ୍ୟାବାଈ ହୋଲ୍‌କାର'କୁ ଉନ୍ମୋଚନ କରିଥିଲେ।

## ଡବଲ ଇଞ୍ଜିନ ସରକାରରେ ଡବଲ ଦୁର୍ନୀତି: କଂଗ୍ରେସ

**ଭୁବନେଶ୍ୱର,୩୧।୫ (ରବିନାରାୟଣ ଜେନା)**

ଦୈନନ୍ଦିନ ଭିଜିଲାନ୍ସ ପକ୍ଷରୁ ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କୁ ଧରାଯିବାକୁ ନେଇ କଂଗ୍ରେସ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଉପରେ ବର୍ଷିଛନ୍ତି। ଡବଲ ଇଞ୍ଜିନ ସରକାରରେ ଡବଲ ଦୁର୍ନୀତି ହେଉଛି ବୋଲି ପ୍ରଦେଶ କଂଗ୍ରେସର ଉପସଭାପତି ତଥା ପୂର୍ବତନ ବିଧାୟକ ଡ. ଦେବାଶିଷ ପଟ୍ଟନାୟକ କହିଛନ୍ତି। ଶନିବାର କଂଗ୍ରେସ ଭବନରେ ଖବରଦାତା ସମ୍ମିଳନୀରେ ଦେବାଶିଷ କହିଥିଲେ, ଦୁଇଦିନ ତଳେ ଓଡ଼ିଶା ସରକାରଙ୍କ ଭିଜିଲାନ୍ସ ବିଭାଗ ରାଜ୍ୟ ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ବିଭାଗର ମୁଖ୍ୟଯନ୍ତ୍ରୀ ବୈକୁଣ୍ଠ ନାଥ ଷଡ଼ଙ୍ଗୀଙ୍କ ଆୟବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ତାଙ୍କୁ ଗିରଫ କରିବା ସହିତ ତାଙ୍କର ବିପୁଳ ସମ୍ପତ୍ତି ଜବତ ହୋଇଛି। ଏପରି ଅନେକ ଦୁର୍ନୀତିଗ୍ରସ୍ତ ଅଧିକାରୀ ଥିବାବେଳେ ସରକାର ୧୨ ମାସ ଭିତରେ ସେମାନଙ୍କୁ କିପରି ଜାଣିପାରିଲେ ନାହିଁ ବୋଲି ଦେବାଶିଷ ପ୍ରଶ୍ନ କରିଛନ୍ତି।

DSPL-89
ଓଡ଼ିଶା ସରକାର
ରତୁସ୍ରାବ ସମ୍ପର୍କିତ ପରିଚ୍ଛନ୍ନତା ଦିବସ
୨୮ ମଇ ୨୦୨୫
"କିଶୋରୀ ଓ ମହିଳାମାନଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ପାଇଁ ଋତୁସ୍ରାବ ସମୟରେ ପରିଚ୍ଛନତା ଅତ୍ୟନ୍ତ ଜରୁରୀ । "ଖୁସି" ଯୋଜନାରେ ସରକାରଙ୍କ ତରଫରୁ କିଶୋରୀମାନଙ୍କୁ ଦିଆଯାଉଥିବା ସାନିଟାରୀ ପ୍ୟାଡ୍‌ର ସଦୁପଯୋଗ କରନ୍ତୁ ।"
ରତୁସ୍ରାବ ପରିଚ୍ଛନ୍ନତା ସମ୍ପର୍କିତ କିଛି ସରଳ ଉପାୟ
- ପ୍ରତିଦିନ ସ୍ନାନ କରନ୍ତୁ ଓ ପରିଷ୍କାର ବସ୍ତ୍ର ପରିଧାନ କରନ୍ତୁ।
- ସାନିଟାରୀ ପ୍ୟାଡ୍ ବ୍ୟବହାର କରନ୍ତୁ ଓ ୪-୬ ଘଣ୍ଟା ଅନ୍ତରରେ ତାହାକୁ ବଦଳାନ୍ତୁ।
- ରକ୍ତସ୍ରାବର ଭରଣା ପାଇଁ ସରକାରଙ୍କ ଦ୍ୱାରା ଦିଆଯାଉଥିବା ଲୌହସାର ଓ ଫଲିକ ଏସିଡ୍ ବଟିକା ଖାଆନ୍ତୁ।
- ଅନିୟମିତ କିମ୍ବା ଅତ୍ୟଧିକ ସ୍ରାବ ହେଲେ ସରକାରୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପରାମର୍ଶ କରନ୍ତୁ।
OIPR-10003/13/0195/2526
ଅଧିକ ସୂଚନା ପାଇଁ ଆଶା / ସ୍ୱାସ୍ଥ୍ୟକର୍ମୀଙ୍କ ସହ ପରାମର୍ଶ କରନ୍ତୁ।
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର
facebook.com/HFWOdisha
@HFWOdisha
http://www.health.odisha.gov.in/

## ନାବାଳିକାଙ୍କୁ ଅସଦାଚରଣ, ଅଭିଯୁକ୍ତ ଗିରଫ

ବାଲିପାଟଣା,୩୧।୫(ଅଭିମନ୍ୟୁ ନାୟକ)

ବାଲିପାଟଣା ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଅସଦାଚରଣ କରିବା ଅଭିଯୋଗରେ ପୋଲିସ ଜଣେ ବ୍ୟକ୍ତିଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ସାଜିଦ ଖାଁ। ଏନେଇ ଥାନାରେ ଏକ ମାମଲା (ନଂ.୨୪୯/୨୫) ରୁଜୁ ହୋଇଛି। ଅଭିଯୋଗ ମୁତାବକ, ଶୁକ୍ରବାର ନାବାଳିକା ଜଣଙ୍କ ଟ୍ୟୁଶନ ପରେ ଘରକୁ ଫେରୁଥିବା ବେଳେ ଅଭିଯୁକ୍ତ ତାଙ୍କୁ ଟଣାଓଟରା କରିବା ସହ ଅସଦାଚରଣ କରିଥିଲେ। ଏନେଇ ନାବାଳିକା ଜଣଙ୍କ ଘଟଣା ସମ୍ପର୍କରେ ଘରେ କହିଥିଲେ। ନାବାଳିକାଙ୍କ ବାପାଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ତଦନ୍ତ ଚଳାଇ ଅଭିଯୁକ୍ତ ସାଜିଦଙ୍କୁ ଗିରଫ କରିଥିଲା। ତେବେ ସାଜିଦ୍ ନାବାଳିକାଙ୍କ ଘର ନିକଟରେ ଭଡ଼ାରେ ରହି ମିସ୍ତ୍ରୀ କାମ କରୁଥିଲେ ବୋଲି ଜଣାପଡ଼ିଛି।

# ଅବସର ଦିନ ଏଇଇଙ୍କ ଘରେ ପଶିଲା ଭିଜିଲାନ୍ସ

- ଭୁବନେଶ୍ୱର,ବ୍ରହ୍ମପୁରର ୪ ସ୍ଥାନରେ ଚଢ଼ାଉ
- ଫ୍ଲାଟ୍‌ରେ ତାଲା, ଫେରିଲା ଭିଜିଲାନ୍ସ ଟିମ୍

ଭୁବନେଶ୍ୱର,୩୧।୫(ସତ୍ୟଜିତ ରାଉତ)

ଭିଜିଲାନ୍ସ ସ୍କାନରରେ ଏବେ ସରକାରୀ ବଡ଼ବାବୁ। ଅବସର ଦିନ ବ୍ରହ୍ମପୁର ରାସ୍ତା ଓ ଗୃହ ବିଭାଜନ ସହକାରୀ ନିର୍ବାହୀ ଯନ୍ତ୍ରୀ (ଏଇଇ) ଦିଲୀପ କୁମାର ଚୌଧୁରୀଙ୍କ ଘରେ ପଶିଲା ଭିଜିଲାନ୍ସ ଟିମ୍। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ବ୍ରହ୍ମପୁର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟଙ୍କ ଦ୍ୱାରା ଜାରି ସର୍ଚ୍ଚ ୱାରେଣ୍ଟ ବଳରେ ଭିଜିଲାନ୍ସ ନିର୍ଦ୍ଦେଶାଳୟ ପକ୍ଷରୁ ଶନିବାର ଏଇଇ ଦିଲୀପଙ୍କ ବ୍ରହ୍ମପୁର ଅଫିସ ସମେତ ୪ଟି ସ୍ଥାନରେ ଏକକାଳୀନ ଚଢ଼ାଉ ହୋଇଛି। ଭୁବନେଶ୍ୱର ଓ ବ୍ରହ୍ମପୁରରେ ଚାଲିଥିବା ଏହି ଚଢ଼ାଉରେ ୩ ଡିଏସ୍‌ପି, ୭ ଇନ୍ସପେକ୍ଟର ଓ ଅନ୍ୟ ସହକର୍ମଚାରୀ ନିୟୋଜିତ ହୋଇଛନ୍ତି।


ଦିଲୀପ କୁମାର ଚୌଧୁରୀ



ଭିଜିଲାନ୍ସ ସୂଚନା ଅନୁଯାୟୀ, ଦିଲୀପଙ୍କ ବ୍ରହ୍ମପୁର ମୟୂରୀ ବିହାରରେ ୨୪୦୦ ବର୍ଗଫୁଟର ଏକ ଦୁଇ ମହଲା କୋଠା, ଭୁବନେଶ୍ୱର ଶହୀଦନଗରସ୍ଥିତ ଇଭୋସ୍ ଏକୋଟିକା ଆପାର୍ଟମେଣ୍ଟରେ ଏକ ୩ ବିଏଚ୍‌କେ ଫ୍ଲାଟ୍, ବ୍ରହ୍ମପୁର ଧର୍ମନଗରସ୍ଥିତ ସ୍ପେକ୍‌ଟ୍ରମ୍ ରୟାଲ ଆପାର୍ଟମେଣ୍ଟରେ ଗୋଟିଏ ୨ ବିଏଚ୍‌କେ ଫ୍ଲାଟ୍ ଏବଂ ବ୍ରହ୍ମପୁର ଓ ଏହାର ଆଖପାଖ ଅଞ୍ଚଳରେ ୧୧ଟି ପ୍ଲଟ୍ ଠାବ ହୋଇଛି। ପ୍ଲଟ ଓ ଫ୍ଲାଟଗୁଡ଼ିକର ପ୍ରକୃତ ମୂଲ୍ୟ ଜାଣିବାକୁ ଭିଜିଲାନ୍ସର ଟେକ୍ନିକାଲ ଟିମ୍ ହିସାବ କରୁଛି। ସେହିପରି ଦିଲୀପ ବ୍ୟାଙ୍କ ଓ ଜୀବନବୀମା ଜମା ୨୮ ଲକ୍ଷ ୫୩ ହଜାର ୨୧୨ ଟଙ୍କା ରଖିଥିବା ବେଳେ ତାଙ୍କ ଘରୁ ୧୦.୧୧ ଲକ୍ଷ ଟଙ୍କାର ଦୁଇଟି ଦୁଇ ଚକିଆ ଯାନ ଓ ଘରୋଇ ସାମଗ୍ରୀ ଠାବ ହୋଇଥିବା ଭିଜିଲାନ୍ସ ସୂଚନା ଦେଇଛି। ତେବେ ଶହୀଦନଗରସ୍ଥିତ ୩ ବିଏଚ୍‌କେ ଫ୍ଲାଟ୍ (ନଂ.୩୦୧) ସେଣ୍ଟରର ତାଲା ପଡ଼ିଥିବାରୁ ଭିଜିଲାନ୍ସ ଅଧିକାରୀମାନେ ଏହାକୁ ଖୋଲି ପାରି ନ ଥିଲେ। ଫଳରେ ଭୋରରୁ ଅପରାହ୍ନ ଯାଏ ଆପାର୍ଟମେଣ୍ଟର ବେସ୍‌ମେଣ୍ଟରେ ଅପେକ୍ଷା କରି ଫେରି ଆସିଥିଲେ। ତେବେ ଏହି ଫ୍ଲାଟ୍‌ରେ ଦିଲୀପଙ୍କ ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ୍, ଟଙ୍କା ଓ ଅଳଙ୍କାର ଆଦି ରହିଥିବା ଭିଜିଲାନ୍ସ ସନ୍ଦେହ କରୁଛି। ବ୍ରହ୍ମପୁରରେ ଥିବା ଦିଲୀପଙ୍କଠାରୁ ଚାବି ଅଣାଯାଇ ଭିଜିଲାନ୍ସ ଟିମ୍ ଆଗକୁ ତାଲା ଖୋଲି ଯାଞ୍ଚ କରିବ ବୋଲି ସୂଚନା ମିଳିଛି।

# ଭୁବନେଶ୍ୱର ଉପକଣ୍ଠରେ ଫୁଟିଲା ଗୁଳି

ଭୁବନେଶ୍ୱର,୩୧।୫(ସତ୍ୟଜିତ୍ ରାଉତ)

ଭୁବନେଶ୍ୱର ଉପକଣ୍ଠରେ ପୁଣି ଅପରାଧୀଙ୍କ ବନ୍ଧୁକରୁ ଫୁଟିଛି ଗୁଳି। ଖୋର୍ଦ୍ଧା ଶିଳ୍ପାଞ୍ଚଳ ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ଗଣପତିରାମ ପେଟ୍ରୋଲ ପମ୍ପ ସମ୍ମୁଖ ତଥା ପିତାପଲ୍ଲୀ ଛକର କିଛି ଦୂରରେ ଶନିବାର ସନ୍ଧ୍ୟାରେ ଏହି ଘଟଣା ଘଟିଛି। ଖୋର୍ଦ୍ଧା ଅଞ୍ଚଳର ଚିନ୍ମୟ ବଡ଼ଜେନା ନାମକ ଯୁବକଙ୍କ ଉପରକୁ ଗୁଳିମାଡ ହୋଇଥିବା ବେଳେ ସେ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଅଭିଯୁକ୍ତମାନେ ୪ ରାଉଣ୍ଡ ଗୁଳି ଚଳାଇଥିବା ସୂଚନା ମିଳିଛି। ଖବର ପାଇ ପ୍ରଥମେ ଇନ୍‌ଫୋଭ୍ୟାଲି ଓ ପରେ ଖୋର୍ଦ୍ଧା ଶିଳ୍ପାଞ୍ଚଳ ଥାନା ପୋଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ଲୋକମାନଙ୍କୁ ପଚରାଉଚରା କରିଛି। ନୟାପଲ୍ଲୀର ରାଜେଶ ସାମନ୍ତରାୟ ଓ ତାଙ୍କ ସହଯୋଗୀମାନେ ଗୁଳିମାଡ କରିଥିବା ଅଭିଯୋଗ ହୋଇଛି। ମିଳିଥିବା ସୂଚନା ଅନୁଯାୟୀ, ସନ୍ଧ୍ୟା ପ୍ରାୟ ୭ଟାରେ ଚିନ୍ମୟ ତାଙ୍କ କାର୍‌ରେ ଖୋର୍ଦ୍ଧାରୁ ପିତାପଲ୍ଲୀ ଛକ ଆଡକୁ ଆସୁଥିଲେ। ଏହି ସମୟରେ ରାଜେଶ ତାଙ୍କ ସହଯୋଗୀଙ୍କ ସହ ଅନ୍ୟ ଏକ କାରରେ ଆସୁଥିଲେ। ପିତାପଲ୍ଲୀ ଛକର କିଛି ଦୂରରେ ରାଜେଶ ଚିନ୍ମୟଙ୍କ କାର୍‌କୁ ସାଇଡ୍ ମାରିଥିଲେ। ଏହାକୁ ନେଇ ଚିନ୍ମୟ କାର୍ ରଖି ପ୍ରତିବାଦ କରିଥିଲେ। ଏହି ସମୟରେ ହଠାତ୍ ରାଜେଶଙ୍କ କାର୍‌ରୁ ଗୁଳିମାଡ ହୋଇଥିଲା। ହେଲେ କୌଣସି ଗୁଳି ଚିନ୍ମୟଙ୍କ କାର୍ କିମ୍ବା ତାଙ୍କ ଶରୀରରେ ବାଜି ନ ଥିଲା। ଅଭିଯୁକ୍ତମାନେ ଘଟଣାସ୍ଥଳରୁ କାର୍ ନେଇ ଦ୍ରୁତଗତିରେ ପଳାଇ ଯାଇଥିଲେ। ତେବେ ଘଟଣା ସଂକ୍ରାନ୍ତରେ ଚିନ୍ମୟ ଶିଳ୍ପାଞ୍ଚଳ ଥାନାରେ ଅଭିଯୋଗ କରିଥିବାବେଳେ ଦୁଇ ଥାନାର ପୋଲିସ ଘଟଣାର ଛାନଭିନ୍ ଚଳାଇଥିବା ସୂଚନା ମିଳିଛି। ଉଲ୍ଲେଖଯୋଗ୍ୟ, ସପ୍ତାହ ତଳେ ଅର୍ଥାତ୍ ମେ'୨୪ ରାତିରେ ପିତାପଲ୍ଲୀ ଅଣ୍ଡରପାସ୍ ନିକଟରେ ମଧ୍ୟ ଗୁଳିକାଣ୍ଡ ହୋଇଥିଲା। ଏଥିରେ ପିଣ୍ଟୁ ଓରଫ ପ୍ରତାପ ସ୍ୱାଇଁ ଆହତ ହୋଇଥିଲେ।

# ଜେଲ ଗଲେ ମୁଖ୍ୟଯନ୍ତ୍ରୀ ବୈକୁଣ୍ଠନାଥ

ଭୁବନେଶ୍ୱର,୩୧।୫(ସତ୍ୟଜିତ ରାଉତ)

**ପ୍ରକୃତ ଆୟଠୁ ୪୮୩% ଅଧିକ ସମ୍ପତ୍ତି**

**ସ୍ତ୍ରୀଙ୍କ ନାଁରେ ବି ମାମଲା**

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଗ୍ରାମ୍ୟ ଉନ୍ନୟନ ବିଭାଗର ମୁଖ୍ୟଯନ୍ତ୍ରୀ (ପ୍ଲାନ୍ ରୋଡ୍‌ସ) ବୈକୁଣ୍ଠନାଥ ଷଡ଼ଙ୍ଗୀଙ୍କୁ ଭିଜିଲାନ୍ସ ଶନିବାର ଗିରଫ କରିଛି। ବୈକୁଣ୍ଠଙ୍କଠାରୁ ଠାବ ହୋଇଥିବା ସମ୍ପତ୍ତି ତାଙ୍କ ପ୍ରକୃତ ଆୟଠାରୁ ୪୮୩ ପ୍ରତିଶତ ଅଧିକ ବୋଲି ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି। ଏ ନେଇ କଟକ ଭିଜିଲାନ୍ସ ଥାନାରେ ମାମଲା (ନଂ.୧୪/୨୦୨୫) ରୁଜୁ ହୋଇଛି। ତେବେ ଏହି ସମ୍ପତ୍ତି ଠୁଳ କରିବାରେ ବୈକୁଣ୍ଠଙ୍କ ସ୍ତ୍ରୀ ସହଯୋଗ କରିଥିବା ଜଣାପଡିବା ପରେ ଭିଜିଲାନ୍ସ ତାଙ୍କୁ ମଧ୍ୟ ଅଭିଯୁକ୍ତ ଦର୍ଶାଇଛି। ଅଭିଯୁକ୍ତ ବୈକୁଣ୍ଠଙ୍କୁ ଅନୁଗୋଳ ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍‌ଙ୍କ କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନ ମିଳିବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ସୂଚନାଯୋଗ୍ୟ, ଭିଜିଲାନ୍ସ ଟିମ୍ ଶୁକ୍ରବାର ବୈକୁଣ୍ଠଙ୍କ ଅନୁଗୋଳ, ଭୁବନେଶ୍ୱର ଓ ପିପିଲି(ପୁରୀ)ର ୭ଟି ସ୍ଥାନରେ ଏକକାଳୀନ ଚଢ଼ାଉ କରିଥିଲା। ବୈକୁଣ୍ଠଙ୍କ ଅନୁଗୋଳ କରଡ଼ାଗଡ଼ିଆରେ ଦୁଇ ମହଲା କୋଠା, ମାଟିଆ ସାହିରେ ଆଉ ଏକ ଦୁଇ ମହଲା କୋଠା, ଭୁବନେଶ୍ୱର ଡୁମୁଡୁମାରେ ଏକ ଫ୍ଲାଟ୍ ଏବଂ ପିପିଲିରେ ଆଉ ଏକ ଫ୍ଲାଟ ସମେତ ଭୁବନେଶ୍ୱର ଓ ଅନୁଗୋଳ ଉପକଣ୍ଠରେ ୭ଟି ପ୍ଲଟ୍ ଠାବ ହୋଇଥିଲା। ଘରୁ ମୋଟ ୨.୫୬ କୋଟି ନଗଦ ଟଙ୍କା, ୧୧୪୧.୫ ଗ୍ରାମ ସୁନା ଅଳଙ୍କାର ଓ ୧୫ଟି ଦାମୀ ହାତଘଡି ମିଳିଥିଲା। ସେହିପରି ବୈକୁଣ୍ଠ ଶେୟାରମାର୍କେଟ୍, ମ୍ୟୁଚୁଆଲ ଫଣ୍ଡ୍ ଓ ଜୀବନବୀମାରେ ୨.୭୦ କୋଟି ଏବଂ ୧.୫ କୋଟିର ବ୍ୟାଙ୍କ ଜମା ରଖିଥିବା ଜଣାପଡିଥିଲା। ଏଥିସହ ୪୭.୫୭ ଲକ୍ଷ ଟଙ୍କାର ଘରୋଇ ସାମଗ୍ରୀ, ଗୋଟିଏ ଲେଖାଏ କାର୍ ଓ ଦୁଇଚକିଆ ଯାନ ଠାବ ହୋଇଥିବା ସୂଚନା ଦିଆଯାଇଛି। ତେବେ ସବୁଠୁ ଚର୍ଚ୍ଚିତ ଘଟଣା ହେଲା, ଭିଜିଲାନ୍ସ ଚଢ଼ାଉ କରୁଥିବାବେଳେ ମୁଖ୍ୟଯନ୍ତ୍ରୀ ବୈକୁଣ୍ଠ ଘରେ ରଖିଥିବା ଟଙ୍କାରୁ କୋଟିଏରୁ ଉର୍ଦ୍ଧ୍ୱ ତଳକୁ ଫିଙ୍ଗି ଦେଇଥିଲେ।


ବୈକୁଣ୍ଠନାଥ ଷଡ଼ଙ୍ଗୀ



ତମାଖୁ ବର୍ଜନ ଦିବସ ଅବସରରେ ବନ୍ଦେ ମାତରମ ପକ୍ଷରୁ ମାଷ୍ଟରକ୍ୟାଣ୍ଟିନଠାରେ ପଥପ୍ରାନ୍ତ ନାଟକ ମାଧ୍ୟମରେ ସଚେତନତା ସୃଷ୍ଟି କରାଯାଉଛି।

# ପ୍ରଜ୍ଞା ପ୍ରତିଭା ସମ୍ମାନ ଉତ୍ସବ

ଭୁବନେଶ୍ୱର, ୩୧।୫ (ସୌମ୍ୟରଞ୍ଜନ ରାଉତ)

ପ୍ରଜ୍ଞା ନୃତ୍ୟାୟନ ପକ୍ଷରୁ ଚାଲିଥିବା ପ୍ରଜ୍ଞା ପ୍ରତିଭା ସମ୍ମାନ ଉତ୍ସବ ଶନିବାର ଭଞ୍ଜକଳା ମଣ୍ଡପଠାରେ ଉଦ୍‌ଯାପିତ ହୋଇଯାଇଛି। ରାଜ୍ୟ ତଥା ପଡ଼ୋଶୀ ରାଜ୍ୟରୁ ନୃତ୍ୟଶିଳ୍ପୀମାନେ ଏଥିରେ ଅଂଶ ଗ୍ରହଣ କରିଥିଲେ। ପ୍ରଥମ ଦିନ ୮୦ଜଣ ନୃତ୍ୟଶିଳ୍ପୀ ଭାରତର ବିଭିନ୍ନ ନୃତ୍ୟ ତଥା ଓଡିଶୀ, ଭାରତନାଟ୍ୟମ, କୁଚିପୁଡ଼ି ଆଦି ପରିବେଷଣ କରିଥିଲେ। ଏମାନଙ୍କ ମଧ୍ୟରୁ ୪୫ଜଣ ଫାଇନାଲ ପର୍ଯ୍ୟାୟକୁ ମନୋନୀତ ହୋଇଥିଲେ। ତେବେ ୩ଟି ବିଭାଗରୁ ଶ୍ରେଷ୍ଠ ତିନି ପ୍ରତିଯୋଗୀଙ୍କୁ 'ପ୍ରଜ୍ଞା ପ୍ରତିଭା ସମ୍ମାନ'ରେ ସମ୍ମାନିତ କରିବା ପାଇଁ ବିଚାରକ ମଣ୍ଡଳୀ ଗୁରୁ ସ୍ୱୟଂ ପ୍ରଜ୍ଞା ସାହୁ, ଗୁରୁ ଲିଙ୍ଗରାଜ ପ୍ରଧାନ ଏବଂ ଗୁରୁ ଡା. ଶୁଭଶ୍ରୀ ପଟ୍ଟନାୟକ ନିଷ୍ପତ୍ତି ନେଇଥିଲେ। ଅନ୍ୟ ପ୍ରତିଯୋଗୀଙ୍କୁ ଟପ୍ ୫ ଓ ଟପ୍ ୧୦ କାଟେଗୋରିରେ ମାନପତ୍ର ଓ ଟ୍ରଫି ପ୍ରଦାନ ପୂର୍ବକ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ଅତିଥିଭାବେ ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନାଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମକୁ ଡ. ଶ୍ରୀନିବାସ ଘଟୁଆରୀ ସଂଯୋଜନା କରିଥିଲେ।

# ୧୨ରୁ ଅଲାରନାଥଙ୍କ ଅନବସର ଦର୍ଶନ

ବ୍ରହ୍ମଗିରି,୩୧।୫(ସ୍ୱାଧୀନ ଚମ୍ପତିରାୟ)

**ଅଲାରନାଥଙ୍କ ଅନବସର ପ୍ରସ୍ତୁତି ବୈଠକ**

ମହାପ୍ରଭୁ ଅଲାରନାଥଙ୍କ ଚଳିତବର୍ଷ ଅନବସର ଉତ୍ସବ ନିମନ୍ତେ ଶନିବାର ମନ୍ଦିର ପ୍ରାଙ୍ଗଣରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସ୍ଥାନୀୟ ବିଧାୟିକା ଉପାସନା ମହାପାତ୍ର, ଉପଜିଲାପାଳ ରାଜକିଶୋର ଜେନା, ତହସିଲଦାର ଶଶିଭୂଷଣ ମିଶ୍ରଙ୍କ ସମେତ ସମ୍ପୃକ୍ତ ବିଭାଗୀୟ ଅଧିକାରୀ, ସେବାୟତ ଓ ସ୍ୱେଚ୍ଛାସେବୀ ଯୋଗଦେଇଥିଲେ। ଚଳିତବର୍ଷ ମହାପ୍ରଭୁ ଅଲାରନାଥଙ୍କ ଅନବସର ଦର୍ଶନ ଜୁନ୍ ୧୨ରୁ ଆରମ୍ଭ ହେଉଛି। ଏଣୁ ଲକ୍ଷାଧିକ ଭକ୍ତଙ୍କ ସମାଗମକୁ ଦୃଷ୍ଟିରେ ରଖି ଶାନ୍ତିଶୃଙ୍ଖଳା ସହ ସମାପନ ନିମନ୍ତେ ସ୍ଥାନୀୟ ପ୍ରଶାସନ ଓ ଜିଲା ପ୍ରଶାସନ ଗୁରୁତ୍ୱ ଦେଇ ସ୍ୱାସ୍ଥ୍ୟ, ପରିମଳ, ନୀତିକାନ୍ତି ବାବଦରେ ସେବାୟତଙ୍କ ସହ ଆଲୋଚନା କରିଥିଲେ। ଭକ୍ତଙ୍କ ପାଇଁ ପାନୀୟଜଳ ଯୋଗାଣ, ପରିମଳ, ମନ୍ଦିର ଆଲୋକୀକରଣ କାର୍ଯ୍ୟ ଆସନ୍ତା ୫ ତାରିଖ ସୁଦ୍ଧା ସମାପନ କରିବାକୁ ସମ୍ପୃକ୍ତ ବିଭାଗକୁ ଦାୟିତ୍ୱ ଦିଆଯାଇଛି। ଏହାସହ ସ୍ୱାସ୍ଥ୍ୟସେବା ଯୋଗାଇଦେବା ନିମନ୍ତେ ଆମ୍ବୁଲାନ୍ସ, ସନ୍‌ଷ୍ଟ୍ରୋକ୍ ରୁମ୍, ଷ୍ଟ୍ରେଚର ଏବଂ ଡାକ୍ତରଙ୍କ ସହ ସ୍ୱାସ୍ଥ୍ୟକର୍ମୀ ନିୟୋଜିତ ହେବେ। ଅଗ୍ନିସେବା ସଂସ୍ଥା ପକ୍ଷରୁ ୩ଟି ଦମକଳ ନିୟୋଜିତ କରାଯିବ। ଆଇନଶୃଙ୍ଖଳା ପରିସ୍ଥିତ ପାଇଁ ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯିବ।

# ଆନ୍ତଃବିଭାଗୀୟ ସମନ୍ୱୟ, ଜନସଚେତନତାକୁ ଗୁରୁତ୍ୱ

**ରାଜ୍ୟସ୍ତରୀୟ ବିଶ୍ୱ ତମାଖୁ ନିଷେଧ ଦିବସ**

ଭୁବନେଶ୍ୱର, ୩୧।୫ (ବନ୍ଦନା ସେଠୀ)

ଜାତୀୟ ତମାଖୁ ନିଷେଧ କାର୍ଯ୍ୟକ୍ରମ (ଏନ୍‌ଟିସିପି) ଅଧୀନରେ ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ ଦ୍ୱାରା ଶନିବାର ବିଶ୍ୱ ତମାଖୁ ନିଷେଧ ଦିବସ ପାଳିତ ହୋଇଯାଇଛି। ଗୀତଗୋବିନ୍ଦ ସଦନରେ ଆୟୋଜିତ କାର୍ଯ୍ୟକ୍ରମରେ ବିଭାଗୀୟ କମିଶନର ତଥା ଶାସନ ସଚିବ ଅଶ୍ୱଥି ଏସ୍. ଅଧ୍ୟକ୍ଷତା କରିଥିଲେ। ତମାଖୁ ବ୍ୟବହାରକୁ ରୋକିବା ପାଇଁ ଆନ୍ତଃବିଭାଗୀୟ ସମନ୍ୱୟ ଏବଂ ଜନସଚେତନତାକୁ ଆହୁରି ବ୍ୟାପକ କରିବାର ଆବଶ୍ୟକତା ରହିଥିବା ଶାସନ ସଚିବ କହିଥିଲେ। ଏହି ଅବସରରେ ଏକ ସ୍ୱାକ୍ଷର ଅଭିଯାନ ଆରମ୍ଭ କରାଯାଇଥିଲା।



ଜାତୀୟ ତମାଖୁ ନିଷେଧ ଦିବସ କାର୍ଯକ୍ରମରେ ସ୍ୱାସ୍ଥ୍ୟ ବିଭାଗର ଶାସନ ସଚିବ ଅଶ୍ୱଥି ଏସ୍.ଙ୍କ ସହ ଅନ୍ୟ ଅତିଥିମାନେ।

ଏହା ନାଗରିକଙ୍କ ସମର୍ଥନକୁ ଏକତ୍ରିତ କରାଇ ଏକ ତମାଖୁ ମୁକ୍ତ ଓଡ଼ିଶା ଗଠନ ପାଇଁ ଜନସାଧାରଣଙ୍କ ସଂକଳ୍ପକୁ ମଜଭୁତ କରିବ। ଏଥିସହ ଜାତୀୟ ତମାଖୁ ନିଷେଧ କାର୍ଯ୍ୟକ୍ରମ ଅଧୀନରେ ବିଗତ ବର୍ଷରେ ହାସଲ ହୋଇଥିବା ପ୍ରବର୍ତ୍ତନ ମାଇଲଖୁଣ୍ଟର ଅଗ୍ରଗତି, ଜିଲାଗୁଡ଼ିକର ସାମ୍ପ୍ରତିକ ସ୍ଥିତିକୁ ନେଇ ପ୍ରସ୍ତୁତ ବାର୍ଷିକ କାର୍ଯ୍ୟକଳାପ ରିପୋର୍ଟ ୨୦୨୪-୨୫ ପ୍ରକାଶିତ ହୋଇଥିଲା। ତମାଖୁ ମୁକ୍ତ ଶିକ୍ଷା ଅନୁଷ୍ଠାନ ପରିଚାଳନା ନିମନ୍ତେ ଆପ୍ଲିକେଶନ ToFEI ଆପ୍: ତମାଖୁ ମୁକ୍ତ ଶିକ୍ଷାନୁଷ୍ଠାନ (ToFEI) ପାଇଁ ଏକ ୱେବ୍ ଆଧାରିତ ଆପ୍ଲିକେଶନ ଉନ୍ମୋଚିତ ହୋଇଥିଲା। ଏହି ଆପ୍ ସ୍କୁଲ ଏବଂ କଲେଜଗୁଡ଼ିକୁ ସ୍ୱକୀୟ-ମୂଲ୍ୟାୟନ, ରିପୋର୍ଟିଂ ଏବଂ ଜାତୀୟ ToFEI ନିର୍ଦ୍ଦେଶାବଳୀ ଅନୁପାଳନକୁ ଅଧିକ କ୍ରିୟାଶୀଳ କରିବାକୁ ସକ୍ଷମ ହେବ। କାର୍ଯ୍ୟକ୍ରମରେ ଜାତୀୟ ତମାଖୁ ନିଷେଧ କାର୍ଯ୍ୟକ୍ରମ ଅଧୀନରେ ଉତ୍କୃଷ୍ଟ ପ୍ରଦର୍ଶନର ସ୍ୱୀକୃତି ସ୍ୱରୂପ ୩ଟି ଜିଲାକୁ ସମ୍ମାନିତ କରାଯାଇଥିଲା। ଏନ୍‌ଟିସିପିର ସାମଗ୍ରିକ କାର୍ଯ୍ୟାନ୍ୱୟନ କ୍ଷେତ୍ରରେ ଗଞ୍ଜାମ, ତମାଖୁ ନିୟନ୍ତ୍ରଣ ଆଇନ ପ୍ରବର୍ତ୍ତନରେ ଉତ୍କର୍ଷତା କ୍ଷେତ୍ରରେ ସୁନ୍ଦରଗଡ଼ ଏବଂ ଏନ୍‌ଟିସିପି ଅଧୀନରେ ଦକ୍ଷ ଆର୍ଥିକ ପରିଚାଳନା ସ୍ୱରୂପ କଟକ ଜିଲା ସମ୍ମାନିତ ହୋଇଥିଲା। ଏହାବ୍ୟତୀତ ସ୍କୁଲ ଏବଂ ଗଣଶିକ୍ଷା ବିଭାଗ, ଉଚ୍ଚଶିକ୍ଷା ବିଭାଗ, ଅବକାରୀ ବିଭାଗ, ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗ ଓ ଗୃହ ବିଭାଗକୁ ସେମାନଙ୍କର ଉଦାହରଣାତ୍ମକ ସହଯୋଗ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଜନସ୍ୱାସ୍ଥ୍ୟ ସ୍ୱତନ୍ତ୍ର ସଚିବ ଡା. ଜିତେନ୍ଦ୍ର ମୋହନ ବେବର୍ତ୍ତା, ରାଜ୍ୟ ଶିକ୍ଷା ଓ ତାଲିମ ଅନୁଷ୍ଠାନର ନିର୍ଦ୍ଦେଶକ ଡା. ଅମରେନ୍ଦ୍ରନାଥ ମହାନ୍ତି, ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନୀଳକଣ୍ଠ ମିଶ୍ର ଯୋଗଦେଇ ତମାଖୁ ମୁକ୍ତ ପିଢ଼ି ସୃଷ୍ଟି କରିବା ଉପରେ ଆଲୋକପାତ କରିଥିଲେ।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com


@ ସୁଜାତା


@ ଅସ୍ମିତା


@ ଉଜ୍ଜ୍ୱଳ


@ ରତିକାନ୍ତ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# 'ଉଦ୍ୟାନ ପଣ୍ଡିତ ଗୋପୀନାଥ' ଉନ୍ମୋଚନ

ଭୁବନେଶ୍ୱର, ୩୧।୫ (ସୌମ୍ୟରଞ୍ଜନ ରାଉତ)

ପୂଜ୍ୟପୂଜା ପକ୍ଷରୁ ଶନିବାର ଉଦ୍ୟାନ କୃଷି ବିଭାଗର ପୂର୍ବତନ ନିର୍ଦ୍ଦେଶକ ଡ. ଗୋପୀନାଥ ପରିଡ଼ାଙ୍କ ଜୀବନୀ ପୁସ୍ତକ 'ଉଦ୍ୟାନ ପଣ୍ଡିତ ଗୋପୀନାଥ' ବୁଦ୍ଧମନ୍ଦିରଠାରେ ଉନ୍ମୋଚିତ ହୋଇଯାଇଛି। ଏହାକୁ କାଳନ୍ଦୀ ଚରଣ ସାହୁ ଲେଖିଥିବାବେଳେ ଉଦ୍‌ଘାଟକ ଭାବେ ପୂର୍ବତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋ ଯୋଗଦେଇଥିଲେ। ସେ କହିଲେ, ଗୋପୀନାଥ ସଂଘର୍ଷପୂର୍ଣ୍ଣ ପରିସ୍ଥିତିରେ ନିଷ୍ଠା ଓ ଅଧ୍ୟବସାୟ ବଳରେ ଓଡ଼ିଶା ବାହାରେ ଶିକ୍ଷା ହାସଲ କରି ଜନ୍ମମାଟି ଓଡ଼ିଶାରେ ଉଦ୍ୟାନ କୃଷିର ଉନ୍ନତି ପାଇଁ ନିଜକୁ ସମର୍ପି ଦେଇଥିଲେ। ଅଧିକ ଅମଳକ୍ଷମ ଫଳ ଓ ପନିପରିବା ଚାଷକୁ ପ୍ରୋତ୍ସାହନ ଦେଇ ଚାଷୀଙ୍କ ଆର୍ଥିକ ପରିସ୍ଥିତିରେ ସୁଧାର ଆଣିପାରିଥିଲେ। ମୁଖ୍ୟବକ୍ତା ଭାବେ ତ୍ରିନାଥ ମହାରଣା କୃଷି ବିଶ୍ୱବିଦ୍ୟାଳୟରେ ଡ. ଗୋପୀନାଥଙ୍କ ଉନ୍ନତମାନର ଶିକ୍ଷାଦାନ ପଦ୍ଧତିର ପ୍ରଶଂସା କରି ରାଜ୍ୟ ସରକାରଙ୍କ ଉଦ୍ୟାନ କୃଷି ବିଭାଗର ଅବଦାନ ସମ୍ପର୍କରେ କହିଥିଲେ। ମୁଖ୍ୟଅତିଥି ଭାବେ ଡ. ନୃସିଂହ ପ୍ରସାଦ ତ୍ରିପାଠୀ ଉଦ୍ୟାନ କୃଷି ପାଇଁ ଗୋପୀନାଥଙ୍କ ଅବଦାନ, ଠାକୁର ଅନୁକୂଳଚନ୍ଦ୍ରଙ୍କ ବାଣୀର ପ୍ରଚାର ଓ ଗୀତାର ନୂତନ ଭାବାନୁବାଦ ସମ୍ପର୍କରେ ଆଲୋକପାତ କରିଥିଲେ। ସଭାପତି ଡା. ଅଶୋକ କୁମାର ମହାପାତ୍ର ଡ. ଗୋପୀନାଥଙ୍କ ଦ୍ୱାରା ଓଡ଼ିଶାରେ ଚାରା ବିକ୍ରୟ କେନ୍ଦ୍ର, ଫଳ ପୁଷ୍ପ ପ୍ରଦର୍ଶନୀ ଓ ନନ୍ଦନକାନନ ସୌନ୍ଦର୍ଯ୍ୟକରଣ କାର୍ଯ୍ୟର ଉଚ୍ଚ ପ୍ରଶଂସା କରିଥିଲେ। ପୀତବାସ ରାଉତରାୟ ପରିଚାଳନା ଓ ଡା. ଅଶୋକ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ।

# ଟିକେଟ ମିଳିବା ବିଳମ୍ବ ହେବାରୁ ଯୁବକଙ୍କ ଉନ୍ମତ୍ତକାଣ୍ଡ

## ଏସ୍‌ସିବି ମେଡିକାଲ

- ମହିଳା କର୍ମଚାରୀଙ୍କୁ ଗାଳିଗୁଲଜ କରି ଭିଡିଓ କଲେ
- ପୋଲିସର ଦବଙ୍ଗଗିରି ଭିଡିଓ ଭାଇରାଲ

କଟକ,୩୧।୫(ଶିଳ୍ପା ପ୍ରିୟଦର୍ଶିନୀ)

କଟକ ଏସ୍‌ସିବି ମେଡିକାଲ ଇଏନଟି ବିଭାଗ କାଉଣ୍ଟରରେ ଶନିବାର ଟିକେଟ ମିଳିବା ବିଳମ୍ବ ହେବାରୁ ଜଣେ ଯୁବକ ଉନ୍ମତ୍ତକାଣ୍ଡ ଘଟାଇଛନ୍ତି। କାଉଣ୍ଟରରେ ଥିବା ମହିଳା କର୍ମଚାରୀଙ୍କୁ ଗାଳି କରିବା ସହ ଭିଡିଓ ଉତ୍ତୋଳନ କରି ଅନ୍ୟ ରୋଗୀଙ୍କୁ ଟିକେଟ ନେବାକୁ ଅଟକାଇଛନ୍ତି। ଖବର ପାଇ ମେଡିକାଲ ଭାରପ୍ରାପ୍ତ ଅଧୀକ୍ଷକ, ସ୍ଥାନୀୟ ଫାଣ୍ଡି ଓ ଥାନା ପୋଲିସ ପହଞ୍ଚି ସମ୍ପୃକ୍ତ ଯୁବକଙ୍କୁ କାବୁ କରିଛନ୍ତି। କାଉଣ୍ଟରରେ ଥିବା ମହିଳା କର୍ମଚାରୀ ମଙ୍ଗଳାବାଗ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସର ଦବଙ୍ଗଗିରି ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଛି। ଭାଇରାଲ ଭିଡିଓରେ ପୋଲିସ ସମ୍ପୃକ୍ତ ଯୁବକଙ୍କୁ ଟାଣି ଟାଣି ନେଉଥିବା ଦେଖିବାକୁ ମିଳିଛି।

ଘଟଣାକ୍ରମେ, ଏସ୍‌ସିବି ମେଡିକାଲର କର୍ଣ୍ଣ, ନାଶା ଓ ଗଳା ବିଭାଗକୁ କଟକ ଶଙ୍କରପୁର ଅଞ୍ଚଳର ଆଶୁତୋଷ ସ୍ୱାଇଁ ଡାକ୍ତରଙ୍କୁ ଦେଖାଇବାକୁ ଶନିବାର ପୂର୍ବାହ୍ନ ପ୍ରାୟ ୧୧ଟାରେ ଆସିଥିଲେ। ଏଥିପାଇଁ ସେ ନିକଟସ୍ଥ ଟିକେଟ କାଉଣ୍ଟରରେ ଧାଡ଼ିରେ ଛିଡ଼ା ହୋଇଥିଲେ। କିଛି ସମୟ ଧାଡ଼ିରେ ଛିଡ଼ା ହେବା ପରେ ତାଙ୍କ ପାଳି ଆସିଥିବାବେଳେ ସେ ସମୟରେ ମେଡିକାଲର ଜଣେ ଡାକ୍ତର ଟିକେଟ ନେବାରୁ ମେଡିକାଲରେ ନିୟମ ପାଳନ କରାଯାଉ ନ ଥିବା କହି କାଉଣ୍ଟରରେ ଥିବା ମହିଳା କର୍ମଚାରୀଙ୍କୁ ଗାଳିଗୁଲଜ କରିବା ସହ ଭିଡିଓ ଉତ୍ତୋଳନ କରିଥିଲେ। ମହିଳା କର୍ମଚାରୀମାନେ ବୁଝାଶୁଝା କରିଥିବା ସତ୍ତ୍ୱେ ସେ କୌଣସି କଥା ନ ଶୁଣି ଗାଳିଗୁଲଜ କରିବା ସହ ଅନ୍ୟ ରୋଗୀ ଓ ସମ୍ପର୍କୀୟଙ୍କୁ ଟିକେଟ ନେବାକୁ ସୁଯୋଗ ଦେଇ ନ ଥିଲେ। ଅନ୍ୟ ରୋଗୀମାନେ ପ୍ରାୟ ଅଧଘଣ୍ଟା ଅପେକ୍ଷା କରି ରହି ଗାଳିଗୁଲଜ କରିବାକୁ ଆରମ୍ଭ କରିଥିଲେ। ପରିସ୍ଥିତି ଅସମ୍ଭାଳ ହେବାରୁ କାଉଣ୍ଟରରେ ଥିବା ମହିଳା କର୍ମଚାରୀ ସ୍ଥାନୀୟ ଏସ୍‌ସିବିର ଫାଣ୍ଡି ଓ ମେଡିକାଲ ଅଧୀକ୍ଷକଙ୍କୁ ଏହି ବିଷୟରେ ଜଣାଇଥିଲେ। ଖବର ପାଇ ଫାଣ୍ଡି ଅଧିକାରୀ ଓ ଅଧୀକ୍ଷକ ପହଞ୍ଚି ଆଶୁତୋଷଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ ସ ନିୟନ୍ତ୍ରଣକୁ ଆସି ନ ଥିଲେ। ପରେ ମେଡିକାଲ ଅଧୀକ୍ଷକ ମଙ୍ଗଳାବାଗ ପୋଲିସକୁ ଜଣାଇବାରୁ ଫାଣ୍ଡି ଓ ଥାନା ପୋଲିସ କର୍ମଚାରୀ ଆଶୁତୋଷଙ୍କୁ ଥାନାକୁ ନେଇଥିଲେ। ତେବେ ମେଡିକାଲ ପରିସରରୁ ପୋଲିସ କର୍ମଚାରୀମାନେ ଆଶୁତୋଷଙ୍କୁ ଥାନାକୁ ନେବାକୁ ଉଦ୍ୟମ କରୁଥିବା ସମୟରେ ଧସ୍ତାଧସ୍ତି ହେବା ଓ ଆଶୁତୋଷଙ୍କ ଶାର୍ଟ ଫାଡ଼ି ହେବାର ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଛି। ଏ ନେଇ ମଙ୍ଗଳାବାଗ ଥାନା ଅଧିକାରୀ ଉମାକାନ୍ତ ସାହୁଙ୍କୁ ପଚାରିବାରୁ କହିଛନ୍ତି, ଘଟଣା ସମ୍ପର୍କରେ ଖବର ପାଇବା ପରେ ପ୍ରଥମେ ଯୁବକଙ୍କୁ ବୁଝାଶୁଝା କରାଯାଇଥିଲା। ସେଠାରେ ରୋଗୀ ସେବା ଯେପରି ବ୍ୟାହତ ନ ହେବ ସେ ନେଇ ପୋଲିସ ଉଦ୍ୟମ କରିଥିଲା, ହେଲେ ସେ ନ ବୁଝିବା ଓ ସ୍ଥିତି ଅଣଆୟତ୍ତ ହେବାରୁ ତାଙ୍କୁ ଥାନାକୁ ଅଣାଯାଇଥିଲା। ଥାନାକୁ ଆଣିବା ସମୟରେ ପୋଲିସ କର୍ମଚାରୀଙ୍କ ସହ ସେ ଧସ୍ତାଧସ୍ତି କରିଥିଲେ। ମହିଳାଙ୍କ ଅଭିଯୋଗ ଆଧାରରେ ୧୯୬/୨୫ରେ ଏକ ମାମଲା ରୁଜୁ କରାଯାଇଛି। ଏହାସହ ସେ କରିଥିବା ଭିଡିଓ ସିଜ୍ କରିବା ସହ ତାଙ୍କୁ ନୋଟିସ କରାଯାଇଥିବା ସାହୁ କହିଛନ୍ତି।



ପୋଲିସ ଯୁବକଙ୍କୁ ଟାଣି ଥାନାକୁ ନେଉଛି।

## ସଂକ୍ଷେପରେ

### ଯୁବକଙ୍କ ମୃତଦେହ ଜବତ

ଚୌଦ୍ୱାର,୩୧।୫(ଆଶୁତୋଷ ଦାସ)

ଚୌଦ୍ୱାର ଥାନା ବାଣିପଦା ପଞ୍ଚାୟତ ଗୋପାଳପୁର ଶିଳ୍ପାଞ୍ଚଳରେ ଏକ ଗୋଦାମ ପରିସରରୁ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଶନିବାର ଚୌଦ୍ୱାର ପୋଲିସ ଜବତ କରିଛି। ମୃତକ ହେଲେ ରାଜସ୍ଥାନ ରାଜ୍ୟ ସିନ୍ଧ୍ରି ଅଞ୍ଚଳର ତୋଗା ରାମ (୨୦)। ତୋଗାରାମ ଗତ ୮ ଦିନ ତଳେ ଆସି ଗୋପାଳପୁର ଶିଳ୍ପାଞ୍ଚଳ ପାଖ କଜଳଖଣାରେ ରହି ମଙ୍ଗୁଳିରେ ଏକ ସ୍ଥାନରେ ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ। ତାଙ୍କ ଅଞ୍ଚଳର କିଛି ରାଜସ୍ଥାନୀ ଲୋକ ଏହି ଗୋଦାମ ପରିସରରେ ରହୁଥିବାବେଳେ ଶୁକ୍ରବାର ରାତିରେ ତୋଗାରାମ ସେଠାକୁ ଯାଇଥିଲେ। ରାତିରେ ସେ ଖାଇପିଇ ଶୋଇଥିଲେ। ସକାଳୁ ପାଖରେ ଥିବା ଏକ ଲିମ୍ବ ଗଛରେ ତୋକାରାମ ଝୁଲନ୍ତା ଅବସ୍ଥାରେ ଲୋକମାନେ ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କଟକ ବଡମେଡିକାଲ ପଠାଇଥିଲା। ମୃତ୍ୟୁର କାରଣ ଜଣାପଡ଼ି ନ ଥିବା ବେଳେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି। ଚୌଦ୍ୱାର ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୧୧/୨୫) ରୁଜୁ କରାଯାଇ ତଦନ୍ତ ଜାରି ରହିଛି।

### ଶ୍ରୀଧର ସ୍ୱାମୀଙ୍କ ଅମୃତ ମହୋତ୍ସବ

କଟକ ସଦର,୩୧।୫(ସୁଶାନ୍ତ କୁମାର ଜେନା)

୪୨ ମୌଜା ଅନ୍ତର୍ଗତ ବେଷ୍ଟକାରସ୍ଥିତ ଭଜ ଗୋବିନ୍ଦ ପୀଠରେ ଶ୍ରୀଧର ସ୍ୱାମୀଙ୍କ ଅମୃତ ମହୋତ୍ସବ ପାଳିତ ହୋଇଯାଇଛି। ଏଥିରେ ଭୁବନେଶ୍ୱର ଇସ୍କନ ମନ୍ଦିରର ସନ୍ୟାସୀ କୃଷ୍ଣ ଗତି ଦାସ, ତିରୁପତିସ୍ଥିତ ଜାତୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଡ. ହରେକୃଷ୍ଣ ଶତପଥୀ, ବିହାରର କେନ୍ଦ୍ରୀୟ କୃଷି ବିଦ୍ୟାଳୟର ପୂର୍ବତନ କୁଳପତି ଡ.ପ୍ରଫୁଲ୍ଲ ମିଶ୍ର, ବରିଷ୍ଠ ଖବରଦାତା ପ୍ରଦ୍ୟୁମ୍ନ ଶତପଥୀଙ୍କ ସମେତ ଅନେକ ସାଧୁସନ୍ଥ ଯୋଗ ଦେଇଥିଲେ। ଶ୍ରୀଧର ସ୍ମୃତି କମିଟି ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ବେଷ୍ଟକାର ପଞ୍ଚାୟତବାସୀ ସହଯୋଗ କରିଥିଲେ।

### ଆକ୍ରମଣରେ ଯୁବକ ଗୁରୁତର

ଚୌଦ୍ୱାର,୩୧।୫(ଆଶୁତୋଷ ଦାସ)

ଓଟିଏମ୍ ହାଇସ୍କୁଲ ନିକଟ ବଧି ପଡ଼ିଆରେ ଶନିବାର ସନ୍ଧ୍ୟାରେ ୨ଜଣ ଯୁବକଙ୍କ ଆକ୍ରମଣରେ ଜଣେ ଯୁବକ ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି। ଆହତ ହେଲେ ଢେଙ୍କାନାଳ ଅଞ୍ଚଳର ତ୍ରିନାଥ ମହାପାତ୍ର ଓରଫ ଜଗା। ପୋଲିସ ସୂଚନା ଅନୁଯାୟୀ, ଜଗା ୨ମାସ ହେବ ଆଗ୍ରାହାଟ କାଳୀ ମନ୍ଦିର ନିକଟ ଏକ ଘର ଭଡ଼ାନେଇ ରହୁଥିଲେ। ସନ୍ଧ୍ୟାରେ ଜଗା, ତାଙ୍କ ଦାଦାପୁଅ ଭାଇ ଓ ଜଗାଙ୍କ ସାବତ ଭାଇ ବଧି ପଡ଼ିଆକୁ ଯାଇ ମଦ୍ୟପାନ କରିଥିଲେ। ପରେ ଜଗା ଓ ତାଙ୍କ ଦୁଇ ଭାଇଙ୍କ ମଧ୍ୟରେ କୌଣସି କଥାକୁ ନେଇ ଝଗଡ଼ା ହୋଇଥିଲା। ଜଗାଙ୍କ ୨ଭାଇ ଏକ ଧାରୁଆ ଅସ୍ତ୍ରରେ ଜଗା ବେକକୁ ଆଘାତ କରିବାରେ ସେ ଗୁରୁତର ଆହତ ହୋଇ ତଳେ ପଡ଼ିଥିଲେ। ପରେ ଉଭୟ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ପୋଲିସ ଗୁରୁତର ଜଗାଙ୍କୁ ଉଦ୍ଧାର କରି କଟକ ବଡ଼ଡାକ୍ତରଖାନାକୁ ପଠାଇଛି। ଫେରାର ୨ଜଣଙ୍କ ନାମ ଜଣାପଡ଼ିନାହିଁ। ପାରିବାରିକ କଳହରୁ ଏହି ଆକ୍ରମଣ ହେଇଥିବା ଆଇଆଇସି ବିଶ୍ୱରଞ୍ଜନ ସାହୁ ସୂଚନା ଦେଇଛନ୍ତି।



କଟକ ଗଡ଼ଗଡ଼େଶ୍ୱର ମନ୍ଦିର ପ୍ରାଙ୍ଗଣରେ ଶନିବାର ଅନୁଷ୍ଠିତ ଶିବ ପାର୍ବତୀ ବିବାହ ମହୋତ୍ସବ। (ଫଟୋ: ରାଜକିଶୋର ମହାନ୍ତି)

## ନୀଳକଣ୍ଠ ନାଥ ଦେବଙ୍କ ପୀଠରେ ଶିବ ବିବାହ

କଟକ ସଦର,୩୧।୫(ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ ଅନ୍ତର୍ଗତ ବରାଳସ୍ଥିତ ନୀଳକଣ୍ଠ ନାଥ ଦେବଙ୍କ ପୀଠରେ ଶିବ ବିବାହ ଉତ୍ସବ ଶନିବାର ଧାର୍ମିକ ଭାବନା ମଧ୍ୟରେ ସମ୍ପନ୍ନ ହୋଇଯାଇଛି। ବର ପିତା ସମୀର କୁମାର ପଣ୍ଡା ଓ କନ୍ୟାପିତା ମୁରଲୀ ଧର ନାୟକ ପରମ୍ପରା ଓ ବିଧି ଅନୁଯାୟୀ ଦେବ ଦମ୍ପତି ଶିବ ପାର୍ବତୀଙ୍କ ବିବାହ କାର୍ଯ୍ୟ ସମ୍ପନ୍ନ କରିଥିଲେ। ପ୍ରାରମ୍ଭରେ ବର ଶୋଭାଯାତ୍ରା ନଗର ପରିକ୍ରମା କରିବା ପରେ ବିବାହ ମଣ୍ଡପରେ ପହଞ୍ଚିଥିଲେ। ଏହି ବିବାହ କାର୍ଯ୍ୟ ଦେଖିବା ପାଇଁ ଭକ୍ତମାନଙ୍କ ସମାଗମ ହୋଇଥିଲା। ସେହିପରି କଳ ପଡ଼ାର କଦମେଶ୍ୱର୍ ମନ୍ଦିର, ଦେଉଳିର ବାଲୁଙ୍କେଶ୍ୱର ପୀଠରେ ଶିବ ବିବାହ ସମ୍ପନ୍ନ ହୋଇଛି।



ନୀଳକଣ୍ଠ ନାଥ ଦେବଙ୍କ ପୀଠରେ ଅନୁଷ୍ଠିତ ଶିବ ପାର୍ବତୀ ବିବାହ ଉତ୍ସବ।

## ବିଶ୍ୱ ତମାଖୁ ବର୍ଜନ ଦିବସ ପାଳନ

କଟକ,୩୧।୫(କାର୍ତ୍ତିକ ସାହୁ)

ତମାଖୁ ସେବନ ଆମ ସ୍ୱାସ୍ଥ୍ୟ ପ୍ରତି ବିପଦଜନକ। ପ୍ରତ୍ୟକ୍ଷ ବା ପରୋକ୍ଷ ଭାବେ ଏହା ଶାରୀରିକ, ସାମାଜିକ, ଅର୍ଥନୈତିକ ତଥା ପାରିପାର୍ଶ୍ୱ ପରିବେଶ ପ୍ରତି ବିପଦ ସୃଷ୍ଟି କରେ। ତେଣୁ ତମାଖୁ ମୁକ୍ତ ସୁସ୍ଥ ପରିବେଶ ସୃଷ୍ଟି କରିବା ଏକାନ୍ତ ଆବଶ୍ୟକ ବୋଲି ଶନିବାର ପୂର୍ବାହ୍ନରେ କଟକ ମିଡ୍‌ଟାଉନ ରୋଟାରୀ କ୍ଲବ ଆନୁକୂଲ୍ୟରେ ସଭାପତି ତଥା ପରିବେଶବିତ ଡ଼ଃ ଆଶୁତୋଷ ଦେବତାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରୋଟାରୀ ୩୨୬୨ ପ୍ରାନ୍ତପାଳ ଯଜ୍ଞାନଶିଷ ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ମତବ୍ୟକ୍ତ କରିଛନ୍ତି। ଏହି ଉପଲକ୍ଷେ ଏକ ଅଟୋ ରିକ୍ସା ସଚେତନତା ଶୋଭାଯାତ୍ରାରେ ସଭ୍ୟମାନେ ଯୋଗଦେଇ ସହର ପରିକ୍ରମା କରିଥିଲେ। ପ୍ରତ୍ୟେକ ଅଟୋରେ ତମାଖୁ ବର୍ଜନକୁ ଅଗ୍ରାଧିକାର ଦିଆଯାଇଥିବା ସ୍ଲୋଗାନ ଲେଖା ହୋଇଥିଲା। ରୋଟାରୀଆନମାନଙ୍କ ମଧ୍ୟରେ ସର୍ବଶ୍ରୀ ମେଜର ନନ୍ଦ କିଶୋର ଶତପଥି, ଶୁଭ୍ରାଂଶୁ ସାମନ୍ତରାୟ, ରମେଶ ଚନ୍ଦ୍ର ସିଂ, ବିଭୂତି ଭୂଷଣ ରାଉତ, ରଘୁନାଥ ଭୁତ, କାହ୍ନୁ ଚରଣ ଦାସ, ଓମ ପ୍ରକାଶ ଜଳାନ, ରୁପେଶ ରାଉତ, ବିମ୍ବିସାର ଦାଶ ପ୍ରମୁଖ ସକ୍ରିୟ ଅଂଶଗ୍ରହଣ କରିଥିଲେ। ଭବିଷ୍ୟତ ବଂଶଧର ଏହି ପ୍ରଭାବରେ ଆକ୍ରାନ୍ତ ନ ହୁଅନ୍ତୁ ବୋଲି ସ୍ଥାନୀୟ ବିଡାନାସୀ ମମତା ଗୃହ ପ୍ରାଙ୍ଗଣରେ ବଉଳ ବୃକ୍ଷ ରୋପଣ କରାଯାଇଥିଲା। କ୍ଲବ ମିଟିଂରେ ତମାଖୁ ବର୍ଜନ ଉପରେ ଆଧାରିତ ଏକକ ନାଟିକା ସମ୍ବିଦ ମହାନ୍ତି ପରିବେଷଣ କରିଥିଲେ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଅସ୍ମିତା



@ ରତିକାନ୍ତ



@ ସୁଜାତା



@ ଉଜ୍ଜ୍ୱଳକୁମାର

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଖରିଫ, ରବି ଋତୁରେ ଚାଷୀଙ୍କୁ ମିଳିବ ଜଳସେଚନ ସୁବିଧା

### ଚେକ୍‌ଡ୍ୟାମ୍ ଉଦ୍‌ଘାଟନକଲେ ବିଧାୟକ

ଚୌଦ୍ୱାର,୩୧।୫(ଆଶୁତୋଷ ଦାସ)

ଆଗ୍ରାହାଟ ପଞ୍ଚାୟତ ଅଧୀନ ତାଳପଦା କେନାଲ ଉପରେ ଏକ ନୂତନ ଚେକ୍‌ଡ୍ୟାମ୍ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଗନ୍ଧନଦୀର ନାଳ ଉପରେ ୭୨ ଲକ୍ଷ ୯୪ ହଜାର ଟଙ୍କା ବିନିମୟରେ ନିର୍ମିତ ଏହି ଆଡ଼ିବନ୍ଧ (ଚେକ୍ ଡ୍ୟାମ୍) ଚୌଦ୍ୱାର କଟକ ବିଧାୟକ ସୌଭିକ୍ ବିଶ୍ୱାଳ ଉଦ୍‌ଘାଟନ କରିଥିଲେ। ସ୍ଥାନୀୟ ଅଞ୍ଚଳର ଚାଷୀମାନଙ୍କ ଦୀର୍ଘ ଦିନର ଦାବି ଓ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳଙ୍କ ନିଷ୍ଠାପର ପ୍ରଚେଷ୍ଟାରେ ଏହି ଡ୍ୟାମ୍ ନିର୍ମାଣ ସଫଳ ହୋଇ ପାରିଥିବା ଏବଂ ଏହି ଡ୍ୟାମ୍ ଦ୍ୱାରା ଅଞ୍ଚଳର କୃଷକମାନେ ବିଶେଷ ଉପକୃତ ହୋଇପାରିବେ ବୋଲି ପ୍ରକାଶ କରିଥିଲେ।

ଏହି ଡ୍ୟାମ୍‌ରେ ପ୍ରାଥମିକ ଭାବେ ଅନ୍ୟୁନ ୧କି.ମି. ପରିମିତ ସ୍ଥାନରେ ଜଳ ସଂରକ୍ଷିତ ହୋଇପାରିବ। ପ୍ରାୟ ୩୪ ହେକ୍ଟର ଜମିରେ ଉଭୟ ଖରିଫ୍ ଓ ରବି ଋତୁରେ ଚାଷୀଙ୍କୁ ଜଳ ସେଚନ ସୁବିଧା ପାରିବ ବୋଲି ଉଦ୍‌ଘାଟନୀ ଉତ୍ସବରେ ଅତିଥି ଭାବେ ଯୋଗଦେଇଥିବା କଟକ କ୍ଷୁଦ୍ର ଜଳସେଚନ ବିଭାଗ ସୁପରିଣ୍ଟେଣ୍ଡେଣ୍ଟ ଇଂଜିନିୟର ବସନ୍ତ ସୋରେନ୍ ସୂଚନା ଦେଇଛନ୍ତି। ଟାଙ୍ଗୀ-ଚୌଦ୍ୱାର ବ୍ଲକ୍ ଉପାଧ୍ୟକ୍ଷା ସୁପ୍ରିୟା ଜେଠୀ, ଜିଲ୍ଲା ପରିଷଦ ସଦସ୍ୟା ଜ୍ୟୋତ୍ସ୍ନାରାଣୀ ସୁବୁଦ୍ଧିରାୟ, ଆଗ୍ରାହାଟ ସରପଞ୍ଚ ସନ୍ଧ୍ୟାରାଣୀ ରାଉତ, ସମିତି ସଭ୍ୟା ରୀତା ରାଉତ, କ୍ଷୁଦ୍ର ଜଳସେଚନ ବିଭାଗ ସହକାରୀ ଇଂଜିନିୟର ଦୁର୍ଗାପ୍ରସାଦ ରାଉତ, ତମସା ସ୍ୱାଇଁ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ।



ଚେକ୍‌ଡ୍ୟାମ୍ ଉଦ୍‌ଘାଟନ ଅବସରରେ ଉପସ୍ଥିତ ବିଧାୟକ ଏବଂ ଅନ୍ୟମାନେ।

## ନାଳନର୍ଦ୍ଦମାରୁ ତୁରନ୍ତ ଆବର୍ଜନା ସଫା କର

### କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କ ବିଭିନ୍ନ ଅଞ୍ଚଳ ପରିଦର୍ଶନ

କଟକ,୩୧।୫(ଶିଳ୍ପା ପ୍ରିୟଦର୍ଶିନୀ)

ବର୍ଷାଋତୁ ସମୟରେ କଟକ ସହରରେ କୃତ୍ରିମ ଜଳବନ୍ଦୀ ଓ ଜଳ ନିଷ୍କାସନ ସମସ୍ୟାକୁ ଦୃଷ୍ଟିରେ ରଖି ଶନିବାର ସକାଳେ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ବି. ପରମେଶ୍ୱରମ କଟକ ମହାନଗର ନିଗମର ଅଧିକାରୀ ଓ ଯନ୍ତ୍ରୀମାନଙ୍କ ସହ ବିଭିନ୍ନ ଅଞ୍ଚଳ ପରିଦର୍ଶନ କରି ସ୍ଥିତି ପରଖି ଥିଲେ। ଲଗାଣ ବର୍ଷା ସମୟରେ ସହରର ନାଳନର୍ଦ୍ଦମା ସଫେଇ କାର୍ଯ୍ୟ ସହ ବକ୍ସ ଡ୍ରେନର ସଫେଇ କାର୍ଯ୍ୟର ଅଗ୍ରଗତି ନିଜେ ବୁଲି ଦେଖିଥିଲେ। ସମାଜ କାର୍ଯ୍ୟାଳୟ ନିକଟସ୍ଥ ପଟାପୋଲ ଅଞ୍ଚଳ, ବାରପଥରଠାରୁ ରାଉସ ପାଟଣା, ଛତ୍ରବଜାର, ମାତୃ ଭବନ ଆଦି ଶାଖା ସ୍ରୋତ ନାଳଗୁଡ଼ିକର ଅବସ୍ଥା ପରଖି ଥିଲେ। କଲ୍ୟାଣ ନଗରଠାରେ ଏସ୍କାଭେଟର ଜରିଆରେ ଦଳ ସଫେଇ କାର୍ଯ୍ୟ ମଧ୍ୟ ବୁଲି ଦେଖିଥିଲେ। ପଦକ୍ଷେପ ସ୍ୱରୂପ ଆବଶ୍ୟକସ୍ଥଳେ ଅଧିକ କର୍ମଚାରୀ ନିୟୋଜିତ କରାଯାଇ ତଥା ମେଶିନ ବ୍ୟବହାର କରି ଯୁଦ୍ଧକାଳୀନ ଭିତ୍ତିରେ ଏହି ସମସ୍ତ ଅଞ୍ଚଳରେ ମୁଖ୍ୟ ସ୍ରୋତ ନାଳ ଏବଂ ଶାଖା ସ୍ରୋତ ନାଳଗୁଡ଼ିକ ସଫେଇ କାର୍ଯ୍ୟ ଉପରେ ରାଜସ୍ୱ ଆୟୁକ୍ତ ଗୁରୁତ୍ୱ ଦେଇଥିଲେ। କଟକ ମହାନଗର ନିଗମ ଆୟୁକ୍ତ ଅନାମ ଚରଣ ପାତ୍ରଙ୍କ ସହ ସମସ୍ତ ସ୍ଥିତି ଓ ପଦକ୍ଷେପ ସମ୍ପର୍କରେ ଆଲୋଚନା କରି ବୁଲି ଦେଖିଥିବା ଛୋଟ ବଡ଼ ନାଳଗୁଡ଼ିକରେ ଭରି ରହିଥିବା ଅଳିଆ ଆବର୍ଜନା ଗୁଡ଼ିକ ତୁରନ୍ତ ସଫେଇ ପାଇଁ ନିର୍ଦ୍ଦେଶ ଦେଇଥିଲେ। ପ୍ରକାଶ ଥାଉକି ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ କଟକ ସହରର ତଳିଆ ଅଞ୍ଚଳରେ ଜଳମଗ୍ନ ଓ ନାଳ ନର୍ଦ୍ଦମାରେ ଜଳ ନିଷ୍କାସନ ସମସ୍ୟା ଦୂର କରିବା ନିମନ୍ତେ ରାଜସ୍ୱ ଆୟୁକ୍ତ ପରମେଶ୍ୱରମ ଶୁକ୍ରବାର ସନ୍ଧ୍ୟାରେ ନିଜ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ମହାନଗର ନିଗମର ଅଧିକାରୀ ଓ ଯନ୍ତ୍ରୀମାନଙ୍କ ସହ ସମୀକ୍ଷା ବୈଠକ କରିବା ପରେ ଶନିବାର ସ୍ଥିତି ପରଖିବା ପାଇଁ ବିଭିନ୍ନ ଅଞ୍ଚଳର ନାଳ ନର୍ଦ୍ଦମା ପରିଦର୍ଶନ କରିଥିଲେ। ପରିଦର୍ଶନ ସମୟରେ ଡେପୁଟି କମିଶନର ଶ୍ୱେତସ୍ନିଗ୍ଧା ପ୍ରଧାନ, ସହର ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସତ୍ୟବ୍ରତ ମହାପାତ୍ର, ନିର୍ବାହୀ ଯନ୍ତ୍ରୀ ସଂଯୁକ୍ତା ସା, ଭରତ ସେଠୀ, ସୁବାସ ସାହୁଙ୍କ ସମେତ ମହାନଗର ନିଗମର ଅନ୍ୟାନ୍ୟ ଯନ୍ତ୍ରୀ, ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।



କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ କଟକ ସହରର ଏକ ନର୍ଦ୍ଦମା ସ୍ଥଳ ପରିଦର୍ଶନ କରୁଛନ୍ତି।

# ମେଗା ପାନୀୟଜଳ ପ୍ରକଳ୍ପ ସ୍ଥଳ ପରିଦର୍ଶନ, ସମୀକ୍ଷା

ଖୋର୍ଦ୍ଧା,୩୧।୫(ପ୍ରଭାତ ପାଣିଗ୍ରାହୀ)

ଓଡ଼ିଶା ବିଧାନସଭା ଗ୍ରାମ୍ୟ ପାନୀୟଜଳ ଯୋଗାଣ, ପରିମଳ ଓ ଗ୍ରାମ୍ୟ ଉନ୍ନୟନ ବିଭାଗୀୟ ସ୍ଥାୟୀ ଷ୍ଟାଣ୍ଡିଂ କମିଟି(୯ମ) ଶନିବାର ଖୋର୍ଦ୍ଧା ଗସ୍ତ କରି ମେଗା ପାନୀୟଜଳ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଅନୁଧ୍ୟାନ ସହ ସମୀକ୍ଷା କରିଛନ୍ତି।

ପୂର୍ବାହ୍ନ ୧୧ଟାରେ ଏହି କମିଟିର ଅଧ୍ୟକ୍ଷ ତଥା ବଡ଼ସାହି ବିଧାୟକ ସନାତନ ବିଜୁଳିଙ୍କ ତତ୍ତ୍ୱାବଧାନରେ ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ, ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର, ବଡ଼ଚଣା ବିଧାୟକ ଅମର କୁମାର ନାୟକ, କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ଚନ୍ଦ୍ର ନାୟକ, ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ, ସୋରଡ଼ା ବିଧାୟକ ନୀଳମଣି ବିଶୋଇ ପ୍ରମୁଖ ଟାଙ୍ଗୀ ବ୍ଲକ ଅନ୍ତର୍ଗତ ରାମେଶ୍ୱରଠାରେ ଜଳ ଜୀବନ ମିଶନ ଅନୁଦାନରେ ୧୨୧.୪୫ କୋଟି ବ୍ୟୟରେ ଏନ୍‌ସିସି ଲିମିଟେଡ କମ୍ପାନୀ ଦ୍ୱାରା ନିର୍ମାଣଧୀନ ମେଗା ପାଇପ ପାନୀୟଜଳ ପ୍ରକଳ୍ପର ଅନୁଧ୍ୟାନ କରିଥିଲେ। କମିଟି ସଦସ୍ୟମାନେ ନିର୍ମାଣାଧୀନ ପ୍ରକଳ୍ପର କ୍ଷେତ୍ର ପରିଦର୍ଶନ ସହ ମୁଖ୍ୟଯନ୍ତ୍ରୀ ଇଂ.ସୁରେନ୍ଦ୍ର କୁମାର ବେହେରା, ଖୋର୍ଦ୍ଧା ଅଧୀକ୍ଷଣ ଯନ୍ତ୍ରୀ ରଶ୍ମିତା ଦାସ, କମ୍ପାନୀ



ସମୀକ୍ଷା ବୈଠକରେ ବିଧାୟକ, ଜିଲାପାଳ ଏବଂ ଅନ୍ୟ ଅଧିକାରୀ।

ପରିଚାଳକଙ୍କ ସହ ଏହାର ଅଗ୍ରଗତି ସଂକ୍ରାନ୍ତରେ ସମୀକ୍ଷା ସହ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ ପାଇଁ ନିର୍ଦ୍ଦେଶ ଦେଇଥିଲେ। କମ୍ପାନୀ କର୍ତ୍ତୃପକ୍ଷଙ୍କୁ ପାରିପାର୍ଶ୍ୱିକ ଉନ୍ନତି ପୂର୍ଣ୍ଣମାତ୍ରାରେ ସହଯୋଗ ପାଇଁ ନିର୍ଦ୍ଦେଶ ଦେଇଥିଲେ। ସ୍ଥାନୀୟ ରାସ୍ତାଘାଟ ମରାମତି, ବିଦ୍ୟାଳୟଗୁଡ଼ିକରେ ଥଣ୍ଡା ପାନୀୟଜଳ ଯୋଗାଣ, ଅଙ୍ଗନୱାଡି କେନ୍ଦ୍ରରେ ଆକ୍ୱାଗାର୍ଡ ଲଗାଇବା, ସ୍ୱାସ୍ଥ୍ୟଶିବିର ଆୟୋଜନ କରି ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଇବା, ସ୍ଥାନୀୟ ଶ୍ରମିକଙ୍କୁ କାମରେ ନିୟୋଜନ ତଥା ଶ୍ରମ ଆଇନ ଅନୁଯାୟୀ ଉପଯୁକ୍ତ ଅର୍ଥ ପ୍ରଦାନ, ପ୍ରକଳ୍ପର ବିସ୍ତୃତ ବିବରଣୀ କମିଟିକୁ ଅବଗତ କରାଇବା ପାଇ ନିର୍ଦ୍ଦେଶ ଦେଇଥିଲେ।

**ବିଧାନସଭା ବିଭାଗୀୟ ସ୍ଥାୟୀ କମିଟିର ଖୋର୍ଦ୍ଧା ଗସ୍ତ**

- ଧାର୍ଯ୍ୟ ସମୟରେ ନିର୍ମାଣ ସାରିବାକୁ ନିର୍ଦ୍ଦେଶ
- ଉପକୃତ ହେବେ ୧୭ ପଞ୍ଚାୟତର ୧୧୦ ଗ୍ରାମ
- ଗ୍ରାମାଞ୍ଚଳ ସେତୁ, ଅନ୍ତ୍ୟୋଦୟ ଗୃହ, ଆବାସକୁ ଗୁରୁତ୍ୱ

ପ୍ରକାଶ ଯେ,ଏହି ମେଗା ପାନୀୟଜଳ ପ୍ରକଳ୍ପ ଦ୍ୱାରା ଟାଙ୍ଗୀ ବ୍ଲକର ୧୭ଟି ପଞ୍ଚାୟତ ଲେଣ୍ଢୁ, ଡିଆ, ନିରାକାରପୁର, ରାମେଶ୍ୱର, ମଙ୍ଗଳାଯୋଡ଼ି, କନ୍ତାଳବାଇ, ଉଜ୍ଜ୍ୱଳା, ଗୋପୀନାଥପୁର, କାମଗୁଡା, ଅଚ୍ୟୁତପୁରପାଟଣା, ସରପାରି, ଟାଙ୍କୋଳ, ଓଳସିଂହ, ଛାଙ୍ଗିରି ବଡ଼ପୋଖରିଆ, ସାନ ରାଉତପଡ଼ା ନୂଆଗଡ ଓ ସୁନ୍ଦରପୁର ଆଦି ପଞ୍ଚାୟତର ୧୧୦ ଗ୍ରାମ ବିଶୁଦ୍ଧ ପାନୀୟଜଳ ସେବା ପାଇବେ। କମିଟି ଗସ୍ତ ସମୟରେ ଟାଙ୍ଗୀ ବ୍ଲକ ପ୍ରଶାସନିକ ଅଧିକାରୀ, ଜନପ୍ରତିନିଧି ଏବଂ ଜିଲା ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ଥିଲେ।

ଅପରାହ୍ନ ୪ଟା ସମୟରେ ଜିଲାପରିଷଦ ସମ୍ମିଳନୀ କକ୍ଷରେ ସମୀକ୍ଷା ବୈଠକ ହୋଇଥିଲା। ସ୍ଥାନୀୟ ବିଧାୟକ ପ୍ରଶାନ୍ତ ଜଗଦେବ, ଜଟଣୀ ବିଧାୟକ ବିଭୂତି ବଳବନ୍ତରାୟ, ଜୟଦେବ ବିଧାୟକ ନବକିଶୋର ମଲ୍ଲିକ, ଜିଲାପରିଷଦ ଅଧ୍ୟକ୍ଷା ରୁପଶ୍ରୀରାଣୀ ଗୁମାନସିଂ, ଉପାଧ୍ୟକ୍ଷ ଗୋପୀନାଥ ମହାରଣା, ଜିଲାପାଳ ଚଞ୍ଚଳ ରାଣା, ଜିଲାପରିଷଦ ଉନ୍ନୟନ ଅଧିକାରୀ ଜ୍ୟୋତିଶଙ୍କର ସାହୁ, ଗ୍ରାମ୍ୟ ଉନ୍ନୟନ ଅଧୀକ୍ଷଣ ଯନ୍ତ୍ରୀ ଡିପିସି ଓର୍ମାସଙ୍କ ସମେତ ଅଧୀକ୍ଷଣ ଯନ୍ତ୍ରୀ ରଶ୍ମିତା ଦାସଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ଜିଲାର ୯ଟି ମେଗା ପାନୀୟଜଳ ପ୍ରକଳ୍ପଗୁଡ଼ିକର ସ୍ଥିତି ସମୀକ୍ଷା କରିଥିଲେ। ଗ୍ରାମ୍ୟ ଗୃହ ନିର୍ମାଣ ଯୋଜନା, ଆବାସ, ଗ୍ରାମ୍ୟ ସଡ଼କ ଯୋଜନା ପ୍ରକଳ୍ପର ଅଗ୍ରଗତି, ନିର୍ମାଣାଧୀନ ରାସ୍ତା ତୁରନ୍ତ ମରାପତି, ଗ୍ରାମାଞ୍ଚଳ ସେତୁ, ରାସ୍ତା, ଗୃହ ନିର୍ମାଣ, ଅନ୍ତୋଦୟ ଗୃହ ନିର୍ମାଣ ଯୋଜନା ଉପରେ ଆଲୋଚନା କରିଥିଲେ। ଅନ୍ତୋଦୟ ଯୋଜନାରେ ୧୭୫୫ ପ୍ରକଳ୍ପ ଲକ୍ଷ୍ୟ ଧାର୍ଯ୍ୟ ରହିଥିବା ବେଳେ ୧୭୧୧ ପ୍ରକଳ୍ପକୁ ମଞ୍ଜୁରି ଦିଆଯାଇ ୧୬୩୫ ହିତାଧିକାରୀଙ୍କୁ ପ୍ରଥମ କିସ୍ତି ପ୍ରଦାନ ଦିଆଯାଇଛି। ଆଦର୍ଶ କଲ୍ୟାଣ ମଣ୍ଡପ ଯୋଜନା ତ୍ୱରାନ୍ୱିତ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟର ପ୍ରଶଂସା କରିଥିଲେ। ବୈଠକରେ ଷ୍ଟାଣ୍ଡିଂ କମିଟିର ସହଯୋଗୀ ଅଧିକାରୀ, ବିଭିନ୍ନ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଅବସର ଦିବସରେ ପୂର୍ଣ୍ଣାଙ୍ଗ ପେନ୍‌ସନ ପ୍ରଦାନ

ବାଘମାରୀ,୩୧।୫(ମିହିର ରଞ୍ଜନ ମହାପାତ୍ର)

ବେଗୁନିଆ ବ୍ଲକ ସାରୁଅ ସରକାରୀ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ବସୁମତୀ ଦେଇ ଶନିବାର ଅବସର ନେଇଛନ୍ତି। ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାସ୍କର ଲେଙ୍କା ସରକାରଙ୍କ ନିୟମାନୁଯାୟୀ ବସୁମତୀଙ୍କୁ ପୂର୍ଣ୍ଣାଙ୍ଗ ପେନ୍‌ସନ ପ୍ରଦାନ କରିଥିଲେ।ସିଆର୍‌ସିସି ଏବଂ କାର୍ଯ୍ୟାଳୟର କର୍ମଚାରୀମାନେ ଉପସ୍ଥିତ ଥିଲେ।

### ଶାଖା ପରିଚାଳକ ସନ୍ତୋଷଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ବେଗୁନିଆ,୩୧।୫(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ ଅନ୍ତର୍ଗତ କଣ୍ଟାବାଡ଼ ଗ୍ରାମସ୍ଥିତ ଇଣ୍ଡିଆନ ବ୍ୟାଙ୍କ ଶାଖା ପରିଚାଳକ ସନ୍ତୋଷ କୁମାର ସେନାପତିଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଚିନ୍ତାମଣି ଦାଶ ଶର୍ମାଙ୍କ ଅଧ୍ୟକ୍ଷତାରେ ନୂତନ ଶାଖା ପରିଚାଳକ ଅଜୟ ବର ମୁଖ୍ୟ ଅତିଥି, ଶିକ୍ଷାବିତ୍ କୁଳମଣି ମିଶ୍ର ମୁଖ୍ୟ ବକ୍ତା, ସହକାରୀ ଶାଖା ପରିଚାଳକ ପ୍ରଦୀପ୍ତ କୁମାର ଭୋଇ, କୋଷାଧ୍ୟକ୍ଷ ଦିଲୀପ କୁମାର ସାହୁ, ପୂର୍ବତନ ସରପଞ୍ଚ ପ୍ରଶାନ୍ତ କୁମାର ବେହେରା ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ବିଦାୟୀ ଶାଖା ପରିଚାଳକ ସେନାପତିଙ୍କ କାର୍ଯ୍ୟଶୈଳୀ ଓ ଦକ୍ଷତା ଉପରେ ଅବତାରଣା କରିଥିଲେ। ଏଥିସହିତ ନୂତନ ଶାଖା ପରିଚାଳକଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା।

# 'ଦୃଢ଼ ଇଚ୍ଛାଶକ୍ତି ଦ୍ୱାରା ତମାଖୁ ବର୍ଜନ କରିହୁଏ'


ବିଶ୍ୱ ତମାଖୁ ନିରୋଧ ଦିବସ ପାଳନ ଅବସରରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

ବେଗୁନିଆ,୩୧।୫(ହର ପ୍ରସନ୍ନ ପଣ୍ଡା)

**ବିଶ୍ୱ ତମାଖୁ ନିରୋଧ ଦିବସ**

ବେଗୁନିଆ ଆଦର୍ଶ କ୍ଲବ ଆନୁକୂଲ୍ୟରେ ଶନିବାର 'ବିଶ୍ୱ ତମାଖୁ ନିରୋଧ' ଦିବସ ପାଳିତ ହୋଇଯାଇଛି। ଉପଦେଷ୍ଟା ଡ.ହରି ପ୍ରସାଦ ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଚେତନତାମୂଳକ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବେଗୁନିଆ ଥାନା ଅଧିକାରୀ ଜ୍ୟୋତି ପ୍ରକାଶ ପଣ୍ଡା ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଡା.ଅମରେନ୍ଦ୍ର ନାଥ ମହାପାତ୍ର ବକ୍ତାଭାବେ ଯୋଗଦେଇଥିବା ବେଳେ ଗୋପବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ସାଇଁ ଏବଂ ପୂର୍ବତନ ପ୍ରଶାସନିକ ଅଧିକାରୀ ସୁଧାକର ସାମନ୍ତରାୟ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ଏଥିରେ 'ଅଦୃଶ୍ୟମାନ ବିପଦର କାରଣ–ତମାଖୁ' ଶୀର୍ଷକ ଆଲୋଚନାଚକ୍ର ଓ କବିତା ପାଠ ହୋଇଥିଲା। ବସନ୍ତ କୁମାର ଦାସଙ୍କ ମଙ୍ଗଳା ଚରଣ ପାଠ କରିବା ପରେ ସଭିଏ ତମାଖୁ ବର୍ଜନ ପାଇଁ ଶପଥ ନେଇଥିଲେ। କାର୍ଯ୍ୟକ୍ରମ ସଂଯୋଜକ ପ୍ରଫେସର ରବୀନ୍ଦ୍ର ନାଥ ପାଣିଗ୍ରାହୀ ଦିବସର ତାତ୍ପର୍ଯ୍ୟ ସମ୍ବନ୍ଧରେ ସୂଚନା ଦେବା ସହ ସ୍ୱରଚିତ ସଚେତନତା ସଙ୍ଗୀତ ଗାନ କରିଥିଲେ। ଅତିଥିଙ୍କ ଦ୍ୱାରା ତମାଖୁଜାତ ଦ୍ରବ୍ୟର ବ୍ୟବହାର, ଅପକାରିତା ଏବଂ ଭୟାବହତା ପ୍ରସଙ୍ଗ ଉପରେ ଅନେକ ଟିପ୍ପଣୀ ଦେଇଥିଲେ। ଦୃଢ଼ ଇଚ୍ଛାଶକ୍ତି ଦ୍ୱାରା ତମାଖୁ ବର୍ଜନ କରିହୁଏ ବୋଲି ମତପ୍ରକାଶ ପାଇଥିଲା। ଏହି ଅବସରରେ ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟରେ ନୂତନ ଭାବେ ଯୋଗଦେଇଥିବା ପ୍ରଧାନ ଶିକ୍ଷକ ସାଇଁଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ କବୟିତ୍ରୀ ମାନସୀ ଦାସଙ୍କ ସଂଯୋଜନାରେ ଆୟୋଜିତ କବିତା ପାଠୋତ୍ସବରେ କବିକେତନ ଗୌରଚରଣ ସାମନ୍ତସିଂହାର, ଇଂ. ରାମ ମାନସ ପଣ୍ଡା, ରାମଚନ୍ଦ୍ର ବେହେରା, ପ୍ରଧାନ ଶିକ୍ଷକ ଦିବାକର ସାହୁ, ଶିକ୍ଷାବିତ୍ ପତିତପାବନ ବଳବନ୍ତରାୟ, ଡା.ପ୍ରମୋଦ କୁମାର କହଳସିଂହ, କୃଷକ ନେତା ମଦନ ମୋହନ ସାହୁ , ସାମାଜିକ କର୍ମୀ ବ୍ରଜବନ୍ଧୁ ପଣ୍ଡା, କୈଳାସ ନାଥ ପଟ୍ଟନାୟକ, ପ୍ରଶାନ୍ତ କୁମାର ବାରିକ, ସୁରେନ୍ଦ୍ର ପାଲଟାସିଂହ, ଅଶ୍ୱିନୀ ପଟ୍ଟନାୟକ, ସବିତା ରାୟ, ବି.କେ ଜ୍ୟୋତ୍ସ୍ନାରାଣୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଶେଷରେ ହରିହର ମହାପାତ୍ର ଉଦ୍‌ଯାପନୀ ସଙ୍ଗୀତ ଗାନ କରିଥିବା ବେଳେ ଅନୁଷ୍ଠାନର ଉପସଭାପତି ମେହେଫୁଜ ଅଲ୍ଲୀ ଧନ୍ୟବାଦ ଦେଇଥିଲେ।

### ପ୍ରଧାନ ଶିକ୍ଷକ ଅଶୋକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ବେଗୁନିଆ,୩୧।୫(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ ଅନ୍ତର୍ଗତ ଅବସ୍ଥିତ ଏକାଦଶ ରୁଦ୍ର ବାବା ହଟ୍ଟକେଶ୍ୱରଙ୍କ ମନ୍ଦିର ସଭାଗୃହରେ ସିକୋ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅଶୋକ କୁମାର ସାମନ୍ତରାୟଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ ପୂର୍ବତନ ସଭାପତି କାହ୍ନୁ ଚରଣ ପଣ୍ଡାଙ୍କ ଅଧ୍ୟକ୍ଷତା ଓ ଶିକ୍ଷକ ସୁଧାକର ସେଠୀଙ୍କ ସଂଯୋଜନାରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାସ୍କର ଚନ୍ଦ୍ର ଲେଙ୍କା ମୁଖ୍ୟ ଅତିଥି, ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ ରାଜ୍ୟ ସଭାପତି ବ୍ରହ୍ମାନନ୍ଦ ମହାରଣା ମୁଖ୍ୟ ବକ୍ତା, ସ୍ୱତନ୍ତ୍ର ଅତିଥି ରାଜ୍ୟ ସମ୍ପାଦକ ବିଭୁ ପ୍ରସାଦ ସାହୁ, କୋଷାଧ୍ୟକ୍ଷ ଗୋପାଳ କିଶୋର ସେନ, ସହଗୋଷ୍ଠୀ ଶିକ୍ଷା ଅଧିକାରୀ କୈଳାସ ଚନ୍ଦ୍ର ସେଠୀ, ଅବସରପ୍ରାପ୍ତ ସହଗୋଷ୍ଠୀ ଶିକ୍ଷା ଅଧିକାରୀ ଦିଲୀପ କୁମାର ମହାପାତ୍ର, ଦାଶରଥି ପ୍ରଧାନ, ମିଳିତ ପ୍ରାଥମିକ ଶିକ୍ଷକ ସଂଘ ସମ୍ପାଦକ ସରୋଜ କୁମାର ବେହେରା, ସୋନପୁର ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ କାର୍ଯ୍ୟକାରୀ ସଭାପତି ସୁଶିଲ ସେଠୀ, ସିକୋ କ୍ଲଷ୍ଟର ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ସୁକାନ୍ତ କୁମାର ପାଇକରାୟ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଉପସ୍ଥିତ ଅତିଥିଭାବେ ବିଦାୟୀ ପ୍ରଧାନଶିକ୍ଷକଙ୍କ କର୍ମମୟ ଜୀବନ ଉପରେ ଆଲୋକପାତ କରିଥିଲେ। ଶେଷରେ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ ସମ୍ପାଦକ ରବୀନ୍ଦ୍ର ନାଥ ସାହୁ ଧନ୍ୟବାଦ ଦେଇଥିଲେ।

**ସେଲ୍‌ଫି କର୍ଣ୍ଣର ଧରିତ୍ରୀ**

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ଅସ୍ମିତା


@ ରତିକାନ୍ତ


@ ସୁଜାତା


@ ଉଜ୍ଜ୍ୱଳକୁମାର

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଶଙ୍ଖ ନିର୍ମାଣ କାର୍ଯ୍ୟ ମନ୍ଥର


ନିର୍ମାଣାଧୀନ ଶଙ୍ଖ।


ସର୍ଭିସରୋଡ୍ ଉପରେ ପାଣି ଚାଲୁଛି ।

ବାଣପୁର,୩୧।୫(ଦିଲୀପ କୁମାର ସ୍ୱାଇଁ)

- ବର୍ଷା ହେଲେ ସର୍ଭିସରୋଡ୍ ଉପରେ ଚାଲୁଛି ପାଣି
- ବିଭାଗୀୟ ଅଧିକାରୀ ଦୃଷ୍ଟିଦେବାକୁ ଦାବି

ଖୋର୍ଦ୍ଧା ଜିଲା ବାଣପୁର ବ୍ଲକର ଦେଓଗାଁ ପଞ୍ଚାୟତ ଅଧୀନ ପଥରାପାହାଡ଼ ଛକ ନିକଟରେ ଚାଲିଥିବା ଶଙ୍ଖ ନିର୍ମାଣ କାର୍ଯ୍ୟ ମନ୍ଥର ଗତିରେ ଚାଲିଛି। ଏଥିସହ ଯାତାୟାତ ପାଇଁ କରାଯାଇଥିବା ସର୍ଭିସରୋଡ୍‌ର ନିର୍ମାଣ କାର୍ଯ୍ୟ ନିମ୍ନମାନର ଏବଂ ତଳୁଆ ନିର୍ମାଣ କରାଯାଇଛି। ଫଳରେ ଯାନବାହନ ଯାତାୟାତରେ ଅସୁବିଧା ହେଉଛି। ଏନେଇ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟିଦେବା ସହ ଶୀଘ୍ର ଶଙ୍ଖ ନିର୍ମାଣ କାର୍ଯ୍ୟ ଶେଷ କରିବାକୁ ଦାବି ହେଉଛି।

ସୂଚନାଥାଉ କି, ବାଣପୁର ବ୍ଲକ ଅନ୍ତର୍ଗତ ଦେଓଗାଁ, ଆୟଉପୁର ଏବଂ ଗମ୍ଭାରୀମୁଣ୍ଡା ପଞ୍ଚାୟତର ଜନସାଧାରଣ ବ୍ଲକ, ଥାନା ଓ ଡାକ୍ତରଖାନାକୁ ଯିବା ପାଇଁ ଆୟଉପୁର ରାସ୍ତାକୁ ବ୍ୟବହାର କରିଥାନ୍ତି। ତେବେ ରାସ୍ତାଟି ସଂକୀର୍ଣ୍ଣ ହୋଇଥିବାରୁ ବାରମ୍ବାର ଦାବି ପରେ ପୂର୍ତ୍ତ ବିଭାଗ ପକ୍ଷରୁ ରାସ୍ତାଟିକୁ ଚଉଡ଼ା କରାଯାଇଛି। ପଥରାପାହାଡ଼ ଛକ ନିକଟରେ ଥିବା ଶଙ୍ଖକୁ ଭାଙ୍ଗି ପୁନର୍ବାର ନିର୍ମାଣ କରାଯାଉଛି। ତେବେ ଏହି ନିର୍ମାଣ କାର୍ଯ୍ୟ ମନ୍ଥର ଗତିରେ ଚାଲିଥିବା ସାଧାରଣରେ ଅଭିଯୋଗ ହେଉଛି। ଅନ୍ୟପଟେ ଶଙ୍ଖ ନିର୍ମାଣ ଚାଲିଥିବାରୁ ଯାତାୟାତରେ ସୁବିଧା ପାଇଁ ନିକଟରେ ନିର୍ମାଣ କରାଯାଥିବା ସର୍ଭିସ ରୋଡ୍ ତଳୁଆ ଏବଂ ନିମ୍ନମାନର ହୋଇଛି। ଫଳରେ ଯାନବାହନ ଯାତାୟାତ କରିବାରେ ଅସୁବିଧା ହେଉଛି। ସେହିପରି ଅସରାଏ ବର୍ଷାରେ ରାସ୍ତା ଉପରେ ପାଣି ଚାଲୁଥିବା ଦେଖିବାକୁ ମିଳିଛି। ଉକ୍ତ ରାସ୍ତାଟି ବାଣପୁର ଏବଂ ବାଲୁଗାଁକୁ ମୁଖ୍ୟ ରାସ୍ତା ହୋଇଥିବାରୁ ବ୍ଲକ, କୋର୍ଟ, ଥାନା, ତହସିଲ ଅଫିସ, ରେଜିଷ୍ଟ୍ରାର ଅଫିସ, ରେଲୱେ ଷ୍ଟେଶନକୁ ଯାତାୟାତ କରୁଥିବା ଯାନବାହନ ଚଳାଚଳ କରିବାରେ ଅସୁବିଧା ହେବା ସହିତ ଶିକ୍ଷାନୁଷ୍ଠାନକୁ ଯାତାୟାତ କରୁଥିବା ଛାତ୍ରୀଛାତ୍ରମାନେ ମଧ୍ୟ ଛୋଟବଡ଼ ଦୁର୍ଘଟଣାର ଶିକାର ହେଉଛନ୍ତି। ତିନିଦିନ ପୂର୍ବେ ଏକ ସଡ଼କ ଦୁର୍ଘଟଣାରେ ଜଣେ ଛାତ୍ର ଆହତ ହୋଇ ରାସ୍ତା ଉପରେ ପଡ଼ିରହିଥିବା ବେଳେ ସ୍ଥାନୀୟ ଲୋକେ ୧୦୮ ଆମ୍ବୁଲାନ୍ସକୁ ଯୋଗାଯୋଗ କରିଥିଲେ। ବାଣପୁର ଡାକ୍ତରଖାନାଠାରୁ ୬ କିଲୋମିଟର ରାସ୍ତା ଆସି ଏହି ସର୍ଭିସରୋଡରେ ଆମ୍ବୁଲାନ୍ସ ଆସି ନ ପାରି ବୁଲାଣି ରାସ୍ତା ଦେଇ ଏକ ଘଣ୍ଟା ପରେ ଦୁର୍ଘଟଣାସ୍ଥଳରେ ପହଞ୍ଚିଥିଲା। ସେତେବେଳକୁ ଦୁର୍ଘଟଣାରେ ଆହତ ଛାତ୍ରଙ୍କ ମୃତ୍ୟୁ ହୋଇସାରିଥିଲା। ଏନେଇ ସ୍ଥାନୀୟ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଶଙ୍ଖ କାର୍ଯ୍ୟ ତ୍ୱରାନ୍ୱିତ ସହ ଉନ୍ନତମାନର ସର୍ଭିସରୋଡ୍ କରିବାକୁ ବିଭାଗୀୟ ଅଧିକାରୀ ଠିକାସଂସ୍ଥାକୁ ନିର୍ଦ୍ଦେଶ ଦେବାକୁ ସାଧାରଣରେ ଦାବି ହେଉଛି। ଆୟଉପୁର ସରପଞ୍ଚଙ୍କ ସ୍ୱାମୀ ଦେବାଶିଷ ପ୍ରଧାନ ଏବଂ ଦେଓଗାଁ ସରପଞ୍ଚଙ୍କ ସ୍ୱାମୀ ଶରତ ଛାଟୋଇ ଶଙ୍ଖ କାମ ଚାଲିଥିବା ବେଳେ ବିଭାଗୀୟ ଅଧିକାରୀଙ୍କ ଅନୁପସ୍ଥିତ ନେଇ କ୍ଷୋଭ ପ୍ରକାଶ କରିଛନ୍ତି। ଏଥିସହ ଉନ୍ନତମାନର ସର୍ଭିସରୋଡ୍ କରିବାକୁ ଦାବି କରିଛନ୍ତି।

# ରାସ୍ତାପାର୍ଶ୍ୱରେ ପଡ଼ିଛି ସରକାରୀ ଔଷଧ

ବେଗୁନିଆ,୩୧।୫(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ ଅନ୍ତର୍ଗତ ବଡବେରଣା–କଣ୍ଟାମଲିମ ରାସ୍ତା ପାର୍ଶ୍ୱରେ ବହୁ ଔଷଧ ପଡିଥିବାର ଦେଖିବାକୁ ମିଳିଛି। ଔଷଧ ସରକାରୀ ଚିକିତ୍ସାଳୟକୁ ଯୋଗାଇ ଦିଆଯାଇଥିବାବେଳେ ରୋଗୀଙ୍କୁ ଦିଆ ନ ଯାଇ ଏଠାରେ କିଏ ଫୋପାଡ଼ିଛି ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କେତେଜଣ ଲୋକ କାର୍‌ରେ ଆସି ଔଷଧ ପେଟି ସବୁ ଫୋପାଡି ପଳାଇଲେ ବୋଲି ସ୍ଥାନୀୟ ଅଞ୍ଚଳରେ ଆଲୋଚନା ହେଉଛି। ଏ ସମ୍ପର୍କରେ ବୋଡମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା.ଦେବାଶିଷ ଆଚାର୍ଯ୍ୟ କୁହନ୍ତି, ଏହା ଆମ ମେଡିକାଲର ଔଷଧ ନୁହେଁ। ତଥାପି କର୍ମଚାରୀଙ୍କୁ ପଠାଇ ଘଟଣାର ଅନୁଧ୍ୟାନ କରିବେ ବୋଲି କହିଛନ୍ତି।


ରାସ୍ତାରେ ପଡ଼ିଛି ସରକାରୀ ଔଷଧ।

**କପିଳେଶ୍ୱର ଦେବ, ପାର୍ବତୀଙ୍କ ବିବାହ ଉତ୍ସବ**

କଣାସ,(ବିଭୂତି ଭୂଷଣ ତ୍ରିପାଠୀ): କଣାସ ବ୍ଲକ ତ୍ରିଲୋଚନପୁର ଗ୍ରାମପଞ୍ଚାୟତର ତ୍ରିଲୋଚନପୁର ଗ୍ରାମର ଆରାଧ ଠାକୁର ପଶ୍ଚିମଶମ୍ଭୁ ବାବା କପିଳେଶ୍ୱର ଦେବ ଓ ମାତା ପାର୍ବତୀ ଦେବୀଙ୍କ ବିବାହ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। କନ୍ୟା ପିତା ଭାବେ ରଘୁନାଥ ଅଚାର୍ଯ୍ୟ ଓ ବରପିତା ଭାବେ ଦୁର୍ଗାଚରଣ ଦାଶ କାର୍ଯ୍ୟ ତୁଲାଇଥିବାବେଳେ ପଣ୍ଡିତ ଭଗବାନ ଦାଶ ରୀତିନୀତି ଅନୁଯାୟୀ ବିବାହ ସମ୍ପନ୍ନ କରିଥିଲେ।

# ପଞ୍ଚ ମହାଦେବଙ୍କ ବିବାହ ସମ୍ପନ୍ନ

**ପୁରୀ,୩୧।୫(ଅଜିତ୍ କୁମାର ମହାନ୍ତି)**

ଜ୍ୟେଷ୍ଠ ଶୁକ୍ଳପକ୍ଷ ପଞ୍ଚମୀ ତିଥି ଶନିବାର ଶ୍ରୀକ୍ଷେତ୍ରର ପଞ୍ଚମହାଦେବଙ୍କ ସହ ସମସ୍ତ ଶୈବପୀଠରେ ଶିବବିବାହ ନୀତି ସମ୍ପନ୍ନ ହୋଇଛି। ଶ୍ରୀକ୍ଷେତ୍ରର ପଞ୍ଚମହାଦେବ ଶ୍ରୀଯମେଶ୍ୱର, ଶ୍ରୀଲୋକନାଥ, ଶ୍ରୀମାର୍କଣ୍ଡେଶ୍ୱର, ଶ୍ରୀକାଳମୋଚନ, ଶ୍ରୀନୀଳକଣ୍ଠଙ୍କ ବିବାହ ନୀତି ଆଡ଼ମ୍ବରରେ ଅନୁଷ୍ଠିତ ହୋଇଥିଲା। ବିବାହ ପୂର୍ବଦିନ ପଞ୍ଚମହାଦେବ ଶ୍ୱଶୁରାଳୟରୁ ପାର୍ବତୀଙ୍କୁ ଘେନି ନିଜ ନିଜ ମନ୍ଦିରରେ ବିଜେ କରିଥିଲେ। ଏହାକୁ କନ୍ୟା ଚୋରି ନୀତି କୁହାଯାଏ। ଦେବ ଦେବ ମହାଦେବ ଏବଂ ମା' ପାର୍ବତୀଙ୍କ ବିବାହ ଉତ୍ସବ ନିମନ୍ତେ ପଞ୍ଚମହାଦେବଙ୍କ ମନ୍ଦିରରେ ବିଶେଷ ନୀତି ଅନୁଷ୍ଠିତ ହୋଇଥିଲା। ପ୍ରତ୍ୟୁଷରୁ ଦ୍ୱାରଫିଟା ଯାଇ ମଙ୍ଗଳ ଆଳତି, ମଇଲମ, ମହାସ୍ନାନ ଆଦି ନୀତି ହୋଇ ଚନ୍ଦନଲାଗି କରାଯାଇଥିଲା। ଏହାପରେ ବଲ୍ଲଭଭୋଗ ହୋଇଥିଲା। ପରେ ସକାଳଧୂପ ନୀତି ବଢ଼ି ରୋଷଘରେ ବିବାହ ହାଣ୍ଡି ବସିଥିଲା। ପରେ ମହାଦେବ ଓ ମା'ପାର୍ବତୀଙ୍କ ମାଜଣା ନୀତି ହୋଇ ବେଶ ବଢ଼ିଥିଲା। ତତ୍ପରେ ବିବାହ ମଣ୍ଡପକୁ ଠାକୁର ଠାକୁରାଣୀ ବିଜେ କରିଥିଲେ।


ଶ୍ରୀମାର୍କଣ୍ଡେଶ୍ୱରଙ୍କ ବିବାହ ନୀତି କରାଯାଉଛି।

ପରମ୍ପରା ଅନୁଯାୟୀ ବିବାହର ପ୍ରଥମ ବରଣ ନିମନ୍ତେ ମହାଦେବ ଧଳା ଏବଂ ମା' ପାର୍ବତୀ ପୀତବସ୍ତ୍ର ପରିଧାନ କରିଥିଲେ। ପ୍ରଥମ ବରଣ କର୍ମ ସରିବା ପରେ ଉଭୟ ମହାଦେବ ଏବଂ ମା' ପାର୍ବତୀଙ୍କ ସ୍ନାନ ନୀତି ସମ୍ପନ୍ନ ହୋଇଥିଲା। ପରେ ଠାକୁର ଠାକୁରାଣୀଙ୍କୁ ପାଟ ପରିଧାନ କରାଯାଇଥିଲା। ଏହା ପରେ ଦ୍ୱିତୀୟ ବରଣ କର୍ମ ଆରମ୍ଭ ହୋଇଥିଲା। ଏହି କର୍ମରେ ଉଭୟ ଠାକୁର ଠାକୁରାଣୀଙ୍କୁ ଅଷାଢ଼ୁଆ ସୂତା ବନ୍ଧାଯାଉଥିଲା। ଗଇଁଠାଳ ପଡ଼ିବା ପରେ ପ୍ରସାଦ ଲାଗି ହୋଇ ହାତଗଣ୍ଠି ପଡ଼ି ବିବାହ ହୋମ ଅନୁଷ୍ଠିତ ହୋଇଥିଲା। ନୀତି ସମ୍ପନ୍ନ ହେବା ପରେ ଭୋଗପଣା ପଞ୍ଚ ଉପଚାରରେ ଅର୍ପଣହୋଇ ବନ୍ଦାପନା ନୀତି ବଢ଼ିଥିଲା। ଉଭୟ ନବବିବାହିତ ଦେବଦମ୍ପତିଙ୍କୁ ସେବକମାନେ ଜଗମୋହନରେ ଥିବା ବୃଷଭଙ୍କୁ ଲାଗି କରାଇ ଗର୍ଭଗୃହକୁ ବିଜେ କରାଇଥିଲେ। ରବିବାର ଶୀତଳଷଷ୍ଠୀ ଅବସରରେ ନବବିବାହିତ ଦେବଦମ୍ପତି ନଗର ପରିକ୍ରମା କରି ପନ୍ତିଭୋଗ ମଣୋହି ହୋଇ ଶ୍ରୀମନ୍ଦିରକୁ ବିଜେ କରିବେ। ସେଠାରେ ବନ୍ଦାପନା ନୀତି ସହ ଅନ୍ୟାନ୍ୟ ନୀତି ଅନୁଷ୍ଠିତ ହେବ ।

## ବାବା ମୁକୁନ୍ଦେଶ୍ୱରଙ୍କ ବିବାହ ଉତ୍ସବ

ପୁରୀ,୩୧।୫(ଅଜିତ୍ କୁମାର ମହାନ୍ତି)-ପୁରୀ ସଦର ମୁକୁନ୍ଦମିଶ୍ରନଗରରେ ବେଶ୍ ଧୁମଧାମର ସହ ଶିବ ବିବାହ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ନଗରର ବାସିନ୍ଦାମାନେ ବାବା ମୁକୁନ୍ଦେଶ୍ୱରଙ୍କ ବିବାହ ଉତ୍ସବକୁ ବେଶ୍ ଉତ୍ସାହର ସହ ପାଳନ କରିଛନ୍ତି। ଏହି ଅବସରରେ ଏକ ଅଦ୍ଭୁତ ଦୃଶ୍ୟ ଦେଖିବାକୁ ମିଳିଥିଲା। ପଣସରେ ଶିବଲିଙ୍ଗ ଦେଖି ନଗରର ବାସିନ୍ଦା ମାନେ ପୂଜାର୍ଚ୍ଚନା କରିଥିଲେ। ସେହିପରି ନାଗା, ମେଢ଼ ସହ ଡିଜେରେ ଝୁମିଥିଲେ ଶିବଭକ୍ତ। ଏକ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା ମୁକୁନ୍ଦମିଶ୍ରନଗରରେ। ନଗରର ସଭାପତି ଜଗଦାନନ୍ଦ ମିଶ୍ରଙ୍କ ଘର ସମ୍ମୁଖରେ ରୀତିନୀତି ଅନୁଯାୟୀ ପ୍ରଥମେ ବାବା ମୁକୁନ୍ଦେଶ୍ୱରଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ଏହାପରେ ଏକ ବର୍ଣ୍ଣାଢ଼୍ୟ ଶୋଭାଯାତ୍ରାରେ ବାବା ମୁକୁନ୍ଦେଶ୍ୱର ମା' ପାର୍ବତୀଙ୍କ ମନ୍ଦିର ଅଭିମୁଖେ ବାହାରିଥିଲେ। କନ୍ୟା ପକ୍ଷରୁ ମଙ୍ଗୁଳି ଚରଣ ମିଶ୍ର କର୍ତ୍ତା ହୋଇଥିବା ବେଳେ ବର ପକ୍ଷରୁ ପ୍ରଭାକର ପ୍ରଧାନ କର୍ତ୍ତା ହୋଇଥିଲେ। ମନ୍ଦିରଠାରେ ଅପେକ୍ଷା କରିଥିବା କନ୍ୟାପକ୍ଷ ବେଶ୍ ସ୍ନେହ ଓ ଆଦରର ସହ ବରପକ୍ଷଙ୍କୁ ସ୍ୱାଗତ କରିବା ସହ ବାବା ମୁକୁନ୍ଦେଶ୍ୱରଙ୍କୁ ପାଛୋଟି ନେଇଥିଲେ। ପରେ ବାବା ମୁକୁନ୍ଦେଶ୍ୱରଙ୍କ ସହ ମା' ପାର୍ବତୀଙ୍କ ବିବାହ ଉତ୍ସବ ରୀତିନୀତି ଅନୁଯାୟୀ ଅନୁଷ୍ଠିତ ହୋଇଥିଲା। ରବିବାର ଶୀତଳଷଷ୍ଠୀ ଅବସରରେ ଉଭୟ ଦେବଦେବୀ ନଗର ପରିକ୍ରମା କରିବା ସହ ପନ୍ତି ଖାଇବା କାର୍ଯ୍ୟକ୍ରମ ରହିଛି।






୩୧।୫।୨୦୨୫

| | |
|---|---|
| ୪,୮୧,୨୦୬ ଟଙ୍କା | |
| ସୁନା | ୨୦ ମିଲିଗ୍ରାମ୍ |
| ରୁପା | ୫୬.୧୦୦ ଗ୍ରାମ୍ |


କେନ୍ଦ୍ର ସୂଚନା ଓ ପ୍ରସାରଣ ସଚିବ ସଞ୍ଜୟ ଜାଜୁ ସପତ୍ନୀକ ମହାପ୍ରଭୁଙ୍କ ଦର୍ଶନ ସାରି ଫେରୁଛନ୍ତି।

## କିରାଣିଙ୍କୁ ବଦଳି ପାଇଁ ଜିଲାପାଳଙ୍କୁ ଦାବିପତ୍ର

**ପୁରୀ,୩୧।୫(ଅଜିତ୍ କୁମାର ମହାନ୍ତି)**

ଜିଲା ସ୍ୱାସ୍ଥ୍ୟ ବିଭାଗରେ ଅନେକ ଦିନ ଧରି କିରାଣି ଭାବେ କାର୍ଯ୍ୟ କରୁଥିବା କର୍ମଚାରୀମାନଙ୍କୁ ଅନ୍ୟତ୍ର ବଦଳି କରିବାକୁ ଦାବିକରି ଆଇନଜୀବୀ ଦିଲୀପ କୁମାର ବରାଳ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

ବରାଳ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି, ଜିଲା ସ୍ୱାସ୍ଥ୍ୟ ବିଭାଗର କିରାଣିମାନେ ଗୋଟିଏ ଗୋଟିଏ ସିଟ୍‌ରେ ବହୁ ବର୍ଷ ଧରି କାର୍ଯ୍ୟ କରୁଛନ୍ତି। ସେମାନଙ୍କ ସିଟ୍ ବଦଳି ହେଉନାହିଁ। ଫଳରେ ସେମାନେ ମନମୁଖି କାର୍ଯ୍ୟ କରୁଛନ୍ତି। ନିଜ ଇଚ୍ଛା ଅନୁସାରେ କାର୍ଯ୍ୟାଳୟକୁ ଆସି ନିଜ ଇଚ୍ଛାରେ ଫେରୁଛନ୍ତି। ଗୋଟିଏ ସିଟିରେ ଦୀର୍ଘ ୩ ବର୍ଷରୁ ଅଧିକ ସମୟ ଧରି କାର୍ଯ୍ୟ କରିବା ପରେ ଦୁର୍ନୀତିରେ ଲିପ୍ତ ରହୁଛନ୍ତି। କାର୍ଯ୍ୟରେ ଠକୁଥିବା ଡାକ୍ତର ଏବଂ କର୍ମଚାରୀମାନଙ୍କୁ ସାହାଯ୍ୟ ଓ ସୁରକ୍ଷା ଦେବା ନିମନ୍ତେ କିରାଣିମାନେ ସମସ୍ତ ପ୍ରକାର ବ୍ୟବସ୍ଥା କରୁଛନ୍ତି। ଏପରି କି ଡାକ୍ତର ଓ କର୍ମଚାରୀଙ୍କ ବିରୋଧରେ ଅଭିଯୋଗ କଲେ ବି କିଛି ସୁଫଳ ମିଳୁନି। ତେଣୁ ଲୋକଙ୍କ ସ୍ୱାର୍ଥ ଓ କାର୍ଯ୍ୟାଳୟର ସ୍ୱଚ୍ଛତା ବଜାୟ ରଖିବା ପାଇଁ ଦୀର୍ଘଦିନ ଧରି ଗୋଟିଏ ସିଟ୍‌ରେ କାର୍ଯ୍ୟ କରୁଥିବା କିରାଣିମାନଙ୍କୁ ବଦଳି କରାଯାଉ। ଏପରି କି ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟରେ ନିୟୋଜିତ ବରିଷ୍ଠ ଓ କନିଷ୍ଠ କିରାଣି, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ କନିଷ୍ଠ କିରାଣିଙ୍କୁ ଆସନ୍ତା ୧୫ ତାରିଖ ପୂର୍ବରୁ ବଦଳି କରାଯାଉ, ନଚେତ ବରାଳ ୧୬ ତାରିଖଠାରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିବେ ବୋଲି ସୂଚନା ଦେଇଛନ୍ତି।

## ମଙ୍ଗଳପୁର ମେଡିକାଲ ପ୍ରାଚୀର କଡ଼ରୁ ଭ୍ରୂଣ ଜବତ

ପିପିଲି,୩୧।୫(ଦୁର୍ଗା ମାଧବ ମିଶ୍ର): ପୁରୀ-ଭୁବନେଶ୍ୱର ୩୧୬ ନଂ. ଜାତୀୟ ରାଜପଥ ପାର୍ଶ୍ୱ ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପାଚେରୀର ନିକଟସ୍ଥ ଏକ ଅଳିଆଗଦାରୁ ଶନିବାର ସନ୍ଧ୍ୟାରେ ଏକ ମୃତ ଭ୍ରୂଣକୁ ପିପିଲି ପୋଲିସ ଜବତ କରିଛି। ଏହି ଭ୍ରୂଣ ବ୍ୟବଚ୍ଛେଦ ନିମନ୍ତେ ରବିବାର ପୁରୀ ପଠାଯିବ ବୋଲି ଥାନା ଅଧିକାରୀ ସୌମେନ୍ଦୁ ଶେଖର ତ୍ରିପାଠୀ ସୂଚନା ଦେଇଛନ୍ତି। ତେବେ ଭ୍ରୂଣଟି ଏଠାକୁ କିପରି ଆସିଲା, ସରକାର ବେଆଇନ ଗର୍ଭପାତକୁ ଗୁରୁତ୍ୱ ଦେଉଥିବାବେଳେ ମଙ୍ଗଳପୁର ଅଞ୍ଚଳରେ ବେଆଇନ ଗର୍ଭପାତ କିପରି ଚାଲିଛି, ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପୂର୍ବରୁ ବେସରକାରୀ କ୍ଲିନିକ୍‌ରେ ଏପରି ବେଆଇନ ଗର୍ଭପାତ ଚାଲୁଥିବା ନେଇ ଅଭିଯୋଗ ହୋଇଆସୁଥିବାବେଳେ ଏହି ଘଟଣା ଏବେ ତଦନ୍ତସାପେକ୍ଷ ବୋଲି ସାଧାରଣରେ ଦାବି ହେଉଛି।

## ବାବା ଈଶ୍ୱରନାଥଙ୍କ ହାତଧରିଲେ ଦେବୀ ପାର୍ବତୀ

**କାକଟପୁର/ଅସ୍ତରଙ୍ଗ,୩୧।୫(ଶୁଭ ଦର୍ଶନ ମିଶ୍ର/ପ୍ରଦୀପ୍ତ କୁମାର ଦୀକ୍ଷିତ)**

ଅସ୍ତରଙ୍ଗ ଉପକଣ୍ଠ ଜିଉନ୍ତି ଗ୍ରାମର ବହୁ ଶ୍ରୀଶ୍ରୀ ଈଶ୍ୱରନାଥ ପୀଠରେ ଶୀତଳଷଷ୍ଠୀ ତିଥିରେ ପାରମ୍ପରିକ ପ୍ରଥାରେ ଈଶ୍ୱରନାଥ-ପାର୍ବତୀଙ୍କ ବିବାହ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପୀଠର ଶକ୍ତିସ୍ୱରୂପଣି ମା' ପାର୍ବତୀ କନ୍ୟା ଓ ଦେବଦେବ ମହାଦେବ ଈଶ୍ୱରନାଥ ବର ଭାବେ ବିବାହ ସମ୍ପୂର୍ଣ୍ଣ ହୋଇଥିଲା। ମମତା ପଣ୍ଡା ଓ ଶରତଚନ୍ଦ୍ର ପଣ୍ଡା କନ୍ୟା କର୍ତ୍ତା ଏବଂ ମଞ୍ଜୁଲତା ମିଶ୍ର ଓ ଅକ୍ଷୟ କୁମାର ଦାସ ବରକର୍ତ୍ତା ରୂପେ ଦାୟିତ୍ୱ ତୁଲାଇଥିଲେ। ସମ୍ପୂର୍ଣ୍ଣ ଓଡ଼ିଆ ପରମ୍ପରା ତଥା ବୈଦିକ ରୀତିନୀତିରେ ଦିଅଁ ମଙ୍ଗୁଳା, ଶିବ ପାର୍ବତୀଙ୍କ ମହାସ୍ନାନ, ବାଟବରଣୀ ନୀତି ସହ ଅନେକ ନୀତି ସମ୍ପୂର୍ଣ୍ଣ ହୋଇ



ବିବାହୋତ୍ସବ ଅନୁଷ୍ଠିତ ହୋଇଥିଲା। ବାବାଙ୍କ ଚଳନ୍ତି ପ୍ରତିମା ବିଗ୍ରହ ମହାଦେବ ଈଶ୍ୱରନାଥ ବରବେଶରେ ଏବଂ ମା' ପାର୍ବତୀଙ୍କ ଚଳନ୍ତି ପ୍ରତିମା କନ୍ୟାବେଶରେ ସଜ୍ଜିତ କରାଯାଇ ବିବାହ ମଣ୍ଡପକୁ ଅଣାଯାଇଥିଲା। ଭଜନ, କୀର୍ତ୍ତନ, ବାଦ୍ୟ ଓ ରୋଷଣୀ କରାଯାଇ ଉଭୟ ବରକନ୍ୟାଙ୍କୁ ମନ୍ଦିର ବେଢା ପରିକ୍ରମା ସହ ଯଜ୍ଞ ବେଦୀକୁ ନିଆଯାଇଥିଲା। ବ୍ରାହ୍ମଣଙ୍କ ବେଦପାଠ ଓ ଜ୍ୟୋତିଷଙ୍କ ପଞ୍ଜିକା ନିର୍ଘଣ୍ଟ ଅନୁସାରେ ଉଭୟ ବରକନ୍ୟା ସୁସଜ୍ଜିତ ବିମାନରେ ବିଜେ କରିଥିଲେ। କନ୍ୟାମାତା ମମତା ପଣ୍ଡା ଓ ବରମାତା ମଞ୍ଜୁଲତା ମିଶ୍ର କନକାଞ୍ଜଳି ବାନ୍ଧିବା ପରେ ବିବାହ କାର୍ଯ୍ୟ ଆରମ୍ଭ ହୋଇଥିଲା। ଯଜ୍ଞ ଅନୁଷ୍ଠାନରେ ବରକନ୍ୟାଙ୍କ ହାତଗଣ୍ଠି ପଡ଼ିଥିଲା। ଈଶ୍ୱରନାଥ ପୀଠର ବଡ଼ପଣ୍ଡା ତଥା ପୂଜକ ପ୍ରଫୁଲ୍ଲ ଚନ୍ଦ୍ର ପଣ୍ଡାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ସମସ୍ତ କର୍ମକାଣ୍ଡ ଅନୁଷ୍ଠିତ ହୋଇଥିଲା। ପଣ୍ଡିତ ଘନଶ୍ୟାମ କର ଓ ପଣ୍ଡିତ ଅମୂଲ୍ୟ କୁମାର ମିଶ୍ରଙ୍କ ମନ୍ତ୍ରପାଠରେ ବିବାହ ସମ୍ପର୍ଣ୍ଣ ହୋଇଥିଲା। ଦେବଦମ୍ପତିଙ୍କ ବିବାହ ଭୋଜିରେ ଉପସ୍ଥିତ ଶ୍ରଦ୍ଧାଳୁ ଯୋଗଦେଇଥିଲେ। ରବିବାର ସନ୍ଧ୍ୟାରେ ନଗର ପରିକ୍ରମା କାର୍ଯ୍ୟକ୍ରମ ରହିଛି।

## ୨ରେ ଜିଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି

ପୁରୀ,୩୧।୫(ଅଜିତ୍ କୁମାର ମହାନ୍ତି)- ପୁରୀ ଜିଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଜୁନ ମାସ ୨ ତାରିଖ ସୋମବାର ସକାଳ ୭ଟାରେ କଣାସ ବ୍ଲକ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହେବ। ଏଥିପାଇଁ ଆଗ୍ରହୀ ଜନସାଧାରଣ ଜନଶୁଣାଣି ପୋର୍ଟାଲ (https://janasunani.gov.in/)ମାଧ୍ୟମରେ ଅନଲାଇନରେ ଆବେଦନ କରିପାରିବେ। ଜନସାଧାରଣ ପଞ୍ଜୀକରଣ ପ୍ରାପ୍ତି ସ୍ୱୀକାର ପତ୍ର, ବ୍ୟକ୍ତିଗତ ପରିଚୟପତ୍ର ତଥା ନିଜର ଅଭିଯୋଗପତ୍ର ସହ ଦର୍ଶାଯାଇଥିବା ସ୍ଥାନରେ ଉପସ୍ଥିତ ରହି ନିଜର ଅଭିଯୋଗ ଜଣାଇପାରିବେ। ଅଣପଞ୍ଜୀକୃତ ଆବେଦନକାରୀଙ୍କର ଅଭିଯୋଗପତ୍ରଗୁଡ଼ିକୁ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ସିଧାସଳଖ ଗ୍ରହଣ କରାଯାଇପାରିବ। ସେହିପରି ଜୁନ ୯ ଓ ୨୩ ତାରିଖରେ ଜିଲା ସଦର ମହକୁମା ଅର୍ଥାତ ଜିଲାପାଳଙ୍କ କାର୍ଯ୍ୟାଳୟଠାରେ, ଜୁନ ୧୬ ତାରିଖରେ କାକଟପୁର ବ୍ଲକ ସମ୍ମିଳନୀ କକ୍ଷରେ ଏବଂ ଜୁନ ୩୦ ତାରିଖରେ ନିମାପଡ଼ା ବ୍ଲକ ସମ୍ମିଳନୀ କକ୍ଷରେ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ ବୋଲି ଜିଲା ଅଭିଯୋଗ ଶୁଣାଣି ଅଧିକାରୀ ସୂଚନା ଦେଇଛନ୍ତି।

# ପର୍ଯ୍ୟଟକଙ୍କୁ ଲୁଟୁଛନ୍ତି ଅସାଧୁ ଖଜା ବ୍ୟବସାୟୀ

**ପୁରୀ,୩୧।୫(ଅଜିତ୍ କୁମାର ମହାନ୍ତି)**

ପୁରୀରେ ଅସାଧୁ ଖଜା ବ୍ୟବସାୟୀ କାୟାବିସ୍ତାର କରିବାରେ ଲାଗିଛନ୍ତି। ଏହାକୁ ନେଇ ଅନେକ ସମୟରେ ବାଦବିବାଦ ଦେଖିବାକୁ ମିଳୁଛି। ଖଜାରେ ଅତ୍ୟଧିକ ମୁନାଫା ଆଶାରେ ଯୁବପିଢ଼ି ସାମିଲ ହେଉଥିବା ବେଳେ ଖଜା ଦୋକାନର ସଂଖ୍ୟା ବଢ଼ିବାରେ ଲାଗିଛି। ଗତବର୍ଷ ଖଜା ବ୍ୟବସାୟକୁ ନେଇ ମୁଣ୍ଡ ମଧ୍ୟ ଗଡ଼ିଥିଲା। କେତେଜଣ ବ୍ୟବସାୟୀ ଅପମିଶ୍ରିତ ଭାବେ ଲୋକଙ୍କୁ ଠକି ଖଜା ବିକ୍ରି କରୁଥିବା ନେଇ ଅଭିଯୋଗ ହେଉଛି।

ଅପରପକ୍ଷରେ ଡିଜିଟାଲ ଓଜନ ମାପକ ଯନ୍ତ୍ରରେ ବି ବଡ଼ ଠକେଇ ଅଭିଯୋଗ ମଧ୍ୟ ହୋଇଛି। ୧ କି.ଗ୍ରା. ଓଜନରେ ଲୋକେ ୬୫୦ରୁ ୭୦୦ ଗ୍ରାମ ପାଉଛନ୍ତି। କେତେକ ଅସାଧୁ ବ୍ୟବସାୟୀ ଲାଭ ଆଶାରେ ଲୋକଙ୍କ ସହ ଖେଳୁଛନ୍ତି। ଓଜନ ମାପରେ ବି ଲୋକଙ୍କୁ ଦୁଇଗୁଣ ଲୁଟୁଛନ୍ତି। ଲାଭଖୋର ବ୍ୟବସାୟୀ ମେସିନ ଟାମ୍ପରିଂ କରି ଲୋକଙ୍କୁ ପ୍ରତି କିଲୋରେ ୩୫୦ ଗ୍ରାମରୁ ୫୦୦ ଗ୍ରାମ ପର୍ଯ୍ୟନ୍ତ



ଠକୁଛନ୍ତି, ଯାହାର ଉଦାହରଣ ଶନିବାର ପୁରୀ ବଡ଼ଦାଣ୍ଡରେ ଦେଖିବାକୁ ମିଳିଛି। ଖଜା କିଣି କେତେଜଣ ପର୍ଯ୍ୟଟକ ଠକାମୀର ଶିକାର ହୋଇଥିବା ଅଭିଯୋଗ କରିଛନ୍ତି।

ଅଭିଯୋଗ ଅନୁଯାୟୀ, ୧ କି.ଗ୍ରା. ଖଜାର ମୂଲ୍ୟଦେଇ ମାତ୍ର ୭ଶହ ଗ୍ରାମ ଓଜନର ଖଜା ପାଇଥିବା ନେଇ ଅଭିଯୋଗ ହୋଇଛି। ଠକାମୀରେ ପଡୁଥିବା ଜାଣିପାରି ଖଜା ଫେରାଇ ଚାଲିଆସୁଥିଲେ। କିନ୍ତୁ ୨ଜଣ ଆସି ପର୍ଯ୍ୟଟକଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। ପର୍ଯ୍ୟଟକଙ୍କୁ ଅତିଥି ସଦୃଶ୍ୟ ବ୍ୟବହାର ପାଇଁ ବ୍ୟବସାୟୀଙ୍କୁ ସଚେତନତା କରାଯାଉଛି। ମିଳିଥିବା ସୂତ୍ରରୁ, ଖଲିକୋଟରୁ ଆସିଥିବା ପ୍ରଶାନ୍ତ ଜେନା, ରାଘବ ଜେନା ଓ ଅନ୍ୟସାଙ୍ଗମାନେ ମହାପ୍ରଭୁଙ୍କୁ ଦର୍ଶନ କରିବା ପରେ ବଡ଼ଦାଣ୍ଡ ଦେଇ ରେଲ୍‌ୱେ ଷ୍ଟେଶନକୁ ଫେରୁଥିଲେ। ମହାପ୍ରଭୁଙ୍କୁ ଦର୍ଶନ କରି ଫେରିବା ବେଳେ ମହାପ୍ରଭୁଙ୍କ ପ୍ରସାଦ ରୂପେ ଶ୍ରୀକୃଷ୍ଣ ସିନେମା ହଲ୍ ଗଳି ନିକଟରେ ଖଜା ଦୋକାନୀଙ୍କ ସହ ମୂଲଚାଲ କରିଥିଲେ। ପରେ ୨୦ କେଜି ଖଜା କିଣିଥିଲେ। କେ.ଜି. ପିଛା ଦର ୧୨୦ ଟଙ୍କା କହିଥିଲେ। ଶେଷରେ ବ୍ୟବସାୟୀ ଜଣକ କେ.ଜି. ପ୍ରତି ୯୦ ଟଙ୍କାରେ ଦେବା ପାଇଁ ରାଜି ହୋଇଥିଲେ। ବ୍ୟବସାୟୀ ଜଣକ ଓଜନ କରି ଖଜା ପ୍ୟାକେଟ ପର୍ଯ୍ୟଟକଙ୍କୁ ବଢ଼ାଉଥିଲେ। ୨କେ.ଜି. ଲେଖାଏଁ ପୁଡ଼ିଆ ବାନ୍ଧିଥିଲେ। ୬ଟି ପ୍ୟାକେଟ ବାନ୍ଧିବା ପରେ ଖଜା କମ୍ ଥିବା ତାଙ୍କର ସନ୍ଦେହ ହୋଇଥିଲା। ତେଣୁ ସେମାନେ ପାଖ ଦୋକାନରେ ଓଜନ କରିଥିଲେ, ମାତ୍ର ନିର୍ଦ୍ଧାରିତ ଓଜନ ଠାରୁ କମ ହୋଇଥିଲା। ତେଣୁ ସେମାନେ ଫେରାଇ ଦେଇଥିଲେ, ମାତ୍ର ଉକ୍ତ ଦୋକାନରେ ଥିବା ଦୁଇଜଣ ତାଙ୍କୁ ଗାଳି ଗୁଲଜ କରିଥିଲେ। ଏନେଇ ଉଭୟଙ୍କ ଧରେ କଥା କଟାକଟି ହୋଇଥିଲା, ଯାହାକୁ ଦେଖି ନିକଟରେ ଥିବା ପୋଲିସ ପହଞ୍ଚି ଖଜା ଜବତ କରିବା ସହ ମେଶିନ ଓ ଦୋକାନୀମାନଙ୍କୁ ସିଂହଦ୍ୱାର ଥାନାକୁ ନେଇଥିଲେ। ପ୍ରଶାନ୍ତ ଅଭିଯୋଗ କରିବା ପରେ ଏହି ଘଟଣାରେ ଜଣକୁ ଅଟକ ରଖାଯାଇଥିବା ସୂଚନା ମିଳିଛି। କେତେଜଣ ଅସାମାଜିକ ବ୍ୟକ୍ତି ଏହି ଖଜା ବ୍ୟବସାୟ କରୁଛନ୍ତି। ଗଳି ମଧ୍ୟରେ ଖଜା ରଖୁଛନ୍ତି ଓ ଅପରିଷ୍କାର ଖଜା ମଧ୍ୟ ବିକ୍ରି କରୁଥିବା ଅଭିଯୋଗ ହେଉଛି। ମାତ୍ର ପ୍ରଶାସନ ଚଢ଼ାଉ କରୁଛି କହି ନିରବଦ୍ରଷ୍ଟା ସାଜି ରହୁଥିବା ସାଧାରଣରେ ଅଭିଯୋଗ ହେଉଛି।

ସେଲ୍‌ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ଅସ୍ମିତା


@ ରତିକାନ୍ତ


@ ସୁଜାତା


@ ଉଜ୍ଜ୍ୱଲକୁମାର

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଶିବ-ପାର୍ବତୀଙ୍କ ବିବାହ ସମ୍ପନ୍ନ

**ଚାରିଛକ,୩୧।୫(ଶିଶିର କୁମାର ସ୍ୱାଇଁ)**

ନିମାପଡ଼ା ବ୍ଲକ ଅଧୀନ ଚାରିଛକ ନିକଟସ୍ଥ ବ୍ରହ୍ମକୁଣ୍ଡୀ ଗ୍ରାମର ବ୍ରହ୍ମେଶ୍ୱର ମହାଦେବଙ୍କ ପୀଠ ଓ ଅମରେଶ୍ୱରସ୍ଥିତ ଅମରେଶରଙ୍କ ମନ୍ଦିରରେ ଶୀତଳଷଷ୍ଠୀ ତିଥ୍ୟାରେ ଶିବ ବିବାହ ଉତ୍ସବ ପାଳିତ ହୋଇଯାଇଛି। ଗତ ବୁଧବାରଠାରୁ ଶନିବାର ପର୍ଯ୍ୟନ୍ତ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ ସହ ପୂଜାର୍ଚ୍ଚନ କରାଯାଇଥିଲା। ହୋମଯଜ୍ଞରେ କର୍ତାକର୍ତ୍ତୀ ଭାବେ ବିଜୟ ବେହେରା ଓ ସତ୍ୟଭାମା ବେହେରା ରହିଥିବାବେଳେ ଶିବ ବିବାହରେ ଶିବଙ୍କ ପିତା ଭାବେ ଚକ୍ରଧର ସା ଓ ଅଞ୍ଜଳୀ ପ୍ରଧାନ ଏବଂ ପାର୍ବତୀଙ୍କ ପିତା ଭାବେ ପ୍ରଶାନ୍ତ ମୁଦୁଲି ଓ ସୀତା ମୁଦୁଲି ପୂଜା କାର୍ଯ୍ୟରେ ଯୋଗଦେଇଥିଲେ। ଶନିବାର ସକାଳୁ ହାଣ୍ଡିମଙ୍ଗୁଳା, ଦିଅଁ ମଙ୍ଗୁଳା, ଶିବ ପାର୍ବତୀଙ୍କ ମହାସ୍ନାନ ବାଟବରଣ ନୀତି, ପ୍ରଥମ ବରଣ ଓ ଦ୍ୱିତୀୟ ବରଣ କରାଯାଇଥିଲା। ପରେ ଦେବଦେବୀଙ୍କ ବିବାହ କାର୍ଯ୍ୟ ସମାପନ ହୋଇଥିଲା। ପୂଜକ ରସାନନ୍ଦ ଦାଶ, ମନୋଜ ଦାଶ, ସୂର୍ଯ୍ୟକାନ୍ତ ଦାଶ, ରାଜକିଶୋର ଦାଶ, ପ୍ରକାଶ ଦିକ୍ଷୀତ, ପ୍ରଦୀପ ମିଶ୍ର, ଅବକାଶ ମିଶ୍ର, ବିକ୍ରମ ପଜୀ, ଦେବଦତ ପାଢୀ, ଅର୍ଜୁନ ପଣ୍ଡା, ବାବା ଶ୍ରୀଧର ଦାସ ପ୍ରମୁଖ ପୂଜାକାର୍ଯ୍ୟ ସମାପନ କରିଥିଲେ। ବ୍ରହ୍ମକୁଣ୍ଡି ଗ୍ରାମବାସୀ, ମନ୍ଦିର ପରିଚାଳନା କମିଟି ଓ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ଓ ସ୍ଥାନୀୟ ଅଞ୍ଚଳର ଲୋକେ ସହଯୋଗ କରିଥିଲେ।

## ସଂକ୍ଷେପରେ

### ଖାଇବା ତେଲ ଆମଦାନୀ ଶୁଳ୍କ ୧୦% ହ୍ରାସ

ନୂଆଦିଲ୍ଲୀ,୩୧।୫

କେନ୍ଦ୍ର ସରକାର ଅଶୋଧିତ ଖାଇବା ତେଲ ଉପରେ ସୀମା ଶୁଳ୍କ ୧୦ ପ୍ରତିଶତ ହ୍ରାସ କରିଛନ୍ତି। ଅଶୋଧିତ ସୋୟାବିନ୍ ତେଲ, ସୂର୍ଯ୍ୟମୁଖୀ ତେଲ ଏବଂ ପାଲ୍ମ ତେଲ ଉପରୁ ଶୁଳ୍କ ହ୍ରାସ ପାଇଥିବାରୁ ଏହା ଶସ୍ତା ହେବାକୁ ଯାଉଛି। ଘରୋଇ ଚାହିଦାର ୫୦ ପ୍ରତିଶତ ତେଲ ବିଦେଶରୁ ଆମଦାନି ହୋଇଥାଏ। ପୂର୍ବରୁ ଏହି ତେଲ ଆମଦାନି ଉପରେ ମୂଳ ସୀମା ଶୁଳ୍କ ୨୦ ପ୍ରତିଶତ ଲାଗୁ ହେଉଥିବାବେଳେ ଏବେ ତାହାକୁ ୧୦ ପ୍ରତିଶତକୁ ହ୍ରାସ କରାଯାଇଥିବା ଖାଦ୍ୟ ସଚିବ ସଞ୍ଜୀବ ଚୋପ୍ରା କହିଛନ୍ତି।

### ପାକିସ୍ତାନକୁ ସାନ୍ତ୍ୱନା ବାର୍ତ୍ତା ପ୍ରତ୍ୟାହାର କଲା କଲମ୍ବିଆ

ବୋଗୋଟା,୩୧।୫(ପି.ଟି.)

ପହଲଗାମ୍ ଆତଙ୍କବାଦୀ ଆକ୍ରମଣର ଜବାବରେ ଭାରତୀୟ ସାମରିକ କାର୍ଯ୍ୟାନୁଷ୍ଠାନ ଯୋଗୁ ପାକିସ୍ତାନରେ ଲୋକଙ୍କ ମୃତ୍ୟୁ ପାଇଁ କଲମ୍ବିଆ ଇସ୍‌ଲାମାବାଦକୁ ହୃଦୟଭରା ସାନ୍ତ୍ୱନା ଜଣାଇଥିଲା। କଂଗ୍ରେସ ଏମ୍‌ପି ଶଶୀ ଥରୁରଙ୍କ ନେତୃତ୍ୱରେ ବହୁଦଳୀୟ ସଂସଦୀୟ ପ୍ରତିନିଧି ମଣ୍ଡଳୀ ପାକିସ୍ତାନର ସୀମାପାର ଆତଙ୍କବାଦୀ କାର୍ଯ୍ୟ ସମ୍ପର୍କରେ କଲମ୍ବିଆ କର୍ତ୍ତୃପକ୍ଷଙ୍କୁ ଅବଗତ କରାଇବା ପରେ ସେମାନେ ଉକ୍ତ ସାନ୍ତ୍ୱନା ବାର୍ତ୍ତା ପ୍ରତ୍ୟାହାର କରିନେଇଛନ୍ତି। ଏହି ପ୍ରସଙ୍ଗରେ ଭାରତକୁ ସମର୍ଥନ ଦେବା ଲାଗି ସେମାନେ ପ୍ରତିଶ୍ରୁତି ଦେଇଛନ୍ତି। ପୂର୍ବରୁ କଲମ୍ବିଆର ମନ୍ତବ୍ୟକୁ ନେଇ ଥରୁର ଅସନ୍ତୋଷ ବ୍ୟକ୍ତ କରିଥିଲେ। ସେ କଲମ୍ବିଆର ବହିର୍ବ୍ୟାପାର ଉପମନ୍ତ୍ରୀ ରୋସା ୟୋଲାଣ୍ଡା ଭିଲାଭିସେନ୍‌ସିଓ ଓ ତାଙ୍କ ସହକର୍ମୀମାନଙ୍କ ସହ ଏସିଆ-ପାସିଫିକ୍ ପ୍ରସଙ୍ଗକୁ ନେଇ ଆଲୋଚନା କରିଥିଲେ। ଏହି ଅବସରରେ ପାକିସ୍ତାନକୁ ଦେଇଥିବା ସାନ୍ତ୍ୱନା ବାର୍ତ୍ତା ଫେରାଇ ନିଆଯାଇଥିବା ଉପମନ୍ତ୍ରୀ କହିବା ସହ ଭାରତକୁ ଦୃଢ଼ ସମର୍ଥନ ଜଣାଇଥିବାର ପ୍ରତିଶ୍ରୁତି ଦେଇଛନ୍ତି।

### ମହାକାଶକୁ ଗଲେ ୬ ପର୍ଯ୍ୟଟକ

**ବ୍ଲୁ ଅରିଜିନ୍‌ର ଏନ୍‌ଏସ୍-୩୨ ମିଶନ ସଫଳ**




ୱାଶିଂଟନ୍,୩୧।୫

ଜେଫ୍ ବେଜୋସ୍‌ଙ୍କ ଘରୋଇ ସ୍ପେସ୍ କମ୍ପାନୀ ବ୍ଲୁ ଅରିଜିନ୍‌ର ଏନ୍‌ଏସ୍-୩୨ ମିଶନ ଶନିବାର ସଫଳତାର ସହ ମହାକାଶ ଅଭିମୁଖେ ଯାତ୍ରା କରିଛି। ଏହି ମିଶନରେ ୬ ଜଣ ପର୍ଯ୍ୟଟକ ସାମିଲ ହୋଇଛନ୍ତି। ସ୍ଥାନୀୟ ସମୟ ସକାଳ ୯ଟା ୩୦ ମିନିଟ୍ ସମୟରେ ୱେଷ୍ଟ ଟେକ୍ସାସ୍‌ର ଲଞ୍ଚ୍‌ସାଇଟ୍ ୱାନ୍‌ରୁ ମିଶନ୍ ଉତ୍‌କ୍ଷେପଣ କରାଯାଇଥିଲା। ଏହା କମ୍ପାନୀର ୩୨ତମ ମହାକାଶ ଯାତ୍ରା ହୋଇଥିବାବେଳେ ଦ୍ୱାଦଶ ମାନବ ସ୍ପେସ୍‌ଫ୍ଲାଇଟ୍। କିଛି ସପ୍ତାହ ପୂର୍ବରୁ ବ୍ଲୁ ଅରିଜିନ୍ କେବଳ ମହିଳା ସେଲିବ୍ରିଟିମାନଙ୍କୁ ମହାକାଶ ପଠାଇଥିଲା।

### ତାଜମହଲ ସୁରକ୍ଷା ପାଇଁ ଆଣ୍ଟିଡ୍ରୋନ୍ ସିଷ୍ଟମ୍ ଲଗାଯାଇଥିଲା

ଲକ୍ଷ୍ନୌ,୩୧।୫

ଭାରତର ଅପରେଶନ ସିନ୍ଦୂର ପରେ ପାକିସ୍ତାନର ସାମରିକ କାର୍ଯ୍ୟାନୁଷ୍ଠାନରୁ ଆଗ୍ରାର ବିଶ୍ୱପ୍ରସିଦ୍ଧ କୀର୍ତ୍ତିରାଜି ତାଜମହଲକୁ ସୁରକ୍ଷିତ ରଖିବା ପାଇଁ ଆଣ୍ଟିଡ୍ରୋନ୍ ପ୍ରଯୁକ୍ତି ବ୍ୟବହାର କରାଯାଇଥିଲା। ତାଜମହଲ ପରିସରରେ ସ୍ଥାପିତ ଆଣ୍ଟିଡ୍ରୋନ୍ ସିଷ୍ଟମ୍ ୮ କିଲୋମିଟର ଦୂରରୁ ଶତ୍ରୁପକ୍ଷର ଡ୍ରୋନ୍‌କୁ ଚିହ୍ନଟ କରିବା ସହ ୫୦୦ ମିଟର ଦୂରରୁ ଆକାଶ ମାର୍ଗରେ ଯେକୌଣସି ବିପଦକୁ ପ୍ରତିହତ କରିବା କ୍ଷମତା ଏହାର ରହିଛି ବୋଲି ତାଜମହଲ ସୁରକ୍ଷା ଦାୟିତ୍ୱରେ ଥିବା ଆସିଷ୍ଟାଣ୍ଟ କମିଶନର ଅଫ୍ ପୋଲିସ ସୟେଦ ଅରିବ ଅହମଦ କହିଛନ୍ତି। ସୁରକ୍ଷା ମୁଖ୍ୟାଳୟ ଯୋଗାଇଥିବା ଏହି ସିଷ୍ଟମକୁ ସଫଳତାର ସହ ପରୀକ୍ଷା କରାଯାଇଥିଲା।

# ଉତ୍ତର-ପୂର୍ବାଞ୍ଚଳରେ ବର୍ଷା ବିପ୍ଳବ, ୨୭ ମୃତ

**ବନ୍ୟା, ଭୂସ୍ଖଳନରେ ୧୨ ହଜାର ଲୋକ ପ୍ରଭାବିତ**

ଗୁଆହାଟୀ/ଇଟାନଗର, ୩୧।୫



ଆସାମରେ ଏକ ଜଳାର୍ଣ୍ଣବ ଅଞ୍ଚଳରେ ଏନ୍‌ଡିଆର୍‌ଏଫ୍ ଟିମ୍ ଲୋକଙ୍କୁ ଉଦ୍ଧାର କରୁଛି।

ଲଗାଣ ବର୍ଷା ଯୋଗୁ ଭାରତର ଉତ୍ତର-ପୂର୍ବାଞ୍ଚଳ ରାଜ୍ୟ ଆସାମ, ଅରୁଣାଞ୍ଚଳ ପ୍ରଦେଶ, ନାଗାଲାଣ୍ଡ, ତ୍ରିପୁରା, ମିଜୋରାମ ଏବଂ ମେଘାଳୟରେ ବନ୍ୟା ଏବଂ ଭୂସ୍ଖଳନ ଘଟି ଅନେକ ହଜାର ଲୋକ ପ୍ରଭାବିତ ହେବା ସହ ୨୭ ଜଣଙ୍କର ମୃତ୍ୟୁ ଘଟିଛି। ବନ୍ୟାରେ ରାସ୍ତାଘାଟ ଧୋଇ ହୋଇଯିବା ସହ ଭୂସ୍ଖଳନରେ ଘର ଭାଙ୍ଗି ଅନେକ ଲୋକ ବାସହୀନ ହୋଇଛନ୍ତି। ଆଗାମୀ କିଛିଦିନ ଉତ୍ତର-ପୂର୍ବାଞ୍ଚଳର ଅନେକ ରାଜ୍ୟରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବା ନେଇ ପାଣିପାଗ ବିଭାଗ ରେଡ୍ ୱାର୍ନିଂ ଜାରି କରିଛି।

ଗତ ୩ ଦିନ ମଧ୍ୟରେ ଆସାମର କାମରୂପ ମେଟ୍ରୋ ଜିଲାରେ ଭୂସ୍ଖଳନରେ ୫ ଜଣଙ୍କର ମୃତ୍ୟୁ ଘଟିଛି। ବନ୍ୟା ଏବଂ ଭୂସ୍ଖଳନରେ ରାଜ୍ୟର ୧୨ ହଜାର ଲୋକ ପ୍ରଭାବିତ ହୋଇଥିବା ନେଇ ଆସାମ ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ (ଏଏସ୍‌ଡିଏମ୍‌ଏ) ସୂଚନା ଦେଇଛନ୍ତି। ଗୁଆହାଟୀ ଏବଂ ସିଲ୍‌ଚର ସହରରେ ବନ୍ୟା ସ୍ଥିତି ସୃଷ୍ଟି ହୋଇ ୧୦ ହଜାର ଲୋକ ପ୍ରଭାବିତ ହୋଇଛନ୍ତି। ପ୍ରବଳ ବର୍ଷା ଏବଂ ପବନ ପାଇଁ ୧୮ ଜିଲାକୁ ରେଡ୍ ଆଲର୍ଟ ଜାରି କରାଯାଇଛି। ସେହିପରି ଅରୁଣାଚଳ ପ୍ରଦେଶର ବିଭିନ୍ନ ସ୍ଥାନରେ ବନ୍ୟା ସ୍ଥିତି ସଙ୍ଗିନ ରୂପ ନେଇଛି। ଶନିବାର ରାଜ୍ୟର ବିଭିନ୍ନ ସ୍ଥାନରେ ଭୂସ୍ଖଳନରେ ୯ ଜଣଙ୍କର ମୃତ୍ୟୁ ଘଟିଛି। ଇଷ୍ଟ କାମେଙ୍ଗ ଜିଲାର ଜାତୀୟ ରାଜପଥ-୧୩ ନିକଟବର୍ତ୍ତୀ ବାନା-ସେପ୍ପା ଅଞ୍ଚଳରେ ଭୂସ୍ଖଳନରେ ୨ ପରିବାର ୭ ଜଣଙ୍କର ମୃତ୍ୟୁ ଘଟିଛି ଓ ଇଷ୍ଟ କାମେଙ୍ଗ ଜିଲାର ୧୧୭ ଘର ସହ ଅନେକ ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ନଷ୍ଟ ହୋଇଛି। ବର୍ଷାଋତୁ ସମୟରେ ଭୂସ୍ଖଳନ ପ୍ରବଣ ଅଞ୍ଚଳକୁ ନ ଯିବାକୁ ରାଜ୍ୟ ଗୃହ ମନ୍ତ୍ରୀ ମାମା ନାତୁଙ୍ଗ ଲୋକଙ୍କୁ ଅପିଲ କରିଛନ୍ତି। ସେହିପରି ମ୍ୟାନ୍‌ମାର ସୀମା ନିକଟବର୍ତ୍ତୀ ପୂର୍ବ ମିଜୋରାମର ଚମ୍ପାଇ ଜିଲାସ୍ଥିତ ଭାଫାଇ ଗ୍ରାମରେ ଭୂସ୍ଖଳନ ଘଟି ୪ ଜଣଙ୍କର ମୃତ୍ୟୁ ହୋଇଛି। ମୃତକଙ୍କ ମଧ୍ୟରେ ୩ ଜଣ ମ୍ୟାନ୍‌ମାର ଶରଣାର୍ଥୀ ରହିଛନ୍ତି। ରାଜଧାନୀ ଆଇଜଲଠାରୁ ୧୧୪ କି.ମି. ଦୂର ଶେର୍‌ଚିପ ଜିଲାରେ ଏକ ଘର ଭୁଶୁଡ଼ି ପଡ଼ିବାରୁ ଜଣଙ୍କର ମୃତ୍ୟୁ ଘଟିଛି। ଗତ ୨ ଦିନ ଧରି ତ୍ରିପୁରାର ଜିରାନିଆ ସହରରେ ଲଗାଣ ବର୍ଷା ଯୋଗୁ ବନ୍ୟା ସ୍ଥିତି ସୃଷ୍ଟି ହୋଇଥିବା ବେଳେ ଏଥିରେ ଜଣଙ୍କର ମୃତ୍ୟୁ ଘଟିଛି ଏବଂ ୨୦୦ରୁ ଅଧିକ ଲୋକ ବାସହୀନ ହୋଇଛନ୍ତି। ରାଜ୍ୟର ୧୦୬ ଘର କ୍ଷତିଗ୍ରସ୍ତ ହୋଇଛି। ୫୭ ପରିବାରର ୨୦୭ ଜଣଙ୍କୁ ସୁରକ୍ଷିତ ଆଶ୍ରୟସ୍ଥଳକୁ ନିଆଯାଇଛି। ଗତ ୩ ଦିନ ମଧ୍ୟରେ ମେଘାଳୟର ଇଷ୍ଟ ଖାସି ହିଲ୍ସ ଜିଲାରେ ବର୍ଷାଜନିତ ବିଭିନ୍ନ କାରଣରୁ ୬ ଜଣଙ୍କ ମୃତ୍ୟୁ ଘଟିଛି। ୨୫ ଗ୍ରାମର ପ୍ରାୟ ହଜାରେ ବାସିନ୍ଦା ବନ୍ୟା, ଭୂସ୍ଖଳନ ଏବଂ ବିଜୁଳି ବିଭ୍ରାଟରେ ପ୍ରଭାବିତ ହୋଇଥିବା ନେଇ ମୁଖ୍ୟମନ୍ତ୍ରୀ କନ୍‌ରାଡ ସାଙ୍ଗମା ସୂଚନା ଦେଇଛନ୍ତି। ନାଗାଲାଣ୍ଡରେ ମଧ୍ୟ ବର୍ଷାଜନିତ ଜଣଙ୍କର ମୃତ୍ୟୁ ଘଟିଛି।

ଲଗାଣ ବର୍ଷା ଏବଂ ଭୂସ୍ଖଳନରୁ ଦକ୍ଷିଣ ଭାରତ ମଧ୍ୟ ତ୍ରାହି ପାଇନାହିଁ। କର୍ନାଟକର ଦକ୍ଷିଣ କନ୍ନଡ଼ ଜିଲାର ମୋଣ୍ଟେପାଡାଭୁ କୋଡି ଅଞ୍ଚଳରେ ଭୂସ୍ଖଳନ ଘଟି ଏକ ଘର ଭାଙ୍ଗିଯିବାରୁ ୫ ଜଣଙ୍କର ମୃତ୍ୟୁ ଘଟିଛି। ସେହିପରି କେରଳର ବିଭିନ୍ନ ଜିଲାରେ ବନ୍ୟା ସ୍ଥିତି ସୃଷ୍ଟି ହୋଇଛି। ରାଜ୍ୟର କୋଟ୍ଟାୟମ ଜିଲାର ୧,୧୦୦ ଏବଂ ଆଲାପୁଝା ଜିଲାର ୮୫୧ ଜଣଙ୍କୁ ସୁରକ୍ଷିତ ଆଶ୍ରୟସ୍ଥଳକୁ ନିଆଯାଇଛି।

### ୨୪୦ ଭାରତୀୟ ଯୁବକଙ୍କୁ ଚରମପନ୍ଥୀ କରିବାରେ ପାକ୍ ମହିଳା ସମ୍ପୃକ୍ତ

**ଆଇଏସ୍‌ଆଇ ନେଟ୍‌ୱର୍କର ତଦନ୍ତ କରୁଛି ଏଟିଏସ୍**

ଲକ୍ଷ୍ନୌ,୩୧।୫

ପାକିସ୍ତାନ ପାଇଁ ଗୁପ୍ତଚର ବୃତ୍ତିରେ ସମ୍ପୃକ୍ତି ଅଭିଯୋଗରେ ଗତ ୨୧ ତାରିଖରେ ବାରାଣସୀରୁ ଗିରଫ ହୋଇଥିବା ତୁଫେଲ୍ ମକ୍‌ସୁଦ(୩୪)ଙ୍କର ୮୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ସହ ଯୋଗାଯୋଗ ରହିଥିବା ଉତ୍ତରପ୍ରଦେଶ ଆତଙ୍କବାଦ ନିରୋଧୀ ସ୍କ୍ୱାଡ୍ (ଏଟିଏସ୍) ଜାଣିବାକୁ ପାଇଛି। ସେମାନେ ତୁଫେଲ୍‌ଙ୍କ ଦ୍ୱାରା ପରିଚାଳିତ ୧୯ଟି ହ୍ୱାଟ୍ସଆପ୍ ଗ୍ରୁପ୍‌ରେ ସାମିଲ ଥିଲେ। ଗୁପ୍ତଚରଗିରି ଅଭିଯୋଗରେ ଏଟିଏସ୍ ତୁଫେଲ୍ ସମେତ ନୋଏଡ଼ାରୁ ମହମ୍ମଦ ହରୁନ୍ ଏବଂ ମୋରାଦାବାଦରୁ ଶାହଜାଦ ୱାହବଙ୍କୁ ଗିରଫ କରିଥିଲା। ଜେରାରୁ ଜଣାପଡ଼ିଛି, ତୁଫେଲ୍ ହ୍ୱାଟ୍ସଆପ୍‌ରେ ଅଧିକାଂଶ ବାର୍ତ୍ତା ପାକିସ୍ତାନୀ ମହିଳା ନଫିସାଙ୍କ ପାଖକୁ ପଠାଉଥିଲେ। ନଫିସା ୨୪୦ ଜଣ ଭାରତୀୟ ଯୁବକଙ୍କ ସହ ଯୋଗାଯୋଗରେ ରହି ସେମାନଙ୍କୁ କଠୋରପନ୍ଥୀ କରିବା ସହ ଗୁପ୍ତଚର ବୃତ୍ତିରେ ସାମିଲ କରାଉଥିଲେ। ପାକିସ୍ତାନୀ ଗୋଇନ୍ଦା ସଂସ୍ଥା ଆଇଏସ୍‌ଆଇ ଏଥିପାଇଁ ନଫିସାଙ୍କୁ ବ୍ୟବହାର କରୁଥିବା ସନ୍ଦେହ କରାଯାଉଛି।

## ଅପରେଶନ ସିନ୍ଦୂରକୁ ନେଇ ପୋଷ୍ଟ, ଇନ୍‌ଫ୍ଲୁଏନ୍ସର ଗିରଫ

ଗୁରୁଗ୍ରାମ, ୩୧।୫


ଶର୍ମିଷ୍ଠା ପନୋଲି

ପୁଣେ ସ୍ଥିତ ଆଇନ ବିଶ୍ୱବିଦ୍ୟାଳୟର ଛାତ୍ରୀ ତଥା ଇନ୍‌ଷ୍ଟାଗ୍ରାମ ଇନ୍‌ଫ୍ଲୁଏନ୍ସର ଶର୍ମିଷ୍ଠା ପନୋଲିଙ୍କୁ ଶନିବାର କୋଲକାତା ପୋଲିସ ହରିୟାଣାର ଗୁରୁଗ୍ରାମରୁ ଗିରଫ କରିଛି। ଭାରତର ଆତଙ୍କବାଦ ବିରୋଧୀ ଅପରେଶନ ସିନ୍ଦୂରକୁ ନେଇ ବଲିଉଡ୍‌ର ଏକ ନିର୍ଦ୍ଦିଷ୍ଟ ଧର୍ମର ଅଭିନେତାମାନେ ଚୁପ୍ ରହିଛନ୍ତି ବୋଲି ଏକ ଭିଡିଓ ପୋଷ୍ଟକରି ଶର୍ମିଷ୍ଠା କହିଥିଲେ। ସୋସିଆଲ ମିଡିଆରେ ଏହି ଭିଡିଓ ଭାଇରାଲ ହେବାରେ ଲାଗିଥିଲା ଏବଂ ଅନେକ ୟୁଜର୍ସ ଶର୍ମିଷ୍ଠାଙ୍କୁ ସମାଲୋଚନା କରିଥିଲେ। ସମାଲୋଚନାର ଶିକାର ହେବା ପରେ ଶର୍ମିଷ୍ଠା ଉକ୍ତ ଭିଡିଓକୁ ଡିଲିଟ୍ କରିଦେଇଥିଲେ ଏବଂ ଆଉ ଏକ ପୋଷ୍ଟ କରି ନିଜ ଅନୁଗାମୀଙ୍କୁ କ୍ଷମା ମାଗିଥିଲେ। ପୋଲିସ ପକ୍ଷରୁ ଘଟଣାକୁ ନେଇ ଶର୍ମିଷ୍ଠାଙ୍କୁ ଲିଗାଲ ନୋଟିସ ପଠାଇବା ପାଇଁ ଅନେକ ପ୍ରୟାସ କରାଯାଇଥିବାବେଳେ ସେ ଦୀର୍ଘଦିନ ଧରି ନିଜ ଘରୁ ଦୂରେଇ ରହିଥିଲେ ବୋଲି କୋଲକାତା ପୋଲିସର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି।

## ୨୬ ଜୀବନ ନେଲାଣି କୋଭିଡ୍

**ଭାରତରେ ୩,୩୯୫ ସକ୍ରିୟ ମାମଲା**

ନୂଆଦିଲ୍ଲୀ,୩୧।୫



ଭାରତରେ କୋଭିଡ୍-୧୯ ସକ୍ରିୟ ମାମଲା ସଂଖ୍ୟା ଶନିବାର ୩,୩୯୫ରେ ପହଞ୍ଚିଛି। ସପ୍ତାହେ ପୂର୍ବରୁ ସକ୍ରିୟ ମାମଲା ସଂଖ୍ୟା ୧,୦୦୦ରୁ ସାମାନ୍ୟ ଅଧିକ ଥିଲା। ଇତିମଧ୍ୟରେ କୋଭିଡ୍‌ଜନିତ ମୃତ୍ୟୁସଂଖ୍ୟା ୨୬ ହେଲାଣି। କେରଳରେ ସର୍ବାଧିକ ୧,୩୩୬ ସକ୍ରିୟ ମାମଲା ରହିଥିବାବେଳେ ଏହା ପଛକୁ ମହାରାଷ୍ଟ୍ରରେ ୪୬୭, ଦିଲ୍ଲୀରେ ୩୭୫, ଗୁଜରାଟରେ ୨୬୫, କର୍ନାଟକରେ ୨୩୪, ପଶ୍ଚିମବଙ୍ଗରେ ୨୦୫, ତାମିଲନାଡୁରେ ୧୮୫ ଏବଂ ଉତ୍ତରପ୍ରଦେଶରେ ୧୧୭ ମାମଲା ଚିହ୍ନଟ ହୋଇଥିବା କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ତଥ୍ୟରୁ ଜଣାପଡ଼ିଛି। ଗତ ୨୪ ଘଣ୍ଟା ମଧ୍ୟରେ ଦିଲ୍ଲୀ, କେରଳ, କର୍ନାଟକ ଏବଂ ଉତ୍ତରପ୍ରଦେଶରେ ଜଣେ ଲେଖାଏ କୋଭିଡ୍‌ରେ ପ୍ରାଣ ହରାଇଛନ୍ତି। ଦିଲ୍ଲୀର ଜଣେ ୬୦ ବର୍ଷୀୟା ମହିଳା ପ୍ରାଣ ହରାଇଥିବାବେଳେ ତାଙ୍କର ବହୁବିଧ ରୋଗ ଥିବା ଜଣାପଡ଼ିଛି। ଦିଲ୍ଲୀରେ ଏହା ପ୍ରଥମ କୋଭିଡ୍ ମୃତ୍ୟୁ। ସଂକ୍ରମଣର ଗମ୍ଭୀରତା କମ୍ ଥିବାରୁ ଅଧିକାଂଶ ରୋଗୀ ଘରେ ରହି ଚିକିତ୍ସିତ ହେଉଛନ୍ତି। ତେଣୁ ବ୍ୟତିବ୍ୟସ୍ତ ହେବାର କୌଣସି କାରଣ ନାହିଁ ବୋଲି ମନ୍ତ୍ରଣାଳୟ କହିଛି।

ବର୍ତ୍ତମାନ ସୁଦ୍ଧା ଦେଶରେ ଓମିକ୍ରନ୍‌ର ୪ଟି ଉପପ୍ରଜାତି ଏଲ୍‌ଏଫ୍.୭, ଏକ୍ସଏଫ୍‌ଜି, ଜେଏନ୍.୧ ଏବଂ ଏନ୍‌ବି.୧.୮.୧ ଚିହ୍ନଟ ହୋଇଛି। ସେଥିରୁ ପ୍ରଥମ ୩ଟି ଅଧିକ ସଂଖ୍ୟାରେ ଦେଖାଯାଉଥିବା ଭାରତୀୟ ଭେଷଜ ଗବେଷଣା ପରିଷଦର ମହାନିର୍ଦ୍ଦେଶକ ଡ. ରାଜୀବ ବେହଲ କହିଛନ୍ତି। କୋଭିଡ୍ ସ୍ଥିତି ଉପରେ ସରକାର ତୀକ୍ଷ୍ଣ ନଜର ରଖିଛନ୍ତି। ବର୍ତ୍ତମାନ ସ୍ଥିତିରେ ଆମକୁ ସତର୍କ ରହିବାକୁ ହେବ, କିନ୍ତୁ ବିବ୍ରତ ହେବାର କୌଣସି କାରଣ ନାହିଁ ବୋଲି ସେ କହିଛନ୍ତି।

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ)ର ତଥ୍ୟ ଅନୁଯାୟୀ, ଗତ ଫେବୃଆରୀ ମଧ୍ୟଭାଗରୁ ବିଶ୍ୱର ବିଭିନ୍ନ ଦେଶରେ କୋଭିଡ୍ ସଂକ୍ରମଣ ବଢ଼ିବାରେ ଲାଗିଛି। ବିଶେଷକରି ପୂର୍ବ ଭୂମଧ୍ୟସାଗରୀୟ ଅଞ୍ଚଳ, ଦକ୍ଷିଣପୂର୍ବ ଏସିଆ ଏବଂ ପଶ୍ଚିମ ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ସଂକ୍ରମଣ ବଢ଼ିଛି। ଏଲ୍‌ପି.୮.୧. ଭାରିଆଣ୍ଟ କମିଥିବାବେଳେ ଏନ୍‌ବି.୧.୮.୧ ବୃଦ୍ଧି ପାଇଛି। ଚାଇନା, ସିଙ୍ଗାପୁର, ତାଇୱାନ, ହଂକଂ ଏବଂ ଆମେରିକାର କେତେକ ନିର୍ଦ୍ଦିଷ୍ଟ ଅଞ୍ଚଳରେ ସଂକ୍ରମଣ ଯଥେଷ୍ଟ ଅଧିକ ରହିଥିବାରୁ ସେଠାକୁ ନ ଯିବା ପାଇଁ ସରକାର ପରାମର୍ଶ ଦେଇଛନ୍ତି।

## ୪ ରାଜ୍ୟ, ୨ କେନ୍ଦ୍ରଶାସିତ ଅଞ୍ଚଳରେ ନାଗରିକ ପ୍ରତିରକ୍ଷା ମକ୍‌ଡ୍ରିଲ୍

ନୂଆଦିଲ୍ଲୀ,୩୧।୫


ଅମୃତସରରେ ମକ୍‌ଡ୍ରିଲବେଳେ ଜଣେ ଆହତଙ୍କୁ ଆମ୍ବୁଲାନ୍ସ ନିକଟକୁ ନିଆଯାଉଛି।

ଜରୁରୀ ପ୍ରସ୍ତୁତି ଏବଂ ମୁକାବିଲା କ୍ଷମତା ବଢ଼ାଇବା ପାଇଁ ସୀମାନ୍ତ ରାଜ୍ୟ ପଞ୍ଜାବ, ଗୁଜରାଟ, ରାଜସ୍ଥାନ ଓ ଜମ୍ମୁ-କଶ୍ମୀର କେନ୍ଦ୍ରଶାସିତ ଅଞ୍ଚଳ ସମେତ ହରିୟାଣା ଓ ଚଣ୍ଡିଗଡ଼ରେ ଶନିବାର ସନ୍ଧ୍ୟାରେ 'ଅପରେଶନ ଶିଲ୍ଡ' ନାମରେ ନାଗରିକ ପ୍ରତିରକ୍ଷା ମକ୍ ଡ୍ରିଲ୍ ଅନୁଷ୍ଠିତ ହୋଇଯାଇଛି। ଅଭ୍ୟାସ ବେଳେ ଆହତ ଭଳି ଅଭିନୟ କରୁଥିବା ସ୍ୱେଚ୍ଛାସେବୀଙ୍କୁ ଷ୍ଟ୍ରେଚରରେ ଆମ୍ବୁଲାନ୍ସ ପାଖକୁ ନିଆଯାଇଥିଲା। ନିର୍ବାପନ ଅଭ୍ୟାସ ପ୍ରଦର୍ଶିତ ହୋଇଥିଲା। ମକ୍ ଡ୍ରିଲ୍‌ରେ ଅଗ୍ନିଶମ ଓ ଜରୁରୀ ସେବା, ପୋଲିସ, ସ୍ୱାସ୍ଥ୍ୟ ବିଭାଗ ଓ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ, ସିଭିଲ୍ ଡିଫେନ୍ସ, ଏନ୍‌ଏସ୍‌ଏସ ଏବଂ ଏନ୍‌ସିସିର ପ୍ରଶିକ୍ଷଣପ୍ରାପ୍ତ ସ୍ୱେଚ୍ଛାସେବୀ ସାମିଲ ହୋଇଥିଲେ। ୨୯ ତାରିଖରେ ଏହି ଡ୍ରିଲ ହେବାକୁ ଥିବାବେଳେ ଏହାକୁ ୨ ଦିନ ଘୁଞ୍ଚାଇ ଦିଆଯାଇଥିଲା।

## ନୀତେଶଙ୍କୁ ବେଲ୍, ଜେଲରୁ ବାହାରିଲେ ନୀତୀଶ

ଫରିଦାବାଦ, ୩୧।୫

ହରିୟାଣାର ଫରିଦାବାଦସ୍ଥିତ ନିମ୍‌କା ଜେଲ ପ୍ରଶାସନର ଅବହେଳା ଯୋଗୁ ଭୁଲରେ ଜଣେ ବଳାତ୍କାର ଅଭିଯୁକ୍ତ ମୁକୁଳିବାକୁ ସକ୍ଷମ ହୋଇଛନ୍ତି। ଜେଲରେ ଥିବା ୨ କଏଦୀଙ୍କ ନାମରେ ଦ୍ୱନ୍ଦ୍ୱ ହେତୁ ଏପରି ଘଟିଥିବା ନେଇ ଶନିବାର ଫରିଦାବାଦ ପୋଲିସ ସୂଚନା ଦେଇଛି। ଉଭୟ କଏଦୀଙ୍କ ନାମ ଏକାପରି ହେବା ସହ ସେମାନଙ୍କ ବାପାଙ୍କ ନାମ ରବିନ୍ଦର ହୋଇଥିବାରୁ ଏହି ଦ୍ୱନ୍ଦ୍ୱ ସୃଷ୍ଟି ହୋଇଥିଲା।

ନୀତେଶ (୨୪) ନାମକ ଜଣେ ବ୍ୟକ୍ତି ଚଳିତ ମାସ ତୃତୀୟ ସପ୍ତାହରେ ଏକ ଘରେ ପଶି ମାର୍‌ପିଟ ମାମଲାରେ ଗିରଫ ହୋଇଥିଲେ। ତାଙ୍କୁ ଗତ ୨୬ରେ ଫରିଦାବାଦ କୋର୍ଟର ଚିଫ୍ ଜୁଡିସିଆଲ ମାଜିଷ୍ଟ୍ରେଟ୍ ଜାମିନ ପ୍ରଦାନ କରିଥିଲେ। ତେବେ ନାମରେ ଦ୍ୱନ୍ଦ୍ୱ ହେତୁ ଗତ ୨୭ରେ ଏକ ପୋକ୍‌ସୋ ମାମଲାରେ ବଳାତ୍କାର ଅଭିଯୁକ୍ତ ନୀତୀଶ କୁମାର ପାଣ୍ଡେ (୨୭)ଙ୍କୁ ଜେଲ ପ୍ରଶାସନ ମୁକୁଳାଇଥିଲା। ନୀତୀଶ ଜଣେ ୯ ବର୍ଷୀୟ ନାବାଳକଙ୍କୁ ବଳାତ୍କାର କରିବା ଅଭିଯୋଗରେ ଗତ ୨୦୨୧ ଅକ୍ଟୋବରରେ ଗିରଫ ହୋଇଥିଲେ। ଏବେ ସେ ଫେରାର ଥିବା ପୋଲିସ କହିଛି। ପରିଚୟ ଲୁଚାଇ ଜେଲରୁ ମୁକୁଳିଥିବା ଅଭିଯୋଗରେ ଫରିଦାବାଦ ସଦର ଥାନା ପୋଲିସ ପକ୍ଷରୁ ନୀତୀଶଙ୍କ ବିରୋଧରେ ମାମଲା ରୁଜୁ କରାଯାଇଛି। ପୋଲିସ ନୀତୀଶଙ୍କୁ ଖୋଜିବା ଜାରି ରଖିଛି। ଘଟଣାକୁ ନେଇ ନିମ୍‌କା ଜେଲ ଅଧୀକ୍ଷକ ହରେନ୍ଦ୍ର ସିଂଙ୍କ ଦ୍ୱାରା ଏକ ଆଭ୍ୟନ୍ତରୀଣ ତଦନ୍ତ କରାଯାଇଥିଲା। ଉକ୍ତ ତଦନ୍ତ ଅନୁଯାୟୀ, କାର୍ଯ୍ୟରେ ଅବହେଳା କରିଥିବାରୁ ୫ ଜଣ ଜେଲ କର୍ମଚାରୀଙ୍କୁ ନିଲମ୍ବନ କରାଯାଇଛି।

## ଟାଇଗର ମ୍ୟାନ୍: ୫ ଦଶନ୍ଧି ଧରି ବ୍ୟାଘ୍ର ସଂରକ୍ଷଣ


ବାଲ୍ମୀକ ଥାପର

ନୂଆଦିଲ୍ଲୀ,୩୧।୫

ଖ୍ୟାତନାମା ଭାରତୀୟ ବନ୍ୟପ୍ରାଣୀ ସଂରକ୍ଷକ ତଥା ଲେଖକ ବାଲ୍ମୀକ ଥାପରଙ୍କର ୭୩ ବର୍ଷ ବୟସରେ ଶନିବାର ପରଲୋକ ହୋଇଯାଇଛି। ସେ ଦୀର୍ଘ ୫ ଦଶନ୍ଧି ଧରି ରାଜସ୍ଥାନର ରାନ୍ଥମ୍ଭୋର ନ୍ୟାଶନାଲ ପାର୍କରେ ବ୍ୟାଘ୍ର ସଂରକ୍ଷଣ ପାଇଁ ନିଜକୁ ଉତ୍ସର୍ଗୀକୃତ କରି ଟାଇଗର ମ୍ୟାନ୍ ଭାବେ ପରିଚିତ ହୋଇଥିଲେ। ବାଘ ସଂରକ୍ଷଣରେ ସେ ଦେଶର ସବୁଠୁ ସମ୍ମାନାସ୍ପଦ ସ୍ୱର ପାଲଟିଥିଲେ।

ଭାରତୀୟ ପ୍ରକୃତିବିଦ୍, ସଂରକ୍ଷକ ତଥା ଲେଖକ ବାଲ୍ମୀକ ୩୦ରୁ ଊର୍ଦ୍ଧ୍ୱ ପୁସ୍ତକ ଓ ଅନେକ ପ୍ରବନ୍ଧ ରଚନା ତଥା ସମ୍ପାଦନା କରିଛନ୍ତି। ଏଥିସହିତ ସେ ଅନେକ ଟେଲିଭିଜନ କାର୍ଯ୍ୟକ୍ରମର ନିର୍ମାତା। ବିବିସି, ଆନିମଲ ପ୍ଲାନେଟ୍, ଡିସ୍‌କଭରି ଏବଂ ନ୍ୟାଶନାଲ ଜୋଗ୍ରାଫିକ୍ ଭଳି ଗଣମାଧ୍ୟମ ପାଇଁ ସେ ଭାରତର ପ୍ରାକୃତିକ ବାସସ୍ଥଳ ଉପରେ ଅନେକ ଡକ୍ୟୁମେଣ୍ଟାରି ପ୍ରସ୍ତୁତ କରିଛନ୍ତି।

୧୯୫୨ରେ ବମ୍ବେରେ ଏକ ବୁଦ୍ଧିଜୀବୀ ପରିବାରରେ ବାଲ୍ମୀକଙ୍କ ଜନ୍ମ। ତାଙ୍କ ବାପା ରୋମେଶ ଥାପର ଜଣେ ଜଣାଶୁଣା ସାମ୍ବାଦିକ ଓ ରାଜନୈତିକ ସମୀକ୍ଷକ। ମା' ରାଜ ଥାପର ୧୯୫୯ରେ ରାଜନୈତିକ ପତ୍ରିକା ସେମିନାରର ପ୍ରତିଷ୍ଠା କରିଥିଲେ। ତାଙ୍କ ଖୁଡ଼ି ରୋମିଲା ଥାପର ଜଣେ ଖ୍ୟାତନାମା ଐତିହାସିକ ଥିଲେ। ବାଲ୍ମୀକ ଦିଲ୍ଲୀ ୟୁନିଭର୍ସିଟିର ସେଣ୍ଟ ଷ୍ଟିଫେନ୍ସ କଲେଜରୁ ସୋସିଓଲୋଜିରେ ଗୋଲ୍ଡ ମେଡାଲ ସହ ସ୍ନାତକ ଡିଗ୍ରୀ ହାସଲ କରିଥିଲେ। ହିନ୍ଦୀ ଫିଲ୍ମର ଖ୍ୟାତନାମା ଅଭିନେତା ଶଶୀ କପୁରଙ୍କ ଝିଅ ତଥା ଅଭିନେତ୍ରୀ ସଞ୍ଜନା କପୁରଙ୍କୁ ସେ ବିବାହ କରିଥିବାବେଳେ ସେମାନଙ୍କର ହମିର ନାମରେ ଜଣେ ପୁଅ ଅଛନ୍ତି। ଫତେହ ସିଂ ରାଠୋରଙ୍କ ମାର୍ଗଦର୍ଶନରେ ବାଲ୍ମୀକ ଭାରତୀୟ ବନ୍ୟପ୍ରାଣୀ ସଂରକ୍ଷଣରେ ଜଣେ ଅଗ୍ରଣୀ ବ୍ୟକ୍ତିତ୍ୱ ହେବା ସହ ପ୍ରୋଜେକ୍ଟ ଟାଇଗର ଟିମ୍‌ର ମୁଖ୍ୟ ସଦସ୍ୟ ରହିଥିଲେ। ୧୯୮୮ରେ ସେ ରାନ୍ଥମ୍ଭୋର ଫାଉଣ୍ଡେଶନ ପ୍ରତିଷ୍ଠା କରିଥିଲେ। ଏହି ବେସରକାରୀ ସଂଗଠନ ଗୋଷ୍ଠୀଭିତ୍ତିକ ସଂରକ୍ଷଣ ଉଦ୍ୟମକୁ ଗୁରୁତ୍ୱ ଦେଇଥାଏ। ଜୀବନବ୍ୟାପୀ ସେ ଶିକାର ବିରୋଧରେ କଠୋର ଆଇନ ପାଇଁ ଚାପ ପକାଇବା ସହ ବାଘ ବାସସ୍ଥାନର ସୁରକ୍ଷା ପାଇଁ ଉଦ୍ୟମ କରିଆସିଥିଲେ। ସେ ଜାତୀୟ ବନ୍ୟପ୍ରାଣୀ ବୋର୍ଡ ସମେତ ୧୫୦ରୁ ଊର୍ଦ୍ଧ୍ୱ ସରକାରୀ ପ୍ୟାନେଲ ଏବଂ ଟାସ୍କଫୋର୍ସରେ କାର୍ଯ୍ୟ କରିଥିଲେ। ସାରିସ୍କା ବ୍ୟାଘ୍ର ସଂରକ୍ଷଣ ଅଞ୍ଚଳରୁ ବାଘ ସଂଖ୍ୟା କମିଯିବାରୁ ଉପା ସରକାରଙ୍କ ଦ୍ୱାରା ଗଠିତ ଟାଇଗର ଟାସ୍କଫୋର୍ସରେ ତାଙ୍କୁ ୨୦୦୫ରେ ନିଯୁକ୍ତ କରାଯାଇଥିଲା। ସଂରକ୍ଷିତ ଅଞ୍ଚଳକୁ ମାନବ କାର୍ଯ୍ୟକଳାପରୁ ମୁକ୍ତ କରାଯାଇପାରିଲେ ବାଘମାନେ ଦୀର୍ଘଦିନ ବଞ୍ଚିରହିପାରିବେ ବୋଲି ତାଙ୍କର ଦୃଢ଼ ବିଶ୍ୱାସ ରହିଥିଲା। ବାଘଙ୍କ ପାଇଁ ମୁଖ୍ୟ କ୍ଷେତ୍ର ପରିଚାଳନାର ଆବଶ୍ୟକତାକୁ ସେ ଗୁରୁତ୍ୱ ଦେଉଥିଲେ। ୨୦୨୪ରେ ତାଙ୍କ ପ୍ରସ୍ତୁତ ଡକୁମେଣ୍ଟାରି 'ମାଇଁ ଟାଇଗର ଫାମିଲି'ରେ ରାନ୍ତାମ୍ଭୋର୍‌ରେ ତାଙ୍କ ୫ ଦଶନ୍ଧିର ବ୍ୟାଘ୍ର ପର୍ଯ୍ୟବେକ୍ଷଣ ପ୍ରତିଫଳିତ ହୋଇଛି। ପ୍ରୋଜେକ୍ଟ ଚିତା ସମ୍ପର୍କରେ ସେ କହିଥିଲେ, ଆଫ୍ରିକୀୟ ଚିତା ଏଠାରେ ତିଷ୍ଠିବା ପାଇଁ ଆବଶ୍ୟକ ବାସସ୍ଥଳ, ଶିକାର ଏବଂ ବିଶେଷଜ୍ଞତାର ଅଭାବ ରହିଛି। 'ମଛଲି' ନାମକ ବାଘୁଣୀ ସହ ବାଲ୍ମୀକଙ୍କର ନିବିଡ଼ ସମ୍ପର୍କ ରହିଥିଲା, ଯାହାକୁ ସେ ବିଭିନ୍ନ ଲେଖାରେ ଉଲ୍ଲେଖ କରିଛନ୍ତି। ବିବିସି ଡକ୍ୟୁମେଣ୍ଟାରି ଫିଲ୍ମ 'ମାଇଁ ଟାଇଗର ଫାମିଲି'ରେ ତାଙ୍କ ପ୍ରିୟା ବାଘଗୁଡ଼ିକ ସମ୍ପର୍କରେ ଉଲ୍ଲେଖ ରହିଛି।


ମେଣ୍ଟର ଫତେହ ସିଂ ରାଠୋରଙ୍କ ସହ ବାଲ୍ମୀକ ଥାପର (ବାମ)।

# ନିଦାନ କେନ୍ଦ୍ରରେ ବନ୍ଦ ରହିଛି ସିଟି ସ୍କାନ୍

**ଏସ୍‌ସିବି ମେଡିକାଲ**

■ ମେ' ସୁଦ୍ଧା ଆସି ପାରିଲାନି ନୂତନ ଏମ୍‌ଆରଆଇ, ସିଟିସ୍କାନ୍ ମେଶିନ

କଟକ,୩୧।୫(ଶିଳ୍ପା ପ୍ରିୟଦର୍ଶିନୀ)

ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ(ଏସ୍‌ସିବି)ରେ ନୂତନ ସିଟି ସ୍କାନ ଓ ଏମ୍‌ଆର୍‌ଆଇ ଦୁଇଟି ମେଶିନ ମେଡିକାଲକୁ ମେ' ଶେଷ ସପ୍ତାହ ସୁଦ୍ଧା ଆସିବାକୁ ଥିବାବେଳେ ଏହାର କାର୍ଯ୍ୟ ଜୁନ ପହିଲାରୁ ଆରମ୍ଭ ହୋଇଥାନ୍ତା। ହେଲେ ମେ' ଶେଷ ହୋଇଥିବାବେଳେ ମେଡିକାଲରେ ନୂତନ ମେଶିନ ସଂସ୍ଥାପନ ହେବା କାମରେ ଅଟକି ରହିଛି। ନୂତନ ମେଶିନ ସଂସ୍ଥାପନ ପାଇଁ ମେଡିକାଲରେ ସମସ୍ତ କାର୍ଯ୍ୟ ଜାରି ରହିଥିବାରୁ ରୋଗୀ ସେବା ବ୍ୟାହାତ ହୋଇଛି। ପୂର୍ବରୁ ଟ୍ରମା କାଜୁଆଲଟି ସମ୍ମୁଖରେ ଥିବା ନିଦାନ କେନ୍ଦ୍ରରେ ମେଡିକାଲର ନିଜସ୍ୱ ସିଟି ସ୍କାନ ମେଶିନ କାର୍ଯ୍ୟ କରି ଆସୁଥିବାବେଳେ ଏବେ ତାହା ସମ୍ପୂର୍ଣ୍ଣ ଭାବେ ବନ୍ଦ କରାଯାଇଛି ଏବଂ ରୋଗୀଙ୍କୁ ମେଡିକାଲର ରଞ୍ଜନରଶ୍ମୀ ବିଭାଗରେ ଥିବା ପିପିଡି ମୋଡ୍ ସିଟି ସ୍କାନ ନିମନ୍ତେ ପଠାଯାଉଛି। ଫଳରେ ସେଠାରେ ରୋଗୀଙ୍କ ଭିଡ଼ ରହୁଛି ଏବଂ ଜରୁରୀ ସ୍କାନିଂ ଆବଶ୍ୟକ କରୁଥିବା ରୋଗୀ ବଞ୍ଚିତ ରହୁଛନ୍ତି।



ବନ୍ଦ ରହିଛି ସିଟିସ୍କାନ୍

ସୂଚନା ଅନୁଯାୟୀ, ସ୍ୱାସ୍ଥ୍ୟ କ୍ଷେତ୍ରରେ ଏମ୍‌ଆର୍‌ଆଇ ଓ ସିଟି ସ୍କାନ ପରୀକ୍ଷା ବହୁ ଗୁରୁତ୍ୱପୂର୍ଣ୍ଣ ରହିଥାଏ। ଏସ୍‌ସିବି ମେଡିକାଲ ରୋଗୀଙ୍କ ସଂଖ୍ୟା ବଢୁଥିବା ଏବଂ ଏହି ୨ଟି ମେଶିନରେ ବାରମ୍ବାର ଅସୁବିଧା ହେବା ହେତୁ ରୋଗୀଙ୍କ ପରୀକ୍ଷାରେ ବାଧା ହେବାରୁ ମେଡିକାଲ କର୍ତ୍ତୃପକ୍ଷ ନୂତନ ମେଶିନ କ୍ରୟ କରିବା ପାଇଁ ତତ୍ପରତା ଦେଖାଇଥିଲେ। ପ୍ରାୟ ୪୦ କୋଟି ଟଙ୍କାରେ ୨ଟି ମେଶିନ କ୍ରୟ କରାଯିବା ପାଇଁ ସ୍ଥିର କରାଯାଇଥିଲା। ଗତବର୍ଷ ଅକ୍ଟୋବରରେ ମହାନଦୀ କୋଲ ଫିଲ୍ଡସ୍ ଲିମିଟେଡ୍ (ଏମ୍‌ସିଏଲ୍) ପକ୍ଷରୁ ଏସ୍‌ସିବିକୁ ଚିଠି ଆସିଥିଲା। ଯେଉଁଥିରେ ଉଲ୍ଲେଖ ରହିଥିଲା କି ଏମ୍‌ଆରଆଇ ଓ ସିଟି ସ୍କାନ ମେଶିନ କ୍ରୟ କରିବା ପାଇଁ ଏମ୍‌ସିଏଲ ପକ୍ଷରୁ ୪୬ କୋଟି ୩୪ ଲକ୍ଷ ୮୦ ହଜାର ଟଙ୍କା ଦିଆଯିବ। ଆରୋଗ୍ୟ ଯୋଜନା ଅନ୍ତର୍ଗତ ଏହି ମେଶିନ ଦିଆଯିବ।

ଜାପାନର ଏକ କମ୍ପାନୀଠାରୁ ନୂତନ ଏମ୍‌ଆରଆଇ ମେଶିନ ଜାପାନରୁ ଜାହାଜରେ ମୁମ୍ବାଇ ଆସିବ। ସେଠାରେ କଷ୍ଟମ କ୍ଲିୟର ହେବା ପରେ ଓଡ଼ିଶା ଆସିବ। ସେହିପରି ଭାରତୀୟ କମ୍ପାନୀଠାରୁ ସିଟି ସ୍କାନ ମେଶିନ କିଣା ହୋଇ ମେଡ଼ିକାଲରେ ୬୦ ଦିନ ମଧ୍ୟରେ ଲାଗିଥାନ୍ତା।

ମେଡିକାଲର ରଞ୍ଜନରଶ୍ମୀ ବିଭାଗରେ ଏମ୍‌ଆର୍‌ଆଇ ଓ ନିଦାନ କେନ୍ଦ୍ରରେ ଥିବା ସିଟି ସ୍କାନ ସଂସ୍ଥାପିତ କରିବା ନେଇ ସ୍ଥିର କରାଯାଇଥିଲା। ଏଥିପାଇଁ ଗତ ମାର୍ଚ୍ଚରେ କୋଲକାତାରୁ ଏକ ଟିମ୍ ଆସି ଏସ୍‌ସିବିରେ ସ୍ଥିତି ଅନୁଧ୍ୟାନ କରିଥିଲା। ହେଲେ ଆଜିକୁ ୬୦ଦିନ ବିତିଥିବାବେଳେ ମେଡିକାଲରେ ମେଶିନ ରଖିବା ଗୃହ କାର୍ଯ୍ୟ ଚାଲିଛି। ତେବେ ରଞ୍ଜନରଶ୍ମୀରେ ନୂତନ ଏମ୍‌ଆର୍‌ଆଇ ମେଶିନ ସଂସ୍ଥାପନା କରିବା ନିମନ୍ତେ ବହୁ କାର୍ଯ୍ୟ କରାଯାଇଛି। ହେଲେ ନିଦାନ କେନ୍ଦ୍ରରେ ଥିବା ମେଡିକାଲର ନିଜସ୍ୱ ପୁରୁଣା ସିଟ ସ୍କାନ ମେଶିନକୁ ବାହାରେ ରଖାଯାଇ ଗୃହର କାର୍ଯ୍ୟ କରାଯାଉଛି। ଫଳରେ ରୋଗୀଙ୍କୁ ରଞ୍ଜନରଶ୍ମୀ ବିଭାଗକୁ ସିଟି ସ୍କାନ ପାଇଁ ପଠାଯାଇ ଭାର ବଢ଼ାଯାଉଛି। ମେଡ଼ିକାଲର କାଜୁଆଲଟିକୁ ଆସିଥିବା ଆଠଗଡ଼ ଅଞ୍ଚଳର ଆହାତଙ୍କ ସମ୍ପର୍କୀୟ ରୀତା ସାହୁ କହିଛନ୍ତି, ସିଟି ସ୍କାନ ପାଇଁ ଡାକ୍ତର ଲେଖିଛନ୍ତି ହେଲେ ସ୍କାନ କେଉଁଠି ହେଉଛି ଠିକ୍ ଭାବେ କେହି କହି ପାରୁନାହାନ୍ତି। ଅଧଘଣ୍ଟା ହେବ ମେଡିକାଲରେ ଘୁରି ବୁଲୁଛି। ବହୁ ହଇରାଣ ହେବାକୁ ପଡୁଛି ବୋଲି ସେ କହିଛନ୍ତି। ଅନ୍ୟପଟେ ମେଡିକାଲ କୁଳସଚିବ ସୁବାସ ରାଏ କହିଛନ୍ତି, ମେଶିନ ପାଇଁ ଚିହ୍ନଟ ହୋଇଥିବା ସ୍ଥାନରେ କାର୍ଯ୍ୟ କରାଯାଉଛି। ମେ' ଶେଷ ସୁଦ୍ଧା କାର୍ଯ୍ୟକାରୀ ହୋଇଥାନ୍ତା, ହେଲେ ସାମାନ୍ୟ ସମସ୍ୟା ଥିବାରୁ ତାହା ହୋଇ ପାରିନାହିଁ। ଆଗାମୀ ୧୫ରୁ ୨୦ ଦିନ ମଧ୍ୟରେ ଏହା କାର୍ଯ୍ୟକାରୀ କରିବା ଆରମ୍ଭ କରିବ ବୋଲି ରାଏ କହିଛନ୍ତି।

## ସଂକ୍ଷେପରେ

### କୁଶପଙ୍ଗିରେ ତ୍ରିରଙ୍ଗା ଶୋଭାଯାତ୍ରା

ବାଙ୍କୀ, ୩୧।୫(ଶୁଭେନ୍ଦୁ ମହାପାତ୍ର/ ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ଭାରତୀୟ ସୈନ୍ୟବାହିନୀର ବିରତ୍ୱ ଉଦ୍ଦେଶ୍ୟରେ ବାଙ୍କୀ ଡମପଡା ବ୍ଲକ ଅନ୍ତର୍ଗତ କୁଶପଙ୍ଗି ପଞ୍ଚାୟତରେ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ବାଙ୍କୀ ଭାଜପା ନେତା ତୁଷାରକାନ୍ତ ଚକ୍ରବର୍ତ୍ତୀ ଯୋଗଦେଇ ଏହି ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ବାଙ୍କୀ ଭାଜପା ସଂଯୋଜକ ଜଗନ୍ନାଥ ପରିଡାଙ୍କ ପରଚଳନାରେ ମଣ୍ଡଳ ସଭାପତି ଦାଶରଥି ପଢିଆରି, ଏମ୍‌ପିଙ୍କ ପ୍ରତିନିଧି ସରୋଜ ମତଗଜ ସିଂ, ଜୟନ୍ତ ବେଉରା, ସୁବର୍ଣ୍ଣପୁର ମଣ୍ଡଳ ପ୍ରଭାରୀ ଦେବାଶିଷ ମାନସିଂହ, ପୂବତନ ମଣ୍ଡଳ ସଭାପତି ପ୍ରସନ୍ନ ସ୍ୱାଇଁ, ଗୋପାଳପୁର ମଣ୍ଡଳ ପ୍ରତିନିଧି ସରୋଜ ମିଶ୍ର ପ୍ରମୁଖ ଯୋଗଦେଇଥିଲେ।

### ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ କାର୍ଯ୍ୟକର୍ତ୍ତାଙ୍କ ପ୍ରଶିକ୍ଷଣ ଶିବିର

କଟକ ସଦର,୩୧।୫(ସୁଶାନ୍ତ କୁମାର ଜେନା)

ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ କାର୍ଯ୍ୟକର୍ତ୍ତାଙ୍କ ଦକ୍ଷତା, ସଂଘ କାର୍ଯ୍ୟର ଅଭିବୃଦ୍ଧି ନିମନ୍ତେ ଏକ ଗ୍ରୀଷ୍ମ କାଳୀନ ପ୍ରଶିକ୍ଷଣ ଶିବିର କଟକ ସଦର ବ୍ଲକ ଅନ୍ତର୍ଗତ ଗତିରାଉତ ପାଟଣାସ୍ଥିତ କେଶବ ଧାମ ପରିସରରେ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଓଡ଼ିଶା ଓ ପଶ୍ଚିମବଙ୍ଗର ସ୍ୱୟଂ ସେବକ ବିଦ୍ୟାର୍ଥୀମାନେ ଅଂଶ ଗ୍ରହଣ କରିଥିଲେ। ଶିବିରରେ ୨ ରାଜ୍ୟର ୬୯ଜିଲାର ଶିକ୍ଷାର୍ଥୀମାନେ ୧୫ ଦିନ ଧରି ପ୍ରଶିକ୍ଷଣ ନେଇଥିଲେ। ପୂଜ୍ୟନୀୟ ସର୍ ସଂଘ ଚାଳକ ଡ.ମୋହନ ଭାଗବତ, ସହ ସର୍ କର୍ଯ୍ୟବାହ ଅରୁଣ କୁମାର ଓ ରାମ ଦତ୍ତ ଚକ୍ରଧର, ସହ ସମ୍ପର୍କ ରମେଶ ଜି ପାପା, ଅଖିଳ ଭାରତୀୟ ପ୍ରଜ୍ଞା ପ୍ରବାହ ସଂଯୋଜକ ଜେ. ନନ୍ଦ କୁମାର ପ୍ରମୁଖ ଉପସ୍ଥିତ ଥିଲେ।


କଟକ ସଦର ବ୍ଲକ ଗତିରାଉତ ପାଟଣାସ୍ଥିତ କେଶବ ଧାମ ପରିସରରେ ଶନିବାର ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ କାର୍ଯ୍ୟକର୍ତ୍ତାଙ୍କ ଗ୍ରୀଷ୍ମ କାଳୀନ ପ୍ରଶିକ୍ଷଣର ଉଦ୍‌ଯାପନୀ ଶିବିରରେ ଯୋଗଦେଇଥିବା ସ୍ୱୟଂ ସେବକମାନେ।

### ସମ୍ବାଦପତ୍ର ବିକ୍ରେତା ସଂଘ ପକ୍ଷରୁ ବିଶ୍ୱ ତମାଖୁ ବର୍ଜନ ଦିବସ ପାଳନ

କଟକ,୩୧।୫(କାର୍ତ୍ତିକ ସାହୁ)

ସମ୍ବାଦପତ୍ର ବିକ୍ରେତା ସଂଘ ପକ୍ଷରୁ ବିଶ୍ୱ ତମାଖୁ ବର୍ଜନ ଦିବସ ବକ୍ସିବଜାରଠାରେ ପାଳନ କରାଯାଇଛି। ସଂଘ କର୍ମକର୍ତ୍ତାମାନେ ପ୍ଲାକାର୍ଡ ଧରି ସ୍ଲୋଗାନ ଦେଇ ବକ୍ସିବଜାରଠାରେ ଶୋଭାଯାତ୍ରା କରି ଲୋକମାନଙ୍କୁ ତମାଖୁ ବର୍ଜନ କରିବାକୁ ପରାମର୍ଶ ଦେଇଥିଲେ। ସ୍ଲୋଗାନ ହେଲା. ଯଦି ପିଇବା ବିଡି ସିଗାରେଟ, ଯମର ହେବା ପ୍ରଥମ ଟାର୍ଗେଟ. ନିଶା ସେବନ,ବ୍ୟର୍ଥ ଜୀବନ.ଆସ ଭଲ ଆଜି ମିଶାଇ ହାତ, ଦେଶକୁ କରିବା ତମାଖୁ ମୁକ୍ତ. ନିଶା ପାଣି ଖାଇ ଉଡ଼ିଲେ ହଂସା, କେହି ହେବେ ନାହିଁ ସାହା ଭରସା. ତମାଖୁ କୁ ଭାଇ ଦିଅ ବିଦାୟ, ଭାଗ୍ୟ ଆକାଶେ ସୂର୍ଯ୍ୟ ହେବ ଉଦୟ ଏହିଁ ସ୍ଲୋଗାନ ଦେଉଥିଲେ। କାର୍ଯ୍ୟକ୍ରମରେ ସଂଘ ସାଧାରଣ ସମ୍ପାଦକ ରତ୍ନାକର ପ୍ରଧାନ, ସହସମ୍ପାଦକ ପ୍ରଶାନ୍ତ ସାହୁ, ମିଡ଼ିଆ ସେଲ ଅଧକ୍ଷ ପ୍ରଭାସ ପ୍ରଧାନ, କମିଟି ସଭ୍ୟ କେ. ବେଣୁ ରାଓ, ରବି ପାଲ, ନବଘନ ସାହୁ, ଉମେଶ ସାହୁ, ଦେବାଶିଷ ଭୋଇ, ହେମନ୍ତ ପଟ୍ଟନାୟକ, ବିଜୟ ସାହୁ, ସନ୍ତୋଷ ରାଓ ଉପସ୍ଥିତ ଥିଲେ।

### ଜାତୀୟସ୍ତରୀୟ ଯୋଗ ପାଇଁ ମନୋନୀତ ୫ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା

ବାଙ୍କୀ,୩୧।୫(ଜ୍ଞାନେନ୍ଦ୍ର ମୋହନ ମିଶ୍ର ):

ଓଡ଼ିଶା ବିଦ୍ୟାଳୟ ଯୋଗ ଅଲମ୍ପିଆଡ-୨୦୨୫ ଆନୁକୂଲ୍ୟରେ ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମରେ ୧୪ ବର୍ଷ ବର୍ଗର ଛାତ୍ରୀଛାତ୍ରଙ୍କ ମଧ୍ୟରେ ଯୋଗ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବାଙ୍କୀ ଜେଡ୍ ଅଫ ଫାଉଣ୍ଡେଶନର ୫ ଯୋଗ ଛାତ୍ରୀଛାତ୍ର ଜାତୀୟସ୍ତରରେ ଭାଗନେବାକୁ ମନୋନୀତ ହୋଇଛନ୍ତି। ଜୁନ ୧୪ରୁ ତାମିଲନାଡୁର କନ୍ୟାକୁମାରୀରେ ଜାତୀୟସ୍ତରୀୟ ଯୋଗ ଅଲିମ୍ପିଆଡ ପ୍ରତିଯୋଗିତାରେ ଭାଗନେବା ପାଇଁ ଏହି ଛାତ୍ରୀଛାତ୍ରମାନେ ପ୍ରଥମରୁ ୫ମ ସ୍ଥାନ ଅଧିକାର କରିଛନ୍ତି। ସେମାନେ ହେଲେ ଏସ୍‌ପି.ବଦ୍ରିନାଥ, ସୌମ୍ୟରଞ୍ଜନ ପ୍ରଧାନ, ତେଜସ୍ୱିନୀ ଲେଙ୍କା, ପ୍ରିୟଦର୍ଶିନୀ ସାହୁ ଓ ସୌମ୍ୟାପ୍ରିୟା କର। ଶନିବାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆଦର୍ଶ ଯୁବପରିଷଦ ଫାଉଣ୍ଡେଶନ ପକ୍ଷରୁ ଯୋଗକେନ୍ଦ୍ରରେ ସମସ୍ତ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। କାର୍ଯ୍ୟକ୍ରମରେ ପରିଷଦର ଆବାହକ ଅକ୍ଷୟ କୁମାର ସାମଲ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ଶିକ୍ଷାବିତ୍ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର, ସମ୍ମାନିତ ଅତିଥିଭାବେ ଆମ ପରିବାର ଚକ୍ରର ପ୍ରତିଷ୍ଠାତା ସଭାପତି କୁମାର ଅମୀୟ ଯୋଗ ଦେଇଥିଲେ।

# ଖୁଣ୍ଟୁଣୀର ବିଭିନ୍ନ ଶୈବପୀଠରେ ହରପାର୍ବତୀଙ୍କ ବିବାହୋତ୍ସବ


ଶୀତଳ ଷଷ୍ଠୀରେ ଶିବ-ପାର୍ବତୀଙ୍କୁ ବିବାହ କରାଯାଉଛି।

ଖୁଣ୍ଟୁଣୀ,୩୧।୫(ସଚ୍ଚିଦାନନ୍ଦ ପଣ୍ଡା)

ଶୀତଳଷଷ୍ଠୀ ଉପଲକ୍ଷେ ଖୁଣ୍ଟୁଣୀର ବିଭିନ୍ନ ଶୈବପୀଠରେ ହରପାର୍ବତୀଙ୍କ ବିବାହ ଉତ୍ସବ ମହାସମାରୋହରେ ପାଳିତହୋଇଛି। ଖୁଣ୍ଟୁଣୀ-ରମ୍ଭେଇ ମୌଜାର ଆରାଧ୍ୟ ଗ୍ରାମଦେବତା ପ୍ରଭୁ ଶ୍ରୀ ବାଲୁଙ୍କେଶ୍ୱରଙ୍କ ଶନିବାର ପ୍ରତ୍ୟୁଷରୁ ସମସ୍ତ ନୀତି ସହିତ ଅଭିଷେକ ଓ ଉପଚାର ପୂଜା ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାଧୂପ ପରେ ବାଲୁଙ୍କେଶ୍ୱରଙ୍କୁ ବରବେଶରେ ସଜ୍ଜିତ କରି ପୁଷ୍ପମଣ୍ଡିତ ବିମାନରେ ନିଆଯାଇ ଗ୍ରାମର ଅତିଥି ଠାକୁର ଶ୍ରୀଲକ୍ଷ୍ମୀନାରାୟଣ ଓ ଶ୍ରୀରଘୁନାଥଙ୍କ ସହିତ ବିରାଟ ରୋଷଣିରେ ଶ୍ରଦ୍ଧାଳୁଙ୍କ ଗହଣରେ ଶୋଭାଯାତ୍ରାରେ ଖୁଣ୍ଟୁଣୀ ଗ୍ରାମ ପରିକ୍ରମା କରିଥିଲେ। ମନ୍ଦିର ମୁଖ୍ୟ ଦ୍ୱାର ନିକଟରେ ପହଞ୍ଚିବା ପରେ ବାଟବରଣୀ ନୀତି ସମ୍ପନ୍ନ ହୋଇଥିଲା। ପରେ ପଣ୍ଡିତ ମଳୟ କରଶର୍ମା ଓ ସନ୍ତୋଷ ଦାସ ଠାକୁରଙ୍କୁ ବିବାହ ମଣ୍ଡପକୁ ନେଇ ମା' ପାର୍ବତୀଙ୍କ ସହିତ ଜଗତପିତା ବାଲୁଙ୍କେଶ୍ୱର ମହାଦେବଙ୍କ ଦେବଦୁର୍ଲଭ ବିବାହ ଉତ୍ସବ ରାତି ୧୦ଟାରୁ ଆରମ୍ଭ ହୋଇ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ଚାଲିଥିଲା। ଚଳିତବର୍ଷ ବରପକ୍ଷ କର୍ତ୍ତାକର୍ତ୍ତ୍ରି ଭାବେ ଖୁଣ୍ଟୁଣୀର ଚିତ୍ତରଞ୍ଜନ ଜେନା ଓ ବିନ୍ଦୁ ସାଗର ଜେନା ଏବଂ କନ୍ୟାପକ୍ଷ କର୍ତ୍ତାକର୍ତ୍ତ୍ରି ଭାବେ ବିରଞ୍ଚି ନାରାୟଣ ଦାସ ଓ ମଧୁସ୍ମିତା ଦାସ କାର୍ଯ୍ୟ ସମ୍ପାଦନ କରିଥିଲେ। ରବିବାର ପ୍ରାତଃରୁ ଗ୍ରାମର ଶହଶହ ମହିଳା ବିବାହ ମଣ୍ଡପରେ ଠାକୁରଠାକୁରାଣୀଙ୍କୁ ଦର୍ଶନ କରି ବନ୍ଦାପନା କରିଥିଲେ। ଦିଅଁଙ୍କ ନିକଟରେ ନବାତ ପଣା ପ୍ରସାଦ ଲାଗିହେବ ପରେ ପୂର୍ବାହ୍ନ ୧୦ଟାରେ ଦେବଦମ୍ପତି ମନ୍ଦିର ପ୍ରବେଶ କରିଥିଲେ। ଖୁଣ୍ଟୁଣୀ-ରମ୍ଭେଇ ଶିବ କୃପା ପରିଷଦ ପରିଚାଳନାରେ ବିବାହ ଉତ୍ସବ ନୀତି ଅନୁଷ୍ଠିତ ହୋଇଛି। ସେହିଭଳି ରାଧାକିଶୋରପୁର ଗ୍ରାମର ପ୍ରଭୁ ଶ୍ରୀରାମେଶ୍ୱର ମହାଦେବଙ୍କ ବିବାହ ଉତ୍ସବ ହରିହର ପୀଠ ରାଧା କିଶୋରପୁରଠାରେ ସମ୍ପନ୍ନ ହୋଇଛି। ସ୍ଥାନୀୟ (କଣ୍ଡାବନ୍ଧ) ରାଧାଦାମୋଦରପୁର ଗ୍ରାମରେ ବିଜେ ପ୍ରଭୁ ଶ୍ରୀଶ୍ରୀ ଜମେଶ୍ୱର ମହାଦେବଙ୍କ ପାରମ୍ପରିକ ବିବାହ ଉତ୍ସବ ଅନୁଷ୍ଠିତ ହୋଇଛି। ପ୍ରତ୍ୟୁଷରୁ ଠାକୁରଙ୍କ ସମସ୍ତ ଦୈନିକ ନୀତି ସରିବା ପରେ ଜମେଶ୍ୱର ଦେବ ବରବେଶରେ ଦର୍ଶନ ଦେଇଥିଲେ। ପୂର୍ବାହ୍ନରେ ଶ୍ରଦ୍ଧାଳୁ ବରଯାତ୍ରୀଙ୍କ ସହିତ ଠାକୁର ନଗର ପରିକ୍ରମା ଓ ବାଟରେ ବର ଓ କନ୍ୟା ପିତାଙ୍କ ପକ୍ଷରୁ ଠାକୁରଙ୍କୁ ଅଭ୍ୟର୍ଥନା ପ୍ରଦାନ କରାଯାଇଥିଲା। ବାଟବରଣୀ ନୀତି ପରେ ମଧ୍ୟାହ୍ନରେ ପ୍ରଭୁ ଜମ୍ବେଶ୍ୱର ଦେବ ଓ ମା'ପାର୍ବତୀ ଦେବୀଙ୍କ ସହିତ ବିଧିପୂର୍ବକ ବିବାହ ନୀତି ସମ୍ପନ୍ନ ହୋଇଥିଲା।

# ଆଲମିରା ଲକର ଭାଙ୍ଗି ସୁନା ଅଳଙ୍କାର ଚୋରି

ନିଶ୍ଚିନ୍ତକୋଇଲି, ୩୧।୫ (ଅଶୋକ କୁମାର ମହାପାତ୍ର):

ନିଶ୍ଚିନ୍ତକୋଇଲି ଥାନା ବଡ଼କ୍ଷୀର ପଞ୍ଚାୟତ ଅନ୍ତର୍ଗତ ଗୋପପୁର ଗ୍ରାମର ଅବସରପ୍ରାପ୍ତ ସରକାରୀ କର୍ମଚାରୀ ବାଇଧର ନାୟକଙ୍କ ଘରୁ ଶୁକ୍ରବାର ବିଳମ୍ବିତ ରାତିରେ ଚୋରି ହୋଇଛି। ଦୁର୍ବୃତ୍ତମାନେ ଘରେ ପଶି ଗଡ୍ରେଜ୍ ଲକର ଭାଙ୍ଗି ଲକ୍ଷାଧିକ ଟଙ୍କାର ସ୍ୱର୍ଣ୍ଣଅଳଙ୍କାର ଲୁଟି ନେଇଥିବା ଅଭିଯୋଗ ହୋଇଛି। ପୋଲିସ ଏହାର ତଦନ୍ତ କରୁଥିବାବେଳେ ଏପର୍ଯ୍ୟନ୍ତ କାହାରିକୁ ଗିରଫ କରିବାରେ ସଫଳ ହୋଇନାହିଁ। ଘଟଣାସ୍ଥଳରେ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତଦନ୍ତ ଜାରି ରଖିଛି। ନାୟକ କିଛିଦିନ ହେବ ହୃଦ୍‌ଘାତଜନିତ ରୋଗରେ ଆକ୍ରାନ୍ତ ହୋଇ କଟକରେ ଚିକିତ୍ସାଧୀନ ଅଛନ୍ତି। ଏନେଇ ପରିବାରବର୍ଗ ମଧ ତାଙ୍କ ପାଖରେ ଅଛନ୍ତି। ଘରେ କେହି ନ ଥିବାର ସୁଯୋଗ ନେଇ ଶନିବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ତାଙ୍କ ଘରର ଗ୍ରୀଲ୍ ଓ କବାଟ ଭାଙ୍ଗି ଘରେ ପ୍ରବେଶ କରିଥିଲେ। ଏଥିସହ ଘରର ଗଡ୍ରେଜ୍ ଲକର ଭାଙ୍ଗି ୫ଭରିରୁ ଉର୍ଦ୍ଧ୍ୱ ସ୍ୱର୍ଣ୍ଣ ଅଳଙ୍କାର, ଦାମୀ ଶାଢ଼ି, କପଡ଼ା, କଂସାବାସନ ଓ ନଗଦ ୮ହଜାର ଟଙ୍କା ଲୁଟି ନେଇଛନ୍ତି। ଖବରପାଇ ପୁତ୍ର ପବିତ୍ର ମୋହନ ନାୟକ ପହଞ୍ଚି ନିଶ୍ଚିନ୍ତକୋଇଲି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏହାକୁ ଭିତ୍ତିକରି ପୋଲିସ ମାମଲା (ନଂ.୧୦୭/୨୫) ରୁଜୁ କରି ତଦନ୍ତ ଆରମ୍ଭ କରିଛି।

# ରାମେଶ୍ୱରଙ୍କ ପୀଠରେ ଶୀତଳ ଷଷ୍ଠୀ ଯାତ୍ରା


ରାମେଶ୍ୱର ବିଗ୍ରହକୁ ଶୋଭାଯାତ୍ରାରେ ନିଆଯାଉଛି।

ଟିଗିରିଆ,୩୧।୫(ଜାଫର ଖାଁ ) :

ଟିଗିରିଆ ବ୍ଲକ ଅନ୍ତର୍ଗତ ନୂଆପାଟଣାର ଆରାଧ୍ୟ ଦେବତା ପ୍ରଭୁ ଶ୍ରୀଶ୍ରୀ ରାମେଶ୍ୱର ମହାଦେବଙ୍କ ପୀଠରେ ପ୍ରସିଦ୍ଧ ଶୀତଳ ଷଷ୍ଠୀ ଯାତ୍ରା ଉପଲକ୍ଷେ ଶିବପାର୍ବତୀଙ୍କ ବିବାହ ନୀତି ଅନୁଷ୍ଠିତ ହୋଇଯାଇଛି। ରାମେଶ୍ୱର ସେବାସଂଘ ସଭାପତି କେଶବ ଚନ୍ଦ୍ର ପାତ୍ରଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବରପକ୍ଷ ଭାବେ ରାମେଶ୍ୱର ସେବାସଂଘ ଓ କନ୍ୟା ପକ୍ଷ ଭାବେ ରୀନା ବର୍ଦ୍ଧନ ଓ ମାୟାଧର ବର୍ଦ୍ଧନ ନିଜର ଦାୟିତ୍ୱ ସମ୍ପାଦନ କରିଥିଲେ। ପରମ୍ପରା ଅନୁଯାୟୀ ଶୀତଳ ଷଷ୍ଠୀ ଯାତ୍ରାର ୭ ଦିନ ପୂର୍ବରୁ କନ୍ୟା ପକ୍ଷ ତରଫରୁ ଶ୍ରୀଶ୍ରୀ ରାମେଶ୍ୱର ମହାଦେବଙ୍କୁ ବିବାହ ପାଇଁ ନିମନ୍ତ୍ରଣ କରାଯାଇଥିଲା। ଶୀତଳ ଷଷ୍ଠୀ ଯାତ୍ରା ଉପଲକ୍ଷେ ସକାଳେ କନ୍ୟା ପକ୍ଷ ତରଫରୁ ମନ୍ଦିରରେ ପାରମ୍ପରିକ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା ହେବା ପରେ ବରଧରା ନୀତି ସମ୍ପନ୍ନ ହୋଇଥିଲା। ସନ୍ଧ୍ୟାରେ ପ୍ରଭୁ ଶ୍ରୀ ଶ୍ରୀ ରାମେଶ୍ୱର ଦେବଙ୍କ ବିଗ୍ରହକୁ ସୁସଜ୍ଜିତ ବିମାନରେ ବାଜା ବାଣ, ରୋଷଣୀ ସହ ବିଭିନ୍ନ ବହୁରୂପୀଙ୍କ ଗହଣରେ ଗ୍ରାମ ପରିକ୍ରମା କରାଯାଇ ରାମେଶ୍ୱର ମନ୍ଦିରରେ ବିବାହ କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ରାମେଶ୍ୱର ସେବାସଂଘ ସମ୍ପାଦକ ଯୋଗୀନାଥ ଅଖିତ, ସହ ସମ୍ପାଦକ ସୁଦାମ ଚରଣ ସାହୁ, ସଦସ୍ୟ ବିଭୁତି ବେହେରା, ଅଜୟ ମହାରଣା, ଦିଲୀପ ବାରିକ ପ୍ରମୁଖ ସହଯୋଗ କରିଥିଲେ ।

# ଡାକ୍ତର, ସ୍ୱାସ୍ଥ୍ୟକର୍ମୀଙ୍କୁ କାରଣ ଦର୍ଶାଅ ନୋଟିସ

**ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀସେବାରେ ଅବହେଳା**

ସାଲେପୁର,୩୧।୫(ଅରବିନ୍ଦ ଭୂୟାଁ):

କେନ୍ଦ୍ର ଓ ରାଜ୍ୟ ସରକାର ଚିକିତ୍ସା ଉପରେ ଗୁରୁତ୍ୱ ଦେଉଥିବାବେଳେ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ରୋଗୀଙ୍କ ରକ୍ତନମୁନା ରିପୋର୍ଟ ଫିଙ୍ଗିଦେଇଥିବା ଅଭିଯୋଗ ହୋଇଛି। ଏନେଇ ଉତ୍ତେଜନା ପ୍ରକାଶ ପାଇବା ପରେ ସମ୍ପୃକ୍ତ ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି।

ସାଲେପୁର ଥାନା ଛାଣିପୁର ପଞ୍ଚାୟତ ଅନ୍ତର୍ଗତ ଓରାବାରି ଗ୍ରାମର ରଶ୍ମିରଞ୍ଜନ ମହାନ୍ତି(୧୩)ଙ୍କୁ ଶନିବାର ରାତିରେ କୌଣସି ଏକ ସାପ କାମୁଡ଼ି ଦେଇଥିଲା। ଏନେଇ ପରିବାର ଲୋକେ ରାତି ପ୍ରାୟ ୯ଟାରେ ତାଙ୍କୁ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣି ଥିଲେ। ଶରୀରରେ ବିଷ ଅଛି କି ନାହିଁ ଜାଣିବା ପାଇଁ ଦାୟିତ୍ୱରେ ଥିବା ଡାକ୍ତର ରକ୍ତ ନମୁନା ସଂଗ୍ରହ କରିଥିଲେ ମଧ ରିପୋର୍ଟ ଅନ୍ୟତ୍ର ଫିଙ୍ଗି ଦେଇଥିଲେ। ରଶ୍ମିରଞ୍ଜନଙ୍କ ସମ୍ପର୍କୀୟ ଡାକ୍ତରଙ୍କ ନିକଟରେ ପହଞ୍ଚି ରକ୍ତନମୁନା ରିପୋର୍ଟରେ କ'ଣ ଆସିଲା ବୋଲି ପଚାରିବାରୁ ସମ୍ପୃକ୍ତ ଡାକ୍ତର କହିଲେ, ତୁମମାନଙ୍କ ଆସିବା ବିଳମ୍ବ ହେବାରୁ ତାହାକୁ ଫିଙ୍ଗିଦେଇଛି। ଏନେଇ ରୋଗୀଙ୍କୁ କଟକ ବଡ଼ ଡାକ୍ତରଖାନା ନେଇଯାଅ ବୋଲି କହିଥିଲେ। ରିପୋର୍ଟ ଫିଙ୍ଗା ଘଟଣାକୁ ନେଇ ମେଡିକାଲରେ ଚାପା ଉଜେନା ପ୍ରକାଶ ପାଇଥିଲା। ଶେଷରେ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସା ଅଧିକାରୀ ହସ୍ତକ୍ଷେପ କଲାପରେ ପୁନର୍ବାର ରୋଗୀଙ୍କ ରକ୍ତନମୁନା ପରୀକ୍ଷା କରାଗଲା ପରେ ପରିସ୍ଥିତି ଶାନ୍ତ ପଡିଥିଲା। ଏ ସମ୍ପର୍କରେ ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ବିଜୟ କୁମାର ପ୍ରଧାନ ଅବଗତ ହେଲାପରେ ସମ୍ପୃକ୍ତ ଡାକ୍ତରଙ୍କୁ ଘଟଣା ସମ୍ପର୍କରେ ପଚାରିଥିଲେ। ଡାକ୍ତର କହିଥିଲେ, ରୋଗୀଙ୍କ ସମ୍ପର୍କୀୟ ବିଳମ୍ବରେ ଆସିବାରୁ ରିପୋର୍ଟଟି ସ୍ୱାସ୍ଥ୍ୟ କର୍ମଚାରୀଙ୍କୁ ଦିଆଯାଇଥିଲା। ମାତ୍ର ସେ ତାହାକୁ ଫିଙ୍ଗିଦେଇଥିଲେ। ଏଭଳି ଖାମଖିଆଲ ନୀତି ପାଇଁ ସମ୍ପୃକ୍ତ ଡାକ୍ତର ଓ ସ୍ୱାସ୍ଥ୍ୟ କର୍ମଚାରୀଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି ବୋଲି ମୁଖ୍ୟ ଚିକିତ୍ସା ଅଧିକାରୀ ପ୍ରଧାନ କହିଛନ୍ତି। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ମୁଖ୍ୟ ଚର୍ଚ୍ଚାର ବିଷୟ ହୋଇଛି।

# ଜୈବିକ ପ୍ରଣାଳୀରେ ଚାଷକୁ ଗୁରୁତ୍ୱ



ଅତିଥି ଚାଷୀ ଚୈତନ୍ୟ ମୁଦୁଲିଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

**କୃଷକ ତାଲିମ ଶିବିର ଉଦ୍‌ଯାପିତ**

ବଡ଼ମ୍ବା, ୩୧।୫(ମାୟାଧର ମଲ୍ଲିକ)

ନାବାର୍ଡ ସହାୟତାରେ ଗଠିତ ଅଚିହ୍ନାବାବା କୃଷକ ଉତ୍ପାଦକ ସଙ୍ଗଠନ ତରଫରୁ ଗତ ୩ ଦିନ ଧରି ଚାଲିଥିବା କୃଷକ ତାଲିମ ଶିବିର ଶନିବାର ଉଦ୍‌ଯାପିତ ହୋଇଯାଇଛି। ବଡ଼ମ୍ବା ବ୍ଲକ ଅନ୍ତର୍ଗତ ବେଳିଆପାଳ ଗ୍ରାମରେ ଅନୁଷ୍ଠିତ ଏହି ତାଲିମ ଶିବିରରେ ବହୁ କୃଷକ ଯୋଗ ଦେଇ ତାଲିମ ନେଇଥିଲେ। ମୁଖ୍ୟ ଅତିଥିଭାବେ କଟକ ଜିଲା ଡିଡିଏମ ପ୍ରକ୍ସିମା ପରିଡା ଯୋଗଦେଇ ତାଲିମ ଶିବିର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଉପସ୍ଥିତ କୃଷକଙ୍କୁ ବୁଝାଇଥିଲେ। ବିଶେଷ କରି ଜୈବିକ ପ୍ରଣାଳୀରେ ଚାଷ କରିବା ପାଇଁ ସେମାନଙ୍କୁ ପରାମର୍ଶ ଦେଇଥିଲେ। ଶିବିରର ଅନ୍ୟାନ୍ୟ ଦିବସରେ ବଡ଼ମ୍ବା ବ୍ଲକ କୃଷି ଅଧିକାରିଣୀ ଭାସ୍ୱତୀ ଆଚାର୍ଯ୍ୟ, ଗ୍ରାମ୍ୟ କୃଷି କର୍ମଚାରୀ ଶିବବ୍ରତ ଉତ୍ତରା, ପ୍ରାଣୀ ଚିକିତ୍ସା ଅଧିକାରୀ ଡ. ସଞ୍ଜୟ କୁମାର ମହାପାତ୍ର, ଇଣ୍ଡିଆନ ବ୍ୟାଙ୍କ, ଡମଣଗାଡ଼ିଆ ଶାଖା ପରିଚାଳକ ସୁରେନ୍ଦ୍ର ମୋହନ ସାହୁ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ମଙ୍ଗରାଜପୁର ଗ୍ରାମର ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଜୈବିକ ଚାଷୀ ଚୈତନ୍ୟ ମୁଦୁଲିଙ୍କୁ ଡିଡିଏମ୍ ପରିଡା ଉତ୍ତରୀୟ ଓ ଫୁଲତୋଡ଼ା ଦେଇ ସମ୍ବର୍ଦ୍ଧିତ କରିଥିଲେ। ସଙ୍ଗଠନର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ସରୋଜ କୁମାର ସାମଲ ଓ ନିର୍ଦ୍ଦେଶକ ପ୍ରମୋଦ କୁମାର କର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ନିର୍ମାଣର ୪ ମାସ ନ ପୂରୁଣୁ ଭୁଶୁଡ଼ିଲା ଡ୍ରେନ୍

■ ନିମ୍ନମାନର କାର୍ଯ୍ୟ ଅଭିଯୋଗ

■ ଉଚ୍ଚସ୍ତରୀୟ ତଦନ୍ତ ଦାବି କଲେ ଗ୍ରାମବାସୀ

ବାଙ୍କୀ ,୩୧।୫( ଶୁଭେନ୍ଦୁ ମହାପାତ୍ର):

ବାଙ୍କୀ ଡମପଡ଼ା ବ୍ଲକ ଅନ୍ତର୍ଗତ ରଗଡ଼ି ପଞ୍ଚାୟତରେ କେନ୍ଦ୍ର ପଞ୍ଚଦଶ ଅର୍ଥ ଆୟୋଗ ଯୋଜନାରେ ୨୦୨୧-୨୨ରେ ଏକ ନୂତନ ଡ୍ରେନ୍ ନିର୍ମାଣ ପାଇଁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା। ରଗଡ଼ି ଗ୍ରାମର ବଡ଼କୁଅଠାରୁ ସଦାନନ୍ଦ ପାତ୍ରଙ୍କ ଘର ପର୍ଯ୍ୟନ୍ତ ଦେଢ଼ଲକ୍ଷ ଟଙ୍କା ବ୍ୟୟରେ ଏହି ଡ୍ରେନ୍ ନିର୍ମାଣ କରାଯାଇଥିଲା। ମାତ୍ର ନିମ୍ନମାନର କାର୍ଯ୍ୟ ଯୋଗୁ ଏହି ସେତୁ ଏବେ ଭାଙ୍ଗିଯାଇଛି।

ଡମପଡ଼ା ବ୍ଲକ କନିଷ୍ଠ ଯନ୍ତ୍ରୀ ଦିବ୍ୟଲୋଚନ ମୁଦୁଲିଙ୍କ ନାମରେ ଏନେଇ କାର୍ଯ୍ୟାଦେଶ ଦିଆଯାଇଥିଲା। ମୁଦୁଲି ଠିକାଦାରଙ୍କ ଜରିଆରେ ଏହି କାର୍ଯ୍ୟ କରିଥିଲେ। ମାତ୍ର ଏହି କାର୍ଯ୍ୟ କିପରି ହେଉଛି ତାହାର ତଦାରଖ କରାଯାଇ ନ ଥିଲା ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗତ ଜାନୁଆରୀରେ ଅତି ତରବରିଆ ଭାବେ ଏହି କାର୍ଯ୍ୟ କରାଯାଇଥିଲା। ଠିକାଦାରଙ୍କ ମନମାନି ଯୋଗୁ ନୂତନ ଡ୍ରେନ୍ ନିର୍ମାଣର ମାତ୍ର ୪ ମାସ ମଧ୍ୟରେ ଏହା ଭୁଶୁଡ଼ି ପଡ଼ିଛି। ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ସତ୍ୟ ଲୋକଲୋଚନକୁ ଆସିପାରିବ ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ଏ ସମ୍ପର୍କରେ କନିଷ୍ଠ ଯନ୍ତ୍ରୀ ଦିବ୍ୟଲୋଚନ ମୁଦୁଲିଙ୍କୁ ବାରମ୍ବାର ମୋବାଇଲ୍‌ରେ କଲ୍ କରିଥିଲେ ମଧ ତାଙ୍କ ସହ ଯୋଗାଯୋଗ ସମ୍ଭବ ହୋଇ ନ ଥିଲା। ଏ ସମ୍ପର୍କରେ ଡମପଡ଼ା ବ୍ଲକ ଆସିଷ୍ଟାଣ୍ଟ ଇଞ୍ଜିନିୟର ସୂର୍ଯ୍ୟନାରାୟଣ ବାରିକଙ୍କୁ ପଚାରିବାରେ କାର୍ଯ୍ୟ ପରେ ଡ୍ରେନ ପାର୍ଶ୍ୱରେ ମାଟି ପକାଯାଇ ନ ଥିବାରୁ ତାହା ଭୁଶୁଡ଼ି ଯାଇଥିବା ଅନୁମାନ କରାଯାଉଛି। ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଆସିଷ୍ଟାଣ୍ଟ ଇଞ୍ଜିନିୟର ବାରିକ ପ୍ରକାଶ କରିଛନ୍ତି।


ଭୁଶୁଡି ପଡିଥିବା ଡ୍ରେନ୍।



# ଆସୁନାହାନ୍ତି ବିଡିଓ, ଉନ୍ନୟନ କାର୍ଯ୍ୟ ବାଧାପ୍ରାପ୍ତ

■ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଜନପ୍ରତିନିଧିଙ୍କ ପ୍ରତିବାଦ
■ ତାଲା ବନ୍ଦ ଆନ୍ଦୋଳନ ଚେତାବନୀ

ବେଗୁନିଆ,୩୧।୫ (ହରପ୍ରସନ୍ନ ପଣ୍ଡା/ସନ୍ଧ୍ୟାରାଣୀ ମିଶ୍ର)


ବେଗୁନିଆ ବ୍ଲକ କାର୍ଯ୍ୟାଳୟ ମୁଖ୍ୟ ଫାଟକ ସମ୍ମୁଖରେ ଜନପ୍ରତିନିଧିମାନେ ଦାବିପତ୍ର ପ୍ରଦାନ କରୁଛନ୍ତି।

ବେଗୁନିଆ ବ୍ଲକ କାର୍ଯ୍ୟାଳୟକୁ କେତେଦିନ ହେବ ଆସୁନାହାନ୍ତି ଦାୟିତ୍ୱରେ ଥିବା ଖୋର୍ଦ୍ଧା ବିଡିଓ କ୍ଷୀରାବ୍ଧି ତନୟା ସାହୁ। ଫଳରେ ବ୍ଲକ ଅଞ୍ଚଳରେ ଉନ୍ନୟନମୂଳକ କାର୍ଯ୍ୟ ଏକପ୍ରକାର ଠପ୍ ହୋଇଯାଇଛି। ବିଶେଷକରି ଏମ୍‌ଜିଏନ୍‌ଆର୍‌ଇଜିଏସ୍ ପ୍ରକଳ୍ପ କାର୍ଯ୍ୟ ଆଗେଇ ପାରୁନାହିଁ। ବିପର୍ଯ୍ୟସ୍ତ ସରକାରୀ ସେବାକୁ ନେଇ ତାତିଛନ୍ତି କେତେଜଣ ସ୍ଥାନୀୟ ଜନପ୍ରତିନିଧି। ଶନିବାର ସେମାନେ ବ୍ଲକ କାର୍ଯ୍ୟାଳୟ ମୁଖ୍ୟ ଫାଟକ ସମ୍ମୁଖରେ ପ୍ରତିବାଦ କରିବା ସହ ଆଗକୁ ଯଦି ବିଡିଓଙ୍କର ମନମୁଖି କାର୍ଯ୍ୟ ଜାରି ରହିବ, ତାଲା ବନ୍ଦ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

ସୂଚନାଥାଉ କି, ତତ୍କାଳୀନ ବିଡିଓ ଲକ୍ଷ୍ମୀଧର ସାହୁଙ୍କ ଗତ ଏପ୍ରିଲ ୩୦ରେ ସରକାରୀ ସେବାରୁ ଅବସର ନେଇଥିଲେ। ଖୋର୍ଦ୍ଧା ବ୍ଲକର ବିଡିଓ ସାହୁ ବେଗୁନିଆ ବ୍ଲକର ଅତିରିକ୍ତ ଦାୟିତ୍ୱଭାର ନେଇଥିଲେ। ତେବେ ଦାୟିତ୍ୱ ନେବାର ଏକ ମାସ ବିତିଥିଲେ ମଧ୍ୟ ସେ ଏଠାକୁ ଆସୁ ନ ଥିବା ଅଭିଯୋଗ ହେଉଛି। ଅନ୍ୟପକ୍ଷରେ ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ପକ୍ଷରୁ ଗତ ମେ'୧୯ରେ ଚିଠି ନମ୍ବର ୧୨୯୨୪ ଯୋଗେ କଟକ ଜିଲା ମାହାଙ୍ଗା ବ୍ଲକରେ କାର୍ଯ୍ୟରତ ବିଡିଓ ସନ୍ତୋଷ କୁମାର ଜେନାଙ୍କୁ ବେଗୁନିଆ ବିଡିଓ ଭାବେ ବଦଳି କରାଯାଇଥିବା ବିଜ୍ଞପ୍ତି ପ୍ରକାଶ ପାଇଥିଲା। ତେବେ ବିଡିଓ ଜେନା କ'ଣ ପାଇଁ ଏଠାରେ ଯୋଗଦେଉ ନାହାନ୍ତି, ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅନ୍ୟପଟେ ବିଡିଓଙ୍କ ଅନୁପସ୍ଥିତି ଯୋଗୁ ବ୍ଲକ କାର୍ଯ୍ୟାଳୟକୁ ବିଭିନ୍ନ ପାଇଁ ଆସୁଥିବା ଜନସାଧାରଣ ନିରାଶ ହୋଇ ଫେରୁଛନ୍ତି। ବିପର୍ଯ୍ୟସ୍ତ ସରକାରୀ ସେବାକୁ ନେଇ ଶନିବାର ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି, ଉପାଧ୍ୟକ୍ଷା ସାବିତ୍ରୀ ମହାପାତ୍ର, ବେଗୁନିଆ ସରପଞ୍ଚ ସତ୍ୟନାରାୟଣ ପ୍ରଧାନ, ବିଜେଡି ନେତା ପ୍ରଶାନ୍ତ କୁମାର ବେହେରା, ସିମୋର ସରପଞ୍ଚ ହାଡୁବନ୍ଧୁ ମହାପାତ୍ରଙ୍କ ସମେତ ବହୁ କର୍ମୀ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ କରିଥିଲେ। ଖବରପାଇ ଏବିଡିଓ ଏବଂ କାର୍ଯ୍ୟନିର୍ବାହୀ ଅଧିକାରୀ ପହଞ୍ଚି ବିକ୍ଷୋଭକାରୀଙ୍କୁ ବୁଝାଶୁଝା କରିଥିଲେ। ବିଡିଓ, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ କିମ୍ବା ଜିଲାପାଳଙ୍କ ଉପସ୍ଥିତି ଦାବିକରି ଜନପ୍ରତିନିଧିମାନେ ପ୍ରତିବାଦସ୍ଥଳରୁ ଓହରି ନ ଥିଲେ। ବେଗୁନିଆ ତହସିଲଦାର ତାପସ କୁମାର ବିଶି ପହଞ୍ଚିବା ପରେ ତାଙ୍କୁ ବିକ୍ଷୋଭକାରୀମାନେ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଆସନ୍ତା ସୋମବାର ପର୍ଯ୍ୟନ୍ତ ସମୟ ଦେଲେ ସମସ୍ୟାର ସମାଧାନ ହୋଇପାରିବ ବୋଲି ତହସିଲଦାରଙ୍କ ପ୍ରତିଶ୍ରୁତି ପରେ ପ୍ରତିବାଦ ହଟିଥିଲା। ଅନ୍ୟପକ୍ଷରେ ଏନେଇ ଦାୟିତ୍ୱରେ ଥିବା ବିଡିଓ ସାହୁଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।

# ଦେବଦମ୍ପତିଙ୍କ ବିବାହ ସମ୍ପନ୍ନ



ଖୋର୍ଦ୍ଧା,୩୧।୫(ପ୍ରଭାତ ପାଣିଗ୍ରାହୀ)

ଜିଲାର ସମସ୍ତ ଶୈବପୀଠରେ ଦେବଦମ୍ପତିଙ୍କ ବିବାହୋତ୍ସବ ଆଡମ୍ବରରେ ଅନୁଷ୍ଠିତ ହୋଇଯାଇଛି। ରଙ୍ଗିନ ଆଲୋକମାଳା ସହ ମନ୍ତ୍ରଧ୍ୱନିରେ କମ୍ପିଥିଲା ପରିବେଶ। ଶିବ ଏବଂ ମା'ପାର୍ବତୀଙ୍କ ବିବାହୋତ୍ସବରେ ଶ୍ରଦ୍ଧାଳୁମାନେ ଯୋଗଦେଇ ଅକ୍ଷତ, ଚାଉଳ, ଧୂପ ଦୀପ ନୈବେଦ୍ୟ ଅର୍ପଣ କରି ଦେବଦମ୍ପତିଙ୍କୁ ପୂଜାର୍ଚ୍ଚନା ପୂର୍ବକ ଆରାଧନା କରିଥିଲେ। ଖୋର୍ଦ୍ଧା ସହରର ପ୍ରସିଦ୍ଧ ଶୈବପୀଠ ଧବଳେଶ୍ୱର, ଲୋକେଶ୍ୱର, ସିଦ୍ଧେଶ୍ୱର, ସ୍ୱପ୍ନେଶ୍ୱର, ଚନ୍ଦ୍ରଶେଖର, କପିଳେଶ୍ୱରଙ୍କ ସମେତ କୁମାରବସ୍ତ ଗ୍ରାମର ଶ୍ରୀଲୋକନାଥ, ବାଘମାରୀ ଅଧିଷ୍ଠିତ ହଟକେଶ୍ୱର, ଗୋଡାସ୍ଥିତ ଲୋକନାଥ, ବାଙ୍କୋଇସ୍ଥିତ ତାରକେଶ୍ୱର, ହରିପୁର ଶାସନ ପଶ୍ଚିମାଶମ୍ଭୁ ଆଦି ଶୈବପୀଠରେ ଶିବ ବିବାହ ଉତ୍ସବରେ ଶତାଧିକ ଭକ୍ତଙ୍କ ସମାଗମ ହୋଇଥିଲା। ଖୋର୍ଦ୍ଧା ନିକଟ ଟାଙ୍ଗିଆପଡା କେଦାରେଶ୍ୱର ପୀଠରେ ପାରମ୍ପରିକ ରୀତିନୀତି ଅନୁଯାୟୀ ଶିବ ବିବାହ ଅନୁଷ୍ଠିତ ହୋଇଛି। ବରପିତା ତଥା ଶିବଙ୍କ ପିତା ଭାବେ ବୀରେନ୍ଦ୍ର ଶତପଥୀ, କନ୍ୟାପିତା ତଥା ମା'ପାର୍ବତୀଙ୍କ ପିତାଭାବେ ସଦାଶିବ ତ୍ରିପାଠୀ ଏହି ବିବାହ କାର୍ଯ୍ୟ ସମ୍ପାଦନ କରିଥିଲେ। ପୁରୋହିତ ବିଶ୍ୱନାଥ ନନ୍ଦ, ଆଲୋକ ନନ୍ଦ, ମୁରଲୀ ରଣାଙ୍କ ସମେତ ଗ୍ରାମବାସୀ ସହଯୋଗ କରିଥିଲେ।

## ନାବାଳିକାକୁ ଅସଦାଚରଣ, ଅଭିଯୁକ୍ତ ଗିରଫ

**ବାଲିପାଟଣା,୩୧।୫(ଅଭିମନ୍ୟୁ ନାୟକ):** ବାଲିପାଟଣା ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଅସଦାଚରଣ କରିବା ଅଭିଯୋଗରେ ପୋଲିସ ଜଣେ ବ୍ୟକ୍ତିଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ସାଜିଦ ଖାଁ। ଅଭିଯୋଗ ମୁତାବକ, ଶୁକ୍ରବାର ନାବାଳିକା ଜଣଙ୍କ ଟ୍ୟୁଶନ ପରେ ଘରକୁ ଫେରୁଥିବା ବେଳେ ଅଭିଯୁକ୍ତ ତାଙ୍କୁ ଟଣାଓଟରା କରିବା ସହ ଅସଦାଚରଣ କରିଥିଲେ। ଏନେଇ ନାବାଳିକା ଜଣଙ୍କ ଘଟଣା ସମ୍ପର୍କରେ ଘରେ କହିଥିଲେ। ନାବାଳିକାଙ୍କ ବାପାଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ତଦନ୍ତ ଚଳାଇ ସାଜିଦଙ୍କୁ ଗିରଫ କରିଥିଲା।

# ଭୁବନେଶ୍ୱର ଉପକଣ୍ଠରେ ଫୁଟିଲା ଗୁଳି

ଭୁବନେଶ୍ୱର,୩୧।୫(ସତ୍ୟଜିତ୍ ରାଉତ)

ଭୁବନେଶ୍ୱର ଉପକଣ୍ଠରେ ପୁଣି ଅପରାଧୀଙ୍କ ବନ୍ଧୁକରୁ ଫୁଟିଛି ଗୁଳି। ଖୋର୍ଦ୍ଧା ଶିଳ୍ପାଞ୍ଚଳ ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ଗଣପତିରାମ ପେଟ୍ରୋଲ ପମ୍ପ ସମ୍ମୁଖ ତଥା ପିତାପଲ୍ଲୀ ଛକର କିଛି ଦୂରରେ ଶନିବାର ସନ୍ଧ୍ୟାରେ ଏହି ଘଟଣା ଘଟିଛି। ଖୋର୍ଦ୍ଧା ଅଞ୍ଚଳର ଚିନ୍ମୟ ବଡ଼ଜେନା ନାମକ ଯୁବକଙ୍କ ଉପରକୁ ଗୁଳିମାଡ ହୋଇଥିବା ବେଳେ ସେ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଅଭିଯୁକ୍ତମାନେ ୪ ରାଉଣ୍ଡ ଗୁଳି ଚଳାଇଥିବା ସୂଚନା ମିଳିଛି। ଖବର ପାଇ ପ୍ରଥମେ ଇନ୍‌ଫୋଭ୍ୟାଲି ଓ ପରେ ଖୋର୍ଦ୍ଧା ଶିଳ୍ପାଞ୍ଚଳ ଥାନା ପୋଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ଲୋକମାନଙ୍କୁ ପଚରାଉଚରା କରିଛି। ନୟାପଲ୍ଲୀର ରାଜେଶ ସାମନ୍ତରାୟ ଓ ତାଙ୍କ ସହଯୋଗୀମାନେ ଗୁଳିମାଡ କରିଥିବା ଅଭିଯୋଗ ହୋଇଛି। ମିଳିଥିବା ସୂଚନା ଅନୁଯାୟୀ, ସନ୍ଧ୍ୟା ପ୍ରାୟ ୭ଟାରେ ଚିନ୍ମୟ ତାଙ୍କ କାର୍‌ରେ ଖୋର୍ଦ୍ଧାରୁ ପିତାପଲ୍ଲୀ ଛକ ଆଡକୁ ଆସୁଥିଲେ। ଏହି ସମୟରେ ରାଜେଶ ତାଙ୍କ ସହଯୋଗୀଙ୍କ ସହ ଅନ୍ୟ ଏକ କାରରେ ଆସୁଥିଲେ। ପିତାପଲ୍ଲୀ ଛକର କିଛି ଦୂରରେ ରାଜେଶ ଚିନ୍ମୟଙ୍କ କାର୍‌କୁ ସାଇଡ୍ ମାରିଥିଲେ। ଏହାକୁ ନେଇ ଚିନ୍ମୟ କାର୍ ରଖି ପ୍ରତିବାଦ କରିଥିଲେ। ଏହି ସମୟରେ ହଠାତ୍ ରାଜେଶଙ୍କ କାର୍‌ରୁ ଗୁଳିମାଡ ହୋଇଥିଲା। ହେଲେ କୌଣସି ଗୁଳି ଚିନ୍ମୟଙ୍କ କାର୍ କିମ୍ବା ତାଙ୍କ ଶରୀରରେ ବାଜି ନ ଥିଲା। ଅଭିଯୁକ୍ତମାନେ ଘଟଣାସ୍ଥଳରୁ କାର୍ ନେଇ ଦ୍ରୁତଗତିରେ ପଳାଇ ଯାଇଥିଲେ। ଚିନ୍ମୟଙ୍କୁ ଭୟଭୀତ କରିବାକୁ ପ୍ରତିପକ୍ଷ ଗୋଷ୍ଠୀ ବ୍ଲାଙ୍କ୍ ଫାୟାରିଂ କରିଥିବା ଆଶଙ୍କା କରାଯାଉଛି। ତେବେ ଘଟଣା ସଂକ୍ରାନ୍ତରେ ଚିନ୍ମୟ ଶିଳ୍ପାଞ୍ଚଳ ଥାନାରେ ଅଭିଯୋଗ କରିଥିବାବେଳେ ଦୁଇ ଥାନାର ପୋଲିସ ଘଟଣାର ଛାନଭିନ୍ ଚଳାଇଥିବା ସୂଚନା ମିଳିଛି।

## ପ୍ରଜ୍ଞା ପ୍ରତିଭା ସମ୍ମାନ ଉତ୍ସବ ଉଦ୍‌ଯାପିତ

ଭୁବନେଶ୍ୱର, ୩୧।୫ (ସୌମ୍ୟରଞ୍ଜନ ରାଉତ)

ପ୍ରଜ୍ଞା ନୃତ୍ୟାୟନ ପକ୍ଷରୁ ଚାଲିଥିବା ପ୍ରଜ୍ଞା ପ୍ରତିଭା ସମ୍ମାନ ଉତ୍ସବ ଶନିବାର ଭଞ୍ଜକଳା ମଣ୍ଡପଠାରେ ଉଦ୍‌ଯାପିତ ହୋଇଯାଇଛି। ରାଜ୍ୟ ତଥା ପଡ଼ୋଶୀ ରାଜ୍ୟରୁ ନୃତ୍ୟଶିଳ୍ପୀମାନେ ଏଥିରେ ଅଂଶ ଗ୍ରହଣ କରିଥିଲେ। ପ୍ରଥମ ଦିନ ୮୦ଜଣ ନୃତ୍ୟଶିଳ୍ପୀ ଭାରତର ବିଭିନ୍ନ ନୃତ୍ୟ ତଥା ଓଡିଶୀ, ଭାରତନାଟ୍ୟମ, କୁଚିପୁଡ଼ି ଆଦି ପରିବେଷଣ କରିଥିଲେ। ଏମାନଙ୍କ ମଧ୍ୟରୁ ୪୫ଜଣ ଫାଇନାଲ ପର୍ଯ୍ୟାୟକୁ ମନୋନୀତ ହୋଇଥିଲେ। ତେବେ ୩ଟି ବିଭାଗରୁ ଶ୍ରେଷ୍ଠ ତିନି ପ୍ରତିଯୋଗୀଙ୍କୁ 'ପ୍ରଜ୍ଞା ପ୍ରତିଭା ସମ୍ମାନ'ର ସମ୍ମାନିତ କରିବା ପାଇଁ ବିଚାରକ ମଣ୍ଡଳୀ ଗୁରୁ ସ୍ୱୟଂ ପ୍ରଜ୍ଞା ସାହୁ, ଗୁରୁ ଲିଙ୍ଗରାଜ ପ୍ରଧାନ ଏବଂ ଗୁରୁ ଡା. ଶୁଭଶ୍ରୀ ପଟ୍ଟନାୟକ ନିଷ୍ପତି ନେଇଥିଲେ। ଅନ୍ୟ ପ୍ରତିଯୋଗୀଙ୍କୁ ଟପ୍ ୫ ଓ ଟପ୍ ୧୦ କାଟେଗୋରିରେ ମାନପତ୍ର ଓ ଟ୍ରଫି ପ୍ରଦାନ ପୂର୍ବକ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ଅତିଥିଭାବେ ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନାଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମକୁ ଡ. ଶ୍ରୀନିବାସ ଘଟୁଆରୀ ସଂଯୋଜନା କରିଥିଲେ।

# ବିଶ୍ୱନାଥ ଥିଲେ ସେବା, ସମର୍ପଣର ପୂଜାରୀ


କାର୍ଯ୍ୟକ୍ରମରେ ଅତିଥିଙ୍କ ସହ ଅନ୍ୟମାନେ।

ଖୋର୍ଦ୍ଧା,୩୧।୫(ପ୍ରଭାତ ପାଣିଗ୍ରାହୀ)

ବ୍ରଜନାଥ ସ୍ମୃତି ସମିତି ଆନୁକୂଲ୍ୟରେ ଶନିବାର ବିଶିଷ୍ଟ ଶିକ୍ଷାବିତ୍ ବିଶ୍ୱନାଥ ଶତପଥୀଙ୍କ ପୁଣ୍ୟତିଥି ଅବସରରେ ଶ୍ରଦ୍ଧାଞ୍ଜଳି ସଭା ସ୍ଥାନୀୟ ଗୁରୁଜଙ୍ଗସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ସମିତି ସଭାପତି ବୈକୁଣ୍ଠନାଥ ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ଶିକ୍ଷାବିତ୍ ଗୁଣନିଧି ମହାପାତ୍ର ଏବଂ ସଂସ୍କୃତି ଗବେଷକ ଶକ୍ତିଶଙ୍କର ମିଶ୍ର ଅତିଥିଭାବେ ଯୋଗଦେଇ ବିଶ୍ୱନାଥଙ୍କ ଆଦର୍ଶ ଜୀବନୀ, ଶିକ୍ଷାକତା, ରାଷ୍ଟ୍ରୀୟ ବିଚାରଧାରା ଉପରେ ଆଲୋକପାତ କରିଥିଲେ। ଶିକ୍ଷାବିତ୍ ମିହିର ବିଧାର, ଅଭିମନ୍ୟୁ ଘଟୁଆଳ, ସନ୍ତୋଷ ଶ୍ରୀଚନ୍ଦନ, ଗଗନ ପ୍ରତିହାରୀ, ଗୋପବନ୍ଧୁ ସାହୁ, ବସନ୍ତ କୁମାର ଦାଶ, ନରହରି ନନ୍ଦ, ପ୍ରଭାତ ବେହେରା, ମୀନକେତନ ମହାନ୍ତି, ସୁଚିସ୍ମିତା ମିଶ୍ର ପ୍ରମୁଖ ବିଶ୍ୱନାଥଙ୍କ ସମ୍ପର୍କରେ ଆଲୋକପାତ କରିଥିଲେ। ଏକ ମଧ୍ୟବିତ୍ତ ବ୍ରାହ୍ମଣ ପରିବାରରେ ଜନ୍ମଗ୍ରହଣ କରିଥିବା ବିଶ୍ୱନାଥ ଶିକ୍ଷକତା ସମୟରେ ଆଦର୍ଶ ଛାତ୍ର ଗଠନରେ ବ୍ରତୀ ଥିଲେ। ଅବସର ପରେ ସମାଜ ଏବଂ ରାଷ୍ଟ୍ର କାର୍ଯ୍ୟରେ ଲାଗିଥିଲେ। ସେବା ଓ ସମର୍ପଣର ସେ ଜଣେ ଅନନ୍ୟ ବ୍ୟକ୍ତିତ୍ୱ ଥିଲେ। ଅନେକ ଯୁବକଙ୍କୁ ରାଷ୍ଟ୍ର କାର୍ଯ୍ୟରେ ନିୟୋଜିତ କରି ଏକ ଆଦର୍ଶ ସମାଜ ଗଠନ ପରିକଳ୍ପନା କରିଥିଲେ। ବୟସର ଅପରାହ୍ନରେ ଥକି ନ ପଡ଼ି ସାଇକେଲରେ ଗାଁକୁ ଗାଁ ବୁଲି ବିଦ୍ୟାଳୟରେ ପିଲାଙ୍କ ମଧ୍ୟରେ ଦେଶପ୍ରୀତି ଜାଗ୍ରତ ପାଇଁ ଉଦ୍ୟମ ଜାରି ରଖିଥିଲେ। ତାଙ୍କ ମଧ୍ୟରେ ସର୍ବଦା ଅନ୍ୟପ୍ରତି ରହିଥିଲା ଭଲପାଇବା, ସ୍ନେହ ଏବଂ ଶ୍ରଦ୍ଧା ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ବିଦ୍ୟୁଧେନ୍ଦ୍ର ବିଦ୍ୟାଧର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସଞ୍ଜୀବ ରାୟ ସ୍ୱାଗତ ସଙ୍ଗୀତ ଏବଂ ପ୍ରଭାତ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ।

## ବାଣପୁରରେ ଜିଲା ଜଜ୍

**ବାଣପୁର,୩୧।୫(ଦିଲୀପ କୁମାର ସ୍ୱାଇଁ):** ଖୋର୍ଦ୍ଧା ଜିଲା ଜଜ୍ ବିରଞ୍ଚି ନାରାୟଣ ମହାନ୍ତି ଶନିବାର ବାଣପୁର ବିଚାର ବିଭାଗୀୟ ଅଦାଲତ ପରିଦର୍ଶନ କରିଛନ୍ତି। ମଧ୍ୟାହ୍ନରେ ମହାନ୍ତି ବାଣପୁରରେ ପହଞ୍ଚି ଆଙ୍କୁଲାପଦର ମୌଜାରେ ନିର୍ମାଣାଧୀନ ବିଚାର ବିଭାଗୀୟ ଅଦାଲତର ନୂତନ ସମ୍ପ୍ରସାରଣ ଗୃହର ନିର୍ମାଣ କାର୍ଯ୍ୟ ତଦାରଖ କରିଥିଲେ। ପରେ ବାଣପୁରରେ ଅତିରିକ୍ତ ଜିଲା ଅଦାଲତ ଏବଂ ଦ୍ୱିତୀୟ ଜେଏମ୍‌ଏଫ୍‌ସି ଅଦାଲତ ସ୍ଥାପନ ନେଇ ଓକିଲମାନଙ୍କ ସହ ଆଲୋଚନା କରିଥିଲେ। ବରିଷ୍ଠ ଦେୱାନୀ ବିଚାରପତି ଅମରେଶ ମହାପାତ୍ରଙ୍କ ସମେତ ଓକିଲ ସଂଘର ସଭାପତି ବୃନ୍ଦାବନ ପ୍ରଧାନ, ସମ୍ପାଦକ ଜଗଦୀଶ ଚନ୍ଦ୍ର ପଟ୍ଟନାୟକ, ରମେଶ ଚନ୍ଦ୍ର ବିଶୋୟୀ, ସଚ୍ଚିତ ମିଶ୍ର, ଜଳନ୍ଧର ପ୍ରଧାନ, ସନ୍ଦୀପ ମହାପାତ୍ର, ସୁଧୀର ପ୍ରଧାନ, ପ୍ରଶାନ୍ତ କୁମାର ମହାନ୍ତି, ଦେବବ୍ରତ ବଡ଼ଜେନା, ପ୍ରଦୀପ କୁମାର ସ୍ୱାଇଁ, ବିନୋଦ କୁମାର ସ୍ୱାଇଁଙ୍କ ସମେତ ବହୁ ଆଇନଜୀବୀ ଉପସ୍ଥିତ ଥିଲେ।


ଶନିବାର ବାଣପୁରରେ ଜିଲା ଜଜ୍ ବିରଞ୍ଚି ନାରାୟଣ ମହାନ୍ତିଙ୍କ ସହ ଅନ୍ୟମାନେ।

## 'ଉଦ୍ୟାନ ପଣ୍ଡିତ ଗୋପୀନାଥ' ଉନ୍ମୋଚନ

ଭୁବନେଶ୍ୱର, ୩୧।୫ (ସୌମ୍ୟରଞ୍ଜନ ରାଉତ)

ପୂଜ୍ୟପୂଜା ପକ୍ଷରୁ ଶନିବାର ଉଦ୍ୟାନ କୃଷି ବିଭାଗର ପୂର୍ବତନ ନିର୍ଦ୍ଦେଶକ ଡ. ଗୋପୀନାଥ ପରିଡ଼ାଙ୍କ ଜୀବନୀ ପୁସ୍ତକ 'ଉଦ୍ୟାନ ପଣ୍ଡିତ ଗୋପୀନାଥ' ବୁଦ୍ଧମନ୍ଦିରଠାରେ ଉନ୍ମୋଚିତ ହୋଇଯାଇଛି। ଏହାକୁ କାଳନ୍ଦୀ ଚରଣ ସାହୁ ଲେଖିଥିବାବେଳେ ଉଦ୍‌ଘାଟକ ଭାବେ ପୂର୍ବତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ତ୍ରିନାଥ ମହାରଣା କୃଷି ବିଶ୍ୱ ବିଦ୍ୟାଳୟରେ ଡ. ଗୋପୀନାଥଙ୍କ ଉନ୍ନତମାନର ଶିକ୍ଷାଦାନ ପଦ୍ଧତିର ପ୍ରଶଂସା କରି ରାଜ୍ୟ ସରକାରଙ୍କ ଉଦ୍ୟାନକୃଷି ବିଭାଗରେ ଅବଦାନ ସମ୍ପର୍କରେ କହିଥିଲେ। ମୁଖ୍ୟଅତିଥି ଭାବେ ଡ. ନୃସିଂହ ପ୍ରସାଦ ତ୍ରିପାଠୀ ଉଦ୍ୟାନକୃଷି ପାଇଁ ଗୋପୀନାଥଙ୍କ ଅବଦାନ, ଠାକୁର ଅନୁକୂଳଚନ୍ଦ୍ରଙ୍କ ବାଣୀର ପ୍ରଚାର ଓ ଗୀତାର ନୂତନ ଭାବାନୁବାଦ ସମ୍ପର୍କରେ ଆଲୋକପାତ କରିଥିଲେ।

# ଜେଲ ଗଲେ ମୁଖ୍ୟଯନ୍ତ୍ରୀ ବୈକୁଣ୍ଠନାଥ

**ପ୍ରକୃତ ଆୟଠୁ ୪୮୩% ଅଧିକ ସମ୍ପତ୍ତି**

ଭୁବନେଶ୍ୱର,୩୧।୫(ସତ୍ୟଜିତ ରାଉତ)

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଗ୍ରାମ୍ୟ ଉନ୍ନୟନ ବିଭାଗର ମୁଖ୍ୟଯନ୍ତ୍ରୀ (ପ୍ଲାନ୍ ରୋଡ୍‌ସ) ବୈକୁଣ୍ଠନାଥ ଷଡ଼ଙ୍ଗୀଙ୍କୁ ଭିଜିଲାନ୍ସ ଶନିବାର ଗିରଫ କରିଛି। ବୈକୁଣ୍ଠଙ୍କଠାରୁ ଠାବ ହୋଇଥିବା ସମ୍ପତ୍ତି ତାଙ୍କ ପ୍ରକୃତ ଆୟଠାରୁ ୪୮୩ ପ୍ରତିଶତ ଅଧିକ ବୋଲି ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି। ଏ ନେଇ କଟକ ଭିଜିଲାନ୍ସ ଥାନାରେ ମାମଲା (ନଂ.୧୪/୨୦୨୫) ରୁଜୁ ହୋଇଛି। ତେବେ ଏହି ସମ୍ପତ୍ତି ଠୁଳ କରିବାରେ ବୈକୁଣ୍ଠଙ୍କ ସ୍ତ୍ରୀ ସହଯୋଗ କରିଥିବା ଜଣାପଡିବା ପରେ ଭିଜିଲାନ୍ସ ତାଙ୍କୁ ମଧ୍ୟ ଅଭିଯୁକ୍ତ ଦର୍ଶାଇଛି। ଅଭିଯୁକ୍ତ ବୈକୁଣ୍ଠଙ୍କୁ ଅନୁଗୋଳ ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍‌ଙ୍କ କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନ ମିଳିବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ସୂଚନାଯୋଗ୍ୟ, ଭିଜିଲାନ୍ସ ଟିମ୍ ଶୁକ୍ରବାର ବୈକୁଣ୍ଠଙ୍କ ଅନୁଗୋଳ, ଭୁବନେଶ୍ୱର ଓ ପିପିଲି(ପୁରୀ)ର ୭ଟି ସ୍ଥାନରେ ଏକକାଳୀନ ଚଢ଼ାଉ କରିଥିଲା। ବୈକୁଣ୍ଠଙ୍କ ଅନୁଗୋଳ କରଡ଼ାଗଡ଼ିଆରେ ଦୁଇ ମହଲା କୋଠା, ମାଟିଆ ସାହିରେ ଆଉ ଏକ ଦୁଇ ମହଲା କୋଠା, ଭୁବନେଶ୍ୱର ଡୁମୁଡୁମାରେ ଏକ ଫ୍ଲାଟ୍ ଏବଂ ପିପିଲିରେ ଆଉ ଏକ ଫ୍ଲାଟ ସମେତ ଭୁବନେଶ୍ୱର ଓ ଅନୁଗୋଳ ଉପକଣ୍ଠରେ ୭ଟି ପ୍ଲଟ୍ ଠାବ ହୋଇଥିଲା। ଘରୁ ମୋଟ ୨.୫୬ କୋଟି ନଗଦ ଟଙ୍କା, ୧୧୪୧.୫ ଗ୍ରାମ ସୁନା ଅଳଙ୍କାର ଓ ୧୫ଟି ଦାମୀ ହାତଘଡି ମିଳିଥିଲା। ସେହିପରି ବୈକୁଣ୍ଠ ଶେୟାରମାର୍କେଟ୍, ମ୍ୟୁଚୁଆଲ ଫଣ୍ଡ୍ ଓ ଜୀବନବୀମାରେ ୨.୭୦ କୋଟି ଏବଂ ୧.୫ କୋଟିର ବ୍ୟାଙ୍କ ଜମା ରଖିଥିବା ଜଣାପଡିଥିଲା। ଏଥିସହ ୪୭.୫୭ ଲକ୍ଷ ଟଙ୍କାର ଘରୋଇ ସାମଗ୍ରୀ, ଗୋଟିଏ ଲେଖାଏ କାର୍ ଓ ଦୁଇଚକିଆ ଯାନ ଠାବ ହୋଇଥିବା ସୂଚନା ଦିଆଯାଇଛି। ତେବେ ସବୁଠୁ ଚର୍ଚ୍ଚିତ ଘଟଣା ହେଲା, ଭିଜିଲାନ୍ସ ଚଢ଼ାଉ କରୁଥିବାବେଳେ ମୁଖ୍ୟଯନ୍ତ୍ରୀ ବୈକୁଣ୍ଠ ଘରେ ରଖିଥିବା ଟଙ୍କାରୁ କୋଟିଏରୁ ଊର୍ଦ୍ଧ୍ୱ ତଳକୁ ଫିଙ୍ଗି ଦେଇଥିଲେ।

## ଟାଙ୍ଗୀ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ସମୂହ ଅବସରକାଳୀନ ସମ୍ବର୍ଦ୍ଧନା

**ଟାଙ୍ଗୀ,୩୧।୫(ରଘୁନାଥ ସାହୁ):** ଟାଙ୍ଗୀ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ସମୂହ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଶିକ୍ଷା ଅଧିକାରୀ ଗୋବିନ୍ଦ ଚନ୍ଦ୍ର ହେମ୍ବ୍ରମଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଧାଂଶୁ ମଞ୍ଜରୀ ଦେବୀଙ୍କ ସମେତ ୬ଜଣ ଶିକ୍ଷୟିତ୍ରୀ ଶିକ୍ଷକ ଯଥା ଯାଜପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଉଷାବାଳା ପଟ୍ଟନାୟକ, କୁଞ୍ଜୁରୀ ପ୍ରାଥମିକ ବିଦ୍ୟାଳୟର ହରମୋହନ ନାୟକ, କନ୍ତଳବାଇ ପ୍ରାଥମିକ ବିଦ୍ୟାଳୟର ମନ୍ମଥ ରାୟ, ଭୋବରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବିଶ୍ୱରଞ୍ଜନ ପ୍ରଧାନ, ବଡ଼ପାରୀ ନୋଡାଲ ବିଦ୍ୟାଳୟର ସୁମତି ପ୍ରଧାନ, ବାଲିପାଟପୁର ପ୍ରାଥମିକ ବିଦ୍ୟାଳୟର ଯୁଧିଷ୍ଠିର ସାହୁଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ସହିତ ସେମାନଙ୍କର ଗ୍ରୁପ ବୀମା, ଅବ୍ୟବହୃତ ଛୁଟି ଓ ମାସିକ ବେତନ ପ୍ରଦାନ କରାଯାଇଥିଲା। ପ୍ରାଥମିକ ଶିକ୍ଷକ ସଂଘ ସଭାପତି ସଲିଳ କୁମାର ସ୍ୱାଇଁ, ସମ୍ପାଦକ ସନ୍ତୋଷ କୁମାର ବେହେରା, ଜିଲା ସମ୍ପାଦକ ପ୍ରସନ୍ନ କୁମାର ଶ୍ରୀଚନ୍ଦନ, ସଙ୍ଗଠନ ସମ୍ପାଦକ ସମରେଶ ବେହେରା, ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ଦୁଃଶାସନ ପ୍ରଧାନଙ୍କ ସମେତ ସମସ୍ତ ପ୍ରଧାନ ଶିକ୍ଷକ, ସହକାରୀ ଶିକ୍ଷକ ଉପସ୍ଥିତ ଥିଲେ।

# ବିଶ୍ୱ ତମାଖୁ ବର୍ଜନ ଦିବସ ପାଳିତ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ଖୋର୍ଦ୍ଧା,୩୧।୫(ପ୍ରଭାତ ପାଣିଗ୍ରାହୀ)

ଗୋଡ଼ିପୋଖରୀଠାରେ ଥିବା ବ୍ରହ୍ମାକୁମାରୀ ସେବାକେନ୍ଦ୍ର ପରିସରରେ ଏହାର ମୁଖ୍ୟ ସଂଚାଳିକା ବ୍ରହ୍ମାକୁମାରୀ ଅନୁରାଧା ଭଉଣୀଙ୍କ ସଭାପତିତ୍ୱରେ 'ବିଶ୍ୱ ତମାଖୁ ବର୍ଜନ ଦିବସ' ପାଳିତ ହୋଇଯାଇଛି। ଅତିଥିଭାବେ ଖୋର୍ଦ୍ଧା ଜବାହର ନବୋଦୟ ବିଦ୍ୟାଳୟର ଅଧ୍ୟକ୍ଷା କବିତା କର ଏବଂ ଖୋର୍ଦ୍ଧା ଆଇନ ମହାବିଦ୍ୟାଳୟର ସମ୍ପାଦକ ସୁଧୀର କୁମାର ମାନସିଂହ ଯୋଗଦେଇ ନିଶା ସେବନର ଅପକାରିତା ବିଷୟରେ ବୁଝାଇଥିଲେ। ବ୍ରହ୍ମାକୁମାରୀ ରମା ଭଉଣୀ ନିଶା ତ୍ୟାଗ କରିବା ପାଇଁ ରାଜଯୋଗର ଅଭ୍ୟାସ କରାଇଥିଲେ। ବ୍ରହ୍ମାକୁମାର ଜୟକୃଷ୍ଣ ଭାଇ ତମାଖୁ ବର୍ଜନର ଶପଥ ପାଠ କରାଇଥିଲେ। ବିଭିନ୍ନ ଗ୍ରାମରେ ଥିବା ବ୍ରହ୍ମାକୁମାରୀ ପାଠଶାଳାର ଶତାଧିକ ଭାଇ ଭଉଣୀ ଏଥିରେ ଯୋଗଦାନ କରିଥିଲେ। ବ୍ରହ୍ମାକୁମାର ଅକ୍ଷୟ ଭାଇ ଧନ୍ୟବାଦ ଅର୍ପଣ କରିଥିଲେ। ଏହାପରେ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଥିବା ଟ୍ରେନିଂ ହଲ୍‌ରେ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଜୀବନ୍ତ ଆଚାର୍ଯ୍ୟଙ୍କ ସମ୍ମୁଖରେ ଉପସ୍ଥିତ ଆଶାକର୍ମୀମାନଙ୍କୁ ଏବଂ ଜିଲା କାରାଗାର ପରିସରରେ ଅନ୍ତେବାସୀଙ୍କୁ ଏବଂ କର୍ମଚାରୀଙ୍କୁ, ପଲ୍ଲାଠାରେ ଅବସ୍ଥିତ ନିଶା ନିବାରଣ କେନ୍ଦ୍ର ରିଅଲଲାଇଫରେ ଅନ୍ତେବାସୀ ୫୨ଜଣଙ୍କୁ ଓ ମୁକ୍ତି ଫାଉଣ୍ଡେଶନରେ ଅନ୍ତେବାସୀ ୨୫ ଜଣଙ୍କୁ ଏବଂ ଗୋଡ଼ିପୋଖୋରୀଠାରେ ଥିବା ନିଶା ନିବାରଣ କେନ୍ଦ୍ର (ଜୀବନ ଆଶା)ପରିସରରେ ଅନ୍ତେବାସୀ ୧୬ ଜଣଙ୍କୁ ବ୍ରହ୍ମାକୁମାରୀ ଖୋର୍ଦ୍ଧା ସେବାକେନ୍ଦ୍ର ପକ୍ଷରୁ ତମାଖୁ ବର୍ଜନ କରିବାର ଶିକ୍ଷା ଦିଆଯାଇଥିଲା।

# ଅବସର ଦିନ ଏଇଇଙ୍କ ଘରେ ପଶିଲା ଭିଜିଲାନ୍ସ

■ ଭୁବନେଶ୍ୱର, ବ୍ରହ୍ମପୁରର ୪ ସ୍ଥାନରେ ଚଢ଼ାଉ
■ ଫ୍ଲାଟ୍‌ରେ ତାଲା, ଫେରିଲା ଭିଜିଲାନ୍ସ ଟିମ୍

ଭୁବନେଶ୍ୱର,୩୧।୫(ସତ୍ୟଜିତ ରାଉତ)


ଦିଲୀପ କୁମାର ଚୌଧୁରୀ

ଭିଜିଲାନ୍ସ ସ୍କାନରରେ ଏବେ ସରକାରୀ ବଡ଼ବାବୁ। ଅବସର ଦିନ ବ୍ରହ୍ମପୁର ରାସ୍ତା ଓ ଗୃହ ବିଭାଜନ ସହକାରୀ ନିର୍ବାହୀ ଯନ୍ତ୍ରୀ (ଏଇଇ) ଦିଲୀପ କୁମାର ଚୌଧୁରୀଙ୍କ ଘରେ ପଶିଲା ଭିଜିଲାନ୍ସ ଟିମ୍। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ବ୍ରହ୍ମପୁର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟଙ୍କ ଦ୍ୱାରା ଜାରି ସର୍ଚ୍ଚ ୱାରେଣ୍ଟ ବଳରେ ଭିଜିଲାନ୍ସ ନିର୍ଦ୍ଦେଶାଳୟ ପକ୍ଷରୁ ଶନିବାର ଏଇଇ ଦିଲୀପଙ୍କ ବ୍ରହ୍ମପୁର ଅଫିସ ସମେତ ୪ଟି ସ୍ଥାନରେ ଏକକାଳୀନ ଚଢ଼ାଉ ହୋଇଛି। ଭୁବନେଶ୍ୱର ଓ ବ୍ରହ୍ମପୁରରେ ଚାଲିଥିବା ଏହି ଚଢ଼ାଉରେ ୩ ଡିଏସ୍‌ପି, ୭ ଇନ୍ସପେକ୍ଟର ଓ ଅନ୍ୟ ସହକର୍ମଚାରୀ ନିୟୋଜିତ ହୋଇଛନ୍ତି। ଭିଜିଲାନ୍ସ ସୂଚନା ଅନୁଯାୟୀ, ଦିଲୀପଙ୍କ ବ୍ରହ୍ମପୁର ମୟୂରୀ ବିହାରରେ ୨୪୦୦ ବର୍ଗଫୁଟର ଏକ ଦୁଇ ମହଲା କୋଠା, ଭୁବନେଶ୍ୱର ଶହୀଦନଗରସ୍ଥିତ ଇଭୋସ୍ ଏକୋଟିକା ଆପାର୍ଟମେଣ୍ଟରେ ଏକ ୩ ବିଏଚ୍‌କେ ଫ୍ଲାଟ୍, ବ୍ରହ୍ମପୁର ଧର୍ମନଗରସ୍ଥିତ ସ୍ପେକ୍‌ଟ୍ରମ୍ ରୟାଲ ଆପାର୍ଟମେଣ୍ଟରେ ଗୋଟିଏ ୨ ବିଏଚ୍‌କେ ଫ୍ଲାଟ୍ ଏବଂ ବ୍ରହ୍ମପୁର ଓ ଏହାର ଆଖପାଖ ଅଞ୍ଚଳରେ ୧୧ଟି ପ୍ଲଟ୍ ଠାବ ହୋଇଛି। ପ୍ଲଟ ଓ ଫ୍ଲାଟଗୁଡ଼ିକର ପ୍ରକୃତ ମୂଲ୍ୟ ଜାଣିବାକୁ ଭିଜିଲାନ୍ସର ଟେକ୍ନିକାଲ ଟିମ୍ ହିସାବ କରୁଛି। ସେହିପରି ଦିଲୀପ ବ୍ୟାଙ୍କ ଓ ଜୀବନବୀମା ଜମା ୨୮ ଲକ୍ଷ ୫୩ ହଜାର ୨୧୨ ଟଙ୍କା ରଖିଥିବା ବେଳେ ତାଙ୍କ ଘରୁ ୧୦.୧୧ ଲକ୍ଷ ଟଙ୍କାର ଦୁଇଟି ଦୁଇ ଚକିଆ ଯାନ ଓ ଘରୋଇ ସାମଗ୍ରୀ ଠାବ ହୋଇଥିବା ଭିଜିଲାନ୍ସ ସୂଚନା ଦେଇଛି। ତେବେ ଶହୀଦନଗରସ୍ଥିତ ୩ ବିଏଚ୍‌କେ ଫ୍ଲାଟ୍ (ନଂ.୩୦୧) ସେଣ୍ଟରେ ତାଲା ପଡ଼ିଥିବାରୁ ଭିଜିଲାନ୍ସ ଅଧିକାରୀମାନେ ଏହାକୁ ଖୋଲି ପାରି ନ ଥିଲେ। ଫଳରେ ଭୋରରୁ ଅପରାହ୍ନ ଯାଏ ଆପାର୍ଟମେଣ୍ଟର ବେସ୍‌ମେଣ୍ଟରେ ଅପେକ୍ଷା କରି ଫେରି ଆସିଥିଲେ। ତେବେ ଏହି ଫ୍ଲାଟ୍‌ରେ ଦିଲୀପଙ୍କ ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ୍, ଟଙ୍କା ଓ ଅଳଙ୍କାର ଆଦି ରହିଥିବା ଭିଜିଲାନ୍ସ ସନ୍ଦେହ କରୁଛି। ବ୍ରହ୍ମପୁରରେ ଥିବା ଦିଲୀପଙ୍କଠାରୁ ଚାବିଅଣାଯାଇ ଭିଜିଲାନ୍ସଟିମ୍ ଆଗକୁ ତାଲା ଖୋଲି ଯାଞ୍ଚ କରିବ ବୋଲି ସୂଚନା ମିଳିଛି।





ଶ୍ରୀଲିଙ୍ଗରାଜ ଓ ପାର୍ବତୀଙ୍କ ବିବାହ ଉତ୍ସବର ଫେରନ୍ତା ଶୋଭାଯାତ୍ରାରେ ସାମିଲ ହୋଇଥିବା ଘୋଡ଼ାନାଚ ଦଳ। ପ୍ରଭୁ ଶ୍ରୀଲିଙ୍ଗରାଜ ଶ୍ୱଶୁର ଘରୁ ଯୌତୁକ ବାବଦରେ ଆଣିଥିବା ଇନ୍ଦ୍ର ହସ୍ତୀ। (ଫଟୋ: ମନୋରଞ୍ଜନ ମିଶ୍ର)

# ସ୍ୱମନ୍ଦିର ଫେରିଲେ ଦେବଦମ୍ପତି

ପୁରୁଣା ଭୁବନେଶ୍ୱର,୩୧।୫(ସୁବାସ ଚନ୍ଦ୍ର ପ୍ରଧାନ)

## ୬ ଘଣ୍ଟା ନୀତି ବନ୍ଦ ନେଇ ଅସନ୍ତୋଷ

ପ୍ରଭୁ ଶ୍ରୀଲିଙ୍ଗରାଜ ଓ ମା'ପାର୍ବତୀ ଦେବଦମ୍ପତିଙ୍କ ବିବାହ ଶୁକ୍ରବାର ବିଳମ୍ବିତ ରାତିରେ ଶ୍ରୀଲିଙ୍ଗରାଜଙ୍କ ଶ୍ୱଶୁରାଳୟ କେଦାରଗୌରୀ ମନ୍ଦିରରେ ସମ୍ପନ୍ନ ହୋଇଥିଲା। ତେବେ ଶନିବାର ଶ୍ରୀଲିଙ୍ଗରାଜ ମନ୍ଦିରରେ ବଡୁ ସେବାୟତ ଠାକୁରଙ୍କ ଓଲାଗି କରି ଦର୍ଶନ କରାଇବାକୁ ନେଇ ନୀତି ୬ ଘଣ୍ଟା ୫ ମିନିଟ ବନ୍ଦ ରହିଥିଲା। ଫଳରେ ଠାକୁରଙ୍କ ଫେରନ୍ତା ଶୋଭାଯାତ୍ରା ପ୍ରଭାବିତ ହୋଇଥିଲା।



ପ୍ରଭୁ ଲିଙ୍ଗରାଜଙ୍କ ସହ ଅନ୍ୟ ଠାକୁରମାନେ ସ୍ୱମନ୍ଦିର ଅଭିମୁଖେ ଯାଉଛନ୍ତି।

### ଆକର୍ଷଣ ସାଜିଲା ଯୌତୁକ ଇନ୍ଦ୍ର ହସ୍ତୀ

ଦେବଦମ୍ପତି ଫେରିବା ଶୋଭାଯାତ୍ରାରେ ଆକର୍ଷଣ ସାଜିଥିଲା ପ୍ରଭୁ ଶ୍ରୀଲିଙ୍ଗରାଜ ଶ୍ୱଶୁର ଘରୁ ଆଣିଥିବା ଇନ୍ଦ୍ର ହସ୍ତୀ। ମନ୍ଦିର କାର୍ଯ୍ୟାଳୟରୁ ଧଳା କପଡ଼ାରେ ନିର୍ମିତ ଏହି ହସ୍ତୀକୁ ଦେଖିବାକୁ ଭକ୍ତଙ୍କ ମଧ୍ୟରେ ଉତ୍ସାହ ଭରିଥିଲା।

ଏନେଇ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା।

କେଦାରଗୌରୀ ମନ୍ଦିରରେ ଶ୍ରୀଲିଙ୍ଗରାଜ ଏବଂ ମା'ପାର୍ବତୀଙ୍କ ବିବାହ ନୀତି କାର୍ଯ୍ୟ ସମ୍ପନ୍ନ ପରେ ଉକ୍ତଦିନର ପାଳିଆ ପୂଜାପଣ୍ଡା ସେବକ ନବଦମ୍ପତିଙ୍କୁ ମାଣ୍ଡୁଅ ପିଠା ଲାଗି କରାଇଥିଲେ। ଭୋଗନୈବେଦ୍ୟ ଅର୍ପଣ କରାଯିବା ସହ କଉଡ଼ି ଖେଳାଯାଇ ଆଳତି କରାଯାଇଥିଲା। ଉକ୍ତ କାର୍ଯ୍ୟ ସରିବା ବେଳକୁ ଶନିବାର ସକାଳ ୬ଟା ୩୫ ହୋଇଯାଇଥିଲା। ପୂଜାପଣ୍ଡା ଓ ପତ୍ରୀ ସେବାୟତ ଆଳତି କରିବାକୁ ଶ୍ରୀଲିଙ୍ଗରାଜ ମନ୍ଦିରକୁ ଗଲାବେଳକୁ ବଡୁ ସେବକ ଶ୍ରୀଜୀଉଙ୍କୁ ଓଲାଗି କରି ଦର୍ଶନ କରାଇଥିଲେ। ଏହା ପରେ ନୀତି ବନ୍ଦ ହୋଇଥିଲା। ଫଳରେ ନୀତି ପ୍ରାୟ ୬ଘଣ୍ଟା ୫ମିନିଟ ବନ୍ଦ ରହିଥିଲା। ମନ୍ଦିରର କାର୍ଯ୍ୟ ନିର୍ବାହୀ ଅଧିକାରୀ ତଥା ଅତିରିକ୍ତ ଜିଲାପାଳଙ୍କ ହସ୍ତକ୍ଷେପ କରିବା ପରେ ନୀତି ସ୍ୱାଭାବିକ ହୋଇଥିଲା। ପର୍ଯ୍ୟାୟକ୍ରମେ ନୀତିମାନ ସନ୍ଧ୍ୟାଧୂପ ସରିବା ପରେ କେଦାରଗୌରୀ ମନ୍ଦିରରେ ସନ୍ଧ୍ୟାଧୂପ କରାଯାଇ ଶ୍ରୀଜୀଉମାନେ ବିମାନ ଓ ପାଲିଙ୍କିରେ ବିଜେ କରିଥିଲେ। ଏହାପରେ ଡୋରି ଲାଗି ହୋଇସାରିବା ପରେ ପତ୍ରୀ ସେବକଙ୍କ ଦ୍ୱାରା ପ୍ରସ୍ତୁତ ହୋଇଥିବା ହଳଦୀ ପାଣିକୁ ପୂଜାପଣ୍ଡା ସେବକ ମନ୍ତ୍ରପୂତ ଭାବେ ସଂସ୍କାର କରି ଶ୍ରୀଜୀଉଙ୍କ ଉପରେ ସିଞ୍ଚନ କରିବା ସହିତ ଭକ୍ତମାନଙ୍କ ଉପରେ ମଧ୍ୟ ସିଞ୍ଚନ କରିଥିଲେ। ଏହାପରେ ଦେବଦମ୍ପତିଙ୍କ ଫେରନ୍ତା ଶୋଭାଯାତ୍ରା ଆରମ୍ଭ ହୋଇଥିଲା। ଘଣ୍ଟଘଣ୍ଟା, କାହାଳୀ ଓ ବିଭିନ୍ନ ପ୍ରକାର ବାଦ୍ୟ ମାଧ୍ୟମରେ ଦେବଦମ୍ପତି ସ୍ୱମନ୍ଦିର ପ୍ରତ୍ୟାବର୍ତ୍ତନ କରିବା ବାଟରେ ବ୍ରାହ୍ମଣ ନିଯୋଗ, ପୂଜାପଣ୍ଡା ନିଯୋଗ, ବାଟ କୁଅମୂଳ ବଡୁ ସାହି ଏବଂ ପଥୁରିଆ ବଡୁ ସାହିରେ ଭୋଗ ଖାଇ ମନ୍ଦିରକୁ ଫେରିଥିଲେ।

### ପ୍ରଭୁ ଭୀମେଶ୍ୱର ଓ ମା'ପାର୍ବତୀଙ୍କ ବିବାହ ସମ୍ପନ୍ନ

ଭୀମଟାଙ୍ଗୀସ୍ଥିତ ଭୀମେଶ୍ୱର ମନ୍ଦିର ପରିସର ଗଣପତି ମଣ୍ଡପରେ ପ୍ରଭୁ ଭୀମେଶ୍ୱର ଏବଂ ମା'ପାର୍ବତୀଙ୍କ ମଧ୍ୟରେ ବୈଦିକ ଓ ପାରମ୍ପରିକ ରୀତିରେ ବିବାହ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସୁବାସ ଚନ୍ଦ୍ର ସେନାପତି ଓ ନମିତା ସେନାପତି ମା'ପାର୍ବତୀଙ୍କ ପିତା ମାତା ଏବଂ ବସନ୍ତ କୁମାର ନାୟକ ଓ ସଂଯୁକ୍ତା ପ୍ରଧାନ ପ୍ରଭୁ ଭୀମେଶ୍ୱରଙ୍କ ପିତାମାତା ଭାବେ ବିବାହ କାର୍ଯ୍ୟ ସମ୍ପାଦନ କରିଥିଲେ। ରବିବାର ଦେବଦମ୍ପତି ସୁସଜ୍ଜିତ ବିମାନରେ ନଗର ପରିକ୍ରମା କରିବେ ବୋଲି ଭୀମେଶ୍ୱର ମନ୍ଦିର ପରିଚାଳନା ସମିତିର ସଭାପତି ମାନସ ରଞ୍ଜନ ପଟ୍ଟନାୟକ କହିଛନ୍ତି। ସମ୍ପାଦକ ପଦ୍ମନାଭ ଷଡ଼ଙ୍ଗୀ, ଗଣେଶ ପ୍ରଧାନ, ଶଙ୍କର ମହାପାତ୍ର,ରବି ନାରାୟଣ ଦାସ,ବିଶ୍ୱଜିତ୍ ପାଲ,ଏବଂ ହରିହର ପଟ୍ଟନାୟକ ପ୍ରମୁଖ ଏହାକୁ ପରିଚାଳନା କରିଥିଲେ।

# ବିଭିନ୍ନ ଶୈବ ପୀଠରେ ସରିଲା ଦେବ ବିବାହ

ବାରଙ୍ଗ,୩୧।୫(ଲିଙ୍ଗରାଜ ରାଉତ/ ତୁଷାରକାନ୍ତ ବେହେରା)

ରାଜଧାନୀ ଭୁବନେଶ୍ୱର ଓ କଟକ ଉପକଣ୍ଠରେ ଥିବା ବିଭିନ୍ନ ଶିବ ମନ୍ଦିରରେ ପାରମ୍ପରିକ ଭାବେ ଶିବବିବାହ ସମ୍ପନ୍ନ ହୋଇଯାଇଛି। କଟକ ଉପକଣ୍ଠ ବାରଙ୍ଗର ତଳଗଡ଼ନରାଜସ୍ଥିତ ସିଦ୍ଧେଶ୍ୱର ମହାଦେବ ମନ୍ଦିରରେ ଶିବବିବାହ ଉତ୍ସବ ମହାସମାରୋହର ସହ ଅନୁଷ୍ଠିତ ହୋଇଯାଇଛି। ବାଜାବାଣର ବିରାଟ ପଟୁଆରରେ ପ୍ରଭୁ ସିଦ୍ଧେଶ୍ୱର ମନ୍ଦିରରେ ଆସି ପହଞ୍ଚିବା ପରେ ବିବାହ ଆରମ୍ଭ ହୋଇଥିଲା। କନ୍ୟାପିତା ଭାବେ ସନ୍ତୋଷ କୁମାର ଷଡ଼ଙ୍ଗୀ ଓ ବରପିତା ଭାବେ ପ୍ରସନ୍ନ ନନ୍ଦ ଯୋଗଦେଇ ବିବାହ କାର୍ଯ୍ୟ ସମ୍ପନ୍ନ କରିଥିଲେ।

ନରଣପୁରସ୍ଥିତ ରାମେଶ୍ୱର ମନ୍ଦିର ମହାଦେବଙ୍କ ପୀଠରେ ଶିବ ପାର୍ବତୀ ବିବାହ କାର୍ଯ୍ୟ ସମାପିତ ହୋଇଛି। କନ୍ୟା ପିତା ସୁରେଶ ଚନ୍ଦ୍ର ସ୍ୱାଇଁ ଓ ବରପିତା ଅମ୍ବିକା ପ୍ରସାଦ ମହାନ୍ତି, ପୁରୋହିତ କେଶବ କର କାର୍ଯ୍ୟ ତୁଲାଇଥିଲେ। ସେହିଭଳି ରତାଗଡ଼ ଜଟେଶ୍ୱର ମହାଦେବ ମନ୍ଦିରରେ କନ୍ୟାପିତା ପ୍ରିୟରଞ୍ଜନ ତରାଇ ଓ ବରପିତା ବିକାଶ ରାଉତ, ତ୍ରିଶୂଳିଆ ବଜାର ନିକଟସ୍ଥ ନରଣପୁର ରାମେଶ୍ୱର ମହାଦେବ ମନ୍ଦିରରେ କନ୍ୟାପିତା ସୁରେଶ ଚନ୍ଦ୍ର ସ୍ୱାଇଁ ଓ ବରପିତା ଅମ୍ବିକା ପ୍ରସାଦ ମହାନ୍ତି ଯୋଗଦେଇ ଶୁଭକାର୍ଯ୍ୟ ସମାପନ କରିଥିଲେ। ସେହିପରି ବିଭିନ୍ନ ଶୈବ ପୀଠରେ ଶିବ ବିବାହ ଅନୁଷ୍ଠିତ ହୋଇଥିଲା।

# ବଟୁକେଶ୍ୱର ଦେବଙ୍କ ଶୀତଳଷଷ୍ଠୀ



ବାଲିଅନ୍ତା,୩୧।୫(ନୀଳମାଧବ ସାହୁ)

ରାଜଧାନୀ ଉପକଣ୍ଠ ହଂସପାଳ ଗ୍ରାମର ପୁରୁଣା ଜଗନ୍ନାଥ ସଡ଼କ ପାଶ୍ୱରେ ଥିବା ବଟୁକେଶ୍ୱର ମହାଦେବଙ୍କ ବିବାହ ଉତ୍ସବ ଓ ଶୀତଳଷଷ୍ଠୀ ଉତ୍ସବ ଶନିବାର ଧୁମ୍‌ଧାମରେ ପାଳିତ ହୋଇଯାଇଛି। ଶିବ ବିବାହ ପାଇଁ ମନ୍ଦିର ପରିସର ଚଳଚଞ୍ଚଳ ଓ ଉତ୍ସବ ମୁଖର ହୋଇଥିଲା। ଦେବ ବିବାହ ପାଇଁ ସମସ୍ତ ନୀତିକାନ୍ତି ସମ୍ପନ୍ନ ପରେ ସନ୍ଧ୍ୟାରେ ଏକ ବିରାଟ ବରଯାତ୍ରୀ ଶୋଭାଯାତ୍ରାରେ ବଟୁକେଶ୍ୱର ମହାଦେବଙ୍କ ଚଳନ୍ତି ପ୍ରତିମା ବାହାରିଥିଲେ। ଏକ ସୁସଜ୍ଜିତ ଦୋଳ ବିମାନରେ ଚଳନ୍ତି ପ୍ରତିମାକୁ ବିଜେ କରାଯାଇ ପାରମ୍ପାରିକ ବାଦ୍ୟ ସହିତ ହଂସପାଳ ଗ୍ରାମ ଓ ବାଲିଅନ୍ତା ବଜାର ପରିକ୍ରମା କରାଯାଇଥିଲା। ବଟୁକେଶ୍ୱର ମହାଦେବଙ୍କ ଚଳନ୍ତି ପ୍ରତିମା ଶୋଭାଯାତ୍ରା ସାରି ମନ୍ଦିର ସମ୍ମୁଖରେ ପହଞ୍ଚିବା ପରେ କନ୍ୟା ଘର ପକ୍ଷରୁ ପିତା ପ୍ରକାଶ ପରିଜା ବାଟବରଣୀ କାର୍ଯ୍ୟ ସମ୍ପନ୍ନ କରିଥିଲେ। ପରେ ବିବାହ କାର୍ଯ୍ୟ ଆରମ୍ଭ ହୋଇଥିଲା। ଉତ୍ସବରେ ବରପିତା ରୂପେ ବସନ୍ତ ସ୍ୱାଇଁ ଦାୟିତ୍ୱ ତୁଲାଇଥିଲେ। କାର୍ଯ୍ୟକ୍ରମରେ ଆଖପାଖ ଗ୍ରାମରୁ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା।

# କାକରୁଦ୍ରପୁର ସେବା ସମବାୟ ସମିତି ପକ୍ଷରୁ ଧାନ ମଣ୍ଡି ଉଦ୍‌ଘାଟିତ

ବାଲିଅନ୍ତା,୩୧।୫(ନୀଳମାଧବ ସାହୁ)

ବାଲିଅନ୍ତା ବ୍ଲକର କାକରୁଦ୍ରପୁର ସେବା ସମବାୟ ସମିତି ପକ୍ଷରୁ ଶନିବାର ଏକ ଧାନ ମଣ୍ଡିର ଶୁଭାରମ୍ଭ ହୋଇଯାଇଛି। ଖମଙ୍ଗ ଛକସ୍ଥିତ ସମିତି କାର୍ଯ୍ୟାଳୟ ପରିସରରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ରୂପେ ଜୟଦେବ ବିଧାୟକ ନବକିଶୋର ମଲ୍ଲିକ ଯୋଗଦେଇ ଧାନମଣ୍ଡି ଉଦ୍‌ଘାଟନ କରିଥିଲେ। ଏଆର୍‌ସିଏସ୍‌ର ଏରିଆ ଅଫିସର ଅମୀୟ ଖୁଣ୍ଟିଆ, ସମିତି ସଭାପତି ନୀଳକଣ୍ଠ ପଣ୍ଡା, ଭରତ ଦାସ, ପଞ୍ଚାୟତ ଲୋକପ୍ରତିନିଧି ଓ ସମିତି ସଭ୍ୟ ଯୋଗଦେଇଥିଲେ। ଉଦ୍‌ଘାଟନୀ ଦିବସରେ ୯ ଚାଷୀଙ୍କଠାରୁ ୪୦୦ କୁଇଣ୍ଟାଲ ଧାନ କ୍ରୟ କରାଯାଇଥିବା ସମିତି ସମ୍ପାଦକ ହେମନ୍ତ କୁମାର ନାୟକ କହିଛନ୍ତି।

# ପୁନରୁଦ୍ଧାର ହେଲା ରଙ୍ଗିନ କଥାଚିତ୍ର 'ଅଭିଳାଷ'



ରଙ୍ଗିନ କଥାଚିତ୍ର 'ଅଭିଳାଷ'ରେ ଅଭିନୟ କରିଥିବା ପୂର୍ବତନ ପିସିସି ସଭାପତି ଜୟଦେବ ଜେନାଙ୍କ ସହ ଅନ୍ୟ ଅତିଥି।

ଭୁବନେଶ୍ୱର,୩୧।୫(ସୌମ୍ୟରଞ୍ଜନ ରାଉତ)

୧୯୮୪ ମସିହାରେ ଶାନ୍ତି ଫିଲ୍ମସ ପକ୍ଷରୁ ନିର୍ମାଣ ହୋଇଥିଲା ରଙ୍ଗିନ କଥାଚିତ୍ର 'ଅଭିଳାଷ'। ଏହି ଚଳଚ୍ଚିତ୍ରକୁ ଜାତୀୟ ଚଳଚ୍ଚିତ୍ର ଅଭିଲେଖାଗାର ଦ୍ୱାରା ଏବେ ପୁନରୁଦ୍ଧାର କରାଯାଇଛି। ଏହାର ଧ୍ୱନି ସଂରକ୍ଷଣ ଓ ପୁନରୁଦ୍ଧାର କ୍ଷେତ୍ରରେ ଓଡ଼ିଶା ସରକାରଙ୍କ ସହ ଫିଲ୍ମ ଜର୍ନାଲିଷ୍ଟ ଫୋରମର ଭୂମିକା ରହିଥିଲା। 'ଅଭିଳାଷ' ଚଳଚ୍ଚିତ୍ର ନିର୍ଦ୍ଦେଶକ ସାଧୁ ମେହେର ଓ ନାୟକ ଉତ୍ତମ ମହାନ୍ତିଙ୍କ ସ୍ମୃତି ଉଦ୍ଦେଶ୍ୟରେ ପାରାଦୀପ ଫସ୍‌ଫେଟ୍ ଲିମିଟେଡ୍ ଓ ଫିଲ୍ମ ଜର୍ନାଲିଷ୍ଟ ଫୋରମ୍‌ର ମିଳିତ ଆନୁକୂଲ୍ୟରେ ସୂଚନା ଭବନଠାରେ ଶନିବାର ଆୟୋଜିତ ହୋଇଥିଲା 'ଶୀର୍ଷୋତ୍ତର ସାଧୁ ମେହର ଓ ସର୍ବୋତ୍ତମ ଉତ୍ତମ' କାର୍ଯ୍ୟକ୍ରମ। ଫୋରମ ପକ୍ଷରୁ ପରିବେଷିତ ହୋଇଥିଲା ପ୍ରଥମ ଓଡ଼ିଆ ଚଳଚ୍ଚିତ୍ର 'ସୀତାବିବାହ'ର ସଙ୍ଗୀତ। ଏହାପରେ ସାହିତ୍ୟ ଓ ଚଳଚ୍ଚିତ୍ରର ସଂଯୋଗକ୍ରମରେ 'ଅଭିଳାଷ' ଚଳଚ୍ଚିତ୍ର ବିବରଣୀ ପୁସ୍ତିକା ଉନ୍ମୋଚିତ ହୋଇଥିଲା। ପରେ 'ଅଭିଳାଷ' ସହ ସଂପୃକ୍ତ ବ୍ୟକ୍ତିବିଶେଷଙ୍କୁ ପ୍ରଦାନ କରାଯାଇଥିଲା ଚଳଚ୍ଚିତ୍ରର ସ୍ମାରକୀ ଫଳକ। ଶେଷରେ ପ୍ରଦର୍ଶିତ ହୋଇଥିଲା ପୂର୍ଣ୍ଣାଙ୍ଗ ଚଳଚ୍ଚିତ୍ର 'ଅଭିଳାଷ'।

ଅତିଥିଭାବେ ବରିଷ୍ଠ ସିନେ ନିର୍ଦ୍ଦେଶକ ତଥା ଅଭିନେତା ପ୍ରଶାନ୍ତ ନନ୍ଦ, ଅଭିନେତା ସିଦ୍ଧାନ୍ତ ମହାପାତ୍ର, ଅଭିନେତ୍ରୀ ଅନୁ ଚୌଧୁରୀ ଯୋଗଦେଇଥିବାବେଳେ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ପୂର୍ବତନ ଶାସନ ସଚିବ ମନୋରଞ୍ଜନ ପାଣିଗ୍ରାହୀ ଉତ୍ସବରେ ଅଧ୍ୟକ୍ଷତା କରିଥିଲେ। ପିପିଏଲ୍‌ର କର୍ପୋରେଟ ଆଫାୟାର୍ସ ମୁଖ୍ୟ ସୁଧୀରଞ୍ଜନ ମିଶ୍ର କାର୍ଯ୍ୟକ୍ରମର ପ୍ରାରମ୍ଭିକ ସୂଚନା ଓ ମୁଖ୍ୟ ଆର୍ଥିକ ଅଧିକାରୀ ବିଜୟ କୁମାର ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ। ଗୀତିକାର ବିଜୟ ମଲ୍ଲ ପରିଚାଳନା ଓ ଖବରଦାତା ଅମିତାଭ ଖିଲାର ଧନ୍ୟବାଦ ଅର୍ପଣ କରିଥିଲେ।

# ସାଇକ୍ଲୋଥନ୍‌ରେ ତମାଖୁ ନିଷେଧ ବାର୍ତ୍ତା




ଭୁବନେଶ୍ୱର,୩୧।୫(ବନ୍ଦନା ସେଠୀ)

ବିଶ୍ୱ ତମାଖୁ ନିଷେଧ ଦିବସ ଅବସରରେ ରୋଟାରୀ ଜିଲା ଥ୍ରୀ ଟୁ ସିକ୍ସ ଟୁ ଆନୁକୂଲ୍ୟରେ ଶନିବାର ସାଇକ୍ଲୋଥନ ଅନୁଷ୍ଠିତ ହୋଇଯାଇଛି। ଲୟୋଲା ସ୍କୁଲ ନିକଟରୁ ବାହାରିଥିବା ଏହି ସାଇକେଲ ଶୋଭାଯାତ୍ରା ଶିଖରଚଣ୍ଡୀ ପାହାଡ଼ ପର୍ଯ୍ୟନ୍ତ ଯାଇ ପୁନର୍ବାର ସ୍କୁଲ ନିକଟକୁ ଫେରିଥିଲା। ଏଥିରେ ଶତାଧିକ ସାଇକେଲ ଚାଳକ ଭାଗ ନେଇ ଲୋକଙ୍କୁ ସତର୍କ ଓ ସଚେତନ କରିଥିଲେ। କାର୍ଯ୍ୟକ୍ରମକୁ ରୋଟାରୀ ପ୍ରାନ୍ତପାଳ ଯଜ୍ଞାଶିଷ ମହାପାତ୍ର ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥିଭାବେ ସରୋଜ କୁମାର ମହାପାତ୍ର, ମିନତୀ ମହାପାତ୍ର, ଅଭିନେତ୍ରୀ ପୁନମ ମିଶ୍ର, ଡ. ସଞ୍ଜୟ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ରୋଟାରୀ କ୍ଲବ୍ ତୋଷାଳୀର ସଭାପତି କବି ରାଉତରାୟ, ସୋନାଲି ରଥ ଏବଂ ପୂର୍ଣ୍ଣେନ୍ଦୁ ରାୟ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ମଣିପାଲ ହସ୍ପିଟାଲକୁ ଟାଇମ୍ସ ଆଇକନ୍ ଆୱାର୍ଡ

ଭୁବନେଶ୍ୱର,୩୧।୫(ଅଭୟ ଦାସ)



ରାଜ୍ୟର ପ୍ରମୁଖ ଘରୋଇ ଚିକିତ୍ସାଳୟ ତଥା ଭୁବନେଶ୍ୱରର ଖଣ୍ଡଗିରି ସ୍ଥିତ ମଣିପାଲ ହସ୍ପିଟାଲକୁ ନିକଟରେ ଆଉ ଏକ ସମ୍ମାନ 'ଟାଇମ୍ସ ଆଇକନ ଆୱାର୍ଡ-୨୦୨୫' ମିଳିଛି। ବିଶେଷକରି ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଓ ସଫଳତା ପାଇଁ ମଣିପାଲ ହସ୍ପିଟାଲକୁ ଏହି ଆୱାର୍ଡ ପ୍ରଦାନ କରାଯାଇଛି। ଅପରପକ୍ଷରେ ଅତ୍ୟାଧୁନିକ ମଲ୍ଟି ସ୍ପେଶିଆଲିଟି ସ୍ୱାସ୍ଥ୍ୟସେବା ପ୍ରଦାନ ହେତୁ ମଣିପାଲ ହସ୍ପିଟାଲକୁ ଟାଇମ୍ସ ଅଫ୍ ଇଣ୍ଡିଆ ପକ୍ଷରୁ ଏହି ସମ୍ମାନ ଦିଆଯାଇଥିଲା। ଏହି ପରିପ୍ରେକ୍ଷୀରେ ଆୟୋଜିତ ସମ୍ମାନ ସମାରୋହ ଉତ୍ସବରେ ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ମଣିପାଲ ହସ୍ପିଟାଲ ଭୁବନେଶ୍ୱରର ନିର୍ଦ୍ଦେଶକ ଶକ୍ତିମୟ ମହାପାତ୍ରଙ୍କୁ ମୁଖ୍ୟ ଅତିଥି ପୁରସ୍କାର ପ୍ରଦାନ କରିଥିଲେ। ସେହିଭଳି ଏହି ହସ୍ପିଟାଲକୁ ସମ୍ମାନିତ କରୁଥିବାରୁ ଆମେ ଗର୍ବିତ ବୋଲି ଟାଇମ୍ସ ଅଫ୍ ଇଣ୍ଡିଆ ପକ୍ଷରୁ କୁହାଯାଇଥିଲା।

ଏ ସମ୍ପର୍କରେ ମଣିପାଲ ହସ୍ପିଟାଲ ଭୁବନେଶ୍ୱରର ହସ୍ପିଟାଲ ନିର୍ଦ୍ଦେଶକ ଶକ୍ତିମୟ ମହାପାତ୍ର କହିଥିଲେ, ଆମେ ଏହି ସମ୍ମାନଜନକ ପୁରସ୍କାର ପାଇଁ ବେଶ୍ ଉତ୍ସାହିତ ଅଛୁ। ଏପରିକି ମଣିପାଲ ହସ୍ପିଟାଲ ଭୁବନେଶ୍ୱରର ଆମ ପାଇଁ ଅତ୍ୟନ୍ତ ଗର୍ବର ବିଷୟ ହୋଇଥିଲାବେଳେ ପ୍ରତ୍ୟେକ ମୁହୂର୍ତ୍ତରେ ଆମର ଡାକ୍ତର, ନର୍ସ ଓ ଅନ୍ୟାନ୍ୟ କର୍ମଚାରୀ ରୋଗୀସେବାରେ ଲିପ୍ତ ରହିଥାନ୍ତି। ଏ କ୍ଷେତ୍ରରେ ଆମ ସମସ୍ତଙ୍କର ଥିବା ପ୍ରତିବଦ୍ଧତାକୁ ଏହି ସମ୍ମାନ ଦ୍ୱିଗୁଣିତ କରିବ। ଓଡ଼ିଶାର ଜନସାଧାରଣଙ୍କୁ ଉତ୍ତମ ଗୁଣବତ୍ତାଯୁକ୍ତ ଚିକିତ୍ସା ସେବା ଯୋଗାଇବାକୁ ଆମ ପ୍ରୟାସ ଆହୁରି ସଶକ୍ତ ହେବ।

# ଅହଲ୍ୟାବାଈଙ୍କ ଜୀବନୀକୁ ନେଇ ଚିତ୍ରକଳା ପ୍ରଦର୍ଶନୀ

ଭୁବନେଶ୍ୱର,୩୧।୫(ସୌମ୍ୟରଞ୍ଜନ ରାଉତ)

ପୁଣ୍ୟଶ୍ଳୋକା ରାଣୀ ଅହଲ୍ୟାବାଈ ହୋଲ୍‌କରଙ୍କ ୩୦୦ତମ ଜୟନ୍ତୀ ଅବସରରେ ଶନିବାର ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡ଼ିଶା ଲଳିତ କଳା ଏକାଡେମୀ ପକ୍ଷରୁ ଏକ ଚିତ୍ରକଳା ପ୍ରଦର୍ଶନୀ ସୂଚନାଭବନରେ ଅନୁଷ୍ଠିତ ହୋଇଯାଇଛି। ଅହଲ୍ୟାବାଈଙ୍କ ଜୀବନୀକୁ ଆଧାର କରି ଆୟୋଜିତ ଚିତ୍ରକଳା ପ୍ରଦର୍ଶନୀକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ଘାଟନ କରିଥିଲେ। ଚିତ୍ରକଳା ପ୍ରଦର୍ଶନୀରେ ଅହଲ୍ୟାବାଈଙ୍କ ଜୀବନୀ ଓ ତାଙ୍କର ଜୀବନ ଆଦର୍ଶକୁ ଚିତ୍ରଶିଳ୍ପୀମାନେ ଖୁବ ସୁନ୍ଦର ଭାବରେ ଚିତ୍ରିତ କରିଥିଲେ। ଏହି ପ୍ରଦର୍ଶନୀରେ ପ୍ରଦର୍ଶିତ ହୋଇଥିବା ସମସ୍ତ ସୁନ୍ଦର ଚିତ୍ରକଳାଗୁଡ଼ିକୁ ମୁଖ୍ୟମନ୍ତ୍ରୀ ବୁଲି ଦେଖିବା ସହିତ ଚିତ୍ରଶିଳ୍ପୀଙ୍କୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମରେ ବାଚସ୍ପତି ସୁରମା ପାଢ଼ୀ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଏକାମ୍ର ବିଧାୟକ ବାବୁ ସିଂ, ବ୍ରହ୍ମଗିରି ବିଧାୟକ ଉପାସନା ମହାପାତ୍ର ପ୍ରମୁଖ ଯୋଗଦେଇ ଚିତ୍ରକଳା ବୁଲି ଦେଖିଥିଲେ।




ମୁଖ୍ୟମନ୍ତ୍ରୀ, ବାଚସ୍ପତି ଓ ଅନ୍ୟ ଅତିଥିମାନେ ଚିତ୍ରକଳା ପ୍ରଦର୍ଶନୀ ବୁଲି ଦେଖୁଛନ୍ତି।

## ବଜ୍ରପାତରେ ବିଦ୍ୟୁତ୍ ସରଞ୍ଜାମ ପୋଡ଼ିଗଲା

**କଣାସ,(ବିଭୂତି ଭୂଷଣ ତ୍ରିପାଠୀ):** କଣାସ ବ୍ଲକ ତ୍ରିଲୋଚନପୁର ଗ୍ରାମପଞ୍ଚାୟତରେ ଶନିବାର ବର୍ଷା ସାଙ୍ଗକୁ ବଜ୍ରପାତ ଘଟିଛି। ଫଳରେ ବାଟକଣ୍ଟପଡ଼ା ଗ୍ରାମର ରବି ପାତ୍ରଙ୍କ ପକ୍କା ଘର ଛାତ ଫାଟି ଯାଇଥିବା ଦେଖିବାକୁ ମିଳିଛି। ଏଥିସହ ବାଟକଣ୍ଟପଡ଼ା ଓ ନୂଆହାଟ ଗ୍ରାମର ଅନେକ ପରିବାର ବିଦ୍ୟୁତ୍ ସାମଗ୍ରୀ ପଙ୍ଖା, ଫ୍ରିଜ୍, ଏସି, ବଲ୍ ପୋଡ଼ିଯାଇଥିବା ଜଣାପଡ଼ିଛି।

**ସଂକ୍ଷେପରେ**

## ଡକାୟତି ଯୋଜନା ପଣ୍ଡ: ୫ ଗିରଫ

ପୁରୀ,୩୧।୫(ଅଜିତ୍ କୁମାର ମହାନ୍ତି)

ଡକାୟତି କରିବା ନେଇ ଯୋଜନା କରୁଥିବା ଅଭିଯୋଗରେ ବଳିଆପଣ୍ଡା ଥାନା ପୋଲିସ ୫ ଜଣ ଅଭିଯୁକ୍ତଙ୍କୁ ଗିରଫକରି ଶନିବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ କୁମ୍ଭାରପଡ଼ା ଥାନା ଅନ୍ତର୍ଗତ ଘୋଡ଼ାବଜାର ଅଞ୍ଚଳର କାର୍ତ୍ତିକ ନାୟକ, ସମୁଦ୍ରକୂଳ ଥାନା ଅନ୍ତର୍ଗତ ସିଟି ରୋଡ୍ ନୂଆସାହିର ଡି. କେଦାର ରାଓ (୨୬), ବାସେଳୀସାହି ଥାନା ଅନ୍ତର୍ଗତ ଲୋକନାଥ ରୋଡ୍ ଥାନାପତି ଲେନ୍ର ଭୀମସେନ ପ୍ରଧାନ (୨୮), ନୀଳମାଧବ ଲେନ୍ର ସଞ୍ଜୟ ପ୍ରଧାନ ଏବଂ ତାଳବଣିଆ ଥାନା ଅନ୍ତର୍ଗତ ବିନୋବାନଗରର ଶୁଭ୍ରଜିତ୍ ମହାପାତ୍ର (୨୯)। ପୋଲିସ ଅଭିଯୁକ୍ତମାନଙ୍କ ନିକଟରୁ ଷ୍ଟିଲ ପାଇପ୍, ଲୁହା ରଡ୍, ଛୁରି ଓ ଖଣ୍ଡା ଜବତ କରିଛି। ଏନେଇ ପୋଲିସ କେସ୍ ନଂ. ୯୪/୨୫ରେ ଏକ ମାମଲା ରୁଜୁ କରିଛି।

ସୂଚନା ଅନୁଯାୟୀ, ଅଭିଯୁକ୍ତମାନେ ଷ୍ଟର୍ଲିଂ ଛକ ନିକଟରେ ଏକାଠି ହୋଇ ଡକାୟତି ପାଇଁ ଯୋଜନା କରୁଥିବା ବେଳେ ପୋଲିସ ବିଶେଷ ସୂତ୍ରରୁ ଖବରପାଇ ଉକ୍ତ ସ୍ଥାନରେ ଚଢ଼ାଉକରି ଅଭିଯୁକ୍ତଙ୍କୁ ଗିରଫକରି ଥାନାକୁ ଆଣିବା ସହ ଶନିବାର କୋର୍ଟ ଚାଲାଣ କରିଛି।

## ୧୨ରୁ ଅଲାରନାଥଙ୍କ ଅନବସର ଦର୍ଶନ ଆରମ୍ଭ

ବ୍ରହ୍ମଗିରି,୩୧।୫(ସ୍ୱାଧୀନ ଚମ୍ପତିରାୟ)

ମହାପ୍ରଭୁ ଅଲାରନାଥଙ୍କ ଚଳିତବର୍ଷ ଅନବସର ଉତ୍ସବ ନିମନ୍ତେ ଶନିବାର ମନ୍ଦିର ପ୍ରାଙ୍ଗଣରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସ୍ଥାନୀୟ ବିଧାୟିକା ଉପାସନା ମହାପାତ୍ର, ଉପଜିଲାପାଳ ରାଜକିଶୋର ଜେନା, ତହସିଲଦାର ଶଶିଭୂଷଣ ମିଶ୍ରଙ୍କ ସମେତ ସମ୍ପୃକ୍ତ ବିଭାଗୀୟ ଅଧିକାରୀ, ସେବାୟତ ଓ ସ୍ୱେଚ୍ଛାସେବୀ ଯୋଗଦେଇଥିଲେ। ଚଳିତବର୍ଷ ମହାପ୍ରଭୁ ଅଲାରନାଥଙ୍କ ଅନବସର ଦର୍ଶନ ଜୁନ୍ ୧୨ରୁ ଆରମ୍ଭ ହେଉଛି। ଏଣୁ ଲକ୍ଷାଧିକ ଭକ୍ତଙ୍କ ସମାଗମକୁ ଦୃଷ୍ଟିରେ ରଖି ଶାନ୍ତିଶୃଙ୍ଖଳା ସହ ସମାପନ ନିମନ୍ତେ ସ୍ଥାନୀୟ ପ୍ରଶାସନ ଓ ଜିଲା ପ୍ରଶାସନ ଗୁରୁତ୍ୱ ଦେଇ ସ୍ୱାସ୍ଥ୍ୟ, ପରିମଳ, ନୀତିକାନ୍ତି ବାବଦରେ ସେବାୟତଙ୍କ ସହ ଆଲୋଚନା କରିଥିଲେ। ଭକ୍ତଙ୍କ ପାଇଁ ପାନୀୟଜଳ ଯୋଗାଣ, ପରିମଳ, ମନ୍ଦିର ଆଲୋକୀକରଣ କାର୍ଯ୍ୟ ଆସନ୍ତା ୫ ତାରିଖ ସୁଦ୍ଧା ସମାପନ କରିବାକୁ ସମ୍ପୃକ୍ତ ବିଭାଗକୁ ଦାୟିତ୍ୱ ଦିଆଯାଇଛି। ଏହାସହ ସ୍ୱାସ୍ଥ୍ୟସେବା ଯୋଗାଇଦେବା ନିମନ୍ତେ ଆମ୍ବୁଲାନ୍ସ, ସନ୍‌ଷ୍ଟ୍ରୋକ୍ ରୁମ୍, ଷ୍ଟ୍ରେଚର ଏବଂ ଡାକ୍ତରଙ୍କ ସହ ସ୍ୱାସ୍ଥ୍ୟକର୍ମୀ ନିୟୋଜିତ ହେବେ। ଅଗ୍ନିସେବା ସଂସ୍ଥା ପକ୍ଷରୁ ୩ଟି ଦମକଳ ନିୟୋଜିତ କରାଯିବ। ଆଇନଶୃଙ୍ଖଳା ପରିସ୍ଥିତି ପାଇଁ ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯିବ।

## ସଡ଼କ ଦୁର୍ଘଟଣାରେ ଫାର୍ମାସିଷ୍ଟ ଛାତ୍ରଙ୍କ ମୃତ୍ୟୁ

ନିମାପଡ଼ା,୩୧।୫(ବିଚିତ୍ରାନନ୍ଦ ସାହୁ/ରଞ୍ଜନ ପଟ୍ଟନାୟକ)

ନିମାପଡ଼ା ଏନ୍‌ଏସି ଅଧୀନ ଗୁହାଳପଡ଼ାସ୍ଥିତ ମହାବୀର ମନ୍ଦିର ନିକଟରେ ଶୁକ୍ରବାର ରାତିରେ ଘଟିଥିବା ସଡ଼କ ଦୁର୍ଘଟଣାରେ ସ୍ଥାନୀୟ ଅଞ୍ଚଳର ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଭୁବନପୁର ଗ୍ରାମର ସାମାଜିକ କର୍ମୀ ବିନୋଦ ବିହାରୀ ସ୍ୱାଇଁ ଓ ନିମାପଡ଼ା ଏନ୍‌ଏସି ୧୧ନଂ. ୱାର୍ଡ କାଉନସିଲର ଅନସୂୟା ପାଣିଙ୍କ ପୁଅ ଫାର୍ମାସିଷ୍ଟ ଛାତ୍ର ଦୀପଙ୍କର ସ୍ୱାଇଁ(୨୧)। ଦୀପଙ୍କର ଶୁକ୍ରବାର ରାତିରେ ଜେଲରୋଡ୍‌ରୁ ବାଇକ୍‌ରେ ଘରକୁ ଫେରୁଥିଲେ। ଏହି ସମୟରେ ମହାବୀର ମନ୍ଦିର ନିକଟରେ ତାଙ୍କୁ ଏକ ଗାଡ଼ି ସାଇଡ୍ ମାରିବାରୁ ସେ ଭାରସାମ୍ୟ ହରାଇ ବିଦ୍ୟୁତ୍ ଖୁଣ୍ଟରେ ପିଟି ହୋଇଯାଇଥିଲେ। ତାଙ୍କୁ ଉଦ୍ଧାର କରାଯାଇ ନିମାପଡ଼ା ମେଡିକାଲରେ ଭର୍ତ୍ତି କରାଯାଇଥିଲା। ପରେ ତାଙ୍କୁ କ୍ୟାପିଟାଲ ହସ୍ପିଟାଲ ସ୍ଥାନାନ୍ତର କରାଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ପୂର୍ବତନ ମନ୍ତ୍ରୀ ସମୀର ଦାଶ, ଏନ୍‌ଏସି ଉପାଧକ୍ଷ ସନ୍ତୋଷ ଦାଶ, ଏମ୍‌ପିଙ୍କ ପ୍ରତିନିଧି କାଉନ୍‌ସିଲର ଅରୁଣ ପ୍ରସାଦ ଦାଶ, ଯୁବନେତା ଜୀବନାନନ୍ଦ ମହାପାତ୍ରଙ୍କ ସମେତ ସ୍ଥାନୀୟ ବହୁ ବିଶିଷ୍ଟବ୍ୟକ୍ତି ପହଞ୍ଚି ଶୋକ ପ୍ରକଟ କରିଥିଲେ।

# କୂଳ ଲଂଘୁଛି ସମୁଦ୍ର

ପୁରୀ,୩୧।୫( ଅଜିତ୍ କୁମାର ମହାନ୍ତି)



ଲାଇଟ୍ ହାଉସଠାରୁ ହୋଟେଲ ରିଭେରା ମଧ୍ୟରେ ସମୁଦ୍ର କୂଳ ଲଂଘିଛି।

ବିଶ୍ୱରେ ତାପମାତ୍ରା ବୃଦ୍ଧି ପରିବେଶ ସନ୍ତୁଳନ ଉପରେ ପ୍ରଭାବ ପକାଉଛି। ଫଳରେ ବିଶ୍ୱର ବିଭିନ୍ନ ସ୍ଥାନରେ ଜଳବାୟୁ ପରିବର୍ତ୍ତ ନ ଘଟି ପ୍ରାକୃତିକ ବିପର୍ଯ୍ୟୟ ଦେଖିବାକୁ ମିଳୁଛି। ବିଶେଷ କରି ତାପମାତ୍ରା ବୃଦ୍ଧି କାରଣରୁ ଗଚ୍ଛିତ ଥିବା ବରଫ ତରଳି ସମୁଦ୍ରରେ ମିଶୁଛି। ସମୁଦ୍ରର ଜଳସ୍ତର ଦିନକୁ ଦିନ ବୃଦ୍ଧି ପାଇବା ସହ ଧନଜୀବନ ନଷ୍ଟ ହେବାରେ ଲାଗିଛି। ଭାରତର ଉପକୂଳବର୍ତ୍ତୀ ରାଜ୍ୟଗୁଡ଼ିକରେ ଦେଖିବାକୁ ମିଳିଛି। କୂଳ ଲଂଘିଲାଣି ସମୁଦ୍ର। ଏହାର ପ୍ରଭାବ ପୁରୀରେ ଜିଲା ତଥା ପୁରୀ ସହରରେ ଅନେକ ସମୟରେ ଦେଖିବାକୁ ମିଳୁଛି। ଧୀରେ ଧୀରେ ସମୁଦ୍ରର ଢେଉ ବେଳାମାର୍ଗର ନିକଟତର ହେଲାଣି। ନିର୍ଦ୍ଦିଷ୍ଟ ଭାବେ ଲାଇଟ୍ ହାଉସଠାରୁ ହୋଟେଲ ରିଭେରା ମଧ୍ୟରେ ବେଳାଭୂମିରେ ବାରମ୍ବାର ସୁମଦ୍ରକୂଳ ଲଂଘୁଥିବା ଦେଖିବାକୁ ମିଳୁଛି। ବିଶେଷକରି ପୂର୍ଣ୍ଣିମା ଓ ଅମାବାସ୍ୟା ସମୟରେ ସମୁଦ୍ରରେ ପ୍ରବଳ ଓ ବଡ଼ ବଡ଼ ଜୁଆର ଉଠିଥିବା କାରଣରୁ ଏହି ସମୟରେ ସମୁଦ୍ର ଅଧିକ ମାତ୍ରରେ କୂଳ ଲଂଘୁଛି। ଶୁକ୍ରବାର ରାତି ସମୟରେ ଏବଂ ଶନିବାର ସକାଳେ ସମୁଦ୍ର ଜୁଆର ଯୋଗୁ କୂଳ ଲଂଘି ପାଚେରି ନିକଟକୁ ପାଣି ମାଡ଼ି ଆସିଥିବା ଦେଖିବାକୁ ମିଳିଛି। ଏପରି ଦୃଶ୍ୟ ପର୍ଯ୍ୟଟକଙ୍କୁ ଭୟଭୀତ କରୁଛି। ସମୁଦ୍ର ଢେଉରେ ବାଲି ଗତିଶୀଳ ହୋଇଥାଏ। ସମୁଦ୍ର କୂଳ ଲଂଘିବା ପଛରେ ମଧ୍ୟ ଉଭୟ ପ୍ରକୃତି ଓ ମନୁଷ୍ୟକୃତ ପ୍ରଭାବ ରହିଛି। ବନ୍ୟା ଓ ବାତ୍ୟା ସମୟରେ ଜୁଆର ଆସେ ଏବଂ କୂଳ ଲଂଘିବାର ଆଶଙ୍କା ରହିଥାଏ। ସମୁଦ୍ରକୂଳ ନିକଟବର୍ତ୍ତୀ ଅଞ୍ଚଳରେ ଉନ୍ନୟନମୂଳକ କାର୍ଯ୍ୟହେବା ଏବଂ ବଡ଼ ବଡ଼ ବିଲ୍ଡିଂ ଗଢ଼ି ଉଠିବା ଦ୍ୱାରା ବାଲିର ଚଳନ ତଥା ଗତିଶୀଳତା ହ୍ରାସ ପାଉଛି। ତେଣୁ ଜୁଆରରେ ବାଲିଆସି କୂଳରେ ପାହାଡ଼ ସଦୃଶ ସୃଷ୍ଟି ହେଉଛି। ପରିବେଶକୁ ବିଚାରକୁ ନେଇ ବିକାଶମୂଳକ କାର୍ଯ୍ୟ କରାଯିବା ଉଚିତ। ଏଥିପାଇଁ ସିଆର୍‌ଜେଡ୍ ନିୟମ ରହିଛି। ଏହାକୁ ଅନୁପାଳନ କରିବା ନେଇ ଗୁରୁତ୍ୱ ଦେବା ଆବଶ୍ୟକ ବୋଲି ସାଧାରଣରେ ମତପ୍ରକାଶ ପାଇଛି। ସେହିପରି ନିକଟରେ ମଙ୍ଗଳା ମୁହାଣ ରହିଛି। ମଙ୍ଗଳା ମୁହାଣର ପାଣି ଅନେକ ସମୟରେ ସମୁଦ୍ରକୁ ନିଷ୍କାସନ ହୋଇପାରୁ ନାହିଁ। ଫଳରେ ମୁହାଣ ଗତିପଥ ଅନେକ ସମୟରେ ପରିବର୍ତ୍ତନ ହେଉଛି। କୂଳ ମଧ୍ୟ ଅନେକ ସମୟରେ ଖାଉଛି। ପ୍ରଶାସନ ଏନେଇ ଦୃଷ୍ଟିଦେବା ସହ ବ୍ୟବସ୍ଥା କରନ୍ତୁ ବୋଲି ସ୍ଥାନୀୟ ବାସିନ୍ଦା ମତ ରଖିଛନ୍ତି। କାର୍ଯ୍ୟରତ ଲାଇଫ ଗାର୍ଡମାନଙ୍କ କହିବା ଅନୁଯାୟୀ ପ୍ରତି ୪ ମାସରେ ଜୁଆର ଆସିଲେ ଏଭଳି ସ୍ଥିତି ସୃଷ୍ଟି ହୁଏ। ଏହାବ୍ୟତୀତ ପୂର୍ଣ୍ଣିମା ଓ ଅମାବାସ୍ୟାରେ ମଧ୍ୟ ଏଭଳି ସ୍ଥିତି ସୃଷ୍ଟି ହେଉଛି। ଏହାଦ୍ୱାରା ସମୁଦ୍ର ସ୍ନାନ ବିପଜ୍ଜନକ ହୋଇଥାଏ ବୋଲି କହିଛନ୍ତି।



ଐତିହ୍ୟସମ୍ପନ୍ନ ମୂଷା ନଈରେ ଭର୍ତ୍ତି ହୋଇଥିବା ବିଲାତି ଦଳ ପଡିଆର ଭ୍ରମ ସୃଷ୍ଟି କରୁଛି।

## ବେଳାମାର୍ଗ ଇକୋ-ରିଟ୍ରିଟ୍‌ରୁ ପାର୍କିଂ ଫି ଆଦାୟ ନିର୍ଦ୍ଦେଶ

କୋଣାର୍କ,୩୧।୫(ଜ୍ୟୋତିରାଜ ମହାନ୍ତି)

ପୁରୀ-କୋଣାର୍କ ବେଳାମାର୍ଗ ରାମଚଣ୍ଡୀ ମୁହାଣ ନିକଟ ଇକୋ-ରିଟ୍ରିଟ୍‌ରୁ ଯାନବାହାନ ପାର୍କିଂ ଫି ଆଦାୟ ପାଇଁ ଟେଣ୍ଡରଧାରୀଙ୍କୁ କୋଣାର୍କ ଏନ୍‌ଏସି ନିର୍ଦ୍ଦେଶ ଦେଇଛି। ଏଠାକୁ ଆସୁଥିବା ଯାନବାହାନ ପାର୍କିଂ କରିଲେ ଫି ଦେବାକୁ ପଡ଼ିବ। ପୂର୍ବରୁ ଚନ୍ଦ୍ରଭାଗା, କୋଣାର୍କରୁ ପାର୍କିଂ ଆଦାୟ ହେଉଥିବାବେଳେ ବେଳାମାର୍ଗ ଇକୋ-ରିଟ୍ରିଟ ପାର୍ଶ୍ୱରେ ଫି ଆଦାୟ କରାଯାଉ ନ ଥିଲା। ପର୍ଯ୍ୟଟନସ୍ଥଳୀ କୋଣାର୍କରେ ଯାନବାହାନ ପାର୍କିଂ ପାଇଁ କୋଣାର୍କ ଏନ୍‌ଏସି ପକ୍ଷରୁ ନିଲାମ ଦିଆଯାଇଛି। ଟେଣ୍ଡରଧାରୀ କୃପାସିନ୍ଧୁ ମୁଦୁଲି ୧ ବର୍ଷ ପାଇଁ ସର୍ବାଧିକ ୯୨ ଲକ୍ଷ ଟଙ୍କାରେ ନିଲାମ ନେଇଛନ୍ତି। ପର୍ଯ୍ୟଟକଙ୍କୁ ନେଇ ଆସୁଥିବା ଯାନବାହାନଗୁଡ଼ିକ ପାର୍କିଂ କରିବାକୁ କୋଣାର୍କ ଏନ୍‌ଏସି ପକ୍ଷରୁ ସ୍ଥାୟୀ ପାର୍କିଂ ସ୍ଥଳ ପାଇଁ ସାଧାରଣରେ ଦାବି ହୋଉଛି।

## ରଥଖଳାରୁ...

### ରଥକଣ୍ଟା ନିର୍ମାଣ କାର୍ଯ୍ୟରେ ନିମଗ୍ନ କମାର ସେବକ



ପୁରୀ,୩୧।୫(ଅଜିତ୍ କୁମାର ମହାନ୍ତି)

ରଥ ନିର୍ମାଣର ୩୧ତମ ଦିବସରେ ରଥକଣ୍ଟା ନିର୍ମାଣରେ ନିମଗ୍ନ କମାର ସେବକ। ତିନିରଥର ୩୩ ଗୋଟି ସାଲଗୁଜ ବା କୋଣଗୁଜରୁ ଗୋଟିଏ ଗୋଟିଏ ଗୁଜକୁ ଛାଡ଼ିଦେଲେ ପ୍ରାୟ ସମସ୍ତ ଗୁଜରେ ସିଂହ ବିରାଳ ରୂପ ଖୋଦେଇ ଶେଷହୋଇ ରୂପର ପଲିସ କାର୍ଯ୍ୟ ଏବଂ ରୂପରେ ଅଳଙ୍କାର ପକା କାର୍ଯ୍ୟ ଶେଷ ହୋଇଛି। ଏଥିସହ ରୂପକାର ସେବକମାନେ ୩ରଥ ୩ରଥର ବେଦି ସିଂହାସନ ମୁହାଁଟରେ ଚିତ୍ର ଅଙ୍କନ ଶେଷ କରି ସେଥିରେ ପୂର୍ଣ୍ଣ କୁମ୍ଭ, କୁମ୍ଭ ଦୁଇପାର୍ଶ୍ୱରେ ମତ୍ସ୍ୟ, ମୟୂର ଏବଂ ଡାଳି ଲତା ଇତ୍ୟାଦି ଖୋଦେଇ କାର୍ଯ୍ୟ ଜାରି ରଖିଛନ୍ତି। କରତୀ ସେବକମାନେ ନନ୍ଦିଘୋଷ ରଥର ୪୦ ଫୁଟିଆ ପୋଲ ଗୟଳର ଉଭୟ ପାର୍ଶ୍ୱକୁ ବାରିସିରେ ହାଣି ସମତଳ କାର୍ଯ୍ୟ ଶେଷକରି ପୋଲ ଗୟଳର ଚିରଟ କାର୍ଯ୍ୟ ଆରମ୍ଭ କରିଛନ୍ତି। ଦୋଳବେଦି ଅସ୍ଥାୟୀ କମାରଶାଳରେ ଓଝା ସେବକମାନେ ୩ରଥର ଦଣ୍ଡା ବିଡ଼ିଆ କଣ୍ଟା, ଗୟଳ କଣ୍ଟା ଏବଂ ଗରଗରା କଣ୍ଟା ନିର୍ମାଣ ସହ କଣ୍ଟାଗୁଡ଼ିକର ମଠା କାର୍ଯ୍ୟ ଜାରି ରଖିଛନ୍ତି। ଦୋଳବେଦିଠାରେ ପାହି ମହାରଣାମାନେ ଅଣସର ତଥା ରଥଯାତ୍ରାରେ ସେବା ନୀତି ପାଇଁ କାଠ ନିର୍ମିତ ସରଞ୍ଜାମ ନିର୍ମାଣ କାର୍ଯ୍ୟ ଜାରି ରଖିଛନ୍ତି।

## ୨ ଦୁର୍ବଳ ସେତୁର ସ୍ଥିତି ପରଖିଲା ୧୦ ଜଣିଆ ଟିମ୍

ଗୋପ,୩୧।୫(ଭାରତୀ ଭୂଷଣ ଉପାଧ୍ୟାୟ)

ଗୋପ ପୂର୍ତ୍ତ ବିଭାଗ ଅଧୀନ ବାଲିଘାଇ-ମାଧବ ରାସ୍ତାର କୁଶଭଦ୍ରା ନଦୀ ବନ୍ଧ ଉପରେ ରହିଥିବା ଗୋପ, ଶୋଳପୁରସେତୁକୁ ଦିଲ୍ଲୀରୁ ଆସିଥିବା ୧୦ ଜଣିଆ ଟିମ୍ ଶନିବାର ପରୀକ୍ଷା ନିରୀକ୍ଷା କରିବା ସହ ସ୍ଥିତି ପରଖିଛନ୍ତି। ପରେ ଏହି ଟିମ୍ କେନ୍ଦ୍ର ସରକାରଙ୍କ ସମେତ ରାଜ୍ୟ ସରକାରକୁ ରିପୋର୍ଟ ପ୍ରଦାନ କରିବା ପରେ ପୂର୍ତ୍ତ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯିବ ବୋଲି ଗୋପ ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀ ରବୀନ୍ଦ୍ର କୁମାର ଦଣ୍ଡପତି ସୂଚନା ଦେଇଛନ୍ତି। ଏହି ରାସ୍ତା ଉପରେ ରହିଥିବା ୨ଟି ସେତୁ ଦୀର୍ଘ ବର୍ଷ ପୂର୍ବେ ନିର୍ମାଣ ହୋଇଥିବାବେଳେ ସେତୁର ଅବସ୍ଥା ଦୟନୀୟ ରହିଥିବା ନେଇ ବିଭିନ୍ନ ସମୟରେ ଅଭିଯୋଗ ହେଉଥିଲା। ଏହି ଅଭିଯୋଗକୁ ନେଇ ବିଭାଗ ପକ୍ଷରୁ ବିଭିନ୍ନ ସମୟରେ ମଧ୍ୟ ମରାମତି କରାଯାଇଥିଲା। ହେଲେ ଦୈନନ୍ଦିନ ଏହି ୨ଟି ସେତୁ ଉପରେ କଟକ, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର ସମେତ ଆଉ କେତେକ ଜିଲାର ଲୋକେ ଯାତାୟାତ କରିନ୍ତି। ଏହାକୁ ନେଇ କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶରେ ଶନିବାର ଏହି ସର୍ଭେ କରାଯାଉଥିବା ଜଣାପଡ଼ିଛି।

## ଅବସର ଦିନ ଏଇଇଙ୍କ ଘରେ ପଶିଲା ଭିଜିଲାନ୍ସ

ଭୁବନେଶ୍ୱର,୩୧।୫(ସତ୍ୟଜିତ ରାଉତ)

- ଭୁବନେଶ୍ୱର,ବ୍ରହ୍ମପୁରର ୪ ସ୍ଥାନରେ ଚଢ଼ାଉ
- ଫ୍ଲାଟ୍‌ରେ ତାଲା, ଫେରିଲା ଭିଜିଲାନ୍ସ ଟିମ୍



ଦିଲୀପ କୁମାର ଚୌଧୁରୀ

ଭିଜିଲାନ୍ସ ସ୍କାନରରେ ଏବେ ସରକାରୀ ବଡ଼ବାବୁ। ଅବସର ଦିନ ବ୍ରହ୍ମପୁର ରାସ୍ତା ଓ ଗୃହ ବିଭାଜନ ସହକାରୀ ନିର୍ବାହୀ ଯନ୍ତ୍ରୀ (ଏଇଇ) ଦିଲୀପ କୁମାର ଚୌଧୁରୀଙ୍କ ଘରେ ପଶିଲା ଭିଜିଲାନ୍ସ ଟିମ୍। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ବ୍ରହ୍ମପୁର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟଙ୍କ ଦ୍ୱାରା ଜାରି ସର୍ଚ୍ଚ ୱାରେଣ୍ଟ ବଳରେ ଭିଜିଲାନ୍ସ ନିର୍ଦ୍ଦେଶାଳୟ ପକ୍ଷରୁ ଶନିବାର ଏଇଇ ଦିଲୀପଙ୍କ ବ୍ରହ୍ମପୁର ଅଫିସ ସମେତ ୪ଟି ସ୍ଥାନରେ ଏକକାଳୀନ ଚଢ଼ାଉ ହୋଇଛି। ଭୁବନେଶ୍ୱର ଓ ବ୍ରହ୍ମପୁରରେ ଚାଲିଥିବା ଏହି ଚଢ଼ାଉରେ ୩ ଡିଏସ୍‌ପି, ୭ ଇନ୍ସପେକ୍ଟର ଓ ଅନ୍ୟ ସହକର୍ମଚାରୀ ନିୟୋଜିତ ହୋଇଛନ୍ତି।

ଭିଜିଲାନ୍ସ ସୂଚନା ଅନୁଯାୟୀ, ଦିଲୀପଙ୍କ ବ୍ରହ୍ମପୁର ମୟୂରୀ ବିହାରରେ ୨୪୦୦ ବର୍ଗଫୁଟର ଏକ ଦୁଇ ମହଲା କୋଠା, ଭୁବନେଶ୍ୱର ଶହୀଦନଗରସ୍ଥିତ ଇଭୋସ୍ ଏକୋଟିକା ଆପାର୍ଟମେଣ୍ଟରେ ଏକ ୩ ବିଏଚ୍‌କେ ଫ୍ଲାଟ୍, ବ୍ରହ୍ମପୁର ଧର୍ମନଗରସ୍ଥିତ ସ୍ପେକ୍‌ଟ୍ରମ୍ ରୟାଲ ଆପାର୍ଟମେଣ୍ଟରେ ଗୋଟିଏ ୨ ବିଏଚ୍‌କେ ଫ୍ଲାଟ୍ ଏବଂ ବ୍ରହ୍ମପୁର ଓ ଏହାର ଆଖପାଖ ଅଞ୍ଚଳରେ ୧୧ଟି ପ୍ଲଟ୍ ଠାବ ହୋଇଛି। ପ୍ଲଟ ଓ ଫ୍ଲାଟଗୁଡ଼ିକର ପ୍ରକୃତ ମୂଲ୍ୟ ଜାଣିବାକୁ ଭିଜିଲାନ୍ସର ଟେକ୍ନିକାଲ ଟିମ୍ ହିସାବ କରୁଛି। ସେହିପରି ଦିଲୀପ ବ୍ୟାଙ୍କ ଓ ଜୀବନବୀମା ଜମା ୨୮ ଲକ୍ଷ ୫୩ ହଜାର ୨୧୨ ଟଙ୍କା ରଖିଥିବା ବେଳେ ତାଙ୍କ ଘରୁ ୧୦.୧୧ ଲକ୍ଷ ଟଙ୍କାର ଦୁଇଟି ଦୁଇ ଚକିଆ ଯାନ ଓ ଘରୋଇ ସାମଗ୍ରୀ ଠାବ ହୋଇଥିବା ଭିଜିଲାନ୍ସ ସୂଚନା ଦେଇଛି। ତେବେ ଶହୀଦନଗରସ୍ଥିତ ୩ ବିଏଚ୍‌କେ ଫ୍ଲାଟ୍ (ନଂ.୩୦୧) ସେଟ୍ସର ତାଲା ପଡ଼ିଥିବାରୁ ଭିଜିଲାନ୍ସ ଅଧିକାରୀମାନେ ଏହାକୁ ଖୋଲି ପାରି ନ ଥିଲେ। ଫଳରେ ଭୋରରୁ ଅପରାହ୍ନ ଯାଏ ଆପାର୍ଟମେଣ୍ଟର ବେସ୍‌ମେଣ୍ଟରେ ଅପେକ୍ଷା କରି ଫେରି ଆସିଥିଲେ। ତେବେ ଏହି ଫ୍ଲାଟ୍‌ରେ ଦିଲୀପଙ୍କ ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ୍, ଟଙ୍କା ଓ ଅଳଙ୍କାର ଆଦି ରହିଥିବା ଭିଜିଲାନ୍ସ ସନ୍ଦେହ କରୁଛି। ବ୍ରହ୍ମପୁରରେ ଥିବା ଦିଲୀପଙ୍କଠାରୁ ଚାବି ଅଣାଯାଇ ଭିଜିଲାନ୍ସ ଟିମ୍ ଆଗକୁ ତାଲା ଖୋଲି ଯାଞ୍ଚ କରିବ ବୋଲି ସୂଚନା ମିଳିଛି।

## ପ୍ରଭୁ ଶ୍ରୀ ବାଲୁଙ୍କେଶ୍ୱର ଦେବଙ୍କ ବିବାହ ଉତ୍ସବ ସମ୍ପନ୍ନ

ପିପିଲି,୩୧।୫(ପ୍ରଭାତ ମହାପାତ୍ର/ଦୁର୍ଗାମାଧବ ମିଶ୍ର)



ଶ୍ରୀ ବାଲୁଙ୍କେଶ୍ୱର ବରଯାତ୍ରୀ ଦଳଙ୍କ ସହ ବିବାହ ନିମନ୍ତେ ଯାଉଛନ୍ତି।

ପିପିଲି କୋର୍ଟ ଛକସ୍ଥିତ ପ୍ରଭୁ ଶ୍ରୀ ଶ୍ରୀବାଲୁଙ୍କେଶ୍ୱର ଦେବଙ୍କ ବିବାହ ଉତ୍ସବ ଧୁମ୍‌ଧାମ୍‌ରେ ସମ୍ପନ୍ନ ହୋଇଛି। ଶନିବାର ପୂର୍ବାହ୍ନ ୧୦ଟାରେ ଶତାଧିକ ମହିଳା ଶ୍ରଦ୍ଧାଳୁଙ୍କ ଦ୍ୱାରା କଳସ ଶୋଭାଯାତ୍ରା ସହ ମା' ଠାକୁରାଣୀଙ୍କ ପୀଠରେ ଦିଅଁ ମଙ୍ଗୁଳା କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ପରେ ହୁଙ୍କେଶ୍ୱରଦେବ ଯୁବ ପରିଷଦର କର୍ମକର୍ତ୍ତା ଓ ଖଣ୍ଡିଆଗିରି ଗ୍ରାମବାସୀ ବାଲୁଙ୍କେଶ୍ୱର ଦେବଙ୍କୁ ବର ନିମନ୍ତ୍ରଣ କରିଥିଲେ। ସନ୍ଧ୍ୟା ୬ଟାରେ ପ୍ରଭୁ ଶ୍ରୀବାଲୁଙ୍କେଶ୍ୱର ଦେବଙ୍କ ଚଳନ୍ତି ପ୍ରତିମାଙ୍କୁ ଏକ ସୁସଜ୍ଜିତ ବିମାନରେ ବରଯାତ୍ରୀ ଦଳ ସହ ଖଣ୍ଡିଆଗିରିସ୍ଥିତ ପ୍ରଭୁ ଶ୍ରୀହୁଙ୍କେଶ୍ୱରଦେବଙ୍କ ମନ୍ଦିରକୁ ନିଆଯାଇଥିଲା। ସେଠାରେ ପ୍ରଭୁ ଶ୍ରୀବାଲୁଙ୍କେଶ୍ୱର ଦେବ ଓ ପ୍ରଭୁ ଶ୍ରୀ ହୁଙ୍କେଶ୍ୱରଦେବଙ୍କ ମଧ୍ୟରେ ପାରମ୍ପରିକ ଭେଟଭାଟ କାର୍ଯ୍ୟକ୍ରମ ବିଧି ମୁତାବକ ହୋଇଥିଲା। ପରେ ପ୍ରଭୁ ଶ୍ରୀବାଲୁଙ୍କେଶ୍ୱର ଦେବଙ୍କ ସହ ଦେବୀ ପାର୍ବତୀଙ୍କ ବିବାହ ହୋଇଥିଲା। ସାମାଜିକ କର୍ମୀ ଗୌରହରି ସାହୁ ଓ ତାଙ୍କ ପତ୍ନୀ ରାଧାମଣୀ ସାହୁ ବରପକ୍ଷ ହୋଇଥିବାବେଳେ ସାମାଜିକ କର୍ମୀ ରଘୁନାଥ କାସ୍ତ ଓ ତାଙ୍କ ପତ୍ନୀ ପ୍ରତିମା କାସ୍ତ କନ୍ୟାପକ୍ଷର ପିତାମାତା ଭାବେ ଦାୟିତ୍ୱ ତୁଲାଇଥିଲେ। ସମସ୍ତ କାର୍ଯ୍ୟକୁ ବାବା ବାଲୁଙ୍କେଶ୍ୱର ଦେବ ମନ୍ଦିର କମିଟି ମୁଖ୍ୟ ଉପଦେଷ୍ଟା ପ୍ରଫୁଲ୍ଲ ଚନ୍ଦ୍ର ପଣ୍ଡା, ସଭାପତି ପ୍ରଭାକର ପଣ୍ଡା, ଉପସଭାପତି ଆଇନଜୀବୀ ସୁଧିର ମହାନ୍ତି, ସମ୍ପାଦକ ସମୀର ଦାଶ, ଆଇନଜୀବୀ ବିଭୁପ୍ରସାଦ ବୈରୀଗଞ୍ଜନ ପ୍ରମୁଖ ପରିଚାଳନା କରିଥିଲେ।

## ଜେଲ ଗଲେ ମୁଖ୍ୟଯନ୍ତ୍ରୀ ବୈକୁଣ୍ଠନାଥ

ଭୁବନେଶ୍ୱର,୩୧।୫(ସତ୍ୟଜିତ ରାଉତ)

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଗ୍ରାମ୍ୟ ଉନ୍ନୟନ ବିଭାଗର ମୁଖ୍ୟଯନ୍ତ୍ରୀ (ପ୍ଲାନ୍ ରୋଡ୍‌ସ) ବୈକୁଣ୍ଠନାଥ ଷଡ଼ଙ୍ଗୀଙ୍କୁ ଭିଜିଲାନ୍ସ ଶନିବାର ଗିରଫ କରିଛି।

**ପ୍ରକୃତ ଆୟଠୁ ୪୮୩% ଅଧିକ ସମ୍ପତ୍ତି**

ବୈକୁଣ୍ଠଙ୍କଠାରୁ ଠାବ ହୋଇଥିବା ସମ୍ପତ୍ତି ତାଙ୍କ ପ୍ରକୃତ ଆୟଠାରୁ ୪୮୩ ପ୍ରତିଶତ ଅଧିକ ବୋଲି ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି। ଏ ନେଇ କଟକ ଭିଜିଲାନ୍ସ ଥାନାରେ ମାମଲା (ନଂ.୧୪/୨୦୨୫) ରୁଜୁ ହୋଇଛି। ତେବେ ଏହି ସମ୍ପତ୍ତି ଠୁଳ କରିବାରେ ବୈକୁଣ୍ଠଙ୍କ ସ୍ତ୍ରୀ ସହଯୋଗ କରିଥିବା ଜଣାପଡିବା ପରେ ଭିଜିଲାନ୍ସ ତାଙ୍କୁ ମଧ୍ୟ ଅଭିଯୁକ୍ତ ଦର୍ଶାଇଛି। ଅଭିଯୁକ୍ତ ବୈକୁଣ୍ଠଙ୍କୁ ଅନୁଗୋଳ ସ୍ୱତନ୍ତ୍ର ଭିଜିଲାନ୍ସ ଜଜଙ୍କ କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନ ମିଳିବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନାଯୋଗ୍ୟ, ଭିଜିଲାନ୍ସ ଟିମ୍ ଶୁକ୍ରବାର ବୈକୁଣ୍ଠଙ୍କ ଅନୁଗୋଳ, ଭୁବନେଶ୍ୱର ଓ ପିପିଲି(ପୁରୀ)ର ୭ଟି ସ୍ଥାନରେ ଏକକାଳୀନ ଚଢ଼ାଉ କରିଥିଲା। ବୈକୁଣ୍ଠଙ୍କ ଅନୁଗୋଳ କରଡ଼ାଗଡ଼ିଆରେ ଦୁଇ ମହଲା କୋଠା, ମାଟିଆ ସାହିରେ ଆଉ ଏକ ଦୁଇ ମହଲା କୋଠା, ଭୁବନେଶ୍ୱର ଡୁମୁଡୁମାରେ ଏକ ଫ୍ଲାଟ୍ ଏବଂ ପିପିଲିରେ ଆଉ ଏକ ଫ୍ଲାଟ ସମେତ ଭୁବନେଶ୍ୱର ଓ ଅନୁଗୋଳ ଉପକଣ୍ଠରେ ୭ଟି ପ୍ଲଟ୍ ଠାବ ହୋଇଥିଲା। ଘରୁ ମୋଟ ୨.୫୬ କୋଟି ନଗଦ ଟଙ୍କା, ୧୧୪୧.୫ ଗ୍ରାମ ସୁନା ଅଳଙ୍କାର ଓ ୧୫ଟି ଦାମୀ ହାତଘଡି ମିଳିଥିଲା। ସେହିପରି ବୈକୁଣ୍ଠ ଶେୟାରମାର୍କେଟ୍, ମ୍ୟୁଚୁଆଲ ଫଣ୍ଡ୍ ଓ ଜୀବନବୀମାରେ ୨.୭୦ କୋଟି ଏବଂ ୧.୫ କୋଟିର ବ୍ୟାଙ୍କ ଜମା ରଖିଥିବା ଜଣାପଡିଥିଲା। ଏଥିସହ ୪୭.୫୭ ଲକ୍ଷ ଟଙ୍କାର ଘରୋଇ ସାମଗ୍ରୀ, ଗୋଟିଏ ଲେଖାଏ କାର୍ ଓ ଦୁଇଚକିଆ ଯାନ ଠାବ ହୋଇଥିବା ସୂଚନା ଦିଆଯାଇଛି। ତେବେ ସବୁଠୁ ଚର୍ଚ୍ଚିତ ଘଟଣା ହେଲା, ଭିଜିଲାନ୍ସ ଚଢ଼ାଉ କରୁଥିବାବେଳେ ମୁଖ୍ୟଯନ୍ତ୍ରୀ ବୈକୁଣ୍ଠ ଘରେ ରଖିଥିବା ଟଙ୍କାରୁ କୋଟିଏରୁ ଉର୍ଦ୍ଧ୍ୱ ତଳକୁ ଫିଙ୍ଗି ଦେଇଥିଲେ।

## କୋଣାର୍କ ମନ୍ଦିରରେ ବହୁ ଐତିହ୍ୟ ଲୁଚିରହିଛି

**ଜାତୀୟ ଯୁବ ସଂସଦ କାର୍ଯ୍ୟକ୍ରମ ଉଦ୍‌ଯାପିତ**

କୋଣାର୍କ,୩୧।୫
(ଜ୍ୟୋତିରାଜ ମହାନ୍ତି)




କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ସହ ଅଂଶଗ୍ରହଣ କରିଥିବା ଯୁବ ପ୍ରତିଭାମାନେ।

କୋଣାର୍କ ଯାତ୍ରୀନିବାସଠାରେ ସାମାଜିକ ଆନୁଷ୍ଠାନ ପ୍ରୋଜେକ୍ଟ ପଏଣ୍ଟ ପକ୍ଷରୁ ୪ ଦିନିଆ ଜାତୀୟ ଯୁବ ସଂସଦ କାର୍ଯ୍ୟକ୍ରମ ଶୁକ୍ରବାର ଉଦ୍‌ଯାପିତ ହୋଇଛି। ଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କାକଟପୁର ବିଧାୟକ ତୁଷାରକାନ୍ତି ବେହେରା, ନେହେରୁ ଯୁବକେନ୍ଦ୍ର ପୂର୍ବତନ ନିର୍ଦ୍ଦେଶକ ସତ୍ୟପ୍ରକାଶ ପଟ୍ଟନାୟକ, ଜାତୀୟ ଯୁବ ସଂସଦ କାର୍ଯ୍ୟକ୍ରମ ଉପାଧକ୍ଷ ଶୁଭ୍ରୋ ରାଓ, ସାମାଜିକ କର୍ମୀ ରାମକୃଷ୍ଣ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ପ୍ରୋଜେକ୍ଟ ପଏଣ୍ଟର ଅଧକ୍ଷ ଡ. ସଂଗ୍ରାମ କେଶରୀ ସାମନ୍ତରାୟ କାର୍ଯ୍ୟକ୍ରମର ରୂପରେଖ ସମ୍ପର୍କରେ ଅମତବ୍ୟକ୍ତ କରିଥିଲେ। ଉପମୁଖ୍ୟମନ୍ତ୍ରୀ ପରିଡ଼ା କହିଥିଲେ, କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରୁ ଶତାଧିକ ଯୁବ ପ୍ରତିଭା ଏହାକୁ କୋଣାର୍କ ମନ୍ଦିରରେ ବହୁ ଐତିହ୍ୟ ଲୁଚିରହିଛି, ଯାହାକୁ ବୁଲି ଦେଖିବାକୁ ପରାମର୍ଶ ଦେଇଥିଲେ। ଯୁବ ସଂସଦ, ଜଳବାୟୁ ପରିବର୍ତ୍ତନ, ନିଯୁକ୍ତି, ଡିଜିଟାଲ ଉଦ୍ଭାବନ, ନେତୃତ୍ୱରେ ମହିଳା, ଆଦିବାସୀ ସଂସ୍କୃତି ଏବଂ ପର୍ଯ୍ୟଟନ ବିକାଶ ଭଳି ଗୁରୁତ୍ୱପୂର୍ଣ୍ଣ ଜାତୀୟ ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା। ନିରଞ୍ଜନ ସ୍ୱାଇଁ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମକୁ ନିରଞ୍ଜନ ତ୍ରିପାଠୀ, ବିକ୍ରମ ସାମନ୍ତରାୟ, ଭାଗୀରଥି ପାଇକରାୟ, ସୁଭଦ୍ରା ସାହୁ, ଲିପ୍ସା ଜେନା, ରାଜଶ୍ରୀ ନାଥ, ସ୍ୱପ୍ନା ସାହୁ, ଅଭିଜିତ୍ ସ୍ୱାଇଁ, ଆଭାସ ମୁଦୁଲି ପ୍ରମୁଖ ପରିଚାଳନା କରିଥିଲେ।

## ନିୟୋଜିତ ହେବେ ୭୫ ପ୍ଲାଟୁନ୍ ପୋଲିସ ଫୋର୍ସ

ସମ୍ବଲପୁର ସହରରେ ଆଇନଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣକୁ ପ୍ରାଥମିକତା ଦିଆଯାଇଛି। ବିଭିନ୍ନ ସ୍ଥାନରେ ୧୭୦ପ୍ଲାଟୁନ ପୋଲିସ ଫୋର୍ସଙ୍କୁ ନିୟୋଜିତ କରାଯିବ। ସେମାନଙ୍କ ଶୃଙ୍ଖଳିତ ପରିଚାଳନା ପାଇଁ ୭ଜଣ ଏଏସ୍‌ପି ପାହ୍ୟା ଅଧିକାରୀ ରହିବେ ବୋଲି କହିଛନ୍ତି ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଶଶାଙ୍କ ଶେଖର ବେହୁରା।




# ଜାଗେଶ୍ୱର ପୀଠରେ ମହିଳାଙ୍କ ହଳଦୀ ପରମ୍ପରା

ସମ୍ବଲପୁର ମୁଦିପଡ଼ା ଶ୍ରୀଶ୍ରୀ ଜାଗେଶ୍ୱର ପୀଠରେ ମହିଳାଙ୍କ ହଳଦୀ ଓ ତୈଳାଭିଷେକ ନୀତି ଶୀତଳଷଷ୍ଠୀ ଯାତ୍ରାର ଅନନ୍ୟ ପରମ୍ପରା ଓ ମୁଖ୍ୟ ଆକର୍ଷଣ। ଏହିକ୍ରମରେ ଶନିବାର ମଧ୍ୟାହ୍ନରେ ଅଞ୍ଚଳର ମହିଳାମାନେ ସମବେତ ହୋଇଥିଲେ। ପଣ୍ଡିତଙ୍କ ସ୍ୱତନ୍ତ୍ର ପୂଜାର୍ଚ୍ଚନା ପରେ ସେମାନେ ହଳଦୀ, ପାଣି, ତୈଳ ନେଇ ଶୋଭାଯାତ୍ରାରେ ନଗର ପରିକ୍ରମା କରିଥିଲେ। ଏହାପରେ ନିକଟସ୍ଥ ପୋଖରୀରେ ପାଣି ପାଲଟା ନୀତି ସମ୍ପନ୍ନ ହୋଇଥିଲା। ଦୁଲ୍‌ଦୁଲି ବାଜାର ତାଳରେ ସାତଟି କଳସରେ ପାଣି ଧରି ମହିଳାମାନେ ମନ୍ଦିର ପ୍ରବେଶ କରିଥିଲେ। ପୂଜକ ଗୋବିନ୍ଦ ପଣ୍ଡା ମହାଦେବଙ୍କୁ ଗଣଷଣ କରିଥିଲେ । ଜାଗେଶ୍ୱର ବାବାଙ୍କ ଜୟ ଓ ହୁଳହୁଳିରେ ମନ୍ଦିର ଅଞ୍ଚଳ ପ୍ରକମ୍ପିତ ହୋଇ ଉଠିଥିଲା। ପୂଜକଙ୍କ ପରେ ମହିଳାମାନେ ମଧ ଜାଗେଶ୍ୱର ବାବାଙ୍କୁ ଗଣଷଣ କରିଥିଲେ। ଦେବ ଗଣଷଣ ପରେ ମହିଳାମାନଙ୍କର ହଳଦୀମଖା କାର୍ଯ୍ୟକ୍ରମ ହୋଇଥିଲା। ସେମାନେ ପରସ୍ପରକୁ ହଳଦୀ ଲଗାଇ ଉତ୍ସବ ପାଳନ କରିଥିଲେ। କାର୍ଯ୍ୟକ୍ରମରେ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ସାମିଲ ହୋଇ ଜାଗେଶ୍ୱର ବାବାଙ୍କ ଆଶୀର୍ବାଦ ନେଇଥିଲେ। ବିଧାୟକ ମିଶ୍ର ଓ ଯାତ୍ରା କମିଟି କର୍ମକର୍ତ୍ତାମାନଙ୍କୁ ମଧ୍ୟ ମହିଳାମାନେ ହଳଦୀ ଲେପନ କରିଥିଲେ। ଏହାପରେ ଦୁଲଦୁଲି ବାଜାର ତାଳରେ ବିଧାୟକଙ୍କ ସମେତ ଉପସ୍ଥିତ ସମସ୍ତେ ନୃତ୍ୟ କରିଥିଲେ। ହଳଦୀ ଆମ ସଂସ୍କୃତିର ଅନନ୍ୟ ପରମ୍ପରା। ବିବାହ ପୂର୍ବରୁ ହଳଦୀ ଲଗାଇବା ଦ୍ୱାରା ମୁହଁର ଆକର୍ଷଣ ବଢ଼ିଥାଏ। ତେଣୁ ଜାଗେଶ୍ୱର ବାବା ବରବେଶରେ ସଜ୍ଜିତ ହେବା ପୂର୍ବରୁ ମୁହଁରେ ହଳଦୀ ଲଗାଇବା ଦ୍ୱାରା ଆହୁରି ଆକର୍ଷିତ ହୋଇଥାନ୍ତି।

**ଶୀତଳଷଷ୍ଠୀ ଯାତ୍ରାର ମୁଖ୍ୟ ଆକର୍ଷଣ**


ଶନିବାର ସମ୍ବଲପୁର ମୁଦିପଡା ଜାଗେଶ୍ୱର ବାବାଙ୍କ ହଳଦୀ କାର୍ଯ୍ୟକ୍ରମରେ ସାମିଲ ବାଳିକାମାନେ।

–ରିପୋର୍ଟ: ବି.ଶଙ୍କର, ସମ୍ବଲପୁର




# ଲୋକ କଳାକାରଙ୍କ ମହାସଙ୍ଗମର ତୀର୍ଥଭୂଇଁ

ଐତିହାସିକ ସମ୍ବଲପୁର ମାଟିର ସଂସ୍କୃତି ଅପୂର୍ବ। ଏଭଳି ବିଭିନ୍ନ ଆକର୍ଷଣ ଓ ବୈଚିତ୍ର୍ୟ ବହନ କରି ସମ୍ବଲପୁର ପ୍ରସିଦ୍ଧ ଶୀତଳଷଷ୍ଠୀ ଯାତ୍ରା ଜନମାନସକୁ ଭକ୍ତି ଏବଂ ଆତ୍ମୀୟତାର ରଜ୍ଜୁରେ ବାନ୍ଧି ରଖିଆସିଛି। ଏଠାରେ ଦିଅଁ ଦିଅଁ ନୁହନ୍ତି, କିମ୍ବା ଭକ୍ତ ଭକ୍ତ ନୁହେଁ। ଦିଅଁ ଓ ଭକ୍ତ ଏକ ଓ ଅଭିନ୍ନ ଅଟନ୍ତି। ସ୍ନେହ ମମତାର ଭାବରେ ବାନ୍ଧି ହୋଇଥାଏ ସମ୍ପର୍କର ଡୋରି। ଅଲିଅଳି ଝିଅ ହୋଇ ଭକ୍ତଙ୍କ ଘରକୁ ଚାଲିଆସନ୍ତି ଜଗଜ୍ଜନନୀ ମାତା ପାର୍ବତୀ। ପୁଣି ମାତାପିତାଙ୍କ ଆଖିରୁ ଆନନ୍ଦାଶ୍ରୁ ଝରାଇ ମେଲାଣି ନିଅନ୍ତି। ସାଂସାରିକ ନିୟମରେ ବନ୍ଧା ମାତାପିତା ଉପହାର ସହ ଭାବର ଅର୍ଘ୍ୟ ବାଢ଼ି ଦେଇ ଦେବଦେବ ମହାଦେବଙ୍କ ହାତରେ କନ୍ୟା ପାର୍ବତୀଙ୍କୁ ଦାନ କରନ୍ତି। କାହିଁ ଯେ କେତେ ଆକୁଳତା, ବ୍ୟାକୁଳତା ଓ ଅଶ୍ରୁଳ ଅନୁଭବ ଅଜାଡି ପଡେ, ସେହି କନ୍ୟା ବିଦାୟବେଳାରେ। ତେଣୁ ଭାରତୀୟ ସଂସ୍କୃତିରେ ଭକ୍ତ ଓ ଭଗବାନଙ୍କ ମଧ୍ୟରେ ଏଭଳି ସମ୍ପର୍କ କେବଳ ନିଆରା ନୁହେଁ, ବରଂ ଅନନ୍ୟ, ଯେଉଁଥିପାଇଁ ସମ୍ବଲପୁର ଶୀତଳଷଷ୍ଠୀ ଯାତ୍ରା ବର୍ତ୍ତମାନ ସାରା ବିଶ୍ୱରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି। ନିଜସ୍ୱ କଳା ଓ ସଂସ୍କୃତିର ପରିଚୟ ପ୍ରଦାନ ସାଙ୍ଗକୁ ଏହି ଯାତ୍ରା ତଥା ପର୍ବ ଦେଶ ବିଦେଶର କଳା ଓ କଳାକାରଙ୍କୁ ଆପଣାର କରିଛି। ଏଥିସହ ମାଟିକୁ ଲୋକକଳାକାରଙ୍କ ମହାସଙ୍ଗମର ତୀର୍ଥଭୂଇଁରେ ପରିଣତ କରିଛି ଲୋକାଚାରର ପର୍ବ ଶୀତଳଷଷ୍ଠୀ।

ବୈଶାଖ ଅକ୍ଷୟ ତୃତୀୟାରୁ ସମ୍ବଲପୁର ଶୀତଳଷଷ୍ଠୀ ଯାତ୍ରା ଅନୁକୂଳ ହୋଇଥାଏ। ମହାଦେବଙ୍କ ପୂଜାର୍ଚ୍ଚନା ସହ ଅକ୍ଷୀଥାଳ (ଥାଳଉଠା) ଉଠେ। ପଡ଼ାର ମୁରବିମାନେ ଥାଳ ବୁଲାଇ ଶିବ ବିବାହ ପାଇଁ ପ୍ରତୀକଭାବେ ଅର୍ଥ ସଂଗ୍ରହ କରିଥାନ୍ତି। କନ୍ୟା ମାତାପିତା ଚୟନ ହୁଏ। କନ୍ୟା ବୋଝ ନୁହେଁ ରତ୍ନ। ମା'ବାପା ପୁଅ ପାଇଁ ଉତ୍ତମ କନ୍ୟା ଖୋଜନ୍ତି। ଠିକ୍ ସେମିତି ମହାଦେବଙ୍କ ପାଇଁ କନ୍ୟା ଖୋଜା ହୋଇଥାଏ। ଶୀତଳଷଷ୍ଠୀ ଯାତ୍ରାର ବରପିତା, ପଡ଼ା ମୁରବିମାନେ ଶଙ୍ଖ, ଘଣ୍ଟ, ଦୁଲଦୁଲି ବାଜା ଓ କିନ୍ନରମାନଙ୍କ ନୃତ୍ୟ ତଳେ ମନୋନୀତ କନ୍ୟା ମାତାପିତାଙ୍କ ବାସଭବନକୁ ଯାଇଥାନ୍ତି। ପାର୍ବତୀଙ୍କ ମା'ବାପାଙ୍କୁ ସର୍ଗିପତ୍ର ପେଣ୍ଡାଏ ଦେଇ ବିବାହ ସକାଶେ ସଂକଳ୍ପ କରାଯାଏ।

ନିଉତା ଓ ଗୁଆଗୁଁଡ଼ା ଜ୍ୟେଷ୍ଠ ଶୁକ୍ଳ ଦ୍ୱିତୀୟା ତିଥିରେ ନନ୍ଦପଡ଼ା ନୃସିଂହ ମହାପ୍ରଭୁ ଓ ଜ୍ୟେଷ୍ଠ ଚତୁର୍ଥୀ ତିଥିରେ ଝାଡୁଆପଡ଼ା, ମୁଦିପଡ଼ା, ବଡ଼ବଜାର, ଠାକୁରପଡ଼ା, ବୁଢ଼ାରଜା ଶିବ ମନ୍ଦିରରୁ ବାର ହନୁମାନ ଶଙ୍ଖ, ଘଣ୍ଟ ଓ ଦୁଲଦୁଲି ବାଜା ସହ ଅଞ୍ଚଳ ପରିକ୍ରମା କରନ୍ତି। ଜ୍ୟେଷ୍ଠ ଶୁକ୍ଳପକ୍ଷ ପଞ୍ଚମୀଗତେ ଷଷ୍ଠୀତିଥିରେ ଶିବ ପାର୍ବତୀଙ୍କ ବିବାହ ହୋଇଥାଏ। ଉକ୍ତ ଦିନ ସକାଳେ ପୂର୍ବବର୍ଷର କନ୍ୟା ମାତାପିତା ମନ୍ଦିରକୁ ଆସି ଝିଅଜ୍ୱାଇଁ ମାତା ପାର୍ବତୀ ଓ ଶିବଙ୍କୁ ନିଜ ବାସଭବନକୁ ନେଇଥାନ୍ତି। ଝିଅଜ୍ୱାଇଁଙ୍କୁ ପାଟବସ୍ତ୍ର, ସ୍ୱର୍ଣ୍ଣ ରୌପ୍ୟ ଅଳଙ୍କାର ଉପହାର ଦେଇ ପୂର୍ବ ବର୍ଷର ଗଣ୍ଠାଳ ଫିଟାଇ ଦିଅନ୍ତି। ଏହାପରେ ନୂତନ ଚୟନ କନ୍ୟା ମାତା ଆତ୍ମୀୟ ପରିଜନ ଓ ବନ୍ଧୁବାନ୍ଧବଙ୍କ ସହ ମନ୍ଦିରରୁ ମାତା ପାର୍ବତୀଙ୍କୁ କନ୍ୟା ରୂପରେ ନିଜ ଘରକୁ ନେଇଥାନ୍ତି। କନ୍ୟା ମାତାଙ୍କ ଭାଇ ମଉଳାଭାର ଆଣିଥାନ୍ତି। ଅଳଙ୍କାର ଧାରଣ, ଲୁଗାପଟା, ମିଷ୍ଟାନ୍ନ ଇତ୍ୟାଦି ପନ୍ଧାଣି ଭାର ନେଇ ବରପକ୍ଷ କନ୍ୟା ମାତାପିତାଙ୍କ ବାସଭବନକୁ ଯାଆନ୍ତି। ପଣ୍ଡିତଙ୍କ ପୂଜାର୍ଚ୍ଚନା ପରେ ପିନ୍ଧାଣି ସମ୍ପନ୍ନ ହୋଇଥାଏ। ଏହାପରେ କନ୍ୟାପକ୍ଷ ବରାତିରେ ଆସିବାକୁ ମନ୍ଦିରକୁ ଯାଇ ନିମନ୍ତ୍ରଣ ଦିଅନ୍ତି। ଜ୍ୟେଷ୍ଠଶୁକ୍ଳପକ୍ଷ ପଞ୍ଚମୀ ତିଥି ବିବାହ ସକାଳେ ମନ୍ଦିରରେ ରୁଦ୍ରାଭିଷେକ ହୋଇଥାଏ। ସନ୍ଧ୍ୟାରେ କନ୍ୟାପକ୍ଷ ବରାତି ଆସିବାକୁ ନିମନ୍ତ୍ରଣ କରିଥାନ୍ତି। ଏହାପରେ ଶିବଙ୍କୁ ରୁପା ଓ ସୁନା ଅଳଙ୍କାର ପିନ୍ଧାଇ ବରବେଶରେ ସଜ୍ଜିତ କରାଇ ମଧ୍ୟରାତ୍ରିରେ ବରାତିରେ ବାହାରିଥାନ୍ତି। ବ୍ରାହ୍ମ ମୁହୂର୍ତ୍ତରେ ସମ୍ପୂର୍ଣ୍ଣ ଲୌକିକ ରୀତିନୀତିରେ ଶିବ ଓ ପାର୍ବତୀଙ୍କ ବିବାହ ହୋଇଥାଏ।









# ଭାରତୀୟ ସଂସ୍କୃତିରେ ଅନନ୍ୟ ପରମ୍ପରା

ଶୀତଳଷଷ୍ଠୀ ଭାରତୀୟ ସଂସ୍କୃତିରେ ଏକ ଅନନ୍ୟ ପରମ୍ପରା ବହନ କରି ଆସିଛି। ବୈଶାଖ ମାସ ଅକ୍ଷୟତୃତୀୟା ଗୋଧୂଳି ଲଗ୍ନରେ ଯାତ୍ରା ସକାଶେ ଶୁଭ ଅନୁକୂଳ ହୁଏ। ଗ୍ରୀଷ୍ମଋତୁରେ ଜଗଜ୍ଜନନୀ ମାତା ପାର୍ବତୀ ଓ ଦେବଦେବ ମହାଦେବଙ୍କ ଲୌକିକ ବିବାହ ସମ୍ପୂର୍ଣ୍ଣ ଲୋକାଚାର ଅନୁଯାୟୀ ହୋଇଥାଏ। ଜ୍ୟେଷ୍ଠ ମାସର ପ୍ରଚଣ୍ଡ ରୌଦ୍ରତାପରେ ଜୀବଜଗତ ଅସ୍ତବ୍ୟସ୍ତ ହୋଇ ପଡ଼ିଥାନ୍ତି। ଗଛଲତା ସବୁଜିମା ହରାଇ ମ୍ଳାନ ଏବଂ ଧୂସର ହୋଇ ପଡ଼ିଥାନ୍ତି। ଯେତେବେଳେ ପୁଷ୍କରିଣୀ, ନାଳ, ନଦୀ ଶୁଷ୍କ ହୋଇ ଉଠେ, ସମଗ୍ର ଜୀବଜଗତ ଚାତକ ପକ୍ଷୀ ପରି ବର୍ଷାକୁ ଚାହିଁ ରହିଥାନ୍ତି। ସେହି ପୃଷ୍ଠଭୂମିରେ ପାଳିତ ହୁଏ ଶୀତଳଷଷ୍ଠୀ ଯାତ୍ରା। ଏହି ପର୍ବରେ ଆକାଶ ରୂପୀ ମହାଦେବ ଓ ଧରାରୂପୀ ମାତା ପାର୍ବତୀଙ୍କ ମିଳନ ବର୍ଷାର ଆଗମନକୁ ସଙ୍କେତ ଦେଇଥାଏ, ଯାହାକି ଜନଜୀବନରେ ଶୀତଳତା ଭରିଦେବା ସହ ଧରାପୃଷ୍ଠକୁ ଶୀତଳ କରିଥାଏ।


ଶନିବାର ନନ୍ଦପଡାର ପାର୍ବତୀଙ୍କୁ କନ୍ୟା ମାତାପିତା ନିଜ ବାସଭବନକୁ ନେଉଛନ୍ତି।

ଐତିହାସିକ ତଥ୍ୟ ଅନୁସାରେ ଉତ୍କଳୀୟ ବ୍ରାହ୍ମଣମାନେ ସମ୍ବଲପୁର ବାଲିବନ୍ଧା ସାମିଆଗୁଡି(ସୋମନାଥ ମନ୍ଦିର)ରେ ପ୍ରଥମେ ଶିବପାର୍ବତୀ ବିବାହ ଶୁଭାରମ୍ଭ କରିଥିଲେ। ପରବର୍ତ୍ତୀ ସମୟରେ ସମ୍ବଲପୁର ସହରରେ ଦେବ ବିବାହ ପରମ୍ପରାକୁ ସମସ୍ତ ବର୍ଗ ଗ୍ରହଣ କରିନେଇଥିଲେ। ମହାଦେବଙ୍କୁ କନ୍ୟାଦାନ କରିବାର ସୌଭାଗ୍ୟ ମାନବୀୟ ଦମ୍ପତିଙ୍କୁ ଏହି ଯାତ୍ରା ପ୍ରଦାନ କରିଛି। ସାଧାରଣ ପରିବାର ଦେବୀ ପାର୍ବତୀଙ୍କୁ ଝିଅ, ଭଉଣୀ, ନାତୁଣୀ, ଭାଣିଜୀ, ଝିଆରୀ ରୂପେ ପାଇ ଜୀବନକୁ ସାର୍ଥକ ମଣିଥାନ୍ତି। ସ୍ୱୟଂ ପ୍ରଭୁ ଶିବ ହେଲେ ସ୍ୱୟମ୍ଭୁ। ତାଙ୍କର ଜାତିଗୋତ୍ର ନାହିଁ। ତେଣୁ ସମ୍ବଲପୁର ଶୀତଳଷଷ୍ଠୀ ଯାତ୍ରାରେ ଜାତି, ଗୋତ୍ର ନିର୍ବିଶେଷରେ କନ୍ୟା ମାତାପିତା ଚୟନ କରାଯାଏ। ଶୀତଳଷଷ୍ଠୀର ଏହି ବୈଚିତ୍ର୍ୟ ବିଶେଷ ଆକର୍ଷଣ ବର୍ତ୍ତମାନ ମଧ୍ୟ ଅତୁଟ ରହିଛି। ପ୍ରସିଦ୍ଧ ସମ୍ବଲପୁର ଶୀତଳଷଷ୍ଠୀ ଯାତ୍ରା ଜ୍ୟେଷ୍ଠ କୃଷ୍ଣପକ୍ଷ ଚତୁର୍ଦ୍ଦଶୀରୁ ଆରମ୍ଭ ହୋଇ ଜ୍ୟେଷ୍ଠ ଶୁକ୍ଳପକ୍ଷ ସପ୍ତମୀ ଅପରାହ୍ନରେ ଦେବ ଦମ୍ପତିଙ୍କ ମନ୍ଦିର ପ୍ରବେଶ ସହିତ ଯାତ୍ରା ସମାପନ ହୋଇଥାଏ। ୭ ଦିନ ବ୍ୟାପୀ ଏହି ଯାତ୍ରା ବିଭିନ୍ନ ରୀତିନୀତି ଲୋକାଚାରରେ ପାଳିତ ହୋଇଥାଏ। ସାରା ସହର ସାଂସ୍କୃତିକ କାର୍ଯ୍ୟକ୍ରମରେ ଝଙ୍କୃତ ହୋଇଥାଏ। ବନ୍ଧୁ ପରିଜନ, ଆତ୍ମୀୟଙ୍କ ଆଗମନରେ ପୂରି ଉଠେ ଘର। ରଙ୍ଗବେରଙ୍ଗର ଆଲୋକମାଳାରେ ଝଟକୁଥାଏ ଶୈବପୀଠ। ଅତ୍ୟାଧୁନିକ ସାଜସଜ୍ଜାରେ ଚମକୁଥାଏ ବିବାହ ମଣ୍ଡପ ଓ ପାର୍ବତୀଙ୍କ ମାତାପିତା ବାସଭବନ। ସାଧାରଣ ବିବାହରେ ଯେପରି ରୀତିନୀତି ଅନୁସରଣ କରାଯାଇଥାଏ, ଠିକ୍ ସେହିପରି ଦେବ ବିବାହରେ ମଧ୍ୟ ସମସ୍ତ ରୀତିନୀତି ପରମ୍ପରାକୁ ଗ୍ରହଣ କରାଯାଇଥାଏ। ତେଣୁ ମାତା ପାର୍ବତୀ ଓ ଦେବଦେବ ମହାଦେବଙ୍କ ଲୌକିକ ବିବାହ ସମ୍ପୂର୍ଣ୍ଣ ଲୋକାଚାର ଅନୁଯାୟୀ ହୋଇଥାଏ।

**ସମ୍ପୂର୍ଣ୍ଣ ଲୋକାଚାରରେ ହୁଏ ଦେବ ବିବାହ**

ବିବାହ ସମ୍ପନ୍ନ ହେବା ପରେ ଦେବଦମ୍ପତି ଗଣ୍ଡାଳ ହୋଇ ଭକ୍ତଙ୍କୁ ଆଶୀର୍ବାଦ ଦେଇଥାନ୍ତି। ସେହି ସମୟରେ ଆକାଶ ମାର୍ଗରୁ ଦେବତାଗଣ ବର୍ଷା ରୂପରେ ପୁଷ୍ପ ବୃଷ୍ଟି କରିଥାନ୍ତି। ଏଭଳି ଅନବଦ୍ୟ ଦୃଶ୍ୟ ବାସ୍ତବିକ ଅବର୍ଣ୍ଣନୀୟ। ଯଥାର୍ଥରେ ଗ୍ରୀଷ୍ମ ଅନ୍ତେ ବର୍ଷା ଆଗମନର ସଙ୍କେତ ଦେଇଥାଏ। ଏହି ଯାତ୍ରା କଳା, ସଂସ୍କୃତି ଓ ପରମ୍ପରାର ଅପୂର୍ବ ମିଳନ କ୍ଷେତ୍ର ହୋଇଥାଏ। ସମବେତ ଲକ୍ଷାଧିକ ଭକ୍ତ ଓ ଦର୍ଶକଙ୍କୁ ଏହା ଆମୋଦିତ କରିଥାଏ।

**–ରିପୋର୍ଟ: ବି.ଶଙ୍କର, ସମ୍ବଲପୁର**

# ପୁରୀ ସହ ସମ୍ପର୍କ ଯୋଡ଼େ ସମ୍ବଲପୁର ଶୀତଳଷଷ୍ଠୀ

ସମ୍ବଲପୁର ହୀରାଖଣ୍ଡ ସାମ୍ରାଜ୍ୟର ପ୍ରତାପଶାଳୀ ରାଜା ଭାବେ ପରିଗଣିତ ବଳିଆର ସିଂଦେବ ୧୬୧୭ ମସିହାରୁ ୧୬୫୭ ପ୍ରାୟ ଚାଳିଶ ବର୍ଷ ଧରି ଶାସନ କରିଥିଲେ। ବଳରାମ ଦେବଙ୍କ ଦ୍ୱାରା ୧୫୪୪ ମସିହାରେ ସମ୍ବଲପୁରରେ ରାଜଧାନୀ ସ୍ଥାପନ ହେବା ପରଠାରୁ ହୀରାଖଣ୍ଡ ସାମ୍ରାଜ୍ୟର ସୀମା ବୃଦ୍ଧି ପାଇବାରେ ଲାଗିଥିଲା। ତେବେ ବଳିଆର ସିଂଦେବଙ୍କ ପରାକ୍ରମ ଯୋଗୁ ସେ ଅଠରଟି ଗଡର ମଉଣମଣି ହୋଇ ପାରିଥିଲେ। ତାଙ୍କ ସମୟରେ ଦେବଗଡଠାରୁ ଆରମ୍ଭ କରି ପଶ୍ଚିମରେ ଛତିଶଗଡ ଅଧୀନ ମହାସମୁନ୍ଦ, ଚମ୍ପା, ରାୟପୁର ପର୍ଯ୍ୟନ୍ତ ହୀରାଖଣ୍ଡ ସାମ୍ରାଜ୍ୟର ସୀମା ରହିଥିଲା। ସେ ଅଠରଗଡ ଜିତିବା ପରେ ଜଗନ୍ନାଥ ଦର୍ଶନ ପାଇଁ ଶ୍ରୀକ୍ଷେତ୍ର ପୁରୀକୁ ଯାଇଥିଲେ। ଗଜପତି ମହାରାଜାଙ୍କ ଅନୁରୋଧ ରଖି ସେ ମନ୍ଦିର ଦର୍ଶନ ପରେ ରାଜବାଟୀ ଯାଇଥିଲେ। ବଳିଆର ସିଂଦେବଙ୍କ ପରାକ୍ରମ ସେତେବେଳ ପର୍ଯ୍ୟନ୍ତ ଚାରିଆଡେ ପ୍ରଚାରିତ ହେଇ ସାରିଥିଲା। ପୁରୀ ଗଜପତି ମହାରାଜା ତାଙ୍କ ଶକ୍ତି ପରୀକ୍ଷା କରିବା ପାଇଁ ରାଜବାଟୀ ଭିତରେ ଆଠଜଣ ମଲ୍ଲଙ୍କ ସହିତ ଯୁଦ୍ଧ କରିବାକୁ ବ୍ୟବସ୍ଥା କରିଥିଲେ। ବଳିଆର ସିଂଦେବଙ୍କୁ ରାଜବାଟୀ ପରିସରରେ ହଠାତ୍ ମଲ୍ଲମାନେ ଆକ୍ରମଣ କରିବା ମାତ୍ରେ ଅଣ୍ଟାରେ ରଖିଥିବା କମରପଟିରେ ପାଲଟା ଆକ୍ରମଣ କରି ସମସ୍ତ ମଲ୍ଲଙ୍କୁ ପରାସ୍ତ କରିଥିଲେ। ଗଜପତି ମହାରାଜା ବଳିଆର ସିଂଦେବଙ୍କ ପରାକ୍ରମ ଦେଖି ଆଶ୍ଚର୍ଯ୍ୟ ହେବା ସହ ତାଙ୍କୁ ହୀରାଖଣ୍ଡ ଛତ୍ରପତି ଅଠରଗଡ ମଉଡମଣୀ ଉପାଧି ପ୍ରଦାନ କରିଥିଲେ। ଏହାସହ ଗଜପତି ତାଙ୍କର ରାଜଜେମା ପଦ୍ମାବତୀଙ୍କୁ ବଳିୟାର ସିଂଦେବଙ୍କ ପୁଅ ରତନ ସିଂଦେବଙ୍କ ସହ ବିବାହ କରାଇଥିଲେ। ଏହାସହିତ ବଳିଆର ସିଂଦେବଙ୍କ ସହ ଗଜପତି ମହାରାଜ ଅଠରଟି ବ୍ରାହ୍ମଣ ପରିବାର ସମ୍ବଲପୁରକୁ ପଠାଇଥିଲେ। ସେମାନେ ପୁରୁଷୋତ୍ତମପୁର, ବୀରରାମଚନ୍ଦ୍ରପୁର, ଉଷନା ବଡପଦରୁ ଆସି ସମ୍ବଲପୁରର ହୋତାପଡାରେ ରହିଥିଲେ। ସେମାନେ ବାଲିବନ୍ଧା ସୋମନାଥ ମନ୍ଦିରର ପୂଜା ଦାୟିତ୍ୱ ତୁଲାଉଥିଲେ। ପୁରୀରୁ ଆସିଥିବା ସେହି ବ୍ରାହ୍ମଣମାନଙ୍କ ଦ୍ୱାରା ସମ୍ବଲପୁରର ପ୍ରଥମ ଶୀତଳଷଷ୍ଠୀ ୧୬୭୯ ମସିହାରେ ସୋମନାଥ ମନ୍ଦିରରୁ ଆରମ୍ଭ ହୋଇଥିବା ଜଣାଯାଏ। ଶୀତଳଷଷ୍ଠୀ ପରମ୍ପରା ପୁରୀରେ ମଧ୍ୟ ରହିଛି। ତେଣୁ ସମ୍ବଲପୁରର ଶୀତଳଷଷ୍ଠୀ ପରମ୍ପରା ସହ ପୁରୀର ଘନିଷ୍ଠ ସମ୍ପର୍କ ରହିଛି। ତେବେ ସମ୍ବଲପୁରରେ ଶୀତଳଷଷ୍ଠୀ ପରମ୍ପରାରେ ସ୍ଥାନୀୟ ଚାଲିଚଳନ ଏବଂ ରୀତିନୀତି ମଧ୍ୟ ଯୋଡି ହୋଇ ଏହାକୁ ଆହୁରି ଆକର୍ଷଣୀୟ କରିପାରିଛି। ସମ୍ବଲପୁରର ମହାରାଜା ଅଜିତ ସିଂହଙ୍କ ସମୟରେ ନନ୍ଦପଡାରେ ବମବରାଡ ବାଲୁଙ୍କେଶ୍ୱର ମନ୍ଦିର ନିର୍ମାଣ ପରେ ସେଠାରେ ଶିବ ବିବାହ ଅଧିକ ଉତ୍ସାହ ଉଦ୍ଦୀପନାର ସହ ଆୟୋଜନ ହୋଇ ପରମ୍ପରାରେ ପରିଣତ ହୋଇଥିଲା।

**–ରିପୋର୍ଟ: ଭବାନୀ ଶଙ୍କର ଭୋଇ,ସମ୍ବଲପୁର**















# ବିନା ନିମନ୍ତ୍ରଣରେ ସାମିଲ ହୁଅନ୍ତି କିନ୍ନର

ଶୀତଳଷଷ୍ଠୀ ହେଉଛି ମାନବୀୟ ରୀତିନୀତିରେ ଶିବ ପାର୍ବତୀଙ୍କ ବାହାଘର ପରମ୍ପରା। ସମ୍ବଲପୁରରେ ଏହି ପରମ୍ପରା ଦୀର୍ଘ ଚାରିଶହ ବର୍ଷ ହେବ ପାଳନ କରାଯାଇ ଆସୁଛି। ପ୍ରସିଦ୍ଧ ଶୀତଳଷଷ୍ଠୀ ଯାତ୍ରାରେ ମହାଦେବ ଶିବ ବରବେଶରେ ସଜ୍ଜିତ ହୋଇ ବରଯାତ୍ରୀଙ୍କୁ ଧରି ଶୋଭାଯାତ୍ରାରେ ବାହାରନ୍ତି ବାହାଘର ପାଇଁ। ଦେବ ଦମ୍ପତିଙ୍କ ବିବାହ ଶୋଭାଯାତ୍ରାରେ ଦେବତା, ମାନବ, ରାକ୍ଷସ, ପିଶାଚ ଏବଂ ବାରଙ୍ଗନା ସମସ୍ତେ ସାମିଲ ହୁଅନ୍ତି। ତେବେ ଏହି ବିବାହ ଶୋଭାଯାତ୍ରାରେ ପ୍ରତିବର୍ଷ କିନ୍ନରମାନଙ୍କ ଯୋଗଦାନ ରହିଥାଏ। କେବଳ ଓଡ଼ିଶା ନୁହେଁ, ଆନ୍ଧ୍ରପ୍ରଦେଶ ଏବଂ ଛତିଶଗଡ଼ ସମେତ ଅନ୍ୟାନ୍ୟ ରାଜ୍ୟରୁ କିନ୍ନରମାନେ ଶୀତଳଷଷ୍ଠୀରେ ସାମିଲ ହେବାକୁ ସମ୍ବଲପୁରରେ ପହଞ୍ଚିଥାଆନ୍ତି। କୁହାଯାଏ ମହାଦେବ ବି ଅର୍ଦ୍ଧନାରୀଶ୍ୱର ବେଶ ଧାରଣ କରିଥିଲେ। ସେଥିପାଇଁ ଶୀତଳଷଷ୍ଠୀରେ ସାମିଲ ହେଲେ କିନ୍ନର ଜନ୍ମରୁ ମୁକ୍ତି ମିଳେ ବୋଲି କିନ୍ନର ସମାଜର ବିଶ୍ୱାସ ରହିଛି। ସମ୍ବଲପୁର କିନ୍ନର ସମାଜ ସଭାପତି ବିନ୍ଦିଆ ମାଝୀ କୁହନ୍ତି, ପ୍ରତିବର୍ଷ ଆମେ ଶୀତଳଷଷ୍ଠୀକୁ ଅପେକ୍ଷା କରିଥାଉ। ବିଭିନ୍ନ ରାଜ୍ୟରୁ ସାମିଲ ହେବା ପାଇଁ କିନ୍ନରମାନେ ମଧ୍ୟ ସମ୍ବଲପୁର ଆସିଥାନ୍ତି। ଏମାନଙ୍କୁ ସୂଚନା କିମ୍ବା ନିମନ୍ତ୍ରଣ ଦିଆଯାଏନା। ଏଠାକୁ ଆସିବା ପରେ ସେମାନେ ସଙ୍ଗଠିତ ହୋଇ ସ୍ୱତନ୍ତ୍ର ଭାବେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରିଥାନ୍ତି। ଏହି ସାଂସ୍କୃତିକ ମହାକୁମ୍ଭରେ ସାମିଲ ୧୦ ହଜାରରୁ ଊର୍ଦ୍ଧ୍ୱ ଲୋକ କଳାକାରଙ୍କ ସହ ସେମାନେ ସାମିଲ ହୁଅନ୍ତି। ଏଥିପାଇଁ ସେମାନେ କୌଣସି ପାରିଶ୍ରମିକ ଦାବି କରନ୍ତି ନାହିଁ। ଶୀତଳଷଷ୍ଠୀ ସାରି ସମ୍ବଲପୁରରୁ ଗଲାବେଳକୁ ବାପଘରୁ ଶାଶୁଘରକୁ ଯିବା ଭଳି ବହୁତ ଦୁଃଖ ଲାଗେ ବୋଲି ମାଝୀ କହିଛନ୍ତି।

–ଭବାନୀ ଶଙ୍କର ଭୋଇ,ସମ୍ବଲପୁର



















# ସହରକୁ ଭାରୀଯାନ ପ୍ରବେଶ ନିଷେଧ

ସମ୍ବଲପୁର,୩୧।୫(ପ୍ରମୋଦ ବହିଦାର)

ପବିତ୍ର ଶୀତଳଷଷ୍ଠୀ ଯାତ୍ରା ପାଇଁ ସମ୍ବଲପୁର ସହର ଚଳଚଞ୍ଚଳ ହୋଇ ଉଠିଛି। ସହର ମଧ୍ୟକୁ ଜିଲା ଓ ରାଜ୍ୟ ବାହାରୁ ଅନେକ ଲୋକଙ୍କ ସମାଗମ ହୋଇ ସାରିଛି। ରାସ୍ତାଘାଟରେ ଲୋକଙ୍କ ଅସମ୍ଭାଳ ଭିଡ଼ ଦେଖିବାକୁ ମିଳିଛି। ଏହାବ୍ୟତୀତ ଚଳିତବର୍ଷ ଶୀତଳଷଷ୍ଠୀ ଯାତ୍ରାରେ ସାମିଲ ହେବାକୁ ରାଜ୍ୟ ଓ କେନ୍ଦ୍ରମନ୍ତ୍ରୀ ଓ ବିଧାୟକ ସମ୍ବଲପୁରରେ ଆସି ପହଞ୍ଚି ସାରିଛନ୍ତି। ଏଭଳି ପରିସ୍ଥିତିରେ ସହରରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ଏନେଇ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଶଶାଙ୍କ ଶେଖର ବେହୁରା କହିଛନ୍ତି, ଶୀତଳଷଷ୍ଠୀ ଯାତ୍ରା ସମୟରେ ସ୍ୱତନ୍ତ୍ର ଭାବେ ଟ୍ରାଫିକ ପରିଚାଳନା ବ୍ୟବସ୍ଥା କରାଯାଇଛି। ସେ ଦେଇଥିବା ସୂଚନା ଅନୁସାରେ ସହରରେ ଟ୍ରାଫିକ ନିୟନ୍ତ୍ରଣ ପାଇଁ ହୋଇଥିବା ବ୍ୟବସ୍ଥା ଅନୁସାରେ ଶୀତଳଷଷ୍ଠୀ ଯାତ୍ରାର ତିନିଦିନ ଧରି ଅର୍ଥାତ ଶନିବାର ସନ୍ଧ୍ୟାରୁ ଆସନ୍ତା ୨ତାରିଖ ସନ୍ଧ୍ୟା ପର୍ଯ୍ୟନ୍ତ ସହର ମଧ୍ୟକୁ ଭାରୀଯାନ ପ୍ରବେଶ ଉପରେ କଟକଣା ଜାରି କରାଯାଇଥିବା ବେଳେ କେତେକ ସ୍ଥାନକୁ ଚାରିଚକିଆ ଯାନର ପ୍ରବେଶକୁ ମଧ୍ୟ ବାରଣ କରାଯାଇଛି।

## ଟ୍ରାଫିକ ବ୍ୟବସ୍ଥା କଡ଼ାକଡ଼ି

ଅଇଁଠାପାଲି ଆଦର୍ଶମାର୍ଗ ଛକରୁ ଲକ୍ଷ୍ମୀଟକିଜ ଛକ ମଧ୍ୟରେ, ଚର୍ଚ୍ଚ ଛକରୁ ବୁଢାରାଜା ମଧ୍ୟରେ, ସରଲାକାନୀ ଛକରୁ ସାକ୍ଷୀପଡ଼ା ଦେଇ ଶକ୍ତି ମିଷ୍ଟାନ୍ନ ଭଣ୍ଡାର ଅଶୋକା ଟକିଜ୍ ଛକ ଏବଂ ଧନୁପାଲି ଛକରୁ ଜେଲଖାନା ଛକ ମଧ୍ୟରେ ଚାରିଚକିଆ ଯାନ ଚଳାଚଳ ଉପରେ ସମ୍ପୂର୍ଣ୍ଣ ନିଷେଧାଦେଶ ଜାରି କରାଯାଇଛି। ତେବେ ସହର ମଧ୍ୟକୁ ଆସିବାକୁ ଛାହୁଁଥିବା ଚାରିଚକିଆ ଯାନ ଆରୋହୀମାନେ ବିକଳ୍ପ ରାସ୍ତା ଭାବେ ଜାତୀୟ ରାଜପଥ–୫୩ରୁ ଧନକଉଡ଼ା ନିକଟସ୍ଥ ଜୟଗୁରୁ ଛକ, କାବେରି ହୋଟେଲ ଛକ, ପଞ୍ଚଗଛିଆ ଛକ, ରେମେଡ୍ ଛକ ଏବଂ କଟକ ବାବ ଦେବଗଡ଼ ଅଞ୍ଚଳରୁ ଆସୁଥିବା ଚାରିଚକିଆ ଯାନଗୁଡ଼ିକ ଧନକଉଡା ଛକ ଦେଇ ସମ୍ବଲପୁର ସହରକୁ ପ୍ରବେଶ କରିବେ। ସେହିପରି ଧନୁପାଲି, ମାନେଶ୍ୱର ବା ଚୌଧୁରୀଛକକୁ ଆସୁଥିବା ଗାଡ଼ିଗୁଡ଼ିକ ଜୟନ୍ତପୁର ଛକଦେଇ ଯିବା ଆସିବା କରି ପାରିବ। କେତେକ ଚାରିଚକିଆ ଯାନ ସହରରୁ ବିଶେଷ କରି ବୁଢ଼ାରଜା ଅଞ୍ଚଳରୁ ସହର ବାବାରକୁ ଯିବାକୁ ହେଲେ ସେମାନେ ଜଗନ୍ନାଥ କଲୋନୀସ୍ଥିତ ରେଳ ଅଣ୍ଡର ପାସ ଓ ନୂତନ ରେଳ ଓଭର ବ୍ରିଜ୍‌କୁ ଯାତାୟତ ପାଇଁ ବ୍ୟବହାର କରିବାକୁ ଅନୁମତି ପ୍ରଦାନ କରାଯାଇଛି। ତେବେ ଉକ୍ତ ରାସ୍ତା ଗୁଡ଼ିକରେ ଏହି ସମୟରେ ଆମ୍ବୁଲାନ୍ସ ଓ ଦମକଳ ଆଦି ଜରୁରୀକାଳୀନ ଯାନଗୁଡ଼ିକର ପ୍ରବେଶ ପାଇଁ ଅନୁମତି ରହିଛି। ସହର ମଧ୍ୟରେ ପୁରୁଣା ପୌରପରିଷଦ ଛକରୁ ଲକ୍ଷ୍ମୀଟକିଜ ଛକ ମଧ୍ୟରେ ଦୁଇଚକିଆ ଯାନକୁ ମିଶାଇ କୌଣସି ଯାନବାହନ ଚଳାଚଳକୁ ଆଦୌ ଅନୁମତି ଦିଆଯିବ ନାହିଁ। ବାଇକ ଅରୋହୀ ବା ଅଟୋ ରିଙ୍ଗରୋଡ଼ରେ ଯାଇ ବାଲିବନ୍ଧା ଛକରୁ ପ୍ରବେଶ କରି ପାରିବେ। ସେହିପରି ସହରରେ ଅତିରିକ୍ତ ଟ୍ରାଫିକ କଟକଣା ସଦୃଶ ବଡ଼ବଜାର ଷ୍ଟେଟବ୍ୟାଙ୍କ ଛକରୁ ମାଳିବାରୀ ଛକ ଓ ମୁଦିପଡ଼ା ଛକରୁ ପାଣିଟାଙ୍କି ଛକ ଦେଇ ଚର୍ଚ୍ଚ ଛକ ମଧ୍ୟରେ ରାସ୍ତାକୁ ଶନିବାର ସନ୍ଧ୍ୟାରୁ ଆସନ୍ତା ଜୁନ ୨ତାରିଖ ସନ୍ଧ୍ୟା ପର୍ଯ୍ୟନ୍ତ ଅବରୋଧ କରାଯିବ। ଏହି ସମୟରେ କେବଳ ଦୁଇଚକିଆ ଯାନକୁ ସବିଧା ଦେଖି ଛଡ଼ାଯିବ। ସେହିପରି ଜୁନ ୧ ଓ ୨ ତାରିଖ ସନ୍ଧ୍ୟାରେ ବାଲିବନ୍ଧା ଛକରୁ ସମଲେଶ୍ୱରୀ ମନ୍ଦିର ପର୍ଯ୍ୟନ୍ତ ଚାରିଚକିଆ ଯାନ ଚଳାଚଳ ବନ୍ଦ ରହିବ। ସେମାନେ ଏଲ୍ଆଇସି ଛକ ଦେଇ ଯାତାୟତ କରି ପାରିବେ। ଏଭଳି କଟକଣାକୁ ନେଇ ପୋଲିସ ପ୍ରଶାସନ ପକ୍ଷରୁ ଜନସାଧାରଣଙ୍କ ସହଯୋଗ କାମନା କରାଯାଇଛି।









# ଓଡ଼ିଶା ସରକାର
# ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ
## ଅଧିସୂଚନା

**No RDM-LAA-MBJ-0027-2024-1061 / R&DM, Dated: 08.01.2025**

No. XXI-08:- ଯେହେତୁ ଓଡିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ ମୟୂରଭଞ୍ଜ ଜିଲ୍ଲାରେ ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର କେଶରୀ ଡିଷ୍ଟ୍ରିବ୍ୟୁଟାରୀ , କୁରାଢୀକ ସବ୍-ମାଇନର ନିର୍ମାଣ ନିମନ୍ତେ ସରକାରୀ ବ୍ୟୟରେ ମୌଜା- ଜାମଶୁଳ, ଥାନା- ବୈଶିଙ୍ଗା, ନଂ. ୧୭୮, ତହସିଲ-ବେତନଟୀ, ଜିଲ୍ଲା- ମୟୂରଭଞ୍ଜରେ ନିମ୍ନ ତଫସିଲ ମତେ ପ୍ରାୟ ଏ. ୧୫.୨୨ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି;

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR &R Act, 2013) ର ୧୧(୧) ଧାରା ରେ ଭାରପ୍ରାପ୍ତ ହୋଇ ସରକାର ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି ।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ର ଧାରା ୧୧(୧) ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥିସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ / ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚୀତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ ।

### ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ

୧- ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ- ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର କେଶରୀ ଡିଷ୍ଟ୍ରିବ୍ୟୁଟାରୀ , କୁରାଢୀକ ସବ୍-ମାଇନର ନିର୍ମାଣ ନିମନ୍ତେ ।

୨- ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ- ଅଧିକ୍ଷଣ ଯନ୍ତ୍ରୀ, ବୈଶିଙ୍ଗା କେନାଲ ଡିଭିଜନ, ଲକ୍ଷ୍ମୀପୋଷି, ମୟୂରଭଞ୍ଜ।

୩-କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ- ସାର୍ବଜନୀନ ଉଦ୍ଦେଶ୍ୟରେ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ କରିବା।

୪- ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ- ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ।

୫- ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ- ଉପ ଜିଲ୍ଲାପାଳ, ବାରିପଦା ।

୬- ଜମିର ବିବରଣୀ-

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | ପ୍ଲଟ୍ ର ମୋଟ ରକବା | ଅଧିସୂଚୀତ ଜମିର ରକବା | ରୟତର ନାମ |
|---|---|---|---|---|---|---|---|---|
| ମୟୂରଭଞ୍ଜ | ବେତନଟୀ | ଜାମଶୁଳ | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ. ୭୨.୯୮ | ଏ. ୧୫.୨୨ | ଏଥି ସହିତ ସଂଲଗ୍ନ |

ଉକ୍ତ ଅଧିସୂଚିତ ଜମି ରକବା ମଧ୍ୟରୁ ଏ. ୨.୪୧ ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ। ଉକ୍ତ ଭୂମିର ଏକ ନକ୍ସା ଭୂ-ଅର୍ଜନ ମହାମଣ୍ଡଳ ଅଧିକାରୀ, ବହଳଦା, ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ, ଦେଉଳି, ମୟୂରଭଞ୍ଜଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସ ମାନଙ୍କରେ ଦେଖିବାକୁ ମିଳିପାରିବ । ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି ମୟୂରଭଞ୍ଜ ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ ।

### ଭୂମି ଅନୁସୂଚୀ

**ଭୂଅର୍ଜନ ମାମଲା ସଂଖ୍ୟା-୬୮/୨୦୨୩**
**ଏ.୧୫.୨୨ ଡି.**

### ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ କେଶରୀ ଡିଷ୍ଟ୍ରିବ୍ୟୁଟାରୀ କୁରାଢିକ ସବ୍-ମାଇନର ନିମନ୍ତେ ମୌଜା- ଜାମଶୁଳ, ଥାନା- ବୈଶିଙ୍ଗା ନଂ.- ୧୭୮ ତହସିଲ- ବେତନଟୀ, ଜିଲ୍ଲା- ମୟୂରଭଞ୍ଜ

| ଖାତା ନଂ. ଓ ସ୍ୱତ୍ୱ | ପ୍ଲଟ୍ ନଂ. | ମୋଟ ରକବା | ଆକ୍ୟୁଆର ରକବା | କିସମ | ରୟତଙ୍କ ନାମ, ପିତା, ଜାତି ଓ ବାସସ୍ଥାନ |
|---|---|---|---|---|---|
| 1 | 2 | 3 | 4 | 5 | 6 |
| 1 | 204 | ଶାରଦ ଦୁଇ | 1.40 | 0.10 | ଅର୍ଜୁନ ମହାନ୍ତ, ପି:ରଘୁନାଥ ମହାନ୍ତ, ଜା:କୁଡୁମି ବା:,ଚନ୍ଦ୍ର ମୋହନ ମହାନ୍ତ,କନ୍ଦି ମହାନ୍ତ,ଗୁଣ୍ଡୁ ମହାନ୍ତ,ସୁଲୋଚନା ମହାନ୍ତ, ପି:ରଘୁନାଥ ମହାନ୍ତ, ଗୁହିଆ ମହାନ୍ତ, ସ୍ୱା:ରଘୁନାଥ ମହାନ୍ତ ଜା:କୁଡୁମି ବା:ନିଜଗାଁ,ଜଗନ୍ନାଥ ମହାନ୍ତ ପି: ପ୍ରହରାଜ ମହାନ୍ତ ଜା:କୁଡୁମି ବା:କାପୋଇ |
| | 29 | ଡାହି ଏକ | 1.78 | 0.21 | |
| 3 | 5 | ଶାରଦ ଦୁଇ | 0.145 | 0.09 | ଅମୃତା ମହାନ୍ତ ସ୍ୱା:ମନବୋଧ ମହାନ୍ତ ଜା: କୁଡୁମି ବା: କୁରାଢିକ |
| 4 | 109 | ଶାରଦ ଦୁଇ | 0.66 | 0.27 | ଆନନ୍ଦ ମହାନ୍ତ, ବାଙ୍ଗୁ ମହାନ୍ତ ପି: ବଲାଇ ମହାନ୍ତ, ଚନ୍ଦ୍ର ମୋହନ ମହାନ୍ତ, ହର ମୋହନ ମହାନ୍ତ ପି: ଅଘୁନ ମହାନ୍ତ, ବୁଧି ମହାନ୍ତ ସ୍ୱା: ବଲାଇ ମହାନ୍ତ ଜା: କୁଡୁମି ବା: କୁରାଢିକ |
| | 109/345 | ଶାରଦ ଦୁଇ | 0.13 | 0.13 | |
| | 11 | ଡାହି ଏକ | 0.36 | 0.02 | |
| 7 | 121 | କ୍ଷେତହୁଡା | 0.30 | 0.15 | ଆଶୁତୋଷ ବେହେରା, ଭବତୋଷ ବେହେରା, ସର୍ବତୋଷ ବେହେରା, ମନତୋଷ ବେହେରା, ଦେବତୋଷ ବେବେରା ପି: ସଦାନନ୍ଦ ବେହେରା ଜା: ନିଆରି ବା:ବାରିପଦା |
| 13 | 288/300 | ଶାରଦ ଦୁଇ | 0.15 | 0.08 | କାଳି ପ୍ରଶାଦ ମହାନ୍ତ ପି:ଘାସିରାମ ମହାନ୍ତ ଜା: କୁଡୁମି ବା: ଫାଲଝରୀ |
| 16 | 106 | ଡାହି ଏକ | 1.07 | 0.39 | କୃପାସିନ୍ଧୁ ମହାନ୍ତ ପି:ଉର୍ଦ୍ଧବ ମହାନ୍ତ ଜା: କୁଡୁମି ବା: ମଗୁଶିରିଆ |
| 18 | 23 | ଘରବାରି | 1.12 | 0.03 | ଗୋବିନ୍ଦ ମାଝୀ, ଦାର୍ଘା ମାଝୀ, ଲାଙ୍ଗ ମାଝୀ, ହିରା ମାଝୀ ପି: ଦାସ ମାଝୀ, ମିଟି ମାଝୀ ସ୍ୱା: ଦାସ ମାଝୀ ଜା: ସାନ୍ତାଳ ବା: ନିଜଗାଁ |
| | 30 | ଡାହି ଏକ | 0.70 | 0.06 | |
| 19 | 12 | ଡାହି ଏକ | 0.52 | 0.02 | ଗୌର ହରି ମହାନ୍ତ, ଭୋଳି ମହାନ୍ତ, କୁନ୍ତି ମହାନ୍ତ, କର୍ମୀ ମହାନ୍ତ, ଚିନ୍ତା ମହାନ୍ତ ପି: ଲୋଚନ ମହାନ୍ତ ଜା: କୁଡୁମି ବା: କୁରାଢିକ, ବିଦ୍ୟାଧର ମହାନ୍ତ, ଚଞ୍ଚଳା ମହାନ୍ତ ପି: ଚାର ମହାନ୍ତ ଜା: କୁଡୁମି ବା: ସଂସା, କେଶରୀ ମହାନ୍ତ ସ୍ୱା: ଲୋଚନ ମହାନ୍ତ ଜା: କୁଡୁମି ବା: କୁରାଢିକ, ଗୋଲାପି ମହାନ୍ତ, ଝୀଲିପି ମହାନ୍ତ ପି: ରାମ ହରି ମହାନ୍ତ, ମୃଶରୀ ମହାନ୍ତ ସ୍ୱା: ରାମ ହରି ମହାନ୍ତ ଜା: କୁଡୁମି ବା: ଚହଲାପଦା |
| 21 | 191 | ଶାରଦ ତିନି | 1.39 | 0.20 | ଜଗ ମୋହନ ମହାନ୍ତ, ପରେଶ ମହାନ୍ତ, ଉପେନ୍ଦ୍ର ମହାନ୍ତ, କାଞ୍ଚନ ମହାନ୍ତ ପି: ବିଶ୍ୱନାଥ ମହାନ୍ତ ଜା: କୁଡୁମି ବା: କୁରାଢିକ |
| | 191/349 | ଶାରଦ ତିନି | 0.38 | 0.05 | |
| 22 | 285 | ଶାରଦ ଦୁଇ | 0.60 | 0.53 | ଜୟ ରାମ ମହାନ୍ତ ପି:ବଳ ରାମ ମହାନ୍ତ ଜା: କୁଡୁମି ବା: କୁରାଢିକ |
| | 256/308 | ଆଡି | 0.02 | 0.02 | |
| | 197/338 | ଡାହି ଏକ | 0.65 | 0.04 | |
| 23 | 218 | ଶାରଦ ତିନି | 0.63 | 0.27 | ଜାସେର ମାଝୀ, ନାରାୟଣ ମାଝୀ ପି: ବାହାଦୁର ମାଝୀ ଜା: ସାନ୍ତାଳ ବା: ନିଜଗାଁ |
| 28 | 42 | ଶାରଦ ଦୁଇ | 0.74 | 0.15 | ତାପସ କୁମାର ମହାନ୍ତ, ଭଜ ହରି ମହାନ୍ତ, ରଦିନା ମହାନ୍ତ, ଦମୟନ୍ତି ମହାନ୍ତ ପି: ଗୌର ହରି ମହାନ୍ତ, ଲତିକା ମହାନ୍ତ ସ୍ୱା: ଗୌର ହରି ମହାନ୍ତ ଜା: କୁଡୁମି ବା: କୁରାଢିକ |
| 29 | 121/304 | ଆଡି | 0.48 | 0.03 | ଦଶରଥ ମାଝୀ ପି: କନ୍ଦା ମାଝୀ, ରଘୁନାଥ ମାଝୀ, ଗଦା ମାଝୀ, ଦଶରଥ ମାଝୀ ପି: ପାଗାନ ମାଝୀ ଜା: ସାନ୍ତାଳ ବା: ନିଜଗାଁ |
| | 199 | ଡାହି ଏକ | 1.06 | 0.03 | |
| 35 | 119 | ଶାରଦ ଦୁଇ | 7.62 | 1.31 | ଦୁଲଗି ମାଝୀ, ନାଛ ମାଝୀ, ଚାଟିନ ମାଝୀ ପି: ଲାଙ୍ଗ ମାଝୀ, ରାଜ ମାଝୀ ସ୍ୱା: ଲାଙ୍ଗ ମାଝୀ ଜା: ସାନ୍ତାଳ ବା: ନିଜଗାଁ |
| | 129 | ଘରବାରି | 0.22 | 0.03 | |
| | 131 | ଡାହି ଏକ | 2.19 | 0.03 | |
| | 127 | ଡାହି ଏକ | 1.35 | 0.03 | |
| 38 | 3 | ଶାରଦ ଦୁଇ | 0.93 | 0.10 | ଧୁକେଇ ମାଝୀ, ଡମୁଣି ମାଝୀ ପି: ଗଙ୍ଗା ମାଝୀ, ଉଭା ମାଝୀ, ରେଙ୍ଗଟା ମାଝୀ, ମଙ୍ଗଲ ମାଝୀ ପି: ବାର୍ଷା ମାଝୀ ଜା: ସାନ୍ତାଳ ବା: ନିଜଗାଁ |
| | 4 | ଶାରଦ ଦୁଇ | 0.55 | 0.21 | |
| 39 | 197/339 | ଡାହି ଏକ | 0.54 | 0.05 | ନରହରି ମହାନ୍ତ ପି:ବଳ ରାମ ମହାନ୍ତ ଜା: କୁଡୁମି ବା: କୁରାଢିକ |
| 42 | 255 | ଶାରଦ ଦୁଇ | 1.15 | 0.08 | ନିତ୍ୟାନନ୍ଦ ମହାନ୍ତ, ମୁକ୍ତା ମହାନ୍ତ, ଶାନ୍ତି ମହାନ୍ତ, ସାନଚନି ମହାନ୍ତ, ସରଧା ମହାନ୍ତ ପି: ନବୀନ ମହାନ୍ତ, ଭାନୁ ମହାନ୍ତ ସ୍ୱା: ନବୀନ ମହାନ୍ତ, ମନୋରଥ ମହାନ୍ତ, ସୁରଥ ମହାନ୍ତ, କମଳୀ ମହାନ୍ତ, ସମଲି ମହାନ୍ତ ପି: ଗୌରହରି ମହାନ୍ତ, ଶିଶୁ ମହାନ୍ତ ସ୍ୱା: ଗୌର ହରି ମହାନ୍ତ ଜା: କୁଡୁମି ବା: କୁରାଢିକ |
| | 256/320 | ଆଡି | 0.08 | 0.02 | |
| 50 | 136 | ଡାହି ଏକ | 2.60 | 0.12 | ବଂଶିଧର ମହାନ୍ତ, ଗିରିଧାରୀ ମହାନ୍ତ, ଗଙ୍ଗାଧର ମହାନ୍ତ ପି: ଦୁଲାଲ ମହାନ୍ତ, ଦଶରଥ ମହାନ୍ତ ପି: ଶିବ ମହାନ୍ତ, ଟୁକ୍ ମହାନ୍ତ ସ୍ୱା: ଦୁଲାଲ ମହାନ୍ତ ଜା: କୁଡୁମି ବା: କୁରାଢିକ |
| 54 | 189 | ଶାରଦ ତିନି | 0.22 | 0.02 | ଭରତ ମହାନ୍ତ ପି:କନ୍ହେଇ ମହାନ୍ତ ଜା: କୁଡୁମି ବା: କୁରାଢିକ |
| 55 | 190 | ଶାରଦ ତିନି | 0.23 | 0.02 | ଭରତ ଚନ୍ଦ୍ର ମହାନ୍ତ ପି: କନ୍ହେଇ ମହାନ୍ତ, ସୁବ୍ରୀ ମହାନ୍ତ ସ୍ୱା: କନ୍ହେଇ ମହାନ୍ତ ଜା: କୁଡୁମି ବା: କୁରାଢିକ |
| 57 | 219 | ଶାରଦ ତିନି | 0.86 | 0.29 | ଭିମା ମାଝୀ ପି:ସାଉନା ମାଝୀ ଜା: ସାନ୍ତାଳ ବା: ନିଜଗାଁ |
| | 236 | ଶାରଦ ତିନି | 0.32 | 0.18 | |
| | 126 | ଡାହି ଏକ | 0.95 | 0.02 | |
| | 132 | ଡାହି ଏକ | 0.43 | 0.07 | |
| 59 | 286/321 | ଶାରଦ ତିନି | 0.75 | 0.25 | ମଦନ ମହାନ୍ତ, କୃତ୍ତିବାସ ମହାନ୍ତ ପି: ପାନ୍ଦୁ ମହାନ୍ତ, ଇନ୍ଦ୍ରମଣି ମହାନ୍ତ ସ୍ୱା: ପାନ୍ଦୁ ମହାନ୍ତ ଜା: କୁଡୁମି ବା: କୁରାଢିକ |
| 60 | 254 | ଶାରଦ ତିନି | 0.37 | 0.17 | ମଙ୍ଗଳ ମାଝୀ, ବୈଷ୍ଣବ ମାଝୀ, ବାଜିନାଥ ମାଝୀ ପି: ସାଗର ମାଝୀ, ଉଚ ମାଝୀ, ସାଗର ମାଝୀ ପି: ମୋହନ ମାଝୀ, ମୋହନ ମାଝୀ, ବିଶରାୟ ମାଝୀ, ରୋହିଆ ମାଝୀ, ବିଜୟ ମାଝୀ ପି: ବାହାଦୁର ମାଝୀ ଜା: ସାନ୍ତାଳ ବା: ନିଜଗାଁ |
| 62 | 284 | ଶାରଦ ଦୁଇ | 2.10 | 0.50 | ମହେଶ୍ୱର ମଳିକ ପି:ଗୁହି ମଳିକ ଜା: ସୁଣ୍ଢି ବା: ଛାତନା |
| 64 | 37 | ଶାରଦ ତିନି | 0.25 | 0.12 | ମୁସୁରୀ ମହାନ୍ତ ସ୍ୱା:ଲାଲ ମୋହନ ମହାନ୍ତ ଜା: କୁଡୁମି ବା: କୁରାଢିକ |
| | 46 | ଶାରଦ ତିନି | 0.10 | 0.04 | |
| | 6 | ଶାରଦ ଦୁଇ | 3.50 | 0.41 | |
| | 242 | ଶାରଦ ତିନି | 1.01 | 0.02 | |
| 68 | 107 | ଶାରଦ ଦୁଇ | 4.30 | 1.05 | ରାଇସେନ ମାଝୀ, ଲକ୍ଷ୍ମଣ ମାଝୀ ପି: ସିଂହରାଏ ମାଝୀ, ସିଂହରାଏ ମାଝୀ, ଶ୍ୟାମ ମାଝୀ, ରାଙ୍ଗ ମାଝୀ, ଲକ୍ଷ୍ମଣ ମାଝୀ, ରାଇସେନ ମାଝୀ ପି: ଲାଙ୍ଗ ମାଝୀ ଜା: ସାନ୍ତାଳ ବା: ନିଜଗାଁ |
| | 125 | ଘରବାରି | 0.45 | 0.04 | |
| | 134 | ଘରବାରି | 0.62 | 0.01 | |
| | 135 | ଡାହି ଏକ | 1.03 | 0.01 | |
| 76 | 203 | ଶାରଦ ତିନି | 1.39 | 1.31 | ଲଛମନ ମାଝୀ, ବୁଧୁ ମାଝୀ ପି: ଫୁଲରାଏ ମାଝୀ, ସାନଲଛୁ ମାଝୀ ପି: ସାଗରାମ ମାଝୀ ଜା: ସାନ୍ତାଳ ବା: ନିଜଗାଁ |
| 77 | 9 | ଡାହି ଏକ | 0.32 | 0.04 | ଲାଲ ମୋହନ ମହାନ୍ତ ପି:ମଙ୍ଗଲ ରାମ ମହାନ୍ତ ଜା: କୁଡୁମି ବା: କୁରାଢିକ |
| 78 | 288/315 | ଶାରଦ ଦୁଇ | 0.18 | 0.01 | ସହଦେବ ମହାନ୍ତ ପି:ଗୋକୁଳ ମହାନ୍ତ ଜା: କୁଡୁମି ବା: କୁରାଢିକ |
| 79 | 221/301 | ଶାରଦ ଦୁଇ | 0.04 | 0.02 | ସହଦେବ ମହାନ୍ତ, ଭଗ ମହାନ୍ତ ପି: ଗୋକୁଳ ମହାନ୍ତ ଜା: କୁଡୁମି ବା: କୁରାଢିକ |
| | 27 | ଡାହି ଏକ | 0.57 | 0.02 | |
| 82 | 110 | ଶାରଦ ଦୁଇ | 0.48 | 0.10 | ସୁକ ଚାନ୍ଦ ମହାନ୍ତ ପି:ବଡନାଲୁ ମହାନ୍ତ ଜା: କୁଡୁମି ବା: କୁରାଢିକ |
| | 221 | ଶାରଦ ତିନି | 0.25 | 0.09 | |
| | 222 | ଶାରଦ ତିନି | 0.20 | 0.20 | |
| 84 | 138 | ଡାହି ଏକ | 0.76 | 0.01 | ସୁରାୟ ମାଝୀ ପି:ସୁନା ମାଝୀ ଜା: ସାନ୍ତାଳ ବା: ନିଜଗାଁ |
| 87 | 41 | ଶାରଦ ଦୁଇ | 0.33 | 0.01 | ହଳଧର ମହାନ୍ତ, ଗୁରୁ ପ୍ରସାଦ ମହାନ୍ତ ପି: ଜଗନ୍ନାଥ ମହାନ୍ତ ଜା: କୁଡୁମି ବା: ନିଜଗାଁ |
| 88/12 | 137/367 | ଡାହି ଏକ | 0.97 | 0.07 | ଅଭିରାମ ମହାନ୍ତ ପି:ଚୈତନ ମହାନ୍ତ ଜା: ବ୍ରାହ୍ମଣ ବା: କୁରାଢିକ |
| 88/15 | 24 | ଡାହି ଦୁଇ | 0.74 | 0.02 | ଗୋବିନ୍ଦ ମାଝୀ, ବାର୍ଷା ମାଝୀ, ଲାଙ୍ଗ ମାଝୀ ପି: ଦାସ ମାଝୀ ଜା: ସାନ୍ତାଳ ବା: ନିଜଗାଁ |
| 88/24 | 223 | ଶାରଦ ଦୁଇ | 1.50 | 0.21 | ମଙ୍ଗଲ ମାଝୀ, ବୈଷ୍ଣବ ମାଝୀ, ବାଜିନାଥ ମାଝୀ ପି: ସାଗର ମାଝୀ ଜା: ସାନ୍ତାଳ ବା: ନିଜଗାଁ |
| 88/34 | 284/394 | ଶାରଦ ଦୁଇ | 0.35 | 0.22 | ରାମେଶ୍ୱର ମହାନ୍ତ ପି:ଲଦୁ ମହାନ୍ତ ଜା: କୁର୍ମୀ କ୍ଷତ୍ରୀୟ ବା: କୁରାଢିକ |
| 88/35 | 241 | ଶାରଦ ତିନି | 0.62 | 0.13 | ଭାଗ ଟୁଡୁ ସ୍ୱା:କାଦୁ ଟୁଡୁ ଜା: ସାନ୍ତାଳ ବା: କୁରାଢିକ |
| 88/38 | 196 | ଡାହି ଏକ | 0.44 | 0.04 | ଛିତା ଦେଇ ପି:ଭୀମା ମାଝୀ ଜା: ସାନ୍ତାଳ ବା: ନିଜଗାଁ |
| 88/40 | 217/398 | ଶାରଦ ଦୁଇ | 0.91 | 0.01 | ଚମ୍ପକ ଲତା ମହାନ୍ତ ସ୍ୱା:ଦୟାନିଧି ମହାନ୍ତ ଜା: କୁଡୁମି କ୍ଷେତ୍ରିୟ ବା: କୁରାଢିକ |
| 88/49 | 120/404 | ଶାରଦ ଦୁଇ | 0.47 | 0.31 | ସପନ କୁମାର ବେହେରା ପି:ଭବତୋଷ ବେହେରା ଜା: ନିଆରି ବା: ଚାଞ୍ଚପଦା |
| | 120 | ଶାରଦ ଦୁଇ | 0.48 | 0.30 | |
| 88/116 | 41/470 | ଶାରଦ ଦୁଇ | 0.33 | 0.04 | ପ୍ରଫୁଲ୍ଲ ମହାନ୍ତ ପି:ଲକ୍ଷ୍ମଣ ମହାନ୍ତ ଜା: କୁଡୁମି ବା: କୁରାଢିକ |
| 88/117 | 288 | ଶାରଦ ଦୁଇ | 0.36 | 0.30 | କେଶବ ଚ଼ନ୍ଦ୍ର ସେଠୀ ପି:ଶ୍ରୀବତ୍ସ ସେଠୀ ଜା: ଧୋବା ବା: ମଗୁସିରିଆ |
| 88/121 | 285/334 | ଶାରଦ ଦୁଇ | 0.24 | 0.07 | ରାଜେନ୍ଦ୍ର ମହାନ୍ତ ପି:ବିଷ୍ଣୁ ମହାନ୍ତ ଜା: କୁଡୁମି ବା: କୁରାଢିକ |
| 88/127 | 5/475 | ଶାରଦ ଦୁଇ | 0.4350 | 0.29 | ତାପସ କୁମାର ମହାନ୍ତ, ଭଜହରି ମହାନ୍ତ, ରହିନା ମହାନ୍ତ ପି: ଗୌରହରି ମହାନ୍ତ ଜା: କୁଡୁମି ବା: କୁରାଢିକ |
| 88/136 | 202 | ଶାରଦ ଦୁଇ | 0.20 | 0.04 | ଭୀମସେନ ମହାନ୍ତ ପି:ଲାଲମୋହନ ମହାନ୍ତ ଜା: କୁଡୁମି ବା: କାପୋଇ |
| 88/137 | 287 | ଶାରଦ ଦୁଇ | 0.65 | 0.08 | କାଙ୍ଗାଳି ମହାନ୍ତ ପି:ଭୀମ ମହାନ୍ତ ଜା: କୁଡୁମି ବା: କୁରାଢିକ |
| 88/143 | 235 | ଶାରଦ ଦୁଇ | 2.35 | 0.53 | ନାରାୟଣ ମାରାଣ୍ଡି ପି:ବାହାଦୁର ମାରାଣ୍ଡି ଜା: ସାନ୍ତାଳ ବା: ନିଜଗାଁ |
| 88/144 | 47 | ଶାରଦ ତିନି | 0.60 | 0.06 | ପୂର୍ଣ୍ଣଚନ୍ଦ୍ର ମହାନ୍ତ ପି: ନିରଞ୍ଜନ ମହାନ୍ତ, ଶ୍ରୀମତୀ ମହାନ୍ତ ସ୍ୱା: ନିରଞ୍ଜନ ମହାନ୍ତ ଜା: କୁଡୁମି ବା: ଚହଲାପଦା |
| 88/156 | 221/495 | ଶାରଦ ତିନି | 0.12 | 0.09 | ଜାନକୀ ମହାନ୍ତ ସ୍ୱା:ଚିନିବାସ ମହାନ୍ତ ଜା: କୁଡୁମି ବା: ମଗୁସିରିଆ |
| | 222/496 | ଶାରଦ ତିନି | 0.12 | 0.12 | |
| **ସମପରିମାଣ ଗୋଚର ପ୍ରତିବଦଳ** | | | | | |
| 15 | 102 | ଡାହି ଏକ | 0.22 | 0.09 | କାହ୍ନୁ ମହାନ୍ତ ପି:ଗୋବିନ୍ଦ ମହାନ୍ତ ଜା: କୁଡୁମି ବା: କୁରାଢିକ |
| 16 | 106 | ଡାହି ଏକ | | 0.15 | କୃପାସିନ୍ଧୁ ମହାନ୍ତ ପି:ଉର୍ଦ୍ଧବ ମହାନ୍ତ ଜା: କୁଡୁମି ବା: ମଗୁଶିରିଆ |
| 26 | 99 | ଶାରଦ ଦୁଇ | 0.55 | 0.06 | ଝୁନ୍ ଫୁକି ମହାନ୍ତ ସ୍ୱା:ଶଶଧର ମହାନ୍ତ ଜା: କୁଡୁମି ବା: କୁରାଢିକ |
| 27 | 116 | ଶାରଦ ଦୁଇ | 1.38 | 0.49 | ଠାକୁରା ମାଝୀ, ସଙ୍ଗାର ମାଝୀ ପି: ଗଦା ମାଝୀ ଜା: ସାନ୍ତାଳ ବା: କୁରାଢିକ |
| 36 | 116/322 | ଶାରଦ ଦୁଇ | 0.31 | 0.10 | ଧୁଜି ମାଝୀ ସ୍ୱା: ଭିମା ମାଝୀ, ଡୁମୁଣି ମାଝୀ ସ୍ୱା: ସୁନା ମାଝୀ ଜା: ସାନ୍ତାଳ ବା: ନିଜଗାଁ |
| 61 | 87 | ଶାରଦ ତିନି | 1.09 | 0.38 | ମଝିଲା ଜାସାଇ ମାଝୀ ପି: ବାର୍ଷା ମାଝୀ, ମାନ୍ଦ ମାଝୀ ସ୍ୱା: ବାର୍ଷା ମାଝୀ ଜା: ସାନ୍ତାଳ ବା: ନିଜଗାଁ |
| 76 | 100 | ଶାରଦ ତିନି | 0.32 | 0.11 | ଲଛମନ ମାଝୀ, ବୁଧୁ ମାଝୀ ପି: ଫୁଲରାଏ ମାଝୀ, ସାନଲଛୁ ମାଝୀ ପି: ସାଗରାମ ମାଝୀ ଜା: ସାନ୍ତାଳ ବା: ନିଜଗାଁ |
| 81 | 34 | ଶାରଦ ଦୁଇ | 1.22 | 0.26 | ସାଲଖାନ ମାଝୀ, କାଲା ମାଝୀ, ସାଉନା ମାଝୀ, ଲକ୍ଷ୍ମଣ ମାଝୀ, ଡମାନ ମାଝୀ ପି: କୁଆଁର ମାଝୀ ଜା: ସାନ୍ତାଳ ବା: ସରଡିହା |
| 82 | 98 | ଶାରଦ ଦୁଇ | 1.17 | 0.30 | ସୁକ ଚାନ୍ଦ ମହାନ୍ତ ପି:ବଡନାଲୁ ମହାନ୍ତ ଜା: କୁଡୁମି ବା: କୁରାଢିକ |
| | 103 | ଡାହି ଏକ | 0.58 | 0.17 | |
| 88/118 | 97 | ଶାରଦ ଦୁଇ | 0.73 | 0.19 | କାଙ୍ଗାଳି ମହାନ୍ତ ପି:ଭୀମ ମହାନ୍ତ ଜା: କୁଡୁମି ବା: କୁରାଢିକ |
| 88/144 | 47 | ଶାରଦ ତିନି | | 0.11 | ପୂର୍ଣ୍ଣଚନ୍ଦ୍ର ମହାନ୍ତ ପି: ନିରଞ୍ଜନ ମହାନ୍ତ, ଶ୍ରୀମତୀ ମହାନ୍ତ ସ୍ୱା: ନିରଞ୍ଜନ ମହାନ୍ତ ଜା: କୁଡୁମି ବା: ଚହଲାପଦା |
| **ମୋଟ** | **୮୭ ପ୍ଲଟକୁ** | | **ଏ. ୭୨.୯୮ ଡେ.ମି.** | **ଏ. ୧୫.୨୨ ଡେ.ମି.** | |

**ରାଜ୍ୟପାଳଙ୍କ ଆଦେଶକ୍ରମେ**
**(ସୁରଞ୍ଜନ ପ୍ରଧାନ), ଅତିରିକ୍ତ ଶାସନ ସଚିବ**

OIPR-24001/14/0181/2526

---

**GOVERNMENT OF ODISHA**
**FOREST, ENVIRONMENT & CLIMATE CHANGE DEPARTMENT**
## OFFICE OF THE DIVISIONAL FOREST OFFICER, ANGUL FOREST DIVISION- 759122

E-mail ID:dfoangul@gmail.com, dfo.angul@odisha.gov.in, Phone No-9938022883
Office Order No.216/1F, Dated, Angul the 30th May, 2025

**Corrigendum to Tender Call Notice**

**Bid Identification No.DFO/ANG-01/2025-26, Dated 22.05.2025**

No.MM-68: With reference to the Tender Notice published for the **Procurement of Different Planting Materials for the Planting Season 2025-26** under the aforementioned Bid Identification Number, the **items and specifications have been modified and certain additions have been made**. These modifications form an integral part of the ongoing tender process and are to be read in conjunction with the original tender document. Bidders are requested to consider the revised specifications and newly added items as detailed below for the purpose of bid submission.

| Sl.No. | Items | Modification Details | Remarks |
|---|---|---|---|
| 06 | NPL Fertilizer (Chemical) | 20:20:0.18 | |
| 09 | Virgin Green HDPE Mesh for Garden fencing or tree guard | GSM- (350 & above) | |
| 13 | Drip | • With 40 mm & 50 mm Agri PVC Pipe (6 KG) • Onlines 16mm pipe Network with all accessories • Control Valve and Flush Valve 40 mm • Header & Filter Unit 20/25 Cum • With Drippers 4 LPH | |

Others can see the details from Notice Inviting Tenders, available in website https://angul.odisha.gov.in, https://odishaforest.in Corrigendum if any, shall only be published in the above website. **All other terms and conditions will remain same as published in the above referred tender notice. Inconvenience, if any is highly regretted.**

OIPR-08027/11/0025/2526

**Sd./- Divisional Forest Officer, Angul Forest Division**

---

## MUNICIPAL OFFICE: JAJPUR
### TENDER CALL NOTICE
**NO.1667/ Date: 30.5.25**

**No.C-421**:Jajpur Municipality invites sealed tender call notice to be drawn in Municipal Agreement Form No.W-III is invited from Registered Contractors of Government/ Semi-Government / Jajpur Municipality Contractors against the work mentioned in the table given below. The Tender papers shall be received by the undersigned from 07.00 AM of Dt.02.06.2025 to Dt.09.06.2025 upto 1.00 PM and will be opened at 12.00 PM on Dt.10.06.2025 in the Office of the undersigned. The Tender paper will be sold from 07.00 AM of Dt.02.06.2025 to Dt.09.06.2025 during the above stated Office hours on working days. Valid Contractor License is to be enclosed with Tender Paper to the Office of undersigned.

The authority reserves the right to reject any or all Tenders without assigning any reason thereof and is not bound to accept the lowest tender.

| Sl. No. | Name of the Work | Estimated Cost (in Rs.) | Period of Completion | Class of Contractor | Cost of Bid document (Non-refundable) |
|---|---|---|---|---|---|
| 1 | 2 | 3 | 4 | 5 | 6 |
| 1 | White washing, colouring and other repair works of Utkal Balashram, Jajpur | 116144 | 15 days | "C & D" Class/ Municipal Contractor | 600/- |
| 2 | Const of Drain and road from Bhaskar Tripathy house to Acharaya Babu House in Ward No.12 | 72194 | 15 days | "C & D" Class/ Municipal Contractor | 600/- |
| 3 | Repair and colouring of 1st Floor of M.E. Quarter | 135809 | 15 days | "C & D" Class/ Municipal Contractor | 600/- |

OIPR-13171/11/0030/2526

**Sd./- Executive Officer, Jajpur Municipality**

---

## ବୈଷୟିକ ଶିକ୍ଷା ଓ ତାଲିମ ନିର୍ଦ୍ଦେଶାଳୟ, ଓଡ଼ିଶା, କଟକ
## DIRECTORATE OF TECHNICAL EDUCATION & TRAINING, ODISHA

SAMS
Student Academic Management System

Skilled in Odisha

**ରାଜ୍ୟର ସରକାରୀ ଓ ବେସରକାରୀ ଆଇ.ଟି.ଆଇ.ମାନଙ୍କରେ ୨୦୨୫-୨୬ ଶିକ୍ଷା ବର୍ଷର ନାମଲେଖା ବିଜ୍ଞାପନ ଆବେଦନର ତାରିଖ ୨୦।୦୬।୨୦୨୫କୁ ବୃଦ୍ଧି କରାଯାଇଅଛି ।**

No. KK-69: ଆଇ.ଟି.ଆଇ. ତାଲିମ ନିମିତ୍ତ ଇଚ୍ଛୁକ ଛାତ୍ରଛାତ୍ରୀମାନଙ୍କୁ ସୂଚାଇ ଦିଆଯାଉଅଛି ଯେ, ଚଳିତ ୨୦୨୫-୨୬ ଶିକ୍ଷାବର୍ଷରେ ରାଜ୍ୟର ସମସ୍ତ ସରକାରୀ ଓ ବେସରକାରୀ ଆଇ.ଟି.ଆଇ.ମାନଙ୍କରେ SAMS ଜରିଆରେ କେନ୍ଦ୍ରୀୟ ଅନ୍‌ଲାଇନ ମାଧ୍ୟମରେ ମେଧାଭିତ୍ତିକ ପଦ୍ଧତିରେ ନାମ ଲେଖାଯିବ। ଏଥିପାଇଁ ଅନ୍‌ଲାଇନ ମାଧ୍ୟମରେ ଆବେଦନପତ୍ର ତା୧୦।୦୪।୨୦୨୫ରିଖଠାରୁ ଗ୍ରହଣ କରାଯାଉଅଛି। **ଆବେଦନ କରିବାର ଶେଷ ତାରିଖ ୨୦।୦୬।୨୦୨୫ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଅଛି।**

**ନାମଲେଖା ପ୍ରଣାଳୀ:**

କ) ଆବେଦନକାରୀ ତା୦୧।୦୮।୨୦୨୫ରିଖ ସୁଦ୍ଧା ୧୪ବର୍ଷ ବୟସ ପ୍ରାପ୍ତ/ଅତିକ୍ରମ କରିଥିବେ, କିନ୍ତୁ କୌଣସି ସର୍ବାଧିକ ବୟସ ସୀମା ନାହିଁ।

ଖ) ବିଭିନ୍ନ ଇଞ୍ଜିନିୟରିଂ ଏବଂ ଅଣ ଇଞ୍ଜିନିୟରିଂ ପାଠ୍ୟକ୍ରମ (ଟ୍ରେଡ) ପାଇଁ ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତା (୧୦ମ ଶ୍ରେଣୀ ପାସ୍/୧୦ମ ଶ୍ରେଣୀ ଫେଲ) ସମ୍ବନ୍ଧୀୟ ତଥ୍ୟ SAMS ପୋର୍ଟାଲ **www.samsodisha.gov.in** କିମ୍ବା **www.dtetodisha.gov.in**ରେ ଉପଲବ୍ଧ ଅଛି।

ଗ) SAMS ପୋର୍ଟାଲ **www.samsodisha.gov.in** କିମ୍ବା **www.dtetodisha.gov.in**ରେ Login କରି ପ୍ରଥମ ପର୍ଯ୍ୟାୟରେ Onlineରେ ପଞ୍ଜୀକରଣ ପାଇଁ ୨୦।୦୬।୨୦୨୫ ପର୍ଯ୍ୟନ୍ତ ଆବେଦନ କରିପାରିବେ। ପ୍ରାର୍ଥୀମାନେ ଇଚ୍ଛୁକ ଥିବା ଆଇ.ଟି.ଆଇ.ମାନଙ୍କରେ ନାମ ଲେଖାଇବାକୁ Choice filling କରିବାକୁ ପଡ଼ିବ।

ଘ) ଅଧିକ ବିବରଣୀ ନିମିତ୍ତ, ପ୍ରାର୍ଥୀ ସହାୟତା ଟୋଲ ଫ୍ରି ନମ୍ବର - ସଂଯୋଗ Helpline - **୧୫୫୩୩୫** କିମ୍ବା **୧୮୦୦-୩୪୫-୬୭୭୦କୁ ଯୋଗାଯୋଗ** କରି କୁଶଳୀ କାରିଗର ହେବାପାଇଁ ଏହି ସୁଯୋଗ ନିଅନ୍ତୁ।

ଅନୁମୋଦିତ
**ନିର୍ଦ୍ଦେଶକ, ବୈଷୟିକ ଶିକ୍ଷା ଓ ତାଲିମ ନିର୍ଦ୍ଦେଶାଳୟ, ଓଡ଼ିଶା।**

OIPR-44008/11/0037/2526

---

## ODISHA PUBLIC SERVICE COMMISSION CUTTACK
### NOTICE

**No. 3715 / P.S.C., Dt. 31.05.2025**
**(IR-09-24/25) (DR-V)**

**Assistant Professor (Stage-I) in Geology**
**(Advertisement No. 27 of 2023-24)**

**No.D-** : It is for information of all concerned that, document verification of **84 (eighty four)** candidates having **PPSAN** mentioned below for the post of **Assistant Professor (Stage-I) "Geology"**, pursuant to Advertisement No.27of 2023/24 shall be held on **11.06.2025, 12.06.2025, 13.06.2025, 17.06.2025, 18.06.2025 & 19.06.2025** as per the following programme in the office of the Commission at 19, Dr. P. K. Parija Road, Cuttack - 753001

**PROGRAMME OF DOCUMENT VERIFICATION**

| Date | Time of verification | PPSAN |
|---|---|---|
| 11.06.2025 | 10.30 A.M. | P240284422, P230137904, P240256535, P240295752, P240307927, P240311936, P240311409, P220083422 & P240303709 **= 09 Candidates** |
| | 2.30 P.M. | P220017876, P230182962, P240296776, P240301882, P240303791 & P240305838 **= 06 Candidates** |
| 12.06.2025 | 10.30 A.M. | P240308482, P220068944, P230107829, P230127391, P230177093, P240285359, P240302257, P240308237 & P230180393 **= 09 Candidates** |
| | 2.30 P.M. | P240298974, P240305554, P240311331 P240312784, P240303752 & P240304967 **= 06 Candidates** |
| 13.06.2025 | 10.30 A.M. | P220073091, P230124497, P230175464, P230182574, P230186020, P240304807, P240306347, P240306965 & P240312037 **= 09 Candidates** |
| | 2.30 P.M. | P230146601, P230201976, P240302791, P240303984, P240304477 & P240302964 **= 06 Candidates** |
| 17.06.2025 | 10.30 A.M. | P230141335, P230187219, P230187867 P240302961, P230177578, P220014717 P220052682, P230198040 & P240298064 **= 09 Candidates** |
| | 2.30 P.M. | P240304925, P220058723, P220040937 P240286845, P240302501 & P230101482 **= 06 Candidates** |
| 18.06.2025 | 10.30 A.M. | P240295889, P230182918, P220037179, P230179203, P240306792, P240285880, P230155745, P230147162 & P230178884 **= 09 Candidates** |
| | 2.30 P.M. | P220086716, P230155816, P220007504, P240291089, P240291370 & P220025354 **= 06 Candidates** |
| 19.06.2025 | 10.30 A.M. | P220067444, P220059712, P240308698, P240308726 & P230234068 **= 05 Candidates** |
| | 2.30 P.M. | P240299419, P240305219, P230141449 & P230141687 **= 04 Candidates** |

The candidates are required to submit the following documents (both Original & One Set of Self-attested Photocopies) at the time of verification: -

[All the Certificates/Documents should be issued within the last date of Submission of Online Application i.e. 30.05.2024]

1. Hard copy of **online application** form indicating their **PPSAN at the top right-hand corner**.
   (Online Applications are available on the website of the Commission. The candidates are required to download the same using their respective e-mail ID/Phone Number and Password/OTP etc. through OPSC e-Chayan Portal via **www.opscechayan.in**).
2. Three passport size photographs (unsigned & unattested) which has been uploaded with online application form.
3. Duly filled in & attested **"Attestation Form"** and duly filled in **"Bio-data Form"** (to be downloaded from the website of the Commission) affixed with passport size photographs.
4. H.S.C. or equivalent Certificate in support of declaration of age issued by the concerned Board/Council.
5. Bachelor's Degree Certificate & marksheet issued by the recognized University.
6. Master's Degree Certificate & marksheet in the concerned/ relevant/ allied discipline as mentioned in Appendix-'B' of the Advt. No.27 of 2023-24 in respect of educational qualification prescribed for the recruitment.
7. M. Phil Certificate & Marksheet.
8. NET/JRF/SET/SLET qualified Certificate.
9. Ph. D Degree Certificate.
10. Conversion Certificate from the concerned University indicating the actual equivalent percentage of marks.
11. Odia Test pass Certificate.
12. Caste Certificate wherever applicable.
13. Identity card issued by the Director of Sports, Odisha in case of Sports Person.
14. Permanent Disability Certificate (indicating permanent disability of 40% or more).
15. One set Xerox copy of Published Research Papers.
16. Teaching/ Post-Doctoral experience Certificate.
17. Awards.
18. No Objection Certificate from the competent authority in case of Govt. Servants.
19. Any proof of identity.
20. Any other documents as mentioned in Para-9 of the Advertisement No.27 of 2023-24.

The candidates are required to mention **"Submitted by me and Certified as genuine and has not been cancelled"** and put their **full signature and date** on the same.

The candidates are advised to report in the office of the Commission **half an hour before the commencement of verification** on the scheduled date & time as mentioned above.

**Note :** It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/ deficiency found at any stage during or after the selection process and is subject to fulfillment of the terms and conditions laid down in the Advertisement. Mere participation in the document verification does not reserve any right for selection.

OIPR-12002/11/0235/2526

**Sd./- Secretary**

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..................................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଆକଳନଠାରୁ କାରବାର ଉତ୍ସାହଜନକ

## ଆଜି ସରିବ ଦୁବାଇ ସିଟି କାର୍ନିଭାଲ

ଭୁବନେଶ୍ୱର,୩୧।୫

ଭୁବନେଶ୍ୱରର ୟୁନିଟ୍-୩ସ୍ଥିତ ପ୍ରଦର୍ଶନୀ ପଡ଼ିଆରେ ଜାରି ରହିଥିବା ଏକ ଭିନ୍ନ ଧରଣର ପ୍ରଦର୍ଶନୀ 'ଦୁବାଇ ସିଟି କାର୍ନିଭାଲ' ରବିବାର ଶେଷ ହେଉଛି। ବିଶେଷକରି ଏହି ସ୍ଥାନରେ କେତେକ ସ୍ୱତନ୍ତ୍ର ସରକାରୀ କାର୍ଯ୍ୟକ୍ରମ ହେବାକୁ କାର୍ଯ୍ୟସୂଚୀ ଜାରି ହୋଇଥିବାରୁ ଆୟୋଜକ କ୍ରାଫ୍ଟସ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ ଏହି ପ୍ରଦର୍ଶନୀକୁ ଅଧାରୁ ବନ୍ଦ କରିଦିଆଯାଉଛି। ସେହିଭଳି ପ୍ରାଥମିକ ପର୍ଯ୍ୟାୟରେ ଏହି ପ୍ରଦର୍ଶନୀ ୨୦୨୫ ଜୁନ୍ ୧୮ ପର୍ଯ୍ୟନ୍ତ ଜାରି ରହିବ ବୋଲି ଆୟୋଜକଙ୍କ



ପକ୍ଷରୁ ସୂଚନା ଦିଆଯାଇଥିଲାବେଳେ ବ୍ୟବସାୟୀଙ୍କ କାରବାର ଧୀରେ ଧୀରେ ବୃଦ୍ଧି ପାଉଥିଲା। ଏପରିକି ଆୟୋଜକଙ୍କ ଆକଳନ ଅନୁଯାୟୀ କାରବାର ବେଶ୍ ଭଲ ଓ ଜମି ଆସୁଥିଲାବେଳେ ପ୍ରଦର୍ଶନୀ ବନ୍ଦ ହୋଇଯିବା ଯୋଗୁ ବ୍ୟବସାୟୀମାନେ ନିରାଶ ହୋଇଛନ୍ତି। ଅପରପକ୍ଷରେ ପ୍ରଦର୍ଶନୀର ଆୟୋଜକଙ୍କ ଆକଳନଠାରୁ କାରବାର ବେଶ୍ ଉତ୍ସାହଜନକ ରହିଥିଲା। ଏହି ପ୍ରଦର୍ଶନୀରେ ଭଳିକି ଭଳି ସାମଗ୍ରୀ ପଡିଥିବାବେଳେ ବିଭିନ୍ନ ଜୋନ୍ ଷ୍ଟଲ୍‌ରେ ଗ୍ରାହକଙ୍କ ଭିଡ଼ ଜମୁଥିଲା। ବିଶେଷକରି ଘର ସଜାଇବାଠାରୁ ଆରମ୍ଭକରି ଅନ୍ୟାନ୍ୟ କାମ ଓ ଉପହାର ସାଙ୍ଗକୁ ଅନ୍ୟାନ୍ୟ ସ୍ଥାନକୁ ଆକର୍ଷଣୀୟ କରିବାକୁ ଆଶାୟୀଥିବା ଗ୍ରାହକମାନେ ସୁଲଭ ମୂଲ୍ୟରେ ଗୁଣାତ୍ମକ ହାଣ୍ଡିକ୍ରାଫ୍ଟ ସାମଗ୍ରୀ କ୍ରୟ କରୁଥିବାବେଳେ ହାଣ୍ଡିକ୍ରାଫ୍ଟ ଏବଂ ହ୍ୟାଣ୍ଡଲୁମ୍ ପୋଷାକର ବ୍ୟାପକ ସମ୍ଭାର ସାଙ୍ଗକୁ ଫୁଡ୍ ଜୋନ୍ ଏବଂ କଞ୍ଜୁମର ଜୋନ୍ ସବୁ ବର୍ଗର ଗ୍ରାହକଙ୍କୁ ବେଶ୍ ଆକୃଷ୍ଟ କରୁଥିଲା ବୋଲି ଆୟୋଜକ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି।

ସେହିପରି ଏହି ପ୍ରଦର୍ଶନୀରେ ମୋଟ ୧୨୦ ଟି ଷ୍ଟଲ୍ ରହିଛି। ତା'ସାଙ୍ଗକୁ ସେଲଫି ଜୋନ୍ ଏବଂ ଦୁବାଇର ବିଶେଷ ଆକର୍ଷଣ ବୁର୍ଜ ଖଲିଫା, ଆଇଫେଲ୍ ଟାୱାର, ଲଣ୍ଡନ ବ୍ରିଜ୍ ଏବଂ ହାର୍ଟ ପଏଣ୍ଟ ଭଳି ଆକର୍ଷଣୀୟ ସ୍ଥାନର ଭ୍ରମ ମଧ୍ୟ ଡିଜାଇନ କରାଯାଇଛି। ଅପରପକ୍ଷରେ ସବୁ ବର୍ଗଙ୍କ ପାଇଁ ଆକର୍ଷଣୀୟ ଖେଳନାଠାରୁ ଆରମ୍ଭକରି ପ୍ରିମିୟମ ଗହଣା ରେଞ୍ଜ ଏବଂ ଖେଳକୁଦ ପାଇଁ ବିଭିନ୍ନ ଝୁଲା (ବ୍ରେକ୍ ଡ୍ୟାନ୍ସ, ଡ୍ରାଗନ ଟ୍ରେନ୍, ଟାୱାର, ନୌକା, ଟୋରା ଟୋରା) ସହ ଫନ୍ ଜୋନ୍ ରହିଛି।

## ଆଇକ୍ୟୁଓର ନୂତନ ଉତ୍ପାଦ

ଭୁବନେଶ୍ୱର,୩୧।୫

ଆଇକ୍ୟୁଓର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ସର୍ବଶେଷ ପାୱାର ହାଉସ ଆଇକ୍ୟୁଓ ନିଓ ୧୦ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ବିଶେଷକରି ଏହାକୁ ଯୁବପିଢ଼ିଙ୍କ ପାଇଁ ଡିଜାଇନ କରାଯାଇଛି। କେବଳ ଯୁବପିଢ଼ି ନୁହେଁ, ଭାରି କାର୍ଯ୍ୟ କରୁଥିବା ବ୍ୟବହାରୀଙ୍କ ପାଇଁ ମଧ୍ୟ ଏହି ଫୋନ ବେଶ୍ ଉପଯୁକ୍ତ ହୋଇପାରିବ। ଏ ନେଇ ଆଇକ୍ୟୁଓର ସିଇଓ ନିପୁଣ ମାରିଆ କହିଛନ୍ତି, ଆଇକ୍ୟୁଓରେ ବ୍ୟବହାରକାରୀଙ୍କ ପାଇଁ ଅନେକ ଉପଯୋଗିତା ବୈଶିଷ୍ଟ୍ୟକୁ ଯୋଡ଼ାଯାଇଛି। ଏପରିକି ଏହାର ଅସାଧାରଣ କାର୍ଯ୍ୟଦକ୍ଷତା ଯୁବପିଢ଼ିଙ୍କ ଲାଗି ମଲଟି ଟାସ୍କିଂ ଅଭିଜ୍ଞତା ପ୍ରଦାନ କରିବ। ଅପରପକ୍ଷରେ ଏହାକୁ ଉନ୍ନତ କରିବା ଲାଗି ଆମେ ଏକ ନୂଆ ୧୬ ଜିବି+୫୧୨ ଜିବି ଭାରିଆଣ୍ଟ ମଧ୍ୟ ଲଞ୍ଚ କରିଛୁ, ଯାହା ଆସନ୍ତାକାଲିର ଦାବିକୁ ସହଜରେ ପୂରଣ କରିବାକୁ ସକ୍ଷମ ହେବ।

## ୨୨ତମ ଆଇଜେଏସ୍‌ଓରେ ଆଲେନ୍‌ର ଛାତ୍ର ରୁହାନ୍


ରୁହାନ୍ ମହାନ୍ତି

ଭୁବନେଶ୍ୱର,୩୧।୫ (ଅଭୟ ଦାଶ)

ଆଲେନ୍ କ୍ୟାରିୟର ଇନ୍‌ଷ୍ଟିଚ୍ୟୁଟ୍ ପ୍ରାଇଭେଟ୍ ଲିମିଟେଡ୍‌କୁ ନିକଟରେ ଆଉ ଏକ ସଫଳତା ମିଳିଛି। ଏପରିକି ୨୨ତମ ଅନ୍ତର୍ଜାତୀୟ ଜୁନିୟର ସାଇନ୍ସ ଅଲିମ୍ପିଆଡ୍ (ଆଇଜେଏସ୍‌ଓ) ପାଇଁ ଆଲେନ୍‌ର ୪ ଜଣ ଛାତ୍ର ଜାତୀୟ ଟିମ୍‌କୁ ମନୋନୀତ ହୋଇଛନ୍ତି।

ଉଲ୍ଲେଖଯୋଗ୍ୟ, ଆଲେନ୍ ଭୁବନେଶ୍ୱରର ଛାତ୍ର ରୁହାନ୍ ମହାନ୍ତି ୨୨ତମ ଆଇଜେଏସ୍‌ଓକୁ ମନୋନୀତ ହୋଇଛନ୍ତି। ଏପରିକି ରୁଷିଆରେ ହେବାକୁ ଥିବା ୨୨ତମ ଆଇଜେଏସ୍‌ଓରେ ଆଲେନ୍‌ର ଛାତ୍ର ରୁହାନ୍ ମହାନ୍ତି ଭାରତରୁ ପ୍ରତିନିଧିତ୍ୱ କରିବେ। ଏ ନେଇ ଆଲେନ୍‌ର ଭୁବନେଶ୍ୱର କେନ୍ଦ୍ର ମୁଖ୍ୟ ରଜନୀଶ ଶ୍ରୀବାସ୍ତବ କହିଛନ୍ତି, ୨୨ତମ ଆଇଜେଏସ୍‌ଓ ପାଇଁ ଆମର ୪ ଜଣ ଛାତ୍ର ମନୋନୀତ ହୋଇଛନ୍ତି। ସେଥିମଧ୍ୟରୁ ଆଲେନ୍ ଭୁବନେଶ୍ୱର ଶ୍ରେଣୀଗୃହର ଛାତ୍ର ରୁହାନ୍ ଅନ୍ୟତମ ହୋଇଥିଲାବେଳେ ଆଲେନ୍‌ର ଅନ୍ୟ ମନୋନୀତ ଛାତ୍ରମାନଙ୍କ ମଧ୍ୟରେ ଆଦିଶ ଜୈନ (ଆଲେନ୍ ଅନ୍‌ଲାଇନ) ଏବଂ ଉଭୟ ଅନ୍‌ମୋଲ କୁମାର ଏବଂ ଏସ୍.ଭି.ତେଜସ୍ (ଆଲେନ୍ ଶ୍ରେଣୀଗୃହ କାର୍ଯ୍ୟକ୍ରମ) ଭାରତୀୟ ଦଳରେ ଅନ୍ତର୍ଭୁକ୍ତ ଅଛନ୍ତି। ଅପରପକ୍ଷରେ ପୁଣି ଥରେ ଆଲେନ୍‌ର ଛାତ୍ରମାନେ ସେମାନଙ୍କର ପ୍ରାଧାନ୍ୟ ପ୍ରଦର୍ଶନ କରିଛନ୍ତି। ଏପରିକି ଭାରତୀୟ ଦଳ ପାଇଁ ମନୋନୀତ ୬ ଜଣ ଛାତ୍ରଙ୍କ ମଧ୍ୟରୁ ୪ ଜଣ ଆଲେନ୍ କ୍ୟାରିୟର ଇନ୍‌ଷ୍ଟିଚ୍ୟୁଟର ବୋଲି ସେ କହିଛନ୍ତି।

କ୍ରମାଗତ ଭାବେ ଆଲେନ୍‌ର ଛାତ୍ରୀଛାତ୍ରମାନେ ଅନ୍ତର୍ଜାତୀୟ ପ୍ଲାଟ୍‌ଫର୍ମରେ ସେମାନଙ୍କର ଉତ୍କର୍ଷ ପ୍ରମାଣ କରିଚାଲିଛନ୍ତି। ଏପରିକି ସେମାନେ ପ୍ରତିଷ୍ଠିତ ପରୀକ୍ଷାଗୁଡିକରେ ଶୀର୍ଷ ସ୍ଥାନ ହାସଲକରି ଦେଶକୁ ଗର୍ବିତ କରୁଛନ୍ତି।

ସେହିଭଳି ହୋମି ଭାବା ସେଣ୍ଟର ଫର୍ ସାଇନ୍ସ ଏଜୁକେଶନ (ଏଚ୍‌ବିସିଏସ୍‌ଇ) ମୁମ୍ବାଇର ମାର୍ଗଦର୍ଶନରେ ଇଣ୍ଡିଆନ୍ ଆସୋସିଏସନ୍ ଅଫ୍ ଫିଜିକ୍ସ ଟିଚର୍ସ (ଆଇଏପିଟି) ଦ୍ୱାରା ଆୟୋଜିତ ୨୨ତମ ଆଇଜେଏସ୍‌ଓ ପାଇଁ ଓରିଏଣ୍ଟେଶନ-କମ୍-ସିଲେକ୍ସନ କ୍ୟାମ୍ପ (ଓସିଏସ୍‌ସି)ର ଫଳାଫଳ ଘୋଷଣା କରାଯାଇଛି। ଏହି ଶିବିର ୨୦୨୫ ମେ ୧୫ ରୁ ୩୧ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ସୂଚନାଯୋଗ୍ୟ, ୨୦୨୫ ଡିସେମ୍ବରରେ ରୁଷିଆଠାରେ ଅନୁଷ୍ଠିତ ହେବାକୁ ଥିବା ୨୨ ତମ ଅନ୍ତର୍ଜାତୀୟ ଜୁନିୟର ସାଇନ୍ସ ଅଲିମ୍ପିଆଡ୍ (ଆଇଜେଏସ୍‌ଓ)ରେ ଏହି ମନୋନୀତ ଛାତ୍ରୀଛାତ୍ରମାନେ ଭାରତରୁ ପ୍ରତିନିଧିତ୍ୱ କରିବେ।

## ମାଲାବାରରେ ଆର୍ଟିଷ୍ଟ୍ରି ଶୋ'ର ଶୁଭାରମ୍ଭ

ଭୁବନେଶ୍ୱର,୩୧।୫

ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ(ମାଲାବାର)ର ବହୁ ପ୍ରତୀକ୍ଷିତ ପ୍ରଦର୍ଶନୀ ଆର୍ଟିଷ୍ଟ୍ରି ଶୋ'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ମାଲାବାରର ଭୁବନେଶ୍ୱରସ୍ଥିତ ଚନ୍ଦ୍ରଶେଖରପୁର ଶୋ'ରୁମ୍‌ରେ ଏକ ୯ ଦିନିଆ 'ଆର୍ଟିଷ୍ଟ୍ରି ଶୋ'ର ଶୁଭାରମ୍ଭ ଶୁକ୍ରବାର କରାଯାଇଛି। ଏହି ଅବସରରେ ଓଲିଉଡ୍ ଅଭିନେତ୍ରୀ ଜ୍ୟୋତି ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଆନୁଷ୍ଠାନିକ ଶୁଭାରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମାଲାବାର ଗ୍ରାହକ କମ୍ ମଡେଲ ଏବଂ ଶୋ'ରୁମ୍‌ର ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

ଉଲ୍ଲେଖଯୋଗ୍ୟ, ୨୦୨୫ ମେ ୩୧ରୁ ଜୁନ୍ ୮ ପର୍ଯ୍ୟନ୍ତ ମାଲାବାରର ଭୁବନେଶ୍ୱରସ୍ଥିତ ଚନ୍ଦ୍ରଶେଖରପୁର ଶୋ'ରୁମ୍‌ରେ ଏହି ଶୋ' ଜାରି ରହିବ। ଏହା ଜରିଆରେ ମାଲାବାରର ସମସ୍ତ କଲେକ୍ସନ ଓ ଅଳଙ୍କାର ସମ୍ଭାର ଉଭୟ ପ୍ରଦର୍ଶନୀ ଓ ବିକ୍ରୟ ପାଇଁ ଉପଲବ୍ଧ। ଏହି ଶୋ'ରେ ମାଲାବାରର ସୁନା ଓ ହୀରାର ବ୍ୟାପକ କଲେକ୍ସନ ମାଇନ ଡାଇମଣ୍ଡ ଜୁଏଲେରି, ଏରା ଅନକଟ ଡାଇମଣ୍ଡସ, ପ୍ରେସିଆ ଜେମ୍‌ଷ୍ଟୋନ ଜୁଏଲେରି, ଏଥେନିକ୍ସ ହାଣ୍ଡିକ୍ରାଫ୍‌ଡ ଜୁଏଲେରି, ବିରାଜ ରୟାଲ ପୋଲକୀ ଜୁଏଲେରି ଏବଂ ଆହୁରି ଅନେକ ପ୍ରକାର କଲେକ୍ସନ ସାମିଲ ରହିଛି।


ଆର୍ଟିଷ୍ଟ୍ରି ଶୋ'ର ଶୁଭାରମ୍ଭ ଅବସରରେ ଅତିଥିଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

ଏ ସମ୍ପର୍କରେ ମାଲାବାର ଗ୍ରୁପ୍‌ର ଅଧ୍ୟକ୍ଷ ଏମ୍‌ପି ଅହମ୍ମଦ କହିଥିଲେ, ଆମେ ଆମର 'ଆର୍ଟିଷ୍ଟ୍ରି ଶୋ' ଭୁବନେଶ୍ୱରସ୍ଥିତ ଚନ୍ଦ୍ରଶେଖରପୁର ଶୋ'ରୁମ୍‌ରେ ଆରମ୍ଭକରି ବେଶ୍ ଉତ୍ସାହିତ ଅଛୁ। ଏପରିକି ଏହି ଶୋ' ଜରିଆରେ ଗ୍ରାହକ ଓ ଦର୍ଶକ ମାଲାବାରର ସମସ୍ତ ସୁନା ଓ ହୀରାର ଗହଣା ସମ୍ଭାରକୁ ଉଭୟ ଦେଖିପାରିବେ ଓ କ୍ରୟ ମଧ୍ୟ କରିପାରିବେ ବୋଲି ସେ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି।

## ଏଲ୍‌ଆଇସିକୁ ବିସିଏମ୍‌ଏସ୍ ପ୍ରମାଣପତ୍ର

ଭୁବନେଶ୍ୱର,୩୧।୫

ଭାରତୀୟ ଜୀବନ ବୀମା ନିଗମ (ଏଲ୍‌ଆଇସି)କୁ ନିକଟରେ ଆଉ ଏକ ସଫଳତା ମିଳିଛି। ଏପରିକି ଏଲ୍‌ଆଇସିକୁ ବିଜ୍‌ନେସ୍ କଣ୍ଟିନ୍ୟୁଟି ମ୍ୟାନେଜମେଣ୍ଟ ସିଷ୍ଟମ (ବିସିଏମ୍‌ଏସ୍) ସାର୍ଟିଫିକେଶନ/ପ୍ରମାଣପତ୍ର ଦିଆଯାଇଛି।

ଉଲ୍ଲେଖଯୋଗ୍ୟ, ବ୍ରିଟିଶ ଷ୍ଟାଣ୍ଡାର୍ଡସ ଇନ୍‌ଷ୍ଟିଚ୍ୟୁଶନ (ବିଏସ୍‌ଆଇ) ପକ୍ଷରୁ ଆଇଏସ୍‌ଓ ୨୨୩୦୧:୨୦୧୯ ବିସିଏମ୍‌ଏସ୍ ସାର୍ଟିଫିକେଶନ ଏଲ୍‌ଆଇସିକୁ ପ୍ରଦାନ କରାଯାଇଛି। ଆଇଏସ୍‌ଓ ୨୨୩୦୧:୨୦୧୯ ବିସିଏମ୍‌ଏସ୍ ମାନ୍ୟତା ବୀମାକାରୀଙ୍କ ଦୃଢ଼ ବ୍ୟବସାୟ ନିରନ୍ତରତା ଅଭ୍ୟାସ ବଜାୟ ରଖିବା, ଅପ୍ରତ୍ୟାଶିତ ବାଧା ସମୟରେ ମଧ୍ୟ ନିରନ୍ତର ସେବା ସୁନିଶ୍ଚିତ କରିବା ଏବଂ ପ୍ରଭାବଶାଳୀ ଭାବରେ ବିପଦ ପରିଚାଳନା କରିବାର କ୍ଷମତାକୁ ସ୍ୱୀକୃତି ଦେଇଥାଏ।


ସିଦ୍ଧାର୍ଥ ମହାନ୍ତି

ଏ ସମ୍ପର୍କରେ ଏଲ୍‌ଆଇସିର ଏମ୍‌ଡି ତଥା ସିଇଓ ସିଦ୍ଧାର୍ଥ ମହାନ୍ତି କହିଛନ୍ତି, ଏକ ପ୍ରତିଷ୍ଠାନ ଭାବେ ଆମେ ଆମର ଗ୍ରାହକ ଏବଂ ଅନ୍ୟାନ୍ୟ ଅଂଶୀଦାରମାନଙ୍କ ପାଇଁ କାମ କରୁଛୁ। ଏପରିକି ଆମ ଉପରେ ଥିବା ବିଶ୍ୱାସ ଏବଂ ଭରସାକୁ ସର୍ବାଧିକ ମୂଲ୍ୟ ଦେଉଛୁ।


# Classified Everyday
0674-2580101, 9692975378


MATRIMONIAL

**BRIDE WANTED**

Khastriya Boy 1993, B.Tech, 5'9", Dhanu, Bangalore IT Software, Dhenkanal. 9668599723. D-71085

**GROOM WANTED**

Wanted Govt. Officers groom for beautiful Khandayat Girl 1992, 5'4", MSc, ME.d. serving Asst. Professor, Govt BE.d. College. "SUNASANSAR". 9937512659. D-76273


REAL ESTATE
SALE

**Sale of personal plot 60x80= 4800sft. Nearer to Phulanakhara, 11 K.M. from BBSR @ 1500per sft. with big compound wall, beautiful road, touching to a building. 7809525452.** D-76463

**ପାଠକଙ୍କ ପାଇଁ ସୂଚନା** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**Sthitiban plot sale near IIT Argul, Khurdha, Bhubaneswar. Immediate registration/ possesion sqft.- 350/-. 8328868883.** D-76270

ନଖରାଛକରୁ **6K.M.** ବ୍ରାହ୍ମଣଝରିଲୋରେ ଘରବାରି **boundary plot sale, 1500sqft. 30,00,000/-. 7978947520.** D-76272

**Ready to move 1/2 BHK flat for sale @ 13/24 lakh at Sundarpada and Gudiapokhari, Bhubaneswar. Call- 9861642492.** D-738

ଭୁବନେଶ୍ୱର, **Puri bypass** ପିପିଲି, ଉତ୍ତରାଛକ, ଝାରପଡ଼ା ଏବଂ ନଖରାଛକ ଠାରେ **Residential Plot, 2/3BHK Flat** ବିକ୍ରିହେବ। **8327785834.** D-76266




Wellness relax body massage & joint pain treatment by trend therapist. 7327020180. D-76917

Newly open health benefits SPA by expert therapist. Contact- 8280961126. D-76915

Kerala Ayurveda Massage therapy gents/ Ladies pain relief Bhubaneswar. 9337672475. D-730

**AFFIDAVIT**

By virtue of an affidavit sworn before the Executive Magistrate TALCHER on dated 10th March 2025, I, Mrs. Mamita Bisai, Address QR No-M/100, AT/PO-DERA COLLIERY, P.S.-Colliery, VTC- Talcher, PIN- 759103, Odisha have changed my name from "MAMATA BISOYI" to "MAMITA BISAI". Henceforth, I shall be known as "MAMITA BISAI" for all purposes.
MAMITA BISAI
D-770

I, SMITA GIRI, W/o HIMANSU PATNAIK, resident of B/5, SIDDHI VIHAR, BARABARI, P.O./P.S.-KHANDAGIRI, DIST.-KHURDA, ODISHA, PIN- 751030 declare by this affidavit No.- 8344 dtd- 19.05.2025 that now onwards, I shall be known as SMITA PATNAIK for all future purposes. D-772

I, Sri Nalla Damurudhara Choudhury declared that as per affidavit No.- 43, dtd- 29.-5.2025 before the Executive Magistrate, Nandapur, my old name N Damburudhara Choudhury has been changed to Nalla Damurudhara Choudhury. Henceforth I will be known as Nalla Damurudhara Choudhury son of Nalla Dharma Rao, At/P.O.- Nandapur, Dist.- Koraput for all purposes. D-768

**ମନେ ପଡ଼ନ୍ତି**

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ଶ୍ରୀମତୀ ସରୋଜିନୀ ପଣ୍ଡା**

ଆବିର୍ଭାବ: ୨୮।୦୮।୧୯୫୯
ତିରୋଧାନ: ୨୨।୦୫।୨୦୨୫

ଆଜି ବି ତୁମେ ଓ ତୁମ ସହିତ ବିତେଇଥିବା ମୁହୂର୍ତ୍ତ ସବୁ ଆମ ମାନସପଟ୍ଟରେ ସଜଳ ଓ ଜୀବନ୍ତ। ତୁମେ ଯେଉଁଠି ଥାଅ ଭଲରେ ଥାଅ, ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ପାଦ ପଦ୍ମରେ ଆମର ବିନମ୍ର ବିନତି।

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ସହ:- ହତଭାଗ୍ୟ ପୁତ୍ର: (ପୁପୁନ୍), କନ୍ୟାମାନେ (ମାମା, ଉମୁନି, ସୀମା) ଓ ଶୋକସନ୍ତପ୍ତ ପରିବାରବର୍ଗ
ଧ-୭୬୯

**ପଞ୍ଚମ ଶ୍ରାଦ୍ଧବାର୍ଷିକୀ**



**୰ରବିନାରାୟଣ ଜେନା**

It broke our hearts to lose you, but you did not go alone, a part of us went with you. The day God took you home. If tears could build a stairway & heartaches build a lane We'd walk our way to heaven & bring you back again. In life, we loved you dearly, in death, we love you still, in our hearts you hold a place none could ever fill.

**Yours beloved family**
ଧ-୭୭୧


**ଫୁରସତ୍**

## 'ଭୁଲ୍ ଚୁକ୍ ମାଫ୍': ୨୦୨୫ର ୭ମ ହିଟ୍ ଫିଲ୍ମ

ମୁମ୍ବାଇ


ରାଜକୁମାର ରାଓ

ଅଭିନେତା ରାଜକୁମାର ରାଓ ଏବଂ ଅଭିନେତ୍ରୀ ୱାମିକା ଗବ୍ବିଙ୍କ 'ଭୁଲ୍ ଚୁକ୍ ମାଫ' ଫିଲ୍ମ ବକ୍ସ ଅଫିସରେ ଭଲ ପ୍ରଦର୍ଶନ କରିବା ଜାରି ରଖିଛି। ଗତ ୨୩ ତାରିଖରେ ଏହି ଫିଲ୍ମ ସିନେମା ହଲ୍‌ରେ ରିଲିଜ୍ ହୋଇଥିଲା। ରିଲିଜ୍ ହେବାର ପ୍ରଥମ ୮ ଦିନ ମଧ୍ୟରେ 'ଭୁଲ୍ ଚୁକ ମାଫ' ଫିଲ୍ମ କେବଳ ଭାରତୀୟ ଫିଲ୍ମ ହଲ୍‌ଗୁଡିକରୁ ୪୭.୩୪ କୋଟି ଟଙ୍କାର ବ୍ୟବସାୟ କରିଛି। ଏହାସହ କରନ ଶର୍ମାଙ୍କ ନିର୍ଦ୍ଦେଶିତ ଏହି କମେଡି ଡ୍ରାମା ଫିଲ୍ମ ୨୦୨୫ରେ ବର୍ତ୍ତମାନ ସୁଦ୍ଧା ଘରୋଇ ବକ୍ସ ଅଫିସରୁ ସର୍ବାଧିକ ରୋଜଗାର କରିଥିବା ସପ୍ତମ ଫିଲ୍ମ ହୋଇପାରିଛି। ପୂର୍ବରୁ ଚଳିତ ବର୍ଷ ଅଭିନେତା ଭିକି କୌଶଲଙ୍କ ଫିଲ୍ମ 'ଛାବା' ୫୮୫.୭ କୋଟି, ଅଜୟ ଦେବଗନଙ୍କ ଫିଲ୍ମ 'ରେଡ୍ ୨' ୧୬୫.୬୧ କୋଟି, ଅକ୍ଷୟ କୁମାରଙ୍କ ଫିଲ୍ମ 'ସ୍କାଏ ଫୋର୍ସ' ୧୧୩. ୬୩ କୋଟି, ସଲ୍‌ମାନ ଖାନ୍‌ଙ୍କ ଫିଲ୍ମ 'ସିକନ୍ଦର' ୧୧୦.୩୬ କୋଟି, ଅକ୍ଷୟଙ୍କ ଫିଲ୍ମ 'କେଶରୀ ୨' ୯୨.୧ କୋଟି ଏବଂ ସନି ଦେଓଲଙ୍କ ଫିଲ୍ମ 'ଜାଟ' ୮୮.୬୪ କୋଟି ଟଙ୍କା ଘରୋଇ ବକ୍ସ ଅଫିସରୁ ରୋଜଗାର କରିଥିଲା। ସେହିପରି ରିଲିଜ୍ ହେବାର ୮ ଦିନ ମଧ୍ୟରେ 'ଭୁଲ୍ ଚୁକ୍ ମାଫ୍' ଫିଲ୍ମ ସାରା ବିଶ୍ୱରୁ ୫୮ କୋଟି ଟଙ୍କା ରୋଜଗାର କରିଛି। ବିଭିନ୍ନ ରିପୋର୍ଟ ଅନୁଯାୟୀ, ପ୍ରାୟ ୫୦ କୋଟି ଟଙ୍କାରେ ନିର୍ମିତ ହୋଇଥିବା ଏହି ଫିଲ୍ମ ଏବେ ଏହାର ବଜେଟ ମୂଲ୍ୟକୁ ଅତିକ୍ରମ କରିଛି। ଏହାସହ 'ଭୁଲ୍ ଚୁକ୍ ମାଫ୍' ଫିଲ୍ମ ରାଜକୁମାରଙ୍କ କ୍ୟାରିୟରର ତୃତୀୟ ସବୁଠାରୁ ଅଧିକ ରୋଜଗାର କରିଥିବା ଫିଲ୍ମ ହୋଇପାରିଛି।

## ସବୁଠୁ ଧନୀ ରାଜା: ରହିଛି ୩୦୦ କାର୍, ୩୮ ଜେଟ୍

ବ୍ୟାଙ୍କକ୍

ଥାଇଲାଣ୍ଡର ରାଜା ମହା ବଜିରାଲଙ୍ଗ୍‌କର୍ନ ହେଉଛନ୍ତି ବିଶ୍ୱର ସବୁଠୁ ଧନୀ ରାଜା। ବିଶ୍ୱର ପ୍ରମୁଖ ବିଲିୟନେୟାରମାନଙ୍କ ମଧ୍ୟରୁ ସେ ଅନ୍ୟତମ ହୋଇଥିବା ନେଇ ଅଲ୍ ଜଜିରାର ଏକ ରିପୋର୍ଟରେ କୁହାଯାଇଛି। ଏହି ରିପୋର୍ଟ ଅନୁଯାୟୀ, ରାଜା ମହା ବଜିରାଲଙ୍ଗ୍‌କର୍ନଙ୍କ ଆନୁମାନିକ ସମ୍ପତ୍ତି ହେଉଛି ୪୩ ବିଲିୟନ ଆମେରିକୀୟ ଡଲାର (ପ୍ରାୟ ୩.୭ ଲକ୍ଷ କୋଟି ଟଙ୍କା)। ଶତାବ୍ଦୀ ପୁରୁଣା ରାଜ ପରିବାରର ସମ୍ପତ୍ତି, ରିୟଲ୍ ଇଷ୍ଟେଟ୍ ଏବଂ ଥାଇଲାଣ୍ଡ ବ୍ୟବସାୟରେ ନିବେଶରୁ ତାଙ୍କର ଏହି ସମ୍ପତ୍ତି ଥିବା ରିପୋର୍ଟରେ କୁହାଯାଇଛି। ୨୦୧୬ରେ ନିଜ ପିତା ତଥା ଥାଇଲାଣ୍ଡର ତତ୍କାଳୀନ ରାଜା ଭୂମିବଲ୍ ଅଦୁଲ୍ୟାଦେଜଙ୍କ ମୃତ୍ୟୁ ପରେ ମହା ବଜିରାଲଙ୍ଗ୍‌କର୍ନ କ୍ରାଉନ୍ ପ୍ରପର୍ଟି ବ୍ୟୁରୋ (ସିପିବି) ଦ୍ୱାରା ନିୟନ୍ତ୍ରିତ ରାଜ ପରିବାରର ବିପୁଳ ସମ୍ପତ୍ତିକୁ ପରିଚାଳନା କରିଥିଲେ। କେବଳ ବ୍ୟାଙ୍କକ୍‌ରେ ତାଙ୍କର ୧୭,୦୦୦ରୁ ଅଧିକ ବିଭିନ୍ନ ସମ୍ପତ୍ତି ରହିଛି। ଏଠାରେ ସେ ସବୁଠାରୁ ବଡ଼ ଜମି ମାଲିକ ଭାବେ ଜଣାଶୁଣା। ଏହି ସହରରେ ତାଙ୍କର ବିଭିନ୍ନ ଉଚ୍ଚମାନର ହୋଟେଲ ଏବଂ ପ୍ରାଚୀନ ପ୍ରାସାଦ ରହିଛି।


ମହା ବଜିରାଲଙ୍ଗ୍‌କର୍ନ

ଥାଇଲାଣ୍ଡ ରାଜା ମହା ବଜିରାଲଙ୍ଗ୍‌କର୍ନଙ୍କ ନିକଟରେ ୩୦୦ରୁ ଅଧିକ ବିଳାସପୂର୍ଣ୍ଣ କାର୍ ରହିଛି। ସେହିପରି ତାଙ୍କର ୩୮ଟି ନିଜସ୍ୱ ଜେଟ୍ ଏବଂ ୨୨ଟି ଗୋଲ୍ଡେନ୍ ବୋଟ୍ ରହିଛି, ଯାହା ପାରମ୍ପରିକ ରାଜକୀୟ ସମାରୋହ ପାଇଁ ବ୍ୟବହୃତ ହୁଏ। ୧୯୫୨ରେ ଜନ୍ମ ହୋଇଥିବା ମହା ବଜିରାଲଙ୍ଗ୍‌କର୍ନ ଥାଇଲାଣ୍ଡର ପୂର୍ବତନ ରାଜା ଭୂମିବଲ୍ ଏବଂ ରାଣୀ ସିରିକିଟଙ୍କ ଏକ ମାତ୍ର ପୁତ୍ର ସନ୍ତାନ ଥିଲେ। ପିଲାଦିନରୁ ସିଂହାସନ ସମ୍ଭାଳିବା ପାଇଁ ତାଙ୍କୁ ପ୍ରସ୍ତୁତ କରାଯାଇଥିଲା। ତାଙ୍କୁ ବିଦେଶରେ ଉଚ୍ଚସ୍ତରୀୟ ସାମରିକ ତାଲିମ ଦିଆଯାଇଥିଲା। ଅଷ୍ଟ୍ରେଲିଆର ନ୍ୟୁ ସାଉଥ୍ ୱେଲ୍ସ ବିଶ୍ୱବିଦ୍ୟାଳୟରୁ ସାମରିକ ଅଧ୍ୟୟନରେ ସେ ସ୍ନାତକ ଡିଗ୍ରୀ ହାସଲ କରିଥିଲେ। ସେ କିଛିଦିନ ପାଇଁ ୟୁନାଇଟେଡ୍ କିଙ୍ଗଡମ୍‌ରେ ମଧ୍ୟ ଅଧ୍ୟୟନ କରିଥିଲେ। ଏହାପରେ କିଛିଦିନ ପାଇଁ ସେ ପାଇଲଟ୍ ହେବାର ତାଲିମ ମଧ୍ୟ ପାଇ ରୟାଲ୍ ଥାଇ ସେନାରେ ସେବା କରିଥିଲେ।

ଧରିତ୍ରୀ 51 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ରବିବାର, ୧ ଜୁନ୍, ୨୦୨୫ Bhubaneswar, Sunday, 1 June, 2025

**ଫ୍ରେଞ୍ଚ୍ ଓପନ ଟେନିସ୍**

# ଚତୁର୍ଥ ରାଉଣ୍ଡରେ ଅଲ୍‌କାରାଜ, ଆନ୍ଦ୍ରିଭା

ପ୍ୟାରିସ, ୩୧।୫ (ଏପି)

ଗତଥରର ଚାମ୍ପିୟନ କାର୍ଲୋସ ଅଲ୍‌କାରାଜ ଫ୍ରେଞ୍ଚ ଓପନ ଗ୍ରାଣ୍ଡସ୍ଲାମ ଟେନିସ ପ୍ରତିଯୋଗିତାର ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଶୁକ୍ରବାର ରାତିରେ ଏକ ପୁରୁଷ ସିଙ୍ଗଲ୍ସ ତୃତୀୟ ରାଉଣ୍ଡ ମ୍ୟାଚରେ ସେ ଦାମିର ଦିଜୁମହୁର୍‌ଙ୍କୁ ୬-୧, ୬-୩, ୪-୬, ୬-୪ରେ ହରାଇ ଦେଇଛନ୍ତି। ଏଠାରେ ଦ୍ୱିତୀୟ ସିଡ୍ ମାନ୍ୟତାପ୍ରାପ୍ତ ସ୍ପେନର ଏହି ଖେଳାଳି ଏହା ପୂର୍ବରୁ କେବେ ୩୩ବର୍ଷୀୟ ଦିଜୁମହୁର୍‌ଙ୍କୁ ଭେଟି ନ ଥିଲେ। ସେ ଆହୁରି ମଧ୍ୟ କେବେ କୌଣସି ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟର ୩ୟ ରାଉଣ୍ଡ ଅତିକ୍ରମ କରିବାରେ ସଫଳ ହୋଇପାରି ନ ଥିଲେ। ଅଲ୍‌କାରାଜ ଚତୁର୍ଥ ରାଉଣ୍ଡରେ ବିଶ୍ୱର ୧୩ ନମ୍ବର ଖେଳାଳି ବେନ୍ ଶେଲଟନଙ୍କୁ ଭେଟିବେ। ଅନ୍ୟପକ୍ଷରେ ଶନିବାର ଖେଳାଯାଇଥିବା ମହିଳା ସିଙ୍ଗଲ୍ସର ଏକ ତୃତୀୟ ରାଉଣ୍ଡ ମ୍ୟାଚରେ ବିଶ୍ୱର ୬ ନମ୍ବର ରୁଷିଆର ମୀରା ଆନ୍ଦ୍ରିଭା ୬-୩, ୬-୧ ସେଟ୍‌ରେ ୩୨ତମ ସିଡ୍ ତଥା କାଜାଖସ୍ତାନର ୟୁଲିଆ ପୁଟିନଟସେଭାଙ୍କୁ ପରାସ୍ତ କରିଛନ୍ତି। ରୁଷିଆରୁ ଯାଇ ଅଷ୍ଟ୍ରେଲିଆରେ ବସବାସ କରିବା ପରେ ପ୍ରଥମ ଗ୍ରାଣ୍ଡସ୍ଲାମ ଖେଳୁଥିବା କାସାଟ୍‌କିନା ୧୦ମ ସିଡ୍ ପାଉଲା ବଦୋସାଙ୍କୁ ୬-୧, ୭-୫ରେ ହରାଇ ଦେଇଛନ୍ତି। ତୃତୀୟ ସିଡ୍ ଜେସିକା ପେଗୁଲା ଏକ ତୃତୀୟ ରାଉଣ୍ଡ ମୁକାବିଲାରେ ପୂର୍ବତନ ୱିମ୍ବଲେଡନ ଚାମ୍ପିୟନ ମାର୍କେଟା ଭୋନ୍ଦ୍ରୋସୋଭାଙ୍କୁ ୩-୬, ୬-୪, ୬-୨ରେ ପରାସ୍ତ କରିଛନ୍ତି। ଆମେରିକାର ଏହି କ୍ଲେ-କୋର୍ଟ ଖେଳାଳି ଗତବର୍ଷ କ୍ଲେ-କୋର୍ଟ ଗ୍ରାଣ୍ଡସ୍ଲାମ ଖେଳି ନ ଥିଲେ। ପ୍ୟାରିସରେ ସେ ଦ୍ୱିତୀୟ ଥର କ୍ୱାର୍ଟରଫାଇନାଲ ପ୍ରବେଶ ଲକ୍ଷ୍ୟରେ ରହିଛନ୍ତି।

# ରଗ୍‌ବୀ ପ୍ରିମିୟର ଲିଗ୍ ପ୍ରସ୍ତୁତି

ଭୁବନେଶ୍ୱର, ୩୧।୫ (ତପନ ସ୍ୱାଇଁ)

ରଗ୍‌ବୀ ଇଣ୍ଡିଆ ଓ ଜିଏମ୍‌ଆର୍‌ର ମିଳିତ ଆନୁକୂଲ୍ୟରେ ଅନ୍ଧେରି ସ୍ପୋର୍ଟ୍ସ କମ୍ପ୍ଲେକ୍ସ (ମୁମ୍ବାଇ ଫୁଟବଲ ଆରେନା)ରେ ରଗ୍‌ବୀ ପ୍ରିମିୟର ଲିଗ୍ (ଆର୍‌ପିଏଲ୍) ପାଇଁ କ୍ଷେତ୍ର ପ୍ରସ୍ତୁତ ହୋଇଛି। ବିଶ୍ୱର ଏହି ସର୍ବପ୍ରଥମ ଫ୍ରାଞ୍ଚାଇଜ୍‌ଭିତ୍ତିକ ୭ଏସ୍ ଲିଗ୍‌ରେ ମୋଟ ୬ଟି ଦଳ ଅଂଶଗ୍ରହଣ କରୁଛନ୍ତି। ସେଗୁଡ଼ିକ ହେଲେ ଓଡ଼ିଶା ଭିତ୍ତିକ ଦଳ କଳିଙ୍ଗ ବ୍ଲାକ୍ ଟାଇଗର୍ସ, ମୁମ୍ବାଇ ଡ୍ରିମସ, ବେଙ୍ଗାଲୁରୁ ବ୍ରେଭହାର୍ଟ୍ସ, ଚେନ୍ନାଇ ବୁଲ୍ସ, ଦିଲ୍ଲୀ ରେଜ୍ ଓ ହାଇଦ୍ରାବାଦ ହିରୋଜ। ରଗ୍‌ବୀ ପ୍ରିମିୟର ଲିଗ୍ ପାଇଁ ଗତ ଏପ୍ରିଲରେ ଅନୁଷ୍ଠିତ ଖେଳାଳି ନିଲାମରେ ଓଡ଼ିଶାର ୪ ରଗ୍‌ବୀ ପ୍ରତିଭା ସାମିଲ ହୋଇଥିଲେ। ସେମାନେ ହେଲେ ଆଶିଷ ଶବର, ଗଣେଶ ଧାଙ୍ଗଡ଼ା ମାଝି, ସମ୍ବିତ ପ୍ରଧାନ ଓ ଶାନାୱାଜ ଅହମଦ। କଳାହାଣ୍ଡିର ଆଶିଷଙ୍କୁ କଳିଙ୍ଗ ବ୍ଲାକ୍ ଟାଇଗର୍ସ ୧.୫୦ ଲକ୍ଷ ଟଙ୍କାରେ କିଣିଥିଲା। ସେହିପରି ମାଲକାନଗିରିର ଗଣେଶ ୫୦ ଲକ୍ଷ ଟଙ୍କାରେ ମୁମ୍ବାଇ ଡ୍ରିମର୍ସ ଦଳକୁ ଯାଇଛନ୍ତି। ଆଶିଷ ଓ ଗଣେଶଙ୍କ ବ୍ୟତୀତ ଭୁବନେଶ୍ୱରର ଦୁଇ ଖେଳାଳିସମ୍ବିତ ପ୍ରଧାନ ୫୦ ଲକ୍ଷରେ ହାଇଦ୍ରାବାଦ ହିରୋଜ ଓ ଶାନାୱାଜ ଅହମଦ ୮୦ ଲକ୍ଷରେ ଚେନ୍ନାଇ ବୁଲ୍ସ ଦଳରେ ସାମିଲ ହୋଇଛନ୍ତି।

ଲିଗ୍ ପାଇଁ ଓଡ଼ିଶାଭିତ୍ତିକ ଦଳ କଳିଙ୍ଗ ବ୍ଲାକ୍ ଟାଇଗର୍ସର ପ୍ରସ୍ତୁତି ଶେଷ ହୋଇଛି। ବିଶ୍ୱସ୍ତରୀୟ ପୁଞ୍ଜିନିବେଶ ସଂସ୍ଥା 'ହଞ୍ଚ୍ ଭେଞ୍ଚର୍ସ'ର ପ୍ରତିଷ୍ଠାତା କରନ ପାଲ ସିଂଙ୍କ ସହଯୋଗରେ ଏହି ଫ୍ରାଞ୍ଚାଇଜ୍ ଆଗାମୀ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବ। ଓଡ଼ିଶାର ଆଶିଷ ଶବର ଏହି ଦଳରେ ଓଡ଼ିଶାର ପ୍ରତିନିଧିତ୍ୱ କରିବେ। ସେହିପରି ରାଜୀବ ନାଥ ସହକାରୀ ପ୍ରଶିକ୍ଷକ ଭାବେ ନିଯୁକ୍ତ ହୋଇଛନ୍ତି। ଦଳର ଅଭ୍ୟାସ ମେ' ୧୮ରୁ ଆରମ୍ଭ ହୋଇଥିଲା ଓ ଏହା ରବିବାର ଶେଷ ହେବ।

## ଓଡ଼ିଶାର କଳିଙ୍ଗ ବ୍ଲାକ୍ ଟାଇଗର୍ସ ଦଳ ପ୍ରସ୍ତୁତ

ରଗ୍‌ବୀପ୍ରେମୀମାନେ ଷ୍ଟାର ସ୍ପୋର୍ଟ୍ସ ଓ ଜିଓହଟଷ୍ଟାରରେ ସମସ୍ତ ଆକ୍ସନକୁ ସିଧାସଳଖ ଦେଖିପାରିବେ।

ବିରଳ କଳା ବାଘଙ୍କଠାରୁ ପ୍ରେରଣା ନେଇ କଳିଙ୍ଗ ବ୍ଲାକ ଟାଇଗର୍ସ ଓଡ଼ିଶାର ଶକ୍ତି, ଚପଳତା ଏବଂ ଲଢୁଆ ଭାବନାର ପ୍ରତୀକକୁ ସୂଚିତ କରୁଛି। ଦଳ ଗଠନ ପରେ ରାଜ୍ୟରେ ଉତ୍ସାହ ପ୍ରକାଶ ପାଇଥିବାବେଳେ ଓଡ଼ିଶାର କ୍ରୀଡ଼ା ଇକୋସିଷ୍ଟମରେ ନୂଆ ଫର୍ଦ୍ଦ ଯୋଡ଼ି ହୋଇଛି। ନିଲାମରେ କଳିଙ୍ଗ ବ୍ଲାକ ଟାଇଗର୍ସ ଅନ୍ତର୍ଜାତୀୟ ଓ ଶୀର୍ଷ ଭାରତୀୟ ପ୍ରତିଭାଙ୍କ ମିଶ୍ରଣରେ ଏକ ପ୍ରଭାବଶାଳୀ ଦଳ ଗଠନ କରିଛି। ଏଥିରେ ପେରି ବେକର, ରୋସ୍କୋ ସ୍ପେସମ୍ୟାନ, ହ୍ୟାରି ମ୍ୟାକନଲ୍ଟି, ମୋରିସ ଲଙ୍ଗବଟମ, ଲୁକାସ ଲାକ୍ୟାମ୍ପ, କାଏଲ ଟ୍ରେମ୍ବଲେ, ଇଥାନ ଟର୍ନର, ଜେମ୍ସ ଥିଏଲଙ୍କ ଭଳି ବିଶ୍ୱସ୍ତରୀୟ ରଗ୍‌ବୀ ତାରକା ରହିଛନ୍ତି। ଦଳରେ ଭାରତୀୟ ଖେଳାଳିଙ୍କର ମଧ୍ୟ ଏକ ଦୃଢ଼ ଲାଇନ୍‌ଅପ୍ ରହିଛି। ସେମାନଙ୍କ ମଧ୍ୟରେ ଓଡ଼ିଶାର ଆଶିଷ ଶବରଙ୍କ ସମେତ ଅଜୟ ଦେଶୱାଲ, ପପୁ ତୋଡକର, ପ୍ରଦୀପ ସିଂ ଏବଂ ଅର୍ଜୁନ ମାହାତୋ ପ୍ରମୁଖ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବେ ବୋଲି ଆଶା କରାଯାଉଛି। କଳିଙ୍ଗ ବ୍ଲାକ ଟାଇଗର୍ସର ମୁଖ୍ୟ କୋଚ୍ ହେଉଛନ୍ତି ମାଇକ ଫ୍ରାଇଡେ, ଯିଏ କି ନିଜର ରଣନୀତି ଏବଂ ପରିବର୍ତ୍ତନକାରୀ ଲିଡରଶିପ୍ ପାଇଁ ବେଶ୍ ଜଣାଶୁଣା। ୟୁଏସ୍‌ଏ ରଗ୍‌ବୀ ଦ୍ୱାରା ନିଯୁକ୍ତ ଆମେରିକୀୟ ଜାତୀୟ ସେଭେନ୍ସ ଟିମ୍‌ର ମୁଖ୍ୟ ପ୍ରଶିକ୍ଷକ ଭାବେ ଦୀର୍ଘ ୧୦ ବର୍ଷ କାର୍ଯ୍ୟ କରିବା ପରେ ଫ୍ରାଇଡେ ଏବେ ନିଜର ବିଜୟ ମାନସିକତାକୁ ଟାଇଗର୍ସ ଦଳରେ ପ୍ରତିଫଳିତ କରିବାକୁ ପ୍ରସ୍ତୁତ। ଓଡ଼ିଶା ପୁରୁଷ ରଗ୍‌ବୀ ଦଳର ପୂର୍ବତନ ଅଧିନାୟକ ରାଜୀବ ନାଥ ସହକାରୀ ପ୍ରଶିକ୍ଷକ ଭାବେ ଯୋଗ ଦେଇଛନ୍ତି।

# ଆର୍‌ପିଏଲ୍ ଉପଯୁକ୍ତ ପ୍ଲାଟଫର୍ମ

ଭୁବନେଶ୍ୱର,୩୧।୫(ଅନାଦି କର)

ରଗ୍‌ବୀ ପ୍ରିମିୟର ଲିଗ୍ (ଆର୍‌ପିଏଲ୍) ପାଇଁ ଉତ୍ସାହ ବଢ଼ିବାରେ ଲାଗିଛି। ଏହି ଲିଗ୍‌ରେ ଓଡ଼ିଶାର ପ୍ରତିନିଧିତ୍ୱ କରିବ କଳିଙ୍ଗ ବ୍ଲାକ ଟାଇଗର୍ସ (କେବିଟି)। ଏହି ଦଳରେ ସ୍ଥାନ ପାଇଛନ୍ତି ଓଡ଼ିଆ ଖେଳାଳି ଆଶିଷ ଶବର। ୨୦୧୬ରେ ରଗ୍‌ବୀ ଅଭିଯାନ ଆରମ୍ଭ କରିଥିବା ୨୨ବର୍ଷୀୟ ଆଶିଷ ନେପାଳରେ ଭାରତୀୟ ସିନିୟର ଦଳ ସହିତ ଏସିଆ ରଗ୍‌ବୀ ସେଭେନ୍ସ ଟ୍ରଫି, ଶ୍ରୀଲଙ୍କା ଏସିଆ ରଗ୍‌ବୀ ଫିଫଟିନ୍ସ ଚାମ୍ପିୟନଶିପ ଭଳି ଅନେକ ସମ୍ମାନଜନକ ଅନ୍ତର୍ଜାତୀୟ ଟୁର୍ନାମେଣ୍ଟରେ ଭାରତ ପାଇଁ ପ୍ରତିନିଧିତ୍ୱ କରିଛନ୍ତି। ସିନିୟର ସ୍ତରରେ ଖେଳିବା ପୂର୍ବରୁ ଜୁନିୟର ସ୍ତରରେ ୨୦୨୩ରେ ନେପାଳରେ ଅନୁଷ୍ଠିତ ଏସିଆ ରଗ୍‌ବୀ ୨୦ ବର୍ଷରୁ କମ୍ ଚାମ୍ପିୟନଶିପ ଓ ଗତବର୍ଷ ଫ୍ରାନ୍ସରେ ୱାର୍ଲ୍ଡ ୟୁନିଭର୍‌ସିଟି ଗେମ୍ସରେ ମଧ୍ୟ ପ୍ରତିନିଧିତ୍ୱ କରିଥିଲେ। ତାଙ୍କ ଉପଲବ୍ଧି ତାଲିକାରେ ୩୭ତମ ଓ ୩୮ତମ ଜାତୀୟ ଗେମ୍ସରେ ବ୍ରୋଞ୍ଜ, ୨୦୨୪ ଖେଲୋ ଇଣ୍ଡିଆ ୟୁନିଭର୍‌ସିଟି ଗେମ୍ସ ଓ ଅଲ ଇଣ୍ଡିଆ ୟୁନିଭର୍‌ସିଟି ଚାମ୍ପିୟନଶିପରେ ରୌପ୍ୟ ପଦକ ରହିଛି। ତାଙ୍କ ସହିତ ଧରିତ୍ରୀର ଏକ ସ୍ୱତନ୍ତ୍ର ସାକ୍ଷାତ୍‌କାର...

**ରଗ୍‌ବୀ ସହିତ କେମିତି ଯୋଡ଼ି ହେଲେ?**

ମୁଁ ଗାଁରେ ଫୁଟ୍‌ବଲ ଖେଳୁଥିଲି। ୨୦୧୫ରେ ପଞ୍ଚମ ଶ୍ରେଣୀରେ କିସ୍‌ରେ ପଢ଼ିଲା ବେଳେ ମୁଁ ରଗ୍‌ବୀ ସହ ପରିଚିତ ହୋଇଥିଲି। ମୋତେ ଅଚ୍ୟୁତ ସାମନ୍ତ ସାର୍ ସୁଯୋଗ ଦେବା ସହ ଖୁବ୍ ଉତ୍ସାହିତ କରିଥିଲେ। ସାର୍‌ଙ୍କ ବିନା ମୁଁ କ୍ୟାରିୟର କରିପାରି ନ ଥା'ନ୍ତି। ମୁଁ ୧୧ ବର୍ଷ ବୟସରେ ଷଷ୍ଠ ଶ୍ରେଣୀରେ ପଢ଼ିବା ବେଳେ ୨୦୧୬ରେ ରଗ୍‌ବୀ ଖେଳିବା ଆରମ୍ଭ କରିଥିଲି। ମୋତେ କୋଚ୍ ରାଜ କିଶୋର ମୁର୍ମୁ ସାର୍‌ଙ୍କଠାରୁ ଉପଯୁକ୍ତ ଟ୍ରେନିଂ ମିଳିଥିଲା। ୫ରୁ ୬ ବର୍ଷ ଧରି ମୁଁ ଟ୍ରେନିଂ ନେବା ପରେ ୨୦୨୧-୨୨ ୧୮ବର୍ଷରୁ କମ୍ ନ୍ୟାଶନାଲ ପ୍ରତିଯୋଗିତାରେ ଓଡ଼ିଶା ପାଇଁ ପ୍ରତିନିଧିତ୍ୱ କରିଥିଲି। ମୁଁ ସେଣ୍ଟର ଓ ୱିଙ୍ଗ ପୋଜିଶନରେ ଖେଳେ। ଏହି ପୋଜିଶନରେ ଭଲ ପ୍ରଦର୍ଶନ କରିବା ପାଇଁ ମୋତେ କ'ଣ କ'ଣ କରିବାକୁ ପଡ଼ିବ, ତାହା ଜାଣିବାକୁ ପାଇଥିଲି।

**ଭାରତ ପାଇଁ ଅଲିମ୍ପିକ୍ସ ପଦକ ଜିତିବା ସ୍ୱପ୍ନ**

ମୁଁ ଏତେ କମ୍ ବୟସରେ ଭାରତୀୟ ଦଳ ପକ୍ଷରୁ ପ୍ରତିନିଧିତ୍ୱ କରିଥିବାରୁ ବହୁତ ଖୁସି ଏବଂ ଗର୍ବିତ। ମୁଁ ଭାରତୀୟ ସିନିୟର ଦଳ ପାଇଁ ଯଥାସମ୍ଭବ ଅଧିକରୁ ଅଧିକ ମ୍ୟାଚ୍ ଖେଳିବାକୁ ଏବଂ ଭଲ ପ୍ରଦର୍ଶନ କରିବାକୁ ଚାହେଁ। ଭାରତ ପାଇଁ ବିଶ୍ୱକପ୍‌ରେ ପ୍ରତିନିଧିତ୍ୱ କରିବା ସହିତ ଅଲିମ୍ପିକ୍ସରେ ପଦକ ଜିତିବା ମୋ ପାଇଁ ସ୍ୱପ୍ନ।



ଆଶିଷ ଶବର

**ଆର୍‌ପିଏଲ୍ ଏକ ଉପଯୁକ୍ତ ପ୍ଲାଟଫର୍ମ ଯୋଗାଇବ**

ଆରମ୍ଭ ହେବାକୁ ଯାଉଥିବା ଆର୍‌ପିଏଲ୍ ମୋ' ଭଳି ଯୁବ ଖେଳାଳିଙ୍କୁ ଉପଯୁକ୍ତ ପ୍ଲାଟଫର୍ମ ଯୋଗାଇବ। ସେଠାରେ ଆମକୁ ବିଦେଶୀ ଖେଳାଳିଙ୍କ ସହିତ ଓ ଦକ୍ଷ କୋଚ୍‌ଙ୍କ ମାର୍ଗଦର୍ଶନରେ ଖେଳିବାକୁ ସୁଯୋଗ ମିଳିବ। ସେମାନଙ୍କଠାରୁ ଆମେ ଅନେକ କିଛି ଶିଖିବାକୁ ପାଇବୁ। ଏହାଦ୍ୱାରା ଆମ ଦକ୍ଷତାରେ ବୃଦ୍ଧି ଓ ପ୍ରଦର୍ଶନରେ ଉନ୍ନତି ଆସିବ। ଏହି ଲିଗ୍ ଯୋଗୁ ଦେଶ ତଥା ରାଜ୍ୟରେ ରଗ୍‌ବୀ ପ୍ରତି ଲୋକପ୍ରିୟତା ବୃଦ୍ଧି ପାଇବ। ଅନେକ ଖେଳାଳି ଏଥିଲାଗି ଆକୃଷ୍ଟ ହେବେ। ଏହି ଲିଗ୍‌ରୁ ଭାରତୀୟ ଦଳକୁ ଅନେକ ନୂଆ ନୂଆ ଖେଳାଳି ମିଳିବେ। ଏହାର ଫଳ ସ୍ୱରୂପ ଅନ୍ତର୍ଜାତୀୟ ଟୁର୍ନାମେଣ୍ଟରେ ଭାରତୀୟ ଦଳର ପ୍ରଦର୍ଶନରେ ଉନ୍ନତି ଆସିବ। ଏହାଦ୍ୱାରା ଖେଳାଳିଙ୍କ ଆର୍ଥିକ ସ୍ଥିତି ମଧ୍ୟ ସୁଧୁରିବ।

**ଭାରତୀୟ ରଗ୍‌ବୀ ଦଳ ଗଠନରେ ଆଦିବାସୀ ଖେଳାଳିଙ୍କ ଭୂମିକା**

ଅତୀତରେ ମୁନା ମୁର୍ମୁ, ରାଜକିଶୋର ମୁର୍ମୁ, ସୁମିତ୍ରା ନାୟକ, ଗୋପୀ ମାଝୀ, ଡୁମିନି ମାରାଣ୍ଡି, ରଜନୀ ଶବର, ପାର୍ବତୀ କିସ୍କୁ, ମାମା ନାୟକ, ନିର୍ମାଲ୍ୟ ରାଉତ, ତରୁଲତା ନାୟକଙ୍କ ଭଳି ଓଡ଼ିଶାର ଅନେକ ଆଦିବାସୀ ଖେଳାଳି ଉଭୟ ପୁରୁଷ ଓ ମହିଳା ବିଭାଗରେ ଭାରତୀୟ ସିନିୟର ଦଳ ପାଇଁ ପ୍ରତିନିଧିତ୍ୱ କରିଛନ୍ତି। ଏଥିଯୋଗୁ ଭାରତୀୟ ରଗ୍‌ବୀ ଦଳ ଗଠନରେ ନିଶ୍ଚିତ ଭାବେ ଆଦିବାସୀ ଖେଳାଳିଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ସେମାନଙ୍କଠାରୁ ମୋତେ ଅଧିକ ପରିଶ୍ରମ କରିବାକୁ ପ୍ରେରଣା ମିଳିଥିଲା। ଏଥିରେ ଆମ କୋଚ୍ ରାଜକିଶୋର ସାର୍‌ଙ୍କର ମଧ୍ୟ ଅବଦାନ ରହିଛି।

# ଜାତୀୟ ରେକର୍ଡ ସହ ଅନିମେଶଙ୍କୁ ବ୍ରୋଞ୍ଜ

**ଏସିଆନ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍**



ପଦକ ସହ ଅନିମେଶ କୁଜୁର।

ଭୁବନେଶ୍ୱର, ୩୧।୫ (ତପନ ସ୍ୱାଇଁ)

ଦକ୍ଷିଣ କୋରିଆର ଗୁମିଠାରେ ଅନୁଷ୍ଠିତ ୨୬ତମ ଏସିଆନ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ରେ ଜାତୀୟ ରେକର୍ଡ ସହ ପୁରୁଷ ୨୦୦ ମିଟର ରେସ୍‌ରେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି ଓଡ଼ିଶା ଏସ୍‌ପିସି ଆଥ୍‌ଲେଟ ଅନିମେଶ କୁଜୁର। ଏଥିସହ ସେ ଏହି ପ୍ରତିଯୋଗିତାର ପୁରୁଷ ୨୦୦ ମିଟରରେ ଭାରତ ପାଇଁ ପଦକ ଜିତିବାରେ ଦୀର୍ଘ ୧୦ ବର୍ଷ ପ୍ରତୀକ୍ଷାର ଅବସାନ ଘଟାଇଛନ୍ତି। ଶନିବାର ଅନୁଷ୍ଠିତ ପୁରୁଷ ୨୦୦ ମିଟର ରେସ୍‌ରେ ଓଡ଼ିଶା ପକ୍ଷରୁ ପ୍ରତିନିଧିତ୍ୱ କରିଥିବା ୨୧ ବର୍ଷୀୟ ଅନିମେଶ ୨୦.୩୨ ସେକେଣ୍ଡ ସମୟ ନେଇ ତୃତୀୟ ସ୍ଥାନ ଅଧିକାର କରିବା ସହ ନିଜ ନାମରେ ଥିବା ଜାତୀୟ ରେକର୍ଡକୁ ଭାଙ୍ଗିଥିଲେ। ପୂର୍ବରୁ ଗତ ଫେଡେରେଶନ କପ୍‌ରେ ସେ ୨୦.୪୦ ସେକେଣ୍ଡ ସମୟ ନେଇ ଜାତୀୟ ରେକର୍ଡର ଅଧିକାରୀ ଥିଲେ। ସେହିପରି ପୂର୍ବରୁ ୨୦୧୫ରେ ଧରମବୀର ସିଂ ଏହି ମହାଦେଶୀୟ ପ୍ରତିଯୋଗିତାରେ ପ୍ରଥମ ଭାରତୀୟ ସ୍ପ୍ରିଣ୍ଟରଭାବେ ପୁରୁଷ ୨୦୦ ମିଟରରେ ଏକ ପଦକ ଜିତିଥିଲେ। ଏବେ ୨୦୨୫ରେ ପଦକ ଜିତି ଦୀର୍ଘ ପ୍ରତୀକ୍ଷାର ଅନ୍ତ ଘଟାଇଛନ୍ତି ଅନିମେଶ। ଜାପାନର ତୋୱା ଉଜାୱା ୨୦.୧୨ ସେକେଣ୍ଡ ସହ ସ୍ୱର୍ଣ୍ଣ ଏବଂ ସୌଦିଆରବର ଅବଦୁଲାଜିଜ୍ ଅବ୍‌ଦୁଲ ଅତାଫି ୨୩.୩୧ ସେକେଣ୍ଡ ସମୟ ନେଇ ରୌପ୍ୟ ପଦକ ହାସଲ କରିଥିଲେ।

ଅନିମେଶ ଗତ ବର୍ଷଠାରୁ ପ୍ରଭାବୀ ପ୍ରଦର୍ଶନ କରି ଆସୁଛନ୍ତି। ସେ ଅନେକଥର ୨୦୦ ମିଟରରେ ଜାତୀୟ ରେକର୍ଡକୁ ଭାଙ୍ଗିଛନ୍ତି। ୨୦୨୫ରେ ତାଙ୍କ ପ୍ରଦର୍ଶନ ନୂଆ ସ୍ତରକୁ ଛୁଇଁଛି। କୋଚିରେ ଅନୁଷ୍ଠିତ ଫେଡେରେଶନ କପ୍‌ରେ ସେ ଅମ୍ଲାନ ବୋରଗୋହେନଙ୍କ ନାମରେ ଥିବା ୨୦.୫୨ ସେକେଣ୍ଡର ଜାତୀୟ ରେକର୍ଡକୁ ଭାଙ୍ଗିଥିଲେ।

"ଏସିଆନ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ର ପୁରୁଷ ୨୦୦ ମିଟର ରେସ୍‌ରେ ବ୍ରୋଞ୍ଜ ପଦକ ଜିତିଥିଲେ ହେଁ ଅନିମେଶ ଦୁର୍ଭାଗ୍ୟବଶତଃ ଅଳ୍ପକିଛି ସେକେଣ୍ଡ ପାଇଁ ରୌପ୍ୟ ହାସଲରୁ ବଞ୍ଚିତ ହେଲେ। ମୁଁ ପ୍ରକୃତରେ ତାଙ୍କ ପାଇଁ ଗର୍ବିତ। ଗତ କିଛିଦିନଧରି ସେ ଜ୍ୱରରେ ପୀଡ଼ିତ ଥିଲେ। ଏହାସତ୍ତ୍ୱେ ସେ ନିଜ ଦକ୍ଷତା ଦେଖାଇଲେ। ୨୦୨୫ରେ ଏପର୍ଯ୍ୟନ୍ତ ତାଙ୍କ ପ୍ରଦର୍ଶନ ଚମତ୍କାର ରହିଆସିଛି'' ବୋଲି କୋଚ୍ ମାର୍ଟିନ ଓଏନ୍ସ ପ୍ରକାଶ କରିଛନ୍ତି। ଅନିମେଶ ଓ ଶ୍ରାବଣୀଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ କ୍ରୀଡ଼ା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଅଭିନନ୍ଦନ ଜଣାଇଛନ୍ତି।

## ରିଲେ ରେସ୍‌ରେ ଶ୍ରାବଣୀଙ୍କୁ ରୌପ୍ୟ

କୋରିଆର ଗୁମିଠାରେ ଅନୁଷ୍ଠିତ ଏସିଆନ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ରେ ଭାରତୀୟ ମହିଳା ୪x୧୦୦ ମିଟର ରିଲେ ଦଳ ଦ୍ୱିତୀୟ ସ୍ଥାନରେ ରହି ରୌପ୍ୟ ପଦକ ହାସଲ କରିଛି। ଏହି ଦଳର ସଦସ୍ୟାଭାବେ ଓଡ଼ିଶାର ତାରକା ସ୍ପ୍ରିଣ୍ଟର ଶ୍ରାବଣୀ ନନ୍ଦ ରୌପ୍ୟ ପଦକ ଅର୍ଜନ କରିଛନ୍ତି। ଭାରତୀୟ ମହିଳା ରିଲେ ଦଳ ୪୩.୮୬ ସେକେଣ୍ଡ ସମୟ ନେଇ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲା। ଶ୍ରାବଣୀଙ୍କ ସହିତ ସ୍ନେହା ସତ୍ୟନାରାୟଣ ଶନୁଭାଲି, ଅଭିନୟ ରାଜାରାଜନ ଓ ନିତ୍ୟ ଗାନ୍ଧେଙ୍କୁ ନେଇ ଭାରତୀୟ ଦଳ ଏଥିରେ ଅଂଶଗ୍ରହଣ କରିଥିଲା। ଚାଇନା ଦଳ ୪୩.୨୮ ସେକେଣ୍ଡ ନେଇ ସ୍ୱର୍ଣ୍ଣ ଏବଂ ଥାଇଲାଣ୍ଡ ୪୪.୨୬ ସେକେଣ୍ଡ ସହ ବ୍ରୋଞ୍ଜ ପଦକ ଜିତିଥିଲା।



ଏସିଆନ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ରେ ବ୍ରୋଞ୍ଜ ପଦକ ଜିତିବାପରେ ଉଲ୍ଲସିତ ଓଡ଼ିଶାର ଶ୍ରାବଣୀ ନନ୍ଦ।

# ମାଳତୀଙ୍କୁ ରୌପ୍ୟ ପଦକ

ଭୁବନେଶ୍ୱର, ୩୧।୫ (ତପନ ସ୍ୱାଇଁ)

ଫ୍ରାନ୍ସରେ ଶନିବାର ୨୦୨୫ ପାରା ଫେନ୍ସିଂ ସାଟେଲାଇଟ ଟୁର୍ନାମେଣ୍ଟ ଆରମ୍ଭ ହୋଇଛି। ପ୍ରତିଯୋଗିତାର ପ୍ରଥମ ଦିବସରେ ଦେଶକୁ ପ୍ରଥମ ପଦକ ଦେଇଛନ୍ତି ଓଡ଼ିଶାର ମାଳତୀ ପାନୌରେ। ସେ ମହିଳା ଫଏଲ୍ ବ୍ୟକ୍ତିଗତ (ଏ)ର ସେମିଫାଇନାଲରେ ଫ୍ରାନ୍ସର ଚେନେ ଆଇ.ଙ୍କୁ ୧୫-୭ରେ ହରାଇ ଫାଇନାଲରେ ପ୍ରବେଶ କରିଥିଲେ। ସେଠାରେ ଫ୍ରାନ୍ସର ବର୍ଗିନେ ସି.ଙ୍କଠାରୁ ୫-୧୫ରେ ହାରି ଯାଇଥିଲେ। ଓମ୍ ପ୍ରକାଶ ବେହେରା ପୁରୁଷ ବ୍ୟକ୍ତିଗତ (ବି), ମଧୁସ୍ମିତା ସାହୁ ମହିଳା ବ୍ୟକ୍ତିଗତ (ଏ), ରାଖାଲ କୁମାର ସେଠୀ ପୁରୁଷ ବ୍ୟକ୍ତିଗତ (ଏ)ରେ କ୍ୱାର୍ଟର ଫାଇନାଲରୁ ବିଦାୟ ନେଇଛନ୍ତି। ଭି. ରମେଶ ରାଓ ପୁରୁଷ ବ୍ୟକ୍ତିଗତ (ଏ) ଓ ପୂଜାସ୍ୱିନୀ ନାୟକ ମହିଳା ବ୍ୟକ୍ତିଗତ (ବି)ରେ ପ୍ରି-କ୍ୱାର୍ଟରରୁ ବିଦାୟ ନେଇଛନ୍ତି।

# ଓଡ଼ିଶା ଉଷୁ ଦଳକୁ ୧୭ ପଦକ

ଭୁବନେଶ୍ୱର, ୩୧।୫ (ତପନ ସ୍ୱାଇଁ)

ତାମିଲନାଡୁର ନମାକ୍କାଲଠାରେ ଶନିବାର ଉଦ୍‌ଯାପିତ ଜାତୀୟ ସବ୍‌ଜୁନିୟର ଉଷୁ ଚାମ୍ପିୟନଶିପ୍‌ରେ ଓଡ଼ିଶା ଦଳ ୨ଟି ସ୍ୱର୍ଣ୍ଣ ସହ ମୋଟ ୧୭ ପଦକ ହାସଲ କରିଛି। ମଞ୍ଜୁ ମୁଣ୍ଡା ଓ ରଶ୍ମିତା ମୁଣ୍ଡା ସ୍ୱର୍ଣ୍ଣ ଜିତିଥିବାବେଳେ ସୁଶାନ୍ତ ଘଡ଼େଇ, ପ୍ରିୟତମା ମୁଣ୍ଡା, ଆୟୁଷ ଦାସ ଓ ନିରେନ୍ଦ୍ର ଦାସ ରୌପ୍ୟ ପଦକ ହାସଲ କରିଛନ୍ତି। ଓଡ଼ିଶାରୁ ୫୯ ଖେଳାଳିଙ୍କୁ ମିଶାଇ ମୋଟ ୬୫ ଜଣିଆ ପ୍ରତିନିଧି ଦଳ ଏଥିରେ ଅଂଶଗ୍ରହଣ କରିଥିଲେ। ପ୍ରଦ୍ୟୁମ୍ନ ବେହେରା ମୁଖ୍ୟ ଜଜ୍ ଓ ସୁଶାନ୍ତ ନାଏକ ଜଜ୍‌ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ପଙ୍କଜ ମହନ୍ତ ଓ ଦିବ୍ୟା ମୋହନ ପ୍ରଧାନ ଦଳର କୋଚ୍ ଥିଲେ।




# ଫାଇନାଲ ପାଇଁ ପଞ୍ଜାବ-ମୁମ୍ବାଇ ଲଢ଼େଇ

**ଆଇପିଏଲ୍ କ୍ୱାଲିଫାୟର-୨**

ଅହମ୍ମଦାବାଦ, ୩୧।୫ (ପି.ଟି.)

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର କ୍ୱାଲିଫାୟର-୨ରେ ରବିବାର ମୁମ୍ବାଇ ଇଣ୍ଡିଆନ୍ସ ଓ ପଞ୍ଜାବ କିଙ୍ଗ୍ସ ପରସ୍ପରକୁ ଭେଟିବେ। ଏକତରଫା ଭାବେ ଶେଷ ହୋଇଥିବା କ୍ୱାଲିଫାୟର-୧ରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି)ଠାରୁ ୮ଉଇକେଟରେ ପରାଜିତ ହେବା ପରେ ଶ୍ରେୟସ ଆୟରଙ୍କ ପଞ୍ଜାବ କିଙ୍ଗ୍ସ କିଛି ପରିମାଣରେ ଆତ୍ମବିଶ୍ୱାସ ହରାଇ ଥାଇପାରେ, ଏପରିସ୍ଥଳେ ପ୍ରଥମ ଥର ଆଇପିଏଲ୍ ଟ୍ରଫି ଜିତିବା ପାଇଁ ସ୍ୱପ୍ନ ଦେଖିଥିବା ଏହି ଦଳ ଲାଗି କର ଅବା ମର ପରିସ୍ଥିତି ସୃଷ୍ଟି ହୋଇଛି। ଅନ୍ୟପକ୍ଷରେ ଏଲିମିନେଟରରେ ଟାଇଟଲ ଫେଭରାଇଟ ଗୁଜରାଟ ଟାଇଟନ୍ସ ବିପକ୍ଷରେ ଭଲ ବିଜୟ ପରେ ମୁମ୍ବାଇ ଇଣ୍ଡିଆନ୍ସ ୬ଥର ଟାଇଟଲ ଜିତିବା ଲାଗି ଲକ୍ଷ୍ୟ ରଖିଛି। ଇତିହାସ କହୁଛି ନକ୍‌ଆଉଟରେ କିପରି ଜିତିବାକୁ ହୁଏ ଏହାର ତରିକା ମୁମ୍ବାଇ ଇଣ୍ଡିଆନ୍ସକୁ ଭଲରୂପେ ଜଣା। କିନ୍ତୁ ଦଳକୁ ସଂଗଠିତ କରିବା କୋଚ୍ ମାହେଲା ଜୟବର୍ଦ୍ଧନେଙ୍କ ପାଇଁ ଏକ ବଡ଼ ଚ୍ୟାଲେଞ୍ଜ। ଅବଶ୍ୟ ଟେବୁଲର ସର୍ବନିମ୍ନ ସ୍ଥାନରେ ଥିବା ମୁମ୍ବାଇ ଇଣ୍ଡିଆନ୍ସକୁ ସେ ଏଥର ଏତେ ବାଟ ଆଣିପାରିଛନ୍ତି। ଗତ ଗେମ୍‌ରେ ପରାସ୍ତ ହୋଇଥିବାରୁ ଆୟର ଓ ରିକି ପଣ୍ଟିଙ୍ଗ ଯୋଡ଼ିଙ୍କୁ ସେମାନଙ୍କ ବୋଲିଂ ଲାଇନ୍ ଅପ୍ ସଜାଡ଼ିବାକୁ ପଡ଼ିବ, ଯେଉଁଥିରେ କି ଅର୍ଶଦୀପ ସିଂଙ୍କୁ ଅତିରିକ୍ତ ଚାପର ସମ୍ମୁଖୀନ ହେବାକୁ ପଡୁଛି। ମାର୍କୋ ଜାନସେନଙ୍କ ଅନୁପସ୍ଥିତି ଏବଂ ଆଇପିଏଲ୍‌ର ସଫଳ ଉଇକେଟ ହାସଲକାରୀ ବୋଲର ୟୁଜବେନ୍ଦ୍ର ଚହଲ ଉପଲବ୍ଧ ନ ହେବା ପଞ୍ଜାବ ଦଳ ପାଇଁ ସମସ୍ୟା ସୃଷ୍ଟି କରିଛି। ଏହି କାରଣରୁ ମୁଲାନପୁରଠାରେ ଆର୍‌ସିବି ବିପକ୍ଷ ମ୍ୟାଚରେ ଦଳକୁ ଚାପର ସମ୍ମୁଖୀନ ହେବାକୁ ପଡ଼ିଥିଲା। ଏହା ସତ୍ତ୍ୱେ ସେମାନଙ୍କ ପାଇଁ ଏହା ଏକ ଖରାପ ଦିନ ଥିଲା ବୋଲି ପଞ୍ଜାବ ବିଚାର କରୁଛି। ପଞ୍ଜାବ ଆହୁରି ମଧ୍ୟ ଭଲରୂପେ ଜାଣେ ସାମାନ୍ୟ ତ୍ରୁଟି ଯୋଗୁ ରୋହିତ ଶର୍ମା କିପରି ଗୁଜରାଟର ବୋଲିଂ ଆକ୍ରମଣର ଧୂଳେଇ କରିଥିଲେ ଏବଂ ଏକ ମ୍ୟାଚ ବିଜୟୀ ଇନିଂସ ଖେଳିପାରିଥିଲେ। ଅନ୍ୟପକ୍ଷରେ ମୁମ୍ବାଇ ଇଣ୍ଡିଆନ୍ସ ଦଳରେ ରୋହିତ, ଯଶପ୍ରୀତ୍ ବୁମ୍‌ରା, ସୂର୍ଯ୍ୟକୁମାର ଯାଦବ, ତିଳକ ବର୍ମା ଓ ପାଣ୍ଡ୍ୟାଙ୍କ ଭଳି ଅନେକ ଭାରତୀୟ ଦଳର ଖେଳାଳି ରହିଛନ୍ତି। ସେମାନେ ଯଦି ଫର୍ମରେ ରୁହନ୍ତି ତେବେ ଫଳାଫଳକୁ ବଦଳାଇ ପାରନ୍ତି। ନରେନ୍ଦ୍ର ମୋଦୀ ଷ୍ଟାଡିୟମରେ ବ୍ୟାଟିଂକୁ ସୁହାଉଥିବା ପିଚ୍ ରହିଥିବା ବେଳେ ମୁମ୍ବାଇ ଦଳରେ ନୂତନ ଭାବେ ଜନି ବେୟାରଷ୍ଟୋ ଓ ରିଚାର୍ଡ ଗ୍ଲିସନ ଯୋଗ ଦେଇଥିବାରୁ ଏହାର ବ୍ୟାଟିଂ ଆହୁରି ଶକ୍ତିଶାଳୀ ହୋଇପାରିଛି।



ଶ୍ରେୟସ ଆୟର ଓ ହାର୍ଦ୍ଦିକ ପାଣ୍ଡ୍ୟା।

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ